
ବର୍ଷ 2, ସଂଖ୍ୟା 3

ନ୍ୟୁ ଇଣ୍ଡିଆ

ଅଗଷ୍ଟ 1-15, 2021

ନିଃଶୁଳ୍କ ବିତରଣ ଲାଗି ଉଦ୍ଦିଷ୍ଟ

ସମାଚାର



ସଙ୍କଳ୍ପବଦ୍ଧ ଭାରତ
ସଶକ୍ତ ଭାରତ

75ତମ ସ୍ୱାଧୀନତା ବିଶେଷ ସଂଖ୍ୟା

75ତମ ସ୍ୱାଧୀନତା ବର୍ଷରେ ପ୍ରବେଶ କରିବାକୁ ଯାଉଥିବା ଭାରତ ଅଭିବୃଦ୍ଧିର ଏକ ନୂତନ ଧାରାରେ ରହିଛି

ନ୍ୟୁ ଇଣ୍ଡିଆ ସମାଚାର ପତ୍ରିକା ପଢ଼ିବା ଲାଗି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

सङ्कल्पबद्ध भारत
सशक्त भारत

आत्मनिर्भर भारत
एक संकल्प

आत्म-निर्भरशीलताର ଆହ୍ୱାନ ଏକ ଆନ୍ଦୋଳନରେ ପରିଣତ ହୋଇଛି। ଯେଉଁଥିରେ ଶିଶୁ, ଯୁବକ, ମହିଳା, ବୟସ୍କ, କୃଷକ, ଡାକ୍ତରମାନେ ନିଜର ଦକ୍ଷତା ବଳରେ ରାଷ୍ଟ୍ରକୁ ଏକ ନୂତନ ମାର୍ଗରେ ନେଇଯିବା ଲାଗି ଉତ୍ସାହିତ ହୋଇ ଅଂଶଗ୍ରହଣ କରୁଛନ୍ତି।

ଏକବିଂଶ ଶତାବ୍ଦୀ ହେଉଛି ଭାରତର ଶତାବ୍ଦୀ। ଏହା କେବଳ ଆମ ସ୍ୱପ୍ନ ନୁହେଁ, ବରଂ ଆମ ସମସ୍ତଙ୍କ ପାଇଁ ଏକ ଉତ୍ତରଦାୟିତ୍ୱ। ହେଲେ ଏହାର ମାର୍ଗ କ'ଣ ହେବା ଉଚିତ୍? ଆଜି ବିଶ୍ୱର ସ୍ଥିତି ଆମକୁ ଏକ "ଆତ୍ମନିର୍ଭରଶୀଳ ଭାରତ"ର ମାର୍ଗ ସମ୍ପର୍କରେ ଶିକ୍ଷା ଦେଉଛି। ଆମ ଶାସ୍ତ୍ରରେ କୁହାଯାଇଛି- ଇଶାଃପନ୍ଥଃ- ଯାହା ହେଉଛି-ଆତ୍ମନିର୍ଭରଶୀଳ ଭାରତ।

-ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ



ଅଧିରାଜ ସେହ୍ୱାଲ

ଏହି ନଅ ବର୍ଷୀୟ ବାଳକ ଜଣଙ୍କ କୋଭିଡ୍‌ରୁ ସୁସ୍ଥ ହେବା ପରେ କୋଭିଡ୍ ରୋଗୀଙ୍କ ଚିକିତ୍ସା ପାଇଁ ପାଣ୍ଠି ସଂଗ୍ରହ ନିମନ୍ତେ ଅନଲାଇନ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିଲେ।

ସେ ସହାୟତା ପାଇଁ 51,000 ଟଙ୍କା ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ ଯାହାକୁ ଦିଲ୍ଲୀର ଏକ ରିଲିଫ ବିତରଣକାରୀ ସଂଗଠନକୁ ଦାନ କରାଯାଇଥିଲା।

ଏଥିପୂର୍ବରୁ, ଏହି କୁନି ସ୍ୱେଚ୍ଛାସେବୀ ଜଣଙ୍କ ଲକଡାଉନ କାରଣରୁ ଫି' ଦେବାକୁ ସକ୍ଷମ ହେଉନଥିବା ଗରିବ ପିଲାମାନଙ୍କୁ ସହାୟତା ନିମନ୍ତେ 2 ଲକ୍ଷ ଟଙ୍କା ସଂଗ୍ରହ କରିଥିଲେ।



ଡ. ପ୍ରିୟଦର୍ଶିନୀ କାର୍ଭେ

ନବୋନ୍ମେଷ ଜରିଆରେ ବାୟୁ ପ୍ରଦୂଷଣର ମୁକାବିଲା କରୁଥିବା ପୁଣେର ଜଣେ ବୈଜ୍ଞାନିକ

କୃଷି ବର୍ଜ୍ୟ ଜାଳିବା କାରଣରୁ ସୃଷ୍ଟି ହେଉଥିବା ବାୟୁ ପ୍ରଦୂଷଣର ମୁକାବିଲା କରିବା ଲାଗି ଡ. ପ୍ରିୟଦର୍ଶିନୀ ଏକ ଅଭିନବ ଜ୍ଞାନକୌଶଳ ସହିତ ଆଗେଇ ଆସିଛନ୍ତି ଯାହାକି କୃଷି ବର୍ଜ୍ୟକୁ ଜୈବ ଇନ୍ଧନରେ ପରିଣତ କରୁଛି।

ଏହି ପ୍ରକଳ୍ପ ଅନ୍ତର୍ଗତ ସେ ଏକ 'ବାଷ୍ପ ଚୁଲା' ବିକଶିତ କରିଛନ୍ତି ଯାହା ଏକ ପରିବାର ପାଇଁ ମାତ୍ର 100 ଗ୍ରାମ ଜୈବ ଇନ୍ଧନରେ ଗୋଟିଏ ଭାତ ମିଲ୍ ରାନ୍ଧି ପାରୁଛି।

'ବାଷ୍ପ ଚୁଲା' ଧୂଆଁ ମୁକ୍ତ, ଦୀର୍ଘସ୍ଥାୟୀ ଏବଂ ପାରମ୍ପରିକ କାଠ ଚୁଲା ଠାରୁ ଅଧିକ ଦକ୍ଷ; ସେମାନେ 60,000ରୁ ଅଧିକ ଚୁଲା ବିକ୍ରି କରିସାରିଛନ୍ତି।



ନବୀନ ମାଲି

ଗୁଜରାଟର ଜଣେ କୃଷକ ଯିଏକି ଏକ ଅଭିନବ ସୌର ଚାଳିତ ଟ୍ରାକ୍ଟର ନିର୍ମାଣ କରିଛନ୍ତି

ନବୀନ ହେଉଛନ୍ତି ଗୁଜରାଟର ଦିସା ରଣପୁରର ଜଣେ କୃଷକ ଯିଏକି ସୌର ଶକ୍ତିରେ ଚାଳିତ ଏକ ଛୋଟ ଟ୍ରାକ୍ଟର ନିର୍ମାଣ କରିଛନ୍ତି।

ଏହି ଟ୍ରାକ୍ଟରର ଛାତରେ ଏକ ସୋଲାର ପ୍ୟାନେଲ ଲାଗିଛି ଯାହାକି ଟ୍ରାକ୍ଟରର ବ୍ୟାଟେରୀକୁ ଚାର୍ଜ କରିଥାଏ।

ଏହି ଟ୍ରାକ୍ଟରକୁ ନେଇ ନବୀନ ଚାଙ୍କ ତେଲ ଖର୍ଚ୍ଚ ବଞ୍ଚାଇପାରୁଛନ୍ତି ଏବଂ ବାର୍ଷିକ ପାଖାପାଖି 1 ଲକ୍ଷ ଟଙ୍କା ସଞ୍ଚୟ କରିପାରୁଛନ୍ତି ଯାହା ତାଙ୍କୁ ପୂର୍ବରୁ ଡିଜେଲ କିଣିବା ଲାଗି ଖର୍ଚ୍ଚ କରିବାକୁ ପଡୁଥିଲା।



ଡ. ରମେଶ ରାଲିଆ

ବିଶ୍ୱର ପ୍ରଥମ ନାନୋ ଲିକ୍ୟୁଡ୍ ୟୁରିଆ ଉଦ୍ଭାବନରେ ସହାୟକ ହୋଇଥିବା ଜଣେ ବୈଜ୍ଞାନିକ

ଭାରତ ଆଜି ବିଶ୍ୱର ପ୍ରଥମ ନାନୋ ୟୁରିଆ ଲିକ୍ୟୁଡ୍ ପ୍ରଚଳନ କରିଥିବା ଦେଶ ହୋଇପାରିଛି। ଏହା ପଛରେ ଜଣେ କୃଷକଙ୍କ ପୁଅ ଡ. ରମେଶ ରାଲିୟାଙ୍କ ଯୋଗଦାନ ରହିଛି ।

ଇଫକୋ ଏହାକୁ ଚାଷୀଙ୍କ ପାଇଁ ଶ୍ରେଷ୍ଠ ଉତ୍ପାଦ ଭାବେ ବର୍ଣ୍ଣନା କରିଛି; ଏହାର ଅଧା ଲିଟର (500 ଏମଏଲ) 45 କିଗ୍ରା ସାଧାରଣ ୟୁରିଆ ଭଳି କାର୍ଯ୍ୟ କରିଥାଏ।

ଡ. ରମେଶଙ୍କ ନିକଟରେ ନାନୋ ଟେକ୍ନୋଲୋଜିର 15ଟି ପେଟେଣ୍ଟ ରହିଛି ଏବଂ ଇଫକୋର ନାନୋ ୟୁରିଆ ଲିକ୍ୟୁଡ୍ ହେଉଛି ସେଥିମଧ୍ୟରୁ ଅନ୍ୟତମ।

ନ୍ୟୁ ଇଣ୍ଡିଆ
ସମାଚାର

ବର୍ଷ 2, ସଂଖ୍ୟା 03 ଅଗଷ୍ଟ 1-15, 2021

ସମ୍ପାଦକ
ଜୟଦୀପ ଭଟ୍ଟନାଗର
ପ୍ରମୁଖ ମହାନିର୍ଦ୍ଦେଶକ,
ପତ୍ର ସୂଚନା କାର୍ଯ୍ୟାଳୟ,
ନୂଆଦିଲ୍ଲୀ

ଉପଦେଷ୍ଟା ସମ୍ପାଦକ
ସନ୍ତୋଷ କୁମାର

ସମ୍ପାଦକୀୟ ସହଯୋଗୀ
ବିଭୋର ଶର୍ମା, ଚନ୍ଦନ କୁମାର ଚୌଧରୀ, ସୁମୀତ କୁମାର (ଇଂରାଜୀ), ଅନୀଲ ପଟେଲ (ଗୁଜରାତୀ), କୋଟେରୁ ଶ୍ରାବଣୀ (ତେଲୁଗୁ), ନଦୀମ ଅହମ୍ମଦ (ଉର୍ଦ୍ଦୁ), ସୋନିତ କୁମାର ଗୋସ୍ୱାମୀ (ଅହମୀୟା), ବିନୟ ପି.ଏସ.(ମାଲାୟଲମ)

ଅଳଙ ୍କରଣ
ଶ୍ୟାମ ଶଙ୍କର ତିୱାରୀ
ରବୀନ୍ଦ୍ର କୁମାର ଶର୍ମା
ଦିବ୍ୟା ତଲୱାର
ଅଭୟ କୁମାର ଗୁପ୍ତା

ପ୍ରକାଶିତ ଓ ମୁଦ ୍ରିତ
ସତ୍ୟେନ୍ଦ୍ର ପ୍ରକାଶ
ପ୍ରମୁଖ ମହାନିର୍ଦ୍ଦେଶକ, ବିଓସି
ବ୍ୟୁରୋ ଅଫ୍ ଆଉଟ୍‌ରିଚ୍ ଆଣ୍ଡ କମ୍ୟୁନିକେସନ

Printed at
Infinity Advertising services Pvt.Ltd.
FBD-One Corporate Park, 10th floor,
New Delhi-Faridabad border, NH-1,
Faridabad-121003

Communication Address & E-mail:

Room No–278, Bureau of Outreach and Communication,
2nd Floor, Soochna Bhawan,
New Delhi -110003

response-nis@pib.gov.in

RNI No. : DELODI/2020/78831



ସଙ୍କଳ୍ପବଦ୍ଧ ଭାରତ
ସଶକ୍ତ ଭାରତ

15 ଅଗଷ୍ଟ 2021ରେ ଅନେକଗୁଡ଼ିଏ ଉଚ୍ଚ ଆଶା ଏବଂ ଦ୍ରୁତ ପ୍ରଗତି ହାସଲ କରିବାର ସଂକଳ୍ପ ସହିତ ଭାରତ ସ୍ୱାଧୀନତାର 75ତମ ବର୍ଷରେ ପାଦ ଥାପିବାକୁ ଯାଉଛି

ପୃଷ୍ଠା 04-39

ନ୍ୟୁ ଇଣ୍ଡିଆ ସ୍ୱତନ୍ତ୍ର ପ୍ରସଙ୍ଗ

ଏକ ଲକ୍ଷ୍ୟ-ଏକ ଦିଗ
ସାମଗ୍ରିକ ବିକାଶର ଆରମ୍ଭ

ନ୍ୟୁ ଇଣ୍ଡିଆ

2022ରେ ସ୍ୱାଧୀନତାର 75 ବର୍ଷ ପୂର୍ତ୍ତି ପୂର୍ବରୁ ଦେଶର ସ୍ୱାଧୀନତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କର ସ୍ୱପ୍ନକୁ ବାସ୍ତବ ରୂପ ଦେବା ସରକାରଙ୍କ ଉଦ୍ଦେଶ୍ୟ।

ପୃଷ୍ଠା 19

- ଚାଷୀଙ୍କ ହିତରେ ଗ୍ରହଣ କରାଯାଇଥିବା ପଦକ୍ଷେପ। Page 20
- ଯୁବପିଢ଼ିଙ୍କ ଆଶାଆକାଂକ୍ଷାକୁ ପୂରଣ ପାଇଁ ପ୍ରୟାସ । ପୃଷ୍ଠା 24
- ଭିତ୍ତିଭୂମିର ବିକାଶ । ପୃଷ୍ଠା 25
- ରାଷ୍ଟ୍ରର ଜୀବନରେଖା ରେଳବାଇ । ପୃଷ୍ଠା 27
- ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ।ପୃଷ୍ଠା 30
- ଉତ୍ତମ ପ୍ରଶାସନ।ପୃଷ୍ଠା 31
- ଅର୍ଥବ୍ୟବସ୍ଥାକୁ ଆତ୍ମନିର୍ଭରଶୀଳ କରିବା ଲାଗି ପଦକ୍ଷେପ।ପୃଷ୍ଠା 33
- ସମସ୍ତଙ୍କ ପାଇଁ ସମାବେଶୀ ବିକାଶ।ପୃଷ୍ଠା 35
- ନାରୀ ସଶକ୍ତିକରଣ । ପୃଷ୍ଠା 37
- ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ । ପୃଷ୍ଠା 38

କେନ୍ଦ୍ର କ୍ୟାବିନେଟ
ଭାରତର ଆକାଂକ୍ଷା ପୂରଣ ପାଇଁ ପଦକ୍ଷେପ
ପୃଷ୍ଠା 40-41

ଆଜାଦୀ କା ଅମୃତ ମହୋତ୍ସବ :
ଅଗଷ୍ଟ କ୍ରାନ୍ତି । ପୃଷ୍ଠା 42-46

ଚାପମୁକ୍ତ ହୋଇ ନିଜର
ଶ୍ରେଷ୍ଠ ପ୍ରଦର୍ଶନ କରନ୍ତୁ



ଟୋକିଓ ଅଲିମ୍ପିକ୍ସ ପାଇଁ ଯିବାକୁ ଥିବା ଭାରତୀୟ ଦଳ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଲୋଚନା
ପୃଷ୍ଠା 47-49

କ୍ୟାବିନେଟ ନିଷ୍ପତ୍ତି:
ମହାମାରୀ ସତ୍ତ୍ୱେ ଆଶା ଉଜ୍ଜୀବିତ ରଖିବାକୁ ପ୍ରୟାସ। ପୃଷ୍ଠା 50-52

କରୋନା ବିରୋଧୀ ଲଢ଼େଇ:
ଜନସାଧାରଣଙ୍କ ବିଶ୍ୱାସ ଜିତି ମହାମାରୀର ମୁକାବିଲା।ପୃଷ୍ଠା 53-55

ବ୍ୟକ୍ତିତ୍ୱ:
ପୁରୁଷୋତ୍ତମ ଦାସ ଟଣ୍ଡନ
ପୃଷ୍ଠା 56

ସମ୍ପାଦକଙ୍କ କଲମରୁ

ସାଦର ନମସ୍କାର,

ଭାରତର ସମୃଦ୍ଧଶାଳୀ ଇତିହାସ ସବୁବେଳେ ଏକ ଉନ୍ନତ ଆସନ୍ତାକାଲି, ଉନ୍ନତ ଭବିଷ୍ୟତ ଲାଗି ବର୍ତ୍ତମାନକୁ ଅନୁପ୍ରାଣିତ କରିଥାଏ। ଅଗଷ୍ଟ ମାସ ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା କେବଳ ଆମକୁ ଆମ ଅଗଣିତ ସ୍ୱାଧୀନତା ସଂଗ୍ରାମୀମାନଙ୍କର ବଳିଦାନ ବିଷୟରେ ମନେ ପକାଇ ଦେଇନଥାଏ ବରଂ ଆମକୁ ଆମ ଏକତା ଓ ସମାବେଶୀ ବିକାଶ ପାଇଁ ଗର୍ବ ଅନୁଭବ କରିବାର ସୁଯୋଗ ଆଣି ଦେଇଥାଏ। ଚଳିତ ବର୍ଷ ସ୍ୱାଧୀନତା ଦିବସ ସମାରୋହର ବିଶେଷ ଗୁରୁତ୍ୱ ରହିଛି କାରଣ ରାଷ୍ଟ୍ର ଏହା ସହିତ ନିଜ ସ୍ୱାଧୀନତାର 75ତମ ବର୍ଷରେ ପଦାର୍ପଣ କରିବ। ସ୍ୱାଧୀନତାର 75ତମ ବର୍ଷ ଦିଗରେ ଦେଶ ଅଗ୍ରସର ହେଉଥିବା ସମୟରେ ଭବିଷ୍ୟତର ଏକ ନୂତନ ଭାରତ ପାଇଁ ଦୃଢ଼ ମୂଳଦୁଆ ପ୍ରତିଷ୍ଠା କରିବା ନିମନ୍ତେ ସରକାର ବିଭିନ୍ନ ନୂତନ ଯୋଜନା ଘୋଷଣା କରିଛନ୍ତି। କେନ୍ଦ୍ର ସରକାର 'ସଂକଳ୍ପ ସେ ସିଦ୍ଧି' ସଂକଳ୍ପ ଗ୍ରହଣ କରିଛନ୍ତି। ଏହିସବୁ ସଂକଳ୍ପଗୁଡ଼ିକ କିପରି ଭାବେ 'ଏକ ଭାରତ-ଶ୍ରେଷ୍ଠ ଭାରତ' ଲକ୍ଷ୍ୟ ହାସଲ ଲାଗି ଭାରତର ଆଶାଆକାଂକ୍ଷାକୁ ରୂପ ଦେଉଛି ତାହାକୁ ଚଳିତ ବର୍ଷର ସ୍ୱାଧୀନତା ଦିବସ ସ୍ୱତନ୍ତ୍ର ସଂସ୍କରଣରେ ପ୍ରଚ୍ଛଦ ପ୍ରସଙ୍ଗ ଭାବେ ସ୍ଥାନିତ କରାଯାଇଛି।

ବିଳମ୍ବିତ ପ୍ରକଳ୍ପଗୁଡ଼ିକୁ ନୂତନ ରୂପ ଦେଇ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ସରକାର ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିସହିତ ସର୍ଦ୍ଦାର ପଟେଲଙ୍କ 'ଅଖଣ୍ଡ ଭାରତ' ସଂକଳ୍ପକୁ ସାକାର କରିବା ଲକ୍ଷ୍ୟ ନେଇ ପୂର୍ବ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତିଗୁଡ଼ିକର ପ୍ରତିକାର କରିବାରେ ଲାଗିପଡ଼ିଛନ୍ତି। ସମ୍ବିଧାନର ଭେଦଭାବପୂର୍ଣ୍ଣ ଅନୁଚ୍ଛେଦ 370 ଏବଂ 35 ଏ'କୁ ଉଚ୍ଛେଦ କରାଯାଇ ଜମ୍ମୁ ଓ କଶ୍ମୀରକୁ ଭାରତ ସହିତ ବାସ୍ତବ ଏକତ୍ରୀକରଣ କରାଯାଇଛି। ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ବ୍ୟବସ୍ଥାଗୁଡ଼ିକର ଏକତ୍ରୀକରଣ କରାଯାଇଛି। ଏସବୁ ବର୍ତ୍ତମାନର ସରକାରଙ୍କ ରାଷ୍ଟ୍ରହିତୈଷୀ ପଦକ୍ଷେପଗୁଡ଼ିକର ଗୋଟିଏ ଗୋଟିଏ ଉଦାହରଣ। ଭିତ୍ତିଭୂମି ସୁଦୃଢ଼ କରିବା ମାଧ୍ୟମରେ ଯୋଗାଯୋଗରେ ସୁଧାର ଆଣିବା ଏବଂ ଗ୍ରାମ-ଗରିବ-କୃଷକ-ଯୁବକ-ମହିଳା ପ୍ରତ୍ୟେକବର୍ଗର ସମ୍ପୃକ୍ତି ଜରିଆରେ ସନ୍ତୁଳିତ ବିକାଶ ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି। ଜମ୍ମୁ ଓ କଶ୍ମୀରରେ ବିଶ୍ୱାସ ଜିତିବା ଲାଗି ଗ୍ରହଣ କରାଯାଇଥିବା ପଦକ୍ଷେପ ବଳରେ ଲୋକମାନଙ୍କ ଆସ୍ଥା ଜିତିବା ସମ୍ଭବ ହୋଇପାରିଛି ଏବଂ ଏହି ଅଞ୍ଚଳ ବାସ୍ତବରେ ଭାରତର ମୁକୁଟ ମଣି ହୋଇପାରିଛି।

ଅସହଯୋଗ ଆନ୍ଦୋଳନ ଏବଂ ଭାରତ ଛାଡ଼ ଆନ୍ଦୋଳନ ମଧ୍ୟ ସ୍ୱାଧୀନତାର ସନ୍ଧାନରେ ଅଗଷ୍ଟ ମାସର ପ୍ରଥମ ପକ୍ଷରେ ଆରମ୍ଭ ହୋଇଥିଲା। ଏଗୁଡ଼ିକ ଆମକୁ ସ୍ୱାଧୀନତା ସଂଗ୍ରାମର ଗୌରବମୟ ସ୍ମୃତିକୁ ମନେ ପକାଇ ଦେଇଥାନ୍ତି। ନୂତନ ଭାରତ ନିର୍ମାଣ ଲାଗି ଆତ୍ମନିର୍ଭର ଭାରତର ସ୍ୱପ୍ନ ମଧ୍ୟ ଏସବୁ ଆନ୍ଦୋଳନ ଦ୍ୱାରା ଅନୁପ୍ରାଣିତ ହୋଇଛି। ଆମେ ସ୍ୱାଧୀନତାର 75ତମ ବର୍ଷରେ ପ୍ରବେଶ କରିବାକୁ ଯାଉଥିବାରୁ ଏହିସବୁ ଆନ୍ଦୋଳନ ଏବଂ ସେଗୁଡ଼ିକର ଅପରିଚିତ ନାୟକମାନଙ୍କ କାହାଣୀ ମଧ୍ୟ ପାଠକଙ୍କୁ ଅନୁପ୍ରାଣିତ କରିବ।

କୋଭିଡ ମହାମାରୀର ଆହ୍ୱାନକୁ ଅତିକ୍ରମ କରି ଭାରତ ବର୍ତ୍ତମାନ ଦ୍ରୁତ ପ୍ରଗତି ପଥରେ ଅଗ୍ରସର ହେଉଛି, ଏଥିପାଇଁ କେନ୍ଦ୍ର କ୍ୟାବିନେଟ ଅନେକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରୁଅଛି। ହିନ୍ଦୀକୁ ଦେଶର ସରକାରୀ ଭାଷାରେ ପରିଣତ କରିଥିବା ରାଜର୍ଷି ପୁରୁଷୋତ୍ତମ ଦାସ ଟଣ୍ଡନଙ୍କ ସରଳ ଜୀବନ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ। ମୁଁ ଆଶା କରୁଛି ଯେ ଆମ ସ୍ୱାଧୀନତା ସଂଗ୍ରାମର ପ୍ରେରଣାଦାୟୀ କାହାଣୀ ଏବଂ 'ସଂକଳ୍ପ ସେ ସିଦ୍ଧି' ବାର୍ତ୍ତାକୁ ବହନ କରୁଥିବା ଚଳିତ ସଂସ୍କରଣକୁ ପାଠକମାନେ ଉପଭୋଗ କରିବେ।


କୋଭିଡ ନିୟମ ପାଳନ କରି ସୁରକ୍ଷିତ ରୁହନ୍ତୁ ଏବଂ ଆମକୁ ନିଜ ମତାମତ ଲେଖି ପଠାନ୍ତୁ।

ଠିକଣା : ରୁମ୍ ନଂ-278, ବ୍ୟୁରୋ ଅଫ ଆଉଟ୍‌ରିଚ୍ ଆଣ୍ଡ କମ୍ୟୁନିକେସନ, ଦ୍ୱିତୀୟ ମହଲା, ସୂଚନା ଭବନ, ନୂଆଦିଲ୍ଲୀ-110003

ଇ-ମେଲ୍ : response-nis@pib.gov.in

(ଜୟଦୀପ ଭଟନାଗର)

ଚିଠି ବାକ୍ସ



ମୋତେ ନ୍ୟୁ ଇଣ୍ଡିଆ ସମାଚାର ପଠାଇଥିବାରୁ ଧନ୍ୟବାଦ। ଏହା ଅତ୍ୟନ୍ତ ସୂଚନାଧର୍ମୀ ପତ୍ରିକା ଏବଂ ଯୋଗ ଉପରେ ଏହାର ବିସ୍ତୃତ ପ୍ରସ୍ତୁତି ବାସ୍ତବରେ ପାଠକଙ୍କୁ ଅନୁପ୍ରାଣିତ କରିଛି। ଏହା ମଧ୍ୟ ଆମକୁ ସରକାରଙ୍କ ଯୋଜନା ସମ୍ପର୍କରେ ସଦ୍ୟତମ ସୂଚନା ପ୍ରଦାନ କରୁଛି। ମୋର ପରାମର୍ଶ ଅନୁଯାୟୀ, ଏହି ପତ୍ରିକାରେ ଯଦିଓ ଯଥେଷ୍ଟ ସୂଚନା ରହିଛି, ମୁଁ କହିବାକୁ ଚାହିଁବି ଯେ ଏଥିରେ ଲିଙ୍ଗ ଉପରେ ଆଧାରିତ ଏକ ଅଧ୍ୟାୟ ରହିବା ଉଚିତ୍ ଯେଉଁଥିରେ ସରକାରୀ ଯୋଜନାର ସୁଫଳ ପାଇଥିବା ମହିଳା କିମ୍ବା ସମାଜକୁ କିଛି ଅଭିନବ ଯୋଗଦାନ ଦେଇଥିବା ମହିଳାଙ୍କ ବିଷୟରେ କାହାଣୀ ରହିଥିବ। ଏହାଛଡ଼ା ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ସମ୍ପର୍କରେ କିଛି ସୂଚନା ରହିପାରିବ। କିନ୍ତୁ ବର୍ତ୍ତମାନର ରୂପରେ ମଧ୍ୟ ଏହି ପତ୍ରିକା ସ୍ୱୟଂସମ୍ପୂର୍ଣ୍ଣ ହୋଇପାରିଛି ଏବଂ ମୁଁ ଆଗ୍ରହର ସହିତ ଏହାର ପରବର୍ତ୍ତୀ ସଂସ୍କରଣକୁ ଅପେକ୍ଷା କରିଛି।

barnaganguli@gmail.com

ଆପଣଙ୍କ ମତାମତ ପଠାନ୍ତୁ

Communication Address & E-mail:

Room No–278, Bureau of Outreach and Communication, 2nd Floor, Soochna Bhawan, New Delhi -110003

response-nis@pib.gov.in

ମୁଁ ପ୍ରତି ମାସ ନ୍ୟୁ ଇଣ୍ଡିଆ ସମାଚାର ପତ୍ରିକା ପାଉଛି ଏବଂ ଏହି ପତ୍ରିକା ନୂଆ କଥା ଜାଣିବା ଲାଗି ମୋ ପାଇଁ ବେଶ ଉପାଦେୟ ହୋଇପାରିଛି। ଅନ୍ୟମାନଙ୍କୁ ବିଶେଷ କରି ଯୁବପିଢ଼ିଙ୍କ ମାର୍ଗଦର୍ଶନ ଲାଗି ଏଥିରେ ମୋ ପାଇଁ ଯଥେଷ୍ଟ ସୂଚନା ରହିଥିବାରୁ ପ୍ରତି ମାସରେ ନ୍ୟୁ ଇଣ୍ଡିଆ ସମାଚାର ପଢ଼ିବା ଲାଗି ମୁଁ ଅତ୍ୟନ୍ତ ଆଗ୍ରହର ସହିତ ଅପେକ୍ଷା କରି ରହିଥାଏ।

ସୁଧାକର
sssnattyquieten.glorious@gmail.com

ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀ, କାର୍ଯ୍ୟକ୍ରମ, ଯୋଜନା ଏବଂ ବ୍ୟକ୍ତିତ୍ୱ ସମ୍ପର୍କରେ ଅନେକଗୁଡ଼ିଏ ଉପାଦେୟ ସୂଚନା ରହିଥିବା ଏହି ପାକ୍ଷିକ ପତ୍ରିକା ପ୍ରକାଶ କରିବା ଦିଗରେ ଆପଣଙ୍କର ମହତ ପ୍ରୟାସ ପାଇଁ ମୁଁ ଧନ୍ୟବାଦ ଜଣାଇବାକୁ ଚାହୁଁଛି। ଏହା ପ୍ରଶାସନିକ ସେବାରେ ଯିବାକୁ ଚାହୁଁଥିବା ପ୍ରାର୍ଥୀ ଏବଂ ସାଧାରଣ ପାଠକମାନଙ୍କୁ ସାମ୍ପ୍ରତିକ ପ୍ରସଙ୍ଗ ବିଷୟରେ ସୂଚୀତ କରିବାରେ ବିଶେଷ ଭାବେ ସହାୟକ ହେବ। ଆହୁରି ଅଧିକ ସଂଖ୍ୟାରେ ଏପରି ସ୍ପଷ୍ଟ ଭାବେ ବ୍ୟବସ୍ଥିତ ସୂଚନାପ୍ରଦ ବିଷୟବସ୍ତୁକୁ ପଢ଼ିବା ଲାଗି ମୁଁ ଅପେକ୍ଷା କରି ରହିଛି।

ସିଦ୍ଧାନ୍ତ ମେନନ
sidvmenon@gmail.com

ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହି ପତ୍ରିକାରେ ଉପାଦେୟ ଏବଂ ପ୍ରାସଙ୍ଗିକ ସୂଚନାମାନ ରହିଛି। ଦେଶରେ ଘଟୁଥିବା ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ଏହା ସେମାନଙ୍କର ଜ୍ଞାନ ବୃଦ୍ଧି କରିଥାଏ। ମୁଁ ଏହି ପତ୍ରିକାରୁ ମିଳୁଥିବା ଉପଯୋଗୀ ଏବଂ ସଠିକ୍ ସୂଚନା ଦ୍ୱାରା ବିଶେଷ ଭାବେ ପ୍ରଭାବିତ।

ravitejaado@gmail.com

ମୁଁ ନିୟମିତ ଭାବେ ଏହି ପତ୍ରିକା ପଢ଼ିଥାଏ। ଆପଣ ଏହାର ଏକ ମୁଦ୍ରିତ କପି ପଠାଇଲେ ଭଲ ହୁଅନ୍ତା। ବର୍ତ୍ତମାନ ସମୟରେ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ବିଭିନ୍ନ ପ୍ରକାର ପଦକ୍ଷେପ ସହିତ ନୂଆ ନୂଆ ସରକାରୀ ଯୋଜନା ବିଷୟରେ ବୁଝିବାରେ ଏହା ମୋତେ ସହାୟକ ହୋଇଥାଏ। ଏହା ମଧ୍ୟ ସରକାରୀ ପରୀକ୍ଷା ପାଇଁ ବିଶେଷ ସହାୟକ ହେଉଛି।

ବିଧି ଡାଭେ
vidhidave18@gmail.com

ଭାରତର ବିଚାର

‘ଭାରତ ପ୍ରଥମ’ ମନ୍ତ୍ର ସହିତ ରାଷ୍ଟ୍ରର ସଶକ୍ତିକରଣ

ଦ୍ରୁତ ପ୍ରଗତି ହାସଲ କରିବାର ସଂକଳ୍ପ ଏବଂ ଅନେକଗୁଡ଼ିଏ ଉଚ୍ଚ ଆଶା ନେଇ ଭାରତ 15 ଅଗଷ୍ଟ 2021ରେ ସ୍ୱାଧୀନତାର 75ତମ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ସ୍ୱାଧୀନତାର ଅମୃତ ମହୋତ୍ସବର ଏହି ସ୍ମରଣୀୟ ବର୍ଷରେ, ଭାରତ ଏହାର ସମୃଦ୍ଧଶାଳୀ ଅତୀତରୁ ପ୍ରେରଣା ଲାଭ କରୁଛି ଏବଂ ଆଗାମୀ 25 ବର୍ଷ ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରୁଛି। ଯାହାଫଳରେ ସ୍ୱାଧୀନତାର ଶତବାର୍ଷିକୀ ପୂର୍ବରୁ ଭାରତ ପୁଣିଥରେ ବିଶ୍ୱଗୁରୁ ଭୂମିକାରେ ଅବତୀର୍ଣ୍ଣ ହୋଇପାରିବ। ଜ୍ଞାନ ପରିଚାଳନା ଏବଂ ବିଜ୍ଞାନ ଓ ପ୍ରଯୁକ୍ତିର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉଜାଗର କରିବା ଜରିଆରେ ଏକ ନୂତନ ଭାରତର ସ୍ୱପ୍ନକୁ ସାକାର କରିବା ଉଦ୍ଦେଶ୍ୟରେ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି।






ପଛକୁ ଫେରି ଚାହିଁବା ଏବଂ ଆମର ସମୃଦ୍ଧଶାଳୀ ଅତୀତକୁ ଉପଭୋଗ କରିବା ଲାଗି ସ୍ୱାଧୀନତାର 75ତମ ବର୍ଷ ହେଉଛି ଉପଯୁକ୍ତ ସମୟ। ସ୍ୱାଧୀନତା ହାସଲ କରିବା ଲାଗି ଆମର ଅନେକ ବିପ୍ଳବୀ ଓ ଅଜ୍ଞାତ ସ୍ୱାଧୀନତା ସଂଗ୍ରାମୀମାନେ ସେମାନଙ୍କର ଜୀବନ ବଳିଦାନ ଦେଇଥିଲେ।

ଏହା ମଧ୍ୟ ଆମ ସମ୍ବିଧାନ ନିର୍ମାତାମାନଙ୍କୁ ସ୍ମରଣ କରିବାର ମୁହୂର୍ତ୍ତ ଯେଉଁମାନେ ସମ୍ବିଧାନ ପ୍ରଦତ୍ତ ଅନେକଗୁଡ଼ିଏ ଆଇନ ମାଧ୍ୟମରେ ମୌଳିକ ଅଧିକାର ପ୍ରଦାନ କରି ଆମ ନାଗରିକମାନଙ୍କୁ ସଶକ୍ତ କରିପାରିଛନ୍ତି। ଆମ ଦୈନନ୍ଦିନ ଜୀବନରେ ଏହାର ମହତ୍ୱ ଓ ଗୁରୁତ୍ୱ କିଭଳି ରହିଛି ସେ ସମ୍ପର୍କରେ ଆତ୍ମସମୀକ୍ଷା କରିବା ଲାଗି ଏହା ହେଉଛି ଏକ ବର୍ଷ। ବିଗତ ସାତ ଦଶନ୍ଧି ମଧ୍ୟରେ ଦେଶ ସମସ୍ତ କ୍ଷେତ୍ରରେ ଯଥେଷ୍ଟ ପ୍ରଗତି ହାସଲ କରିପାରିଛି। ଆମ ସ୍ୱପ୍ନର ଭାରତ ନିର୍ମାଣ ଲାଗି ଏହାର ମୂଲ୍ୟବୋଧ ଉପରେ ପ୍ରଗତିଶୀଳ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ କାମ କରିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ।

2014 ପରବର୍ତ୍ତୀ ଅବଧିରେ, ଦେଶର ରାଜନୈତିକ ଦୃଶ୍ୟପଟ କେବଳ ବଦଳି ନାହିଁ ବରଂ ନୀତି କାର୍ଯ୍ୟକାରିତା କ୍ଷେତ୍ରରେ ନୂତନ ଦୂରଦୃଷ୍ଟି ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉକ୍ତିରେ, "ମୋ 'ସଂକଳ୍ପର ଭାରତ' କେବଳ ସହିଷ୍ଣୁତାର ଗୋଟିଏ ଦିଗରେ ସୀମିତ ନାହିଁ ବରଂ ଏଥିରେ ବିବିଧ ବିଚାରର ସମାହାର ରହିଛି। ମୁଁ ଏପରି ଏକ ରାଷ୍ଟ୍ର ଦେଖିବାକୁ ଚାହୁଁଛି ଯେଉଁଠି ପ୍ରତ୍ୟେକ ବ୍ୟକ୍ତି ଉଚିତ୍ ସମ୍ମାନ ପାଉଥିବେ। 'ଭାରତର ବିଚାର' ସତ୍ୟ, ଶାନ୍ତି, ଅହିଂସାର ପ୍ରମୁଖ ନୀତି ଉପରେ ଗଠିତ ହୋଇଛି। ଆମ ଶାସ୍ତ୍ରରେ କୁହାଯାଇଛି 'ସତ୍ୟମେବ ଜୟତେ', ଅର୍ଥାତ୍ କେବଳ ସତ୍ୟର ହିଁ ବିଜୟ ହୋଇଥାଏ। ମୁଁ ଏପରି ଏକ ଭାରତ ପ୍ରତି ସଂକଳ୍ପବଦ୍ଧ ଯେଉଁଠି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭାରତର ପ୍ରତ୍ୟେକ ନାଗରିକଙ୍କ ପାଇଁ ନ୍ୟାୟର ଚକ୍ର ସୁଗମ ଓ ସମାନ ଭାବେ ଘୂରୁଥିବ। ଏପରି ଏକ ଭାରତ ଯେଉଁଠି ଅନ୍ୟାୟର କୌଣସିପ୍ରକାରର ଆଇନଗତ କିମ୍ବା ନୈତିକ ବୈଧତା ନଥିବ।"

'ବସୁଧୈବ କୁଟୁମ୍ବକମ' - ସାରା ବିଶ୍ୱ ଗୋଟିଏ ପରିବାର- ନୀତିକୁ ଗ୍ରହଣ କରି ଆମେ ଭାତୃତ୍ୱଭାବ ଏବଂ ବନ୍ଧୁତାର ବାର୍ତ୍ତା ପ୍ରସାର କରୁଛୁ ଯାହା ଆମକୁ ଏକ ନିର୍ଦ୍ଦିଷ୍ଟ ଜାତୀୟ ସୀମା ମଧ୍ୟରେ ଆବଦ୍ଧ କରି ରଖିନାହିଁ। ବରଂ, ଏକବିଂଶ ଶତାବ୍ଦୀ ପୁନର୍ବାର ବିଶ୍ୱର ମାର୍ଗଦର୍ଶନ ଲାଗି ଭାରତକୁ ନିଜର ଭୂମିକା ନିର୍ବାହ ପାଇଁ ଆହ୍ୱାନ କରୁଛି। ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଥାନ୍ତି, 'ଭାରତର ବିଚାର' ସ୍ୱାମୀ ବିବେକାନନ୍ଦଙ୍କ 'ଜଗତଗୁରୁ ଭାରତ' ସ୍ୱପ୍ନକୁ ସାକାର କରିବା ଲାଗି ପ୍ରୟାସ କରୁଛି। ଏହା



ଏହି ଭାରତ ଆକାଂକ୍ଷା ଏବଂ ସୁଯୋଗ ପୂରଣର ଦେଶ । ଏହି ଭାରତରେ..
'सर्वेभवन्तुसुखिनः,सर्वेसन्तुनिरामयाः'
ଅର୍ଥାତ୍ ଏଠାରେ ସମସ୍ତେ ସମୃଦ୍ଧ ଏବଂ ସୁଖୀ, ସମସ୍ତେ ରୋଗ ମୁକ୍ତ -ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ଆତ୍ମବିଶ୍ୱାସର ସହିତ ବିଶ୍ୱ ସମୁଦାୟକୁ ନିଜସ୍ୱ ନିୟମ ଓ ସିଦ୍ଧାନ୍ତରେ ସମ୍ପୃକ୍ତ କରିଥାଏ। ଏହା ହେଉଛି ସୁଯୋଗ ଓ ଆକାଂକ୍ଷାରେ ପରିପୂର୍ଣ୍ଣ ଏକ ଭାରତ।

'ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା'ର ମାର୍ଗଦର୍ଶୀ ସିଦ୍ଧାନ୍ତ ମାଧ୍ୟମରେ ଭାରତ ପ୍ରଗତି ହାସଲ









ଆମେ ଯେତେବେଳେ 15 ଅଗଷ୍ଟ 2047ରେ ସ୍ୱାଧୀନତାର ଶତବାର୍ଷିକୀ ପୂରଣ କରିବା ଆତ୍ମନିର୍ଭର ଭାରତ ଅଭିଯାନ ଭାରତର ଆଶାଆକାଂକ୍ଷାର ଆଧାର ହେବ।
-ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

କରିଆସିଛି:- ଅର୍ଥାତ୍ ଯେଉଁଠି ସମସ୍ତେ ସୁଖି ଓ ସମୃଦ୍ଧ ଥିବେ, ସମସ୍ତ ବ୍ୟାଧିରୁ ମୁକ୍ତ ରହୁଥିବେ।

ଭାରତକୁ ଆଶୀର୍ବାଦ ସ୍ୱରୂପ ବିପୁଳ ପରିମାଣର ପ୍ରାକୃତିକ ସମ୍ପଦ ଏବଂ ଅକଳ୍ପନୀୟ ମାନବ ସମ୍ବଳ ମିଳିଛି। ଅତୀତରେ, ଅନ୍ୟ କିଛି ନୁହେଁ ବରଂ ଏ ଦେଶର ଅସୀମ, ଅକଳ୍ପନୀୟ ସମୃଦ୍ଧି ପ୍ରତ୍ୟେକ ସାମ୍ରାଜ୍ୟବାଦୀ ଶକ୍ତିକୁ ଭାରତକୁ ଟାଣି ଆଣିଥିଲା। ଏଭଳି ପରିସ୍ଥିତିରେ, ସେହି ସମୃଦ୍ଧ ଭାରତର ଶକ୍ତିକୁ ପୁଣିଥରେ ଫେରାଇ ଆଣିବାର ସମୟ ଆସିଛି, ଏଥିପାଇଁ କେବଳ ମନୋଭାବରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି। ଦେଶକୁ ଆତ୍ମନିର୍ଭରଶୀଳ କରିବାର ଆବଶ୍ୟକତା ରହିଛି, ଏହାଫଳରେ ପ୍ରତ୍ୟେକ ଭାରତୀୟ ଦାରିଦ୍ର୍ୟର କବଳରୁ ବାହାରି ଯଥେଷ୍ଟ ଓ ଉପଯୁକ୍ତ ସୁଯୋଗ ପାଇବେ ଏବଂ ସଫଳତା ଓ ସମୃଦ୍ଧିର ଏକ ନୂଆ ଇତିହାସ ରଚିପାରିବେ। ଏହା ନିଃସନ୍ଦେହ ଯେ ଭାରତୀୟମାନଙ୍କ ନିକଟରେ ସ୍ୱାଭିମାନ ଓ ଆତ୍ମସମ୍ମାନର ଏକ ଦୃଢ଼ ଭାବନା ରହିଛି, ତେବେ ସେମାନଙ୍କୁ କେବଳ ସମାନ ସୁଯୋଗ ଦେବାର ଆବଶ୍ୟକତା ରହିଛି।

ଜ୍ଞାନ କ୍ଷେତ୍ରରେ, ଭାରତ ସର୍ବଦା ସମଗ୍ର ବିଶ୍ୱର ମାର୍ଗଦର୍ଶନ କରିଆସିଛି। ଆଜି ଯେତେବେଳେ ଏକବିଂଶ ଶତାବ୍ଦୀ ସୂଚନା ଓ ଜ୍ଞାନର ଶତାବ୍ଦୀରେ ପରିଣତ ହୋଇଛି, ସମଗ୍ର ବିଶ୍ୱ ଆଜି ଭାରତ ଆଡ଼କୁ ଚାହୁଁଛି। ଆଗାମୀ ଦିନରେ, କ୍ଷେପଣାସ୍ତ୍ରର ଶକ୍ତି ନୁହେଁ ବରଂ ମାନବ ପୁଞ୍ଜି ଆଧାରରେ କୌଣସି ଏକ ଦେଶର ସାମର୍ଥ୍ୟ ମପାଯିବ। ତେଣୁ ବର୍ତ୍ତମାନର କେନ୍ଦ୍ର ସରକାରଙ୍କ 'ଭାରତ ବିଚାର'ର କେନ୍ଦ୍ରରେ ସାର୍ବଜନୀନ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଏପରି ଏକ ଭାରତର ପରିକଳ୍ପନା କରାଯାଇଛି ଯେଉଁଠି ଜ୍ଞାନର ଆଲୋକ ପ୍ରଗତିର ମାର୍ଗକୁ ପ୍ରଦର୍ଶିତ କରିବ। ପ୍ରତ୍ୟେକ ଶିଶୁଙ୍କୁ ସର୍ବାଙ୍ଗୀନ ଶିକ୍ଷା ଦିଆଯିବ ଯାହା ତା'ର ବ୍ୟକ୍ତିତ୍ୱ ଓ ଚରିତ୍ର ଗଠନ କରିବ।

ମହିଳାଙ୍କ ସଶକ୍ତିକରଣ ବିନା କୌଣସି ସମାଜର ସମ୍ପୂର୍ଣ୍ଣ ବିକାଶ ହୋଇପାରିବ ନାହିଁ ଏବଂ ଏହାକୁ ହାସଲ କରିବାକୁ ହେଲେ ମହିଳାମାନଙ୍କର ସୁରକ୍ଷା ଓ ସମ୍ମାନକୁ ସୁନିଶ୍ଚିତ କରାଯିବାର ଆବଶ୍ୟକତା ରହିଛି। ପାରମ୍ପରିକ ଭାବେ ମହିଳାମାନେ ଘରକରଣା କାମ କରିଆସୁଥିଲେ, କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ପରିବର୍ତ୍ତନ ଆସିଛି। ଫଳରେ ସେମାନେ ଏବେ ରାଷ୍ଟ୍ର ନିର୍ମାତା ଭାବେ ଉଭା ହେଉଛନ୍ତି ଯେଉଁମାନେ ଭାରତର ଭବିଷ୍ୟତର ଆକାଂକ୍ଷାକୁ ପୂରଣ କରିପାରିବେ।

ଏକ ଦୃଢ଼ ସଂଘୀୟ ଢାଞ୍ଚା ବିନା ଭାରତର ବିକାଶ ସମ୍ଭବପର ନୁହେଁ। ସମ୍ବିଧାନ ନିର୍ମାତାମାନେ ଏକ ଦୃଢ଼ ସଂଘୀୟ ଢାଞ୍ଚାର ପରିକଳ୍ପନା କରିଥିଲେ ଯେଉଁଥିରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ବିକାଶ ଯାତ୍ରାରେ ସମାନ ଭାଗୀଦାର ହୋଇପାରିବେ। ରାଜ୍ୟଗୁଡ଼ିକୁ ସଶକ୍ତ କରିବା ଲାଗି ସେମାନଙ୍କୁ ଆତ୍ମନିର୍ଭର କରିବା ସକାଶେ ସରକାର ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି। ଦେଶର ସମ୍ବଳ ଉପରେ ପ୍ରତ୍ୟେକଙ୍କର ଅଧିକାର ରହିଛି। ଏ ଦିଗରେ ସରକାରଙ୍କ ଉଦ୍ଦେଶ୍ୟ ବେଶ ସ୍ପଷ୍ଟ ଏବଂ ସରକାର ସବୁବେଳେ ଏପରି ବିଚାରକୁ





ଆଜି ଭାରତରେ ବହୁଚର୍ଚ୍ଚିତ ଶବ୍ଦ ହେଉଛି- ବିକାଶ

ଆଜି ଭାରତର ସବୁଠୁ ବଡ଼ ମନ୍ତ୍ର ହେଉଛି- ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ

ଆଜି ଭାରତର ସବୁଠୁ ବଡ଼ ନୀତି ହେଉଛି- ଜନସାଧାରଣଙ୍କ ସହଭାଗିତା

ଆଜି ଭାରତର ସବୁଠୁ ଲୋକପ୍ରିୟ ସ୍ଲୋଗାନ ହେଉଛି- ସଂକଳ୍ପ ସେ ସିଦ୍ଧି

ଏବଂ ଆଜି ଭାରତର ସବୁଠୁ ବଡ଼ ସଂକଳ୍ପ ହେଉଛି- ନୂତନ ଭାରତ

ନୂତନ ଭାରତର ସ୍ୱପ୍ନ ପୂରଣ କରିବା ଲାଗି ଭାରତ ଆଜି ଦିନରାତି କାମ କରୁଛି ଏବଂ ଏଥିରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମେ ଅନ୍ୟ କାହା ସହିତ ନୁହେଁ ବରଂ ନିଜ ସହିତ ପ୍ରତିଦ୍ୱନ୍ଦ୍ୱିତା କରୁଛୁ।

ଆମେ ନିଜକୁ ଆହ୍ୱାନ କରୁଛୁ,
ଆମେ ନିଜକୁ ବଦଳାଉଛୁ।
-ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ




ପ୍ରୋତ୍ସାହିତ କରିଆସିଛନ୍ତି।

ଦେଶର ଆର୍ଥିକ ଏକତ୍ରୀକରଣ ପାଇଁ ଏକ ରାଷ୍ଟ୍ର ଏକ ଟିକସ ଭାବେ ଜିଏସଟି କାର୍ଯ୍ୟକାରୀ କରିବା ହେଉ କିମ୍ବା ରାଜ୍ୟଗୁଡ଼ିକ ସହିତ ସହଭାଗିତାରେ କୋଭିଡ ମହାମାରୀର ମୁକାବିଲା କରିବା ହେଉ, କେନ୍ଦ୍ର ସରକାର ଦେଶର ସାମଗ୍ରିକ ବିକାଶ ପାଇଁ 'ଟିମ ଇଣ୍ଡିଆ' ଭାବନା ନେଇ କାର୍ଯ୍ୟ କରୁଛନ୍ତି।

ଗମ୍ଭୀର ଆହ୍ୱାନ ସତ୍ତ୍ୱେ 'ଭାରତର ବିଚାର' ବହୁବର୍ଷ ଧରି ଅକ୍ଷୁଣ୍ଣ ରହିଛି। ଭାରତ ଯେତେବେଳେ ସ୍ୱାଧୀନତାର 75ତମ ବର୍ଷରେ ପାଦ ଦେଉଛି, ଭାରତର ଆକାଂକ୍ଷାକୁ ବାସ୍ତବ ରୂପ ଦେବାର ସଂକଳ୍ପ ନେଇ ଦେଶର ନେତୃତ୍ୱ ଭାରତକୁ ଦ୍ରୁତ ପ୍ରଗତି ପଥରେ ଅଗ୍ରସର କରାଉଛନ୍ତି। ପ୍ରଗତି ହାସଲ ପାଇଁ ସମସ୍ତଙ୍କୁ ସମାନ ସୁଯୋଗ ଓ ସମ୍ବଳ ମିଳିବା ଦେଶର ସର୍ବାଙ୍ଗୀନ ବିକାଶ ପାଇଁ ଅପରିହାର୍ଯ୍ୟ। ଏ ଦେଶର ଯୁବପିଢ଼ି ଅତ୍ୟନ୍ତ ଉତ୍ସାହୀ ଏବଂ ଦେଶ ଓ ବିଶ୍ୱରେ ପରିବର୍ତ୍ତନ ଆଣିବା ପାଇଁ ସଦା ତତ୍ପର। ଯୁବକମାନଙ୍କୁ ଭଲ ଶିକ୍ଷା ଏବଂ ସେମାନଙ୍କ ମଧ୍ୟରେ ଉଦ୍ୟମିତା, ନବୋନ୍ମେଷ ଏବଂ ଗବେଷଣା ଦକ୍ଷତାକୁ ପ୍ରୋତ୍ସାହିତ କରିବା ସହିତ ଯଥେଷ୍ଟ ନିଯୁକ୍ତି ସୁଯୋଗ ଦେବା ଜରିଆରେ ଏହା କେବଳ ସମ୍ଭବ ହୋଇପାରିବ।

ଭାରତ ନିକଟରେ ଅପାର ପ୍ରାକୃତିକ ଓ ମାନବ ସମ୍ବଳ ଭରି ରହିଛି। ଶହ ଶହ ବର୍ଷ ଧରି ଆମର ପୂର୍ବଜମାନଙ୍କ ଦ୍ୱାରା ବିକଶିତ ଏକ ସମୃଦ୍ଧଶାଳୀ ପରମ୍ପରା ଓ ସଂସ୍କୃତି ରହିଛି। ଭାରତୀୟ ସଭ୍ୟତା ସବୁବେଳେ ସମୟର କଠିନ ପରୀକ୍ଷାର ସମ୍ମୁଖୀନ ହୋଇଛି, ଅନ୍ୟପକ୍ଷରେ ବହୁ ସମାଜ ଓ ସମୁଦାୟ ସମୟର ଚକ୍ରରେ ବିକଶିତ ହୋଇ ଅଦୃଶ୍ୟ ହୋଇଯାଇଛନ୍ତି, ଇତିହାସ ସାକ୍ଷୀ ରହିଛି ଯେ ଭାରତ ପ୍ରତ୍ୟେକଟି ଆହ୍ୱାନର ସମ୍ମୁଖିନ ହେବା ପରେ ଆହୁରି ଶକ୍ତିଶାଳୀ ହୋଇଛି। ଏହା ନିଶ୍ଚିତ ଭାବେ ଭାରତ ପାଇଁ ଏକ ଗୌରବର ବର୍ଷ, ତେଣୁ ପ୍ରତ୍ୟେକ ନାଗରିକଙ୍କ ଉପରେ ଭାରତକୁ ସଶକ୍ତ କରିବାର ଦାୟିତ୍ୱ ରହିଛି। କେନ୍ଦ୍ର ସରକାରରେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ଉଦ୍ଦେଶ୍ୟକୁ ଅତ୍ୟନ୍ତ ସ୍ପଷ୍ଟ ଭାବେ ବ୍ୟକ୍ତ କରି ଏହି ଉକ୍ତି ସହିତ ସମସ୍ତଙ୍କୁ ମିଳିତ ଭାବେ ସଂକଳ୍ପ ନେବା ନିମନ୍ତେ ଆହ୍ୱାନ କରିଥିଲେ : "ଚାଲନ୍ତୁ ଆମ ଦେଶ ଓ ଦେଶବାସୀଙ୍କ ଉପରେ ଭରସା ରଖିବା। ଆମେ ଆମର ମହାନ ନେତାମାନଙ୍କର ନିଃସ୍ୱାର୍ଥ ବଳିଦାନକୁ ସମ୍ମାନ କରିବା ଏବଂ ପ୍ରଗତି ହାସଲ ଲାଗି ସେମାନଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗରେ ଆଗେଇ ଯିବା । ଆସନ୍ତୁ ଆମେ ନିଜକୁ 'ଭାରତ ପ୍ରଥମ' ମନ୍ତ୍ର ସହିତ ରାଷ୍ଟ୍ର ନିର୍ମାଣର କାର୍ଯ୍ୟରେ ନିୟୋଜିତ କରିବା ଏବଂ ଆମେ ମିଳିମିଶି ଏପରି ଏକ ରାଷ୍ଟ୍ର ନିର୍ମାଣ କରିବା ଯାହା ପୁଣିଥରେ ମାନବତାରେ ବିଶ୍ୱାସକୁ ଉଜ୍ଜିବିତ କରିବ। ■




ଏକ ଭାରତ ଶ୍ରେଷ୍ଠ ଭାରତ

ଜମ୍ମୁ-କଶ୍ମୀର ଓ ଲଦ୍ଦାଖ

ଶାନ୍ତି, ସମୃଦ୍ଧି ଓ ପ୍ରଗତି ପଥରେ ଅଗ୍ରସର

ବହୁଦଶନ୍ଧି ଧରି ବିକାଶ କ୍ଷେତ୍ରରେ ରହିଥିବା ଶୂନ୍ୟସ୍ଥାନ ଦୂର କରି, ନରେନ୍ଦ୍ର ମୋଦୀଙ୍କ ସରକାର ସମ୍ବିଧାନର ଅନୁଚ୍ଛେଦ 370କୁ ଉଚ୍ଛେଦ କରିବା ଲାଗି ଐତିହାସିକ ନିଷ୍ପତ୍ତି ଗ୍ରହଣ କରିଥିଲେ ଏବଂ ଜମ୍ମୁ ଓ କଶ୍ମୀର, ଏବଂ ଲଦାଖକୁ ଭାରତର ମୁଖ୍ୟଧାରା ସହିତ ଯୋଡ଼ିଥିଲେ। ଭେଦଭାବପୂର୍ଣ୍ଣ ଏହି ବ୍ୟବସ୍ଥା ଉଚ୍ଛେଦ ହେବା ପରେ, ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି ଅଞ୍ଚଳ ଦ୍ରୁତ ବିକାଶ ପଥରେ ଅଗ୍ରସର ହେଉଛି।



"ବର୍ତ୍ତମାନ ମୁଁ ମାସିକ 15,000 ଟଙ୍କା ଆୟ କରିବା ଲାଗି ସକ୍ଷମ ହୋଇପାରୁଛି। ମୁଁ କେବଳ ମୋ ଗୋଡ଼ରେ ଛିଡ଼ା ହୋଇପାରିନାହିଁ, ବରଂ ପରିବାରର ପରିସ୍ଥିତିରେ ମଧ୍ୟ ଉଲ୍ଲେଖନୀୟ ସୁଧାର ଆଣିପାରିଛି। ମୁଁ ମୁଖ୍ୟ ବଜାରରେ ଆଉ ଏକ ଦୋକାନ ଖୋଲିବା ଲାଗି ଚାହୁଁଛି", କୁହନ୍ତି ନସୀମା ନାଜିର ଯିଏକି ଜମ୍ମୁ ଓ କଶ୍ମୀର ଗ୍ରାମୀଣ ବିକାଶ ମିଶନର ସହଭାଗିତାରେ ଏକ ହାର୍ଡୱେର୍ ଦୋକାନ ଚଳାଉଛନ୍ତି। ସେହିପରି, ପୋଲି ଦେବୀ 2019ରେ ଶିବ ବାବା ସ୍ୱୟଂ ସହାୟକ ଗୋଷ୍ଠୀ ଠାରୁ 3 ଲକ୍ଷ ଟଙ୍କା ଋଣ ନେଇ ଏକ କୁକୁଡ଼ା ଫାର୍ମ ଆରମ୍ଭ କରିଛନ୍ତି। ଲଦାଖର ହାଜିଆ ଫାତିମା ବାନୋ ଅନେକଗୁଡ଼ିଏ ପୁରସ୍କାର ଜିତିଛନ୍ତି, ଏଥିରେ ଶ୍ରେଷ୍ଠ ଚାଷୀ ପୁରସ୍କାର ରହିଛି, ଯାହା ତାଙ୍କୁ ଅଭିନବ କୃଷି ପାଇଁ ମିଳିଛି। ଅଧିକ ପରିମାଣରେ ପନିପରିବା ଚାଷ କରି ସେ ତାଙ୍କ ଅଞ୍ଚଳରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଲଦାଖର 30 ବର୍ଷୀୟ କୁଞ୍ଜେସ ଅଙ୍ଗମୋ ଜଣେ ଯୁବ ମହିଳା ଉଦ୍ୟମୀ ଭାବେ

ଏହି ୧୫, ଅଗଷ୍ଟ ଦିନ ଦେଶ ସ୍ୱାଧୀନତାର ୭୫ତମ ବର୍ଷରେ ପଦାର୍ପଣ କରୁଥିବା ସମୟରେ କଶ୍ମୀରବାସୀଙ୍କୁ ଅନୁଚ୍ଛେଦ ୩୭୦ ଧାରାରୁ ସ୍ୱାଧୀନ ହେବାଲାଗି କାହିଁକି ୭୨ ବର୍ଷ ଲାଗିଲା- ଏହା ଜାଣିବା ଗରୁତ୍ୱପୂର୍ଣ୍ଣ । ଏଥିସହ ଦେଶର ଅନ୍ୟ ଅଞ୍ଚଳ ସହିତ ସମାନ ଭାବରେ ଦ୍ରୁତ ପ୍ରଗତି ହାସଲ କରୁଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭର ଭାରତ ଅଭିଯାନକୁ ସାକାର ରୂପ ଦେଇଛନ୍ତି। କୁଞ୍ଜେସ କେବଳ ହସ୍ତତନ୍ତ କ୍ଷେତ୍ରକୁ ପ୍ରୋତ୍ସାହିତ କରୁନାହାନ୍ତି ବରଂ ଶହ ଶହ ମହିଳାମାନଙ୍କୁ ରୋଜଗାର ଦେଇପାରିଛନ୍ତି। କଶ୍ମୀରର ସୀମାନ୍ତବର୍ତ୍ତୀ ଜିଲ୍ଲା ପୁଞ୍ଚର ସୋଲାଟ୍ରି ଗ୍ରାମରେ ଥିବା ମହମ୍ମଦ ଶାଫିଙ୍କର କଚ୍ଚା ଘର ତୁଷାର ପାତରେ ତିଷ୍ଠି ରହିପାରୁନଥିଲା। ହେଲେ ଗତ ବର୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ପକ୍କା ଘର ମିଳିବା ପରେ ଶଫିଙ୍କର ଏବେ ଖୁସିର ସୀମା ନାହିଁ। "ଆଜି ମୁଁ ମୋଦୀ ସାହିବଙ୍କୁ ଅଶେଷ ଧନ୍ୟବାଦ ଜଣାଇବାକୁ ଚାହୁଁଛି।" ଜମ୍ମୁ-କଶ୍ମୀର ଓ ଲଦାଖରେ ଏକ ନୂତନ ପରିବର୍ତ୍ତନ ଆସିଛି। ଏଥିରେ ସ୍ଥାନୀୟ ଲୋକମାନଙ୍କର ପ୍ରତିବଦ୍ଧତା ମଧ୍ୟ ରହିଛି ଯେଉଁମାନେ ଅତୀତର ବନ୍ଧନରୁ ମୁକ୍ତ ହୋଇ ସେମାନଙ୍କର ନୂତନ ସୌଭାଗ୍ୟ ଲେଖିବା ଲାଗି ଆଗେଇ

> "ପୂର୍ବରୁ ଦେଶ ପାଇଁ ଯେଉଁ ସବୁ ଯୋଜନା ହେଉଥିଲା ସେଥିରେ 'ଜମ୍ମୁ ଓ କଶ୍ମୀର ବ୍ୟତୀତ' ବୋଲି ଲେଖାଯାଉଥିଲା। ବର୍ତ୍ତମାନ ଏହା ଇତିହାସ ପାଲଟିଛି। ଜମ୍ମୁ ଓ କଶ୍ମୀର ଯେଉଁ ଶାନ୍ତି ଓ ବିକାଶ ମାର୍ଗରେ ଅଗ୍ରସର ହେଉଛି ତାହା ମଧ୍ୟ ରାଜ୍ୟରେ ନୂତନ ଉଦ୍ୟୋଗ ଖୋଲିବା ଲାଗି ମାର୍ଗ ପ୍ରଶସ୍ତ କରିଛି। ଆଜି ଜମ୍ମୁ ଓ କଶ୍ମୀର ଆତ୍ମନିର୍ଭର ଭାରତ ଅଭିଯାନରେ ଯୋଗଦାନ ଦେଉଛି।
>
> -ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ଏକ ରାଷ୍ଟ୍ର, ଏକ ସମ୍ବିଧାନ, ଏକ ପତାକା, ଏକ ବଜାର

ସମସ୍ତ **890** କେନ୍ଦ୍ରୀୟ ଆଇନ ବର୍ତ୍ତମାନ ଜମ୍ମୁ-କଶ୍ମୀର ଓ ଲଦାଖରେ ଲାଗୁ ହେଉଛି ଏବଂ ପୂର୍ବରୁ ଏହି କ୍ଷେତ୍ରରେ ଲାଗୁ ହେଉଥିବା ଭେଦଭାବପୂର୍ଣ୍ଣ 205ଟି ଆଇନକୁ ଉଚ୍ଛେଦ କରାଯାଇଛି।

- କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ(ସ୍ୟାଟ୍) କର୍ମଚାରୀ ମାନଙ୍କର ହିତକୁ ସୁରକ୍ଷା ଦେଉଛି, କେନ୍ଦ୍ର ସୂଚନା କମିଶନ ଏବଂ କେନ୍ଦ୍ର ଭିଜିଲାନ୍ସ କମିଶନ ଉନ୍ନତ ପ୍ରଶାସନ ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା କ୍ଷେତ୍ରରେ କାର୍ଯ୍ୟ କରୁଛି।
- ପୂର୍ବରୁ ଲାଗୁ ହେଉଥିବା ସମସ୍ତ ଅଯୌକ୍ତିକ ଓ ଭେଦଭାବପୂର୍ଣ୍ଣ ଆଇନକୁ ଉଚ୍ଛେଦ କରାଯାଇଛି କିମ୍ବା ସଂଶୋଧନ କରାଯାଇଛି। ଅନୁସୂଚିତ ଜାତି-ଜନଜାତି, ଜଙ୍ଗଲ ଅଧିବାସୀ, ବାଳ ଅପରାଧୀ ଏବଂ ବୟସ୍କଙ୍କ ସୁରକ୍ଷା ପାଇଁ କେନ୍ଦ୍ରୀୟ ଆଇନ ପ୍ରଣୟନ କରାଯାଇଛି।
- ଏଠାକାର ଲୋକମାନେ ଭାରତର ଅନ୍ୟ ଅଞ୍ଚଳର ନାଗରିକମାନଙ୍କ ଭଳି ସମାନ ଅଧିକାର ପାଇପାରୁଛନ୍ତି। ଶିକ୍ଷା ଅଧିକାର ଆଇନ ଏବଂ ଜମି ପାଇ ଉଚିତ୍ କ୍ଷତିପୂରଣ ଅଧିକାର ଆଇନ ଏଠାରେ ଲାଗୁ ହେବା ଫଳରେ ବାସ୍ତବ ଭାବନା ସହିତ ଗଣତନ୍ତ୍ର ଏଠାରେ କାର୍ଯ୍ୟକାରୀ ହୋଇପାରିଛି। ରୋଶନି ଆଇନକୁ ମଧ୍ୟ ଉଚ୍ଛେଦ କରାଯାଇଛି।
- ଜନ ହିତର ସୁରକ୍ଷା ଲାଗି ସ୍ଥାୟୀ ବାସିନ୍ଦା ଆଇନ ମଧ୍ୟ ପ୍ରଚଳନ କରାଯାଇଛି। ପୂର୍ବରୁ ସ୍ଥାୟୀ ଆବାସ ପ୍ରମାଣପତ୍ର (ପିଆରସି) ପାଇଥିବା ଲୋକମାନେ ଏବେ ଆବାସିକ ପ୍ରମାଣପତ୍ର ପାଇବା ଲାଗି ଯୋଗ୍ୟ ହୋଇପାରିଛନ୍ତି।



ନିଯୁକ୍ତି କ୍ଷେତ୍ରରେ ଦୁର୍ବଳ ବର୍ଗଙ୍କ ପାଇଁ ସଂରକ୍ଷଣ

ସଂରକ୍ଷଣର ବ୍ୟବସ୍ଥାକୁ ପରିବର୍ତ୍ତନ କରି ଏହି ପରିସର ବୃଦ୍ଧି କରାଯାଇଛି। ପାହାରି ଭାଷୀ ସମୁଦାୟଙ୍କୁ 4% ଏବଂ ଆର୍ଥିକ ଦୁର୍ବଳ ବର୍ଗଙ୍କ ପାଇଁ 10% ସଂରକ୍ଷଣର ଲାଭ ପାଇଁ ବ୍ୟବସ୍ଥା କରାଯାଇଛି।

- ଅନ୍ୟାନ୍ୟ ସାମାଜିକ ବର୍ଗର ଲୋକମାନଙ୍କ ପାଇଁ ସଂରକ୍ଷଣ ପରିସରକୁ 2% ରୁ 4%କୁ ବଢ଼ାଇ ଦିଆଯାଇଛି।
- ନିୟନ୍ତ୍ରଣ ରେଖା ନିକଟରେ ରହୁଥିବା ଲୋକମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାକୁ 3%ରୁ 4%କୁ ବୃଦ୍ଧି କରାଯାଇଛି।
- ଜନସଂଖ୍ୟା ଆଧାରରେ ଜନଜାତି ସମୁଦାୟକୁ ବିଧାନସଭା ଆସନରେ ସଂରକ୍ଷଣ ଦେବା ପାଇଁ ବ୍ୟବସ୍ଥା କରାଯାଇଛି।

ସଂରକ୍ଷଣ ବର୍ଗରେ ଓବିସିମାନଙ୍କର ଆୟ ସୀମା 4.5 ଲକ୍ଷରୁ

₹ 08

ଲକ୍ଷକୁ ବୃଦ୍ଧି କରାଯାଇଛି।

ସଂରକ୍ଷଣର ଲାଭ ପାଖାପାଖି 9 ଲକ୍ଷ ପାହାରି ଭାଷୀ ଲୋକମାନଙ୍କୁ ମିଳିପାରୁଛି

41 ଲକ୍ଷରୁ ଅଧିକ

ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ବର୍ତ୍ତମାନ ସୁଦ୍ଧା ଜାରି କରାଯାଇଛି, ଏମାନଙ୍କ ମଧ୍ୟରେ ଅଛନ୍ତି ପଶ୍ଚିମ ପାକିସ୍ତାନରୁ ବାସଚ୍ୟୁତ ହୋଇଥିବା 56,000 ଶରଣାର୍ଥୀ, 2754 ବାଲ୍ମିକୀ ଓ 789 ଗୋରଖା।

ପାକ୍ ଅଧିକୃତ କଶ୍ମୀରରୁ 1947, 1965 ଏବଂ 1971ରେ ବାସଚ୍ୟୁତ ହୋଇ ଚାଲି ଆସିଥିବା ପ୍ରାୟ 42,000 ପରିବାର 5.50 ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପାଇଛନ୍ତି।

ବହୁଦଶନ୍ଧି ଧରି ଅବହେଳିତ ଲୋକଙ୍କ ସଶକ୍ତିକରଣ

- ପଶ୍ଚିମ ପାକିସ୍ତାନରୁ ନିର୍ଯାତନାର ଶିକାର ହୋଇ ବାସଚ୍ୟୁତ ହୋଇଥିବା ପ୍ରାୟ 6000 ପରିବାର ମଧ୍ୟରୁ ପ୍ରତ୍ୟେକଙ୍କୁ 5.5 ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦିଆଯିବା ସହିତ ସେମାନେ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ପାଇବାକୁ ଯୋଗ୍ୟ ହୋଇପାରିଛନ୍ତି ଏବଂ ସେମାନଙ୍କୁ ଚାକିରି ସହିତ ଅନ୍ୟାନ୍ୟ ସୁବିଧା ମଧ୍ୟ ମିଳିଛି। ସୀମାନ୍ତବର୍ତ୍ତୀ ଅଞ୍ଚଳରେ ରହୁଥିବା 3.5 ଲକ୍ଷ ଲୋକଙ୍କ ପାଇଁ ପୁଲିସରେ ସ୍ୱତନ୍ତ୍ର ନିଯୁକ୍ତି ଦିଆଯାଇଛି।
- 44,000 କଶ୍ମୀରୀ ବିସ୍ଥାପିତ ପରିବାରକୁ ଚାକିରି, ଶିକ୍ଷା ଏବଂ ଅନ୍ୟାନ୍ୟ ଲାଭ ପ୍ରଦାନ କରାଯାଇଛି। ସେମାନଙ୍କୁ ମଧ୍ୟ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଦିଆଯାଇଛି।

ଆସିଛନ୍ତି।

ଜନଗଣଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଏବଂ ସମସ୍ତ ଅଂଶୀଦାରମାନଙ୍କୁ ସାଥୀରେ ନେଇ ଏକ ନୂତନ ଭାରତ ନିର୍ମାଣ କରିବା ତଥା ରାଷ୍ଟ୍ରର କଲ୍ୟାଣ ପ୍ରତି ଗୁରୁତ୍ୱାରୋପ କରି କେନ୍ଦ୍ର ସରକାର ନୀତି ପ୍ରଣୟନ କରୁଛନ୍ତି। 'ଏକ ଭାରତ-ଶ୍ରେଷ୍ଠ ଭାରତ' ପରିପ୍ରେକ୍ଷୀରେ ଜମ୍ମୁ-କଶ୍ମୀର ଓ ଲଦାଖ ଲୋକମାନଙ୍କର ବିକାଶ ପ୍ରତି କେନ୍ଦ୍ର ସରକାର ଶୀର୍ଷ ପ୍ରାଥମିକତା ଦେଇ ଆସୁଛନ୍ତି। ନାରୀ ସଶକ୍ତିକରଣ ହେଉ କିମ୍ବା ଯୁବକମାନଙ୍କ ପାଇଁ ସମାନ ସୁଯୋଗ, ଅନୁସୂଚିତ ଜାତି-ଜନଜାତିଙ୍କର କଲ୍ୟାଣ, ପୀଡ଼ିତ-ଅବହେଳିତ-ବଞ୍ଚିତଙ୍କ ଉତ୍ଥାନ କିମ୍ବା ସାଧାରଣ ଜନତାଙ୍କୁ ସାମ୍ବିଧାନିକ ଏବଂ ମୌଳିକ ଅଧିକାର ପ୍ରଦାନ କରିବା ହେଉ, ସରକାରଙ୍କ ନିଷ୍ପତ୍ତିରେ ଜନସାଧାରଣଙ୍କ କଲ୍ୟାଣ ପ୍ରତି ରହିଥିବା ପ୍ରତିବଦ୍ଧତା ପ୍ରତିଫଳିତ ହେଉଛି। ବିଗତ ଦୁଇ ବର୍ଷ ମଧ୍ୟରେ ଜନହିତ ସଂକ୍ରାନ୍ତ କେନ୍ଦ୍ରୀୟ ଆଇନଗୁଡ଼ିକ ଏହି ଦୁଇଟି କେନ୍ଦ୍ର ଶାସିତ ପ୍ରଦେଶରେ କାର୍ଯ୍ୟକାରୀ କରାଯାଇଛି ଯାହାଫଳରେ ଏହାର ଲାଭ ଲୋକମାନଙ୍କ ନିକଟରେ ପହଞ୍ଚିପାରିବ ଏବଂ ଏହି କ୍ଷେତ୍ରରେ ସାମଗ୍ରିକ ବିକାଶ ସମ୍ଭବ ହୋଇପାରିବ। ଦୁର୍ବଳ ବର୍ଗ, ଶିଶୁ ଓ ବୟସ୍କଙ୍କ ପାଇଁ ଆଇନକୁ ସୁଦୃଢ଼ କରାଯାଇଛି। ଅନୁରୂପ ଭାବେ ଉତ୍ତମ ପ୍ରଶାସନ ପାଇଁ ଆବଶ୍ୟକ ଆଇନକୁ ପ୍ରଭାବୀ ଢଙ୍ଗରେ ଲାଗୁ କରାଯାଇଛି ଯାହାଫଳରେ ଜମ୍ମୁ-କଶ୍ମୀର ଦେଶର ଏକମାତ୍ର କେନ୍ଦ୍ର ଶାସିତ

ଗଣତାନ୍ତ୍ରିକ ପ୍ରକ୍ରିୟାରେ ଜନଗଣଙ୍କ ଅଂଶଗ୍ରହଣ



- ତତ୍କାଳୀନ ରାଜ୍ୟର ପଞ୍ଚାୟତିରାଜ ଆଇନରେ ସଂଶୋଧନ ଆଣି ଜିଲ୍ଲାସ୍ତରରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଛି।

₹1727 କୋଟି

ଟଙ୍କାରୁ ଅଧିକ ଜାରି କରାଯାଇଛି।

2,000

ଆକାଉଣ୍ଟ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି

317

ପଞ୍ଚାୟତ ସଚିବଙ୍କୁ ଚୁଡ଼ାନ୍ତ କରାଯାଇଛି।

ପୌରପାଳିକା ସଂସ୍ଥାରେ ବିକାଶ ପାଇଁ 5 କୋଟି ଟଙ୍କା ମଞ୍ଜୁର କରୁଥିବା କ୍ଷମତାପ୍ରାପ୍ତ ନିର୍ବାଚିତ ଜନପ୍ରତିନିଧିଙ୍କ ପାଇଁ 25 ଲକ୍ଷ ଟଙ୍କାର ବୀମା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଦୁଇ ବର୍ଷ ମଧ୍ୟରେ ସହରାଞ୍ଚଳ ପ୍ରଶାସନରେ ବିକାଶ ଉପରେ 1455 କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରାଯାଇଛି।

- 460 ପଞ୍ଚାୟତ ଗୃହ ନିର୍ମାଣ କିମ୍ବା ପୁନରୁଦ୍ଧାର କରାଯାଇଛି। ଡିଜିଟାଲ ସାକ୍ଷରତା ସହ ଯୋଡ଼ି ଗ୍ରାମ ପଞ୍ଚାୟତଗୁଡ଼ିକୁ ପ୍ରଶିକ୍ଷଣ ଦିଆଯାଉଛି।
- ରାଜସ୍ଥାନ, କେରଳ, ମହାରାଷ୍ଟ୍ର ଓ ଉତ୍ତରାଖଣ୍ଡ ପଞ୍ଚାୟତର ପ୍ରତିନିଧିମାନଙ୍କୁ ପ୍ରଶିକ୍ଷଣ ଏବଂ ପ୍ରଶାସନିକ ପଦ୍ଧତି ବୁଝିବା ଲାଗି ପଠାଯାଇଛି।
- 2020 ଅକ୍ଟୋବର-ନଭେମ୍ବର ମାସରେ ହୋଇଥିବା ଜିଲ୍ଲା ବିକାଶ ପରିଷଦ ନିର୍ବାଚନରେ 51% ମତଦାନ ହୋଇଥିଲା ଯାହାକି 2018ରେ ଅନୁଷ୍ଠିତ ସଂସଦୀୟ ଓ ପଞ୍ଚାୟତ ନିର୍ବାଚନ ଠାରୁ ଢେର ଅଧିକ। ସର୍ବମୋଟ, 278 ଜିଲ୍ଲା ବିକାଶ ପରିଷଦ ସଦସ୍ୟ, 20 ଜଣ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ନିର୍ବାଚିତ ହୋଇଥିଲେ।
- ଜମ୍ମୁ ଓ କଶ୍ମୀରରେ 2019ରେ ଅନୁଷ୍ଠିତ ବ୍ଲକ୍ ବିକାଶ ପରିଷଦ ନିର୍ବାଚନରେ ପ୍ରଥମ ଥର ପାଇଁ 98.3% ମତଦାନ ହୋଇଥିଲା ଏବଂ 276 ଜଣ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ।
- ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ସମସ୍ତ ପଞ୍ଚାୟତରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ତ୍ରିରଙ୍ଗା ପତାକା ଉଡ଼ିଥିଲା।
- ସମସ୍ତ 20ଟି ଜିଲ୍ଲାର ବିକାଶ ପାଇଁ 2021-22ରେ ଅର୍ଥ ଆବଣ୍ଟନ ପରିମାଣକୁ ଦ୍ୱିଗୁଣିତ କରାଯାଇ 12,600 କୋଟି ଟଙ୍କା କରି ଦିଆଯାଇଛି।

> ଆମ ପାଇଁ ଅଗଷ୍ଟ 5 ତାରିଖରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ପବିତ୍ର ଏବଂ ଜମ୍ମୁ-କଶ୍ମୀର ଓ ଲଦାଖକୁ ଏକ ନୂଆ ମାର୍ଗରେ ନେଇ ଯିବା ଲାଗି ଆମର ପ୍ରତିବଦ୍ଧତା ଅଟଳ। ଅଗଷ୍ଟ 5 ତାରିଖରେ ଜମ୍ମୁ ଓ କଶ୍ମୀରରେ ଭାରତୀୟ ସମ୍ବିଧାନ ଲାଗୁ ହୋଇଥିଲା, ସମ୍ପୂର୍ଣ୍ଣ ଆଇନ ଲାଗୁ ହୋଇଥିଲା, ଗତ 70 ବର୍ଷ ଧରି ଜମ୍ମୁ-କଶ୍ମୀର ଓ ଲଦାଖର ବିକାଶ ମାର୍ଗରେ ଥିବା ସବୁଠୁ ବଡ଼ ବାଧାକୁ ଆମେ ଅଗଷ୍ଟ 5 ତାରିଖରେ ଦୂର କରିଥିଲୁ। -ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ



ପ୍ରଦେଶ ଯେଉଁଠି 'ଆୟୁଷ୍ମାନ ଯୋଜନା-ସେହତ' ଅନ୍ତର୍ଗତ ପ୍ରତ୍ୟେକ ନାଗିରକଙ୍କ ପାଇଁ 5 ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ବୀମା ସୁବିଧା ଉପଲବ୍ଧ ରହିଛି।

ନୂତନ ଆତ୍ମବିଶ୍ୱାସର ସହିତ ଫେରିଛି ଅଭିବୃଦ୍ଧି

ଜମ୍ମୁ ଓ କଶ୍ମୀରର ବିକାଶ ସୁନିଶ୍ଚିତ କରିବାକୁ ହେଲେ ସର୍ବପ୍ରଥମେ ଜନସାଧାରଣଙ୍କୁ ବିଶ୍ୱାସକୁ ନେବା ଏବଂ ସେମାନଙ୍କ ପ୍ରତି ବିଶ୍ୱାସ ପ୍ରକଟ କରାଯିବାର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏହି ବିଚାରକୁ କାୟମନୋବାକ୍ୟରେ କାର୍ଯ୍ୟକାରୀ କରୁଛନ୍ତି ଜମ୍ମୁ ଓ କଶ୍ମୀର ଉପରାଜ୍ୟପାଳ। 'ମୁଲାକାତ' ଏବଂ 'ବ୍ୟାକ୍ ଟୁ ଭିଲେଜ୍' ଯୋଜନା ମାଧ୍ୟମରେ ସାଧାରଣ ଜନତାଙ୍କ ଠାରୁ ମତାମତ ନିଆଯିବା ଏବଂ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ଫଳରେ ଏହି ଲକ୍ଷ୍ୟକୁ ବାସ୍ତବ ରୂପ ଦେବାରେ ଅତ୍ୟନ୍ତ ପ୍ରଭାବୀ ପରିଣାମ ମିଳିପାରିଛି। ଜମ୍ମୁ-କଶ୍ମୀର ଓ ଲଦାଖର ବ୍ଲକ ବିକାଶ ପରିଷଦ ନିର୍ବାଚନରେ ରେକର୍ଡ 98 ପ୍ରତିଶତ ମତଦାନ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ପ୍ରତିଫଳିତ କରିଥାଏ। ତୃଣମୂଳସ୍ତରରେ ଗଣତାନ୍ତ୍ରିକ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ଦ୍ୱାରା ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାକୁ କେବଳ ବାସ୍ତବ ରୂପ ଦିଆଯାଇପାରିନାହିଁ, ବରଂ ଜମ୍ମୁ ଓ କଶ୍ମୀର ଏବଂ ଲଦାଖର ମହାନ ଐତିହ୍ୟକୁ ସଂରକ୍ଷିତ କରି ରଖାଯାଇପାରିଛି। ମହିଳା ଓ ଶିଶୁମାନଙ୍କର ଅଧିକାର ପୁନଃସଂରକ୍ଷିତ କରାଯାଇପାରିଛି । ଏହା ପୂର୍ବରୁ




ଅନ୍ୟ ରାଜ୍ୟରେ ବିବାହ କଲେ ସେମାନଙ୍କ ଠାରୁ ଛଡ଼ାଇ ନିଆଯାଉଥିଲା। ଗତ ଦୁଇ ବର୍ଷ ମଧ୍ୟରେ ଭିତ୍ତିଭୂମି କ୍ଷେତ୍ରରେ ଦ୍ରୁତ ପ୍ରଗତି ହୋଇଛି। ଜଳବିଦ୍ୟୁତ ହେଉଛି ଆଉ ଏକ କ୍ଷେତ୍ର ଯେଉଁଥିରେ ଅଭୂତପୂର୍ବ ପ୍ରଗତି ଦେଖିବାକୁ ମିଳିଛି। ବିଗତ ସାତ ଦଶନ୍ଧି ମଧ୍ୟରେ ଜମ୍ମୁ ଓ କଶ୍ମୀରରେ ମାତ୍ର 3,500 ମେଗାୱାଟ୍ ବିଦ୍ୟୁତ ଶକ୍ତି ଉତ୍ପାଦିତ ହୋଇଥିଲା। ବର୍ତ୍ତମାନ ଏଥିରେ 3,000 ମେଗାୱାଟ୍ ବିଦ୍ୟୁତ ଶକ୍ତି ଯୋଡ଼ାଯାଇଛି। ଦୀର୍ଘଦିନରୁ ବିଳମ୍ବିତ ହୋଇ ପଡ଼ିରହିଥିବା ପ୍ରକଳ୍ପ କାମ କେବଳ ତ୍ୱରାନ୍ୱିତ ହୋଇନାହିଁ, ଚେନାବ ନଦୀରେ ନିର୍ମିତ ହେଉଥିବା ବିଶ୍ୱର ସର୍ବୋଚ୍ଚ ସେତୁ ପ୍ରତ୍ୟେକ ଭାରତୀୟଙ୍କୁ ଗୌରବାନ୍ୱିତ କରିବ।

ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ଯେକୌଣସି ଦେଶରେ ଉଭୟ ପର୍ଯ୍ୟଟନ ଓ ଉଦ୍ୟୋଗର ଅଭିବୃଦ୍ଧି ପାଇଁ ମାର୍ଗପ୍ରଶସ୍ତ କରିଥାଏ। ସେଓ ଠାରୁ ଆରମ୍ଭ କରି ବାସମତି ଚାଉଳ ଏବଂ ନିଖୁଣ ଭାବେ ଡିଜାଇନ କରାଯାଇଥିବା କାର୍ପେଟ୍ ଆଉ ବିଶ୍ୱପ୍ରସିଦ୍ଧ କେଶର ପର୍ଯ୍ୟନ୍ତ, ଆଜି ଜମ୍ମୁ ଓ କଶ୍ମୀରର ସୁଗନ୍ଧ ସାରା ଦେଶରେ ବ୍ୟାପ୍ତ ହେଉଛି। ନୂତନ କୃଷି ସଂସ୍କାର କାର୍ଯ୍ୟକାରୀ କରାଯାଇଛି ଏବଂ ଜମ୍ମୁ ଓ ଉପତ୍ୟକା ଅଞ୍ଚଳରେ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ପାଇଁ ନୂତନ ସୁଯୋଗ ସୃଷ୍ଟି କରାଯାଇଛି।

ବି2ଭି-ବ୍ୟାକ୍ ଟୁ ଭିଲେଜ୍: ବିଶ୍ୱାସ ବଢ଼ାଇବା ଲାଗି ପ୍ରୟାସ

- ବ୍ୟାକ ଟୁ ଭିଲେଜ୍ (ଗାଁକୁ ଫେରିଯିବା) ଅଭିଯାନକୁ ଆଗେଇ ନେଇ ତୃଣମୂଳସ୍ତରରେ ପ୍ରଶାସନ ଓ ସରକାରଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରାଯାଇପାରିଛି।
- ଲୋକମାନଙ୍କ ଦ୍ୱାରା 20,000 ପ୍ରକଳ୍ପ ଚିହ୍ନଟ କରାଯାଇଛି, ଏଥିମଧ୍ୟରୁ 7,000 ପ୍ରକଳ୍ପରେ କାମ ଚାଲୁ ରହିଛି।
- ଏହି ଅଭିନବ ଅଭିଯାନ ଅନ୍ତର୍ଗତ 5 ଲକ୍ଷରୁ ଅଧିକ ଆବାସ/ଜନ୍ମ/ମୃତ୍ୟୁ/ଜାତି/ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇସାରିଛି।



70,000
ରୁ ଅଧିକ ରାସନ କାର୍ଡ ଆଧାର ସହିତ ଲିଙ୍କ ହୋଇଛି

50,000
ରୁ ଅଧିକ ପରିବାର ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଯୋଜନା ସହିତ ଯୋଡ଼ି ହୋଇଛନ୍ତି।

ଋଣ ପାଇଁ 19,000ରୁ ଅଧିକ ଆବେଦନର ଚୁଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯାଇଛି ଯାହାର ମୋଟ୍ ପରିମାଣ
372 କୋଟି
ଟଙ୍କା।

ଏଥିମଧ୍ୟରୁ **15,000**
ରୁ ଅଧିକ ଲୋକଙ୍କୁ ଋଣ ଯୋଗାଇ ଦିଆଯାଇଛି, ଏମାନଙ୍କ ମଧ୍ୟରେ 4600 ମହିଳା ଉଦ୍ୟମୀ ସାମିଲ ଅଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ବିକାଶ ପ୍ୟାକେଜରୁ ମିଳିଛି ସହାୟତା

- 54ଟି ପ୍ରକଳ୍ପ ପାଇଁ 56,000 କୋଟି ଟଙ୍କା ବ୍ୟୟବରାଦ କରାଯିବା ଫଳରେ ବାଧାଗୁଡ଼ିକ ଦୂର ହେବାରେ ସହାୟତା ମିଳିପାରିଛି। ଜୁନ 2018 ସୁଦ୍ଧା, ମାତ୍ର 7ଟି ପ୍ରକଳ୍ପ ଶେଷ ହୋଇଥିଲା। ବିଗତ ଦୁଇ ବର୍ଷ ମଧ୍ୟରେ 21ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିଲା। 12ଟି ପ୍ରକଳ୍ପ ଚଳିତ ଆର୍ଥିକ ବର୍ଷ ସୁଦ୍ଧା ଶେଷ ହେବ ଏବଂ ଅବଶିଷ୍ଟ 14ଟି ପ୍ରକଳ୍ପ ମାର୍ଚ୍ଚ 2023 ସୁଦ୍ଧା ଶେଷ ହେବ।
- ରାମବାଗ ଫ୍ଲାଏଓଭର, କାଜିଗଣ୍ଡ-ବନିହାଲ ସୁଡ଼ଙ୍ଗ ଏବଂ ଝେଲମ ବନ୍ୟା ନିୟନ୍ତ୍ରଣ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାମ ସମ୍ପୂର୍ଣ୍ଣ ହୋଇଛି।
- ଆଇଆଇଟି ଜମ୍ମୁ ନିଜସ୍ୱ କ୍ୟାମ୍ପସରେ ଆରମ୍ଭ ହୋଇଛି। ଦୁଇଟି ଏମ୍ସ ପ୍ରତିଷ୍ଠା କରାଯାଉଛି। ଜମ୍ମୁରେ ଏମ୍ସ ପାଇଁ କାମ ଆରମ୍ଭ ହୋଇଛି। ମାର୍ଚ୍ଚ 2022 ସୁଦ୍ଧା ଜମ୍ମୁରେ ରିଙ୍ଗ ରୋଡ୍ କାମ ଶେଷ ହେବ।

ରାଷ୍ଟ୍ର ସହିତ ଯୋଡ଼ି ହେଲା କଶ୍ମୀର

- 1327 କୋଟି ଟଙ୍କା ବ୍ୟୟରେ ବିଶ୍ୱର ସର୍ବୋଚ୍ଚ ଚେନାବ ରେଳ ସେତୁ 2022 ସୁଦ୍ଧା ସମ୍ପୂର୍ଣ୍ଣ ହେବ। ସର୍ବୋଚ୍ଚ ଚେନାବ ସେତୁ, ଉଧାମପୁର-ଶ୍ରୀନଗର-ବାରାମୂଲା ରେଳ ଲିଙ୍କ ପ୍ରକଳ୍ପ ଅନ୍ତର୍ଗତ ନିର୍ମାଣ କରାଯାଉଛି। ଏହା ଏଫିଲ ଟାୱାର ଏବଂ କୁତବ ମିନାର ଠାରୁ ମଧ୍ୟ ଉଚ୍ଚ । 359 ମିଟର ଉଚ୍ଚତାର ଏହି ସେତୁର ଆର୍କ (ଉପରିସ୍ତ ଅର୍ଦ୍ଧବୃତ୍ତାକାର ଭାଗ) କାମ ଶେଷ ହୋଇଛି।
- ମାର୍ଚ୍ଚ 2025 ସୁଦ୍ଧା 10,000 କୋଟି ଟଙ୍କା ବ୍ୟୟରେ ଜମ୍ମୁ ଓ କଶ୍ମୀରରେ ହାଲୁକା ମେଟ୍ରୋ ରେଳ ଟ୍ରାଞ୍ଜିଟ୍ ଏଲେଭେଟେଡ୍ କରିଡର କାମ ଶେଷ ହେବ।



- ଜମ୍ମୁ ଓ କଶ୍ମୀରର ପ୍ରତ୍ୟେକ ଗ୍ରାମରେ ସଡ଼କ ଯୋଗାଯୋଗ ବ୍ୟବସ୍ଥା ସୁନିଶ୍ଚିତ କରାଯାଉଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅନ୍ତର୍ଗତ, 3,000 କିମିରୁ ଅଧିକ ସଡ଼କ 2020-21ରେ ନିର୍ମାଣ କରାଯାଇଥିଲା ବେଳେ 5500 କିମି ସଡ଼କ ଅବିକଶିତ ଭୂଖଣ୍ଡରେ ନିର୍ମାଣ କରାଯାଇଛି। 2022 ସୁଦ୍ଧା ଅବିକଶିତ ଭୂଖଣ୍ଡରେ 8000 କିମି ପିଚୁ ସଡ଼କ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି, ଏଥିମଧ୍ୟରୁ 3500 କିମି ସଡ଼କ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ କରାଯିବ।
- ଜମ୍ମୁ-କଶ୍ମୀର ଓ ଲଦାଖ ଜାତୀୟ ରାଜପଥରେ ଥିବା 8 କିଲୋମିଟର ଲମ୍ବ କାଜିଗଣ୍ଡ-ବନିହାଲ ଦ୍ୱିମାର୍ଗ ବିଶିଷ୍ଟ ସୁଡ଼ଙ୍ଗ କାମ 3127 କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଛି।
- କଶ୍ମୀରକୁ ଲଦାଖ ସହ ଯୋଡୁଥିବା ସୋନମାର୍ଗ ଏବଂ ଗାଗାଙ୍ଗିର ମଧ୍ୟରେ 6.5 କିମି ଲମ୍ବ ଜି-ମୋର୍ ସୁଡ଼ଙ୍ଗ ମାର୍ଗ କାମ 2378 କୋଟି ଟଙ୍କା ବ୍ୟୟରେ 2023 ସୁଦ୍ଧା ସମ୍ପୂର୍ଣ୍ଣ ହେବ।

ବିଳମ୍ବିତ ପ୍ରକଳ୍ପ କାମ ତ୍ୱରାନ୍ୱିତ ହୋଇଛି

- ବିଳମ୍ବିତ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ କରିବାରେ ଜମ୍ମୁ ଓ କଶ୍ମୀର ଏକ ନୂତନ ଅଧ୍ୟାୟ ରଚନା କରିଛି। ମୋଟ 7,110 କୋଟି ଟଙ୍କାର 2357ଟି ପ୍ରକଳ୍ପ ମଧ୍ୟରୁ 7,000 କୋଟି ଟଙ୍କାର ପ୍ରକଳ୍ପ ଜୁନ 2018 ସୁଦ୍ଧା ଅସମ୍ପୂର୍ଣ୍ଣ ହୋଇ ରହିଥିଲା।
- ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ମାତ୍ର ଦେଢ଼ ବର୍ଷ ମଧ୍ୟରେ 1550 କୋଟି ଟଙ୍କାର ପ୍ରାୟ 1100ଟି ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇଛି। ଏଥିମଧ୍ୟରୁ 5ଟି ପ୍ରକଳ୍ପ 20 ବର୍ଷ ଧରି ପଡ଼ି ରହିଥିବା ବେଳେ 15ଟି ପ୍ରକଳ୍ପ 15 ବର୍ଷ ଧରି ଏବଂ 165ଟି ପ୍ରକଳ୍ପ 10 ବର୍ଷ ଧରି ବିଳମ୍ବିତ ହୋଇ ପଡ଼ି ରହିଥିଲା।

ଜମ୍ମୁ କଶ୍ମୀରକୁ ଆତ୍ମନିର୍ଭରଶୀଳ କରିବା ଲାଗି ଶିଳ୍ପ ବିକାଶ

- ପ୍ରଥମ ଥର ପାଇଁ ଶିଳ୍ପ ପ୍ରୋତ୍ସାହନ ଯୋଜନା ଅନ୍ତର୍ଗତ ଆସନ୍ତା 15 ବର୍ଷ ଲାଗି ଜମ୍ମୁ ଓ କଶ୍ମୀରର ବ୍ଲକ୍ ସ୍ତରରେ 28,400 କୋଟି ଟଙ୍କାର ନୂତନ କେନ୍ଦ୍ରୀୟ ଅଞ୍ଚଳ ଯୋଜନାକୁ ଅନୁମୋଦନ ମିଳିଛି।
- 4.5 ଲକ୍ଷ ଚାକିରି ସୁଯୋଗ ସୃଷ୍ଟି ହେବ ଏବଂ ସନ୍ତୁଳିତ ସାମାଜିକ-ଆର୍ଥିକ ବିକାଶ ତ୍ୱରାନ୍ୱିତ ହୋଇପାରିବ। ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହିତ କରାଯିବ ଯାହାଫଳରେ କେନ୍ଦ୍ର ଶାସିତ ପ୍ରଦେଶରେ ଔଦ୍ୟୋଗିକରଣର ଏକ ନୂତନ ଅଧ୍ୟାୟ ସୃଷ୍ଟି ହେବ।
- ଉତ୍ପାଦନ ଏବଂ ସେବା କ୍ଷେତ୍ରରେ ଜୋନ୍ ଏ ଏବଂ ଜୋନ ବିରେ ଯଥାକ୍ରମେ 5 କୋଟି ଏବଂ 7.5 କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ବ୍ୟବସ୍ଥା କରାଯାଇଛି।

ଯାହାଫଳରେ, କେବଳ ହଜାର ହଜାର ଲୋକ ନିଯୁକ୍ତି ପାଇନାହାନ୍ତି, ବରଂ ଆତ୍ମନିଯୁକ୍ତିର ଅନେକଗୁଡ଼ିଏ ସୁଯୋଗ ସୃଷ୍ଟି ହୋଇଛି। ଜମ୍ମୁ-କଶ୍ମୀରରେ ହଜାର ହଜାର ସରକାରୀ ଚାକିରି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଆତ୍ମନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରିବା ଲାଗି ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି। ବର୍ତ୍ତମାନ ଜମ୍ମୁ ଓ କଶ୍ମୀରର ଯୁବ ଉଦ୍ୟମୀମାନେ ବ୍ୟାଙ୍କ ଜରିଆରେ ସହଜରେ ଋଣ ପାଇପାରୁଛନ୍ତି।

ପର୍ଯ୍ୟଟନ କ୍ଷେତ୍ରରେ ପୁଣିଥରେ ଚମକ ଆସିଛି। ଶୀର୍ଷ ପର୍ଯ୍ୟଟନ କ୍ଷେତ୍ର ହେବାର ସମ୍ଭାବନା ଥିବା ଜମ୍ମୁ-କଶ୍ମୀର ଓ ଲଦାଖର ବିଭିନ୍ନ କ୍ଷେତ୍ରକୁ ଚିହ୍ନଟ କରାଯାଇଛି। ହିମାଳୟର ପାଖାପାଖି 137 ପାର୍ବତ୍ୟ ଶୃଙ୍ଗକୁ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଛି, ଏଥି ମଧ୍ୟରୁ ୧୫ଟି ପର୍ବତ ଶୃଙ୍ଗ ଜମ୍ମୁ କଶ୍ମୀର ଏବଂ ଲଦାଖରେ ଅବସ୍ଥିତ । ଲଦାଖରେ ଗୋଟିଏ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ଗୋଟିଏ ବୌଦ୍ଧ ଅଧ୍ୟୟନ କେନ୍ଦ୍ର ସ୍ଥାପନ ପାଇଁ ଉଦ୍ୟମ କରାଯାଇଛି । ଲଦାଖକୁ କେନ୍ଦ୍ରଶାସିତ ଅଞ୍ଚଳର ମର୍ଯ୍ୟାଦା ଦେବାପାଇଁ ଦୀର୍ଘଦିନରୁ ହୋଇଆସୁଥିବା ଦାବିକୁ ଗ୍ରହଣ କରାଯାଇଛି ।





କୋଭିଡ ସମୟରେ ସହାୟତା ପ୍ୟାକେଜ୍

ଆର୍ଥିକ ପ୍ୟାକେଜ୍

1353 କୋଟି ଟଙ୍କା

କୋଭିଡ୍ ଏବଂ ବନ୍ୟା କାରଣରୁ ପ୍ରଭାବିତ ହୋଇଥିବା ବ୍ୟବସାୟଗୁଡ଼ିକୁ ସହାୟକ ହେବ

- ଜଳ ଓ ବିଦ୍ୟୁତ ବିଲର ଧାର୍ଯ୍ୟ ଶୁଳ୍କ ଉପରେ 50% ରିହାତି।
- ରାଜବାଗ ରେଶମ କାରଖାନା ଏବଂ ବେମିନା ଉଲ୍ ମିଲ୍‌କୁ ଯଥାକ୍ରମେ 23 କୋଟି ଏବଂ 4.5 କୋଟି ଟଙ୍କା ଖର୍ଚ୍ଚ କରାଯାଇ ଉନ୍ନତିକରଣ ପରେ ଉଦଘାଟନ ହେବାକୁ ପ୍ରସ୍ତୁତ ହୋଇସାରିଛି।
- ଉନ୍ନତ ବ୍ୟବସାୟିକ ବାତାବରଣ ସୃଷ୍ଟି କରିବା ଲାଗି ପ୍ରଶାସନିକ ପଦକ୍ଷେପକୁ ପ୍ରୋତ୍ସାହିତ କରାଯାଇଛି। ବିଭିନ୍ନ ଯୋଜନା ଅନ୍ତର୍ଗତ ଉଦ୍ୟୋଗ ଏବଂ ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କୁ ଋଣ ସୁବିଧା ଯୋଗାଇ ଦିଆଯାଇଛି।
- ଆତ୍ମନିର୍ଭର ଭାରତ ଅଭିଯାନ ଅନ୍ତର୍ଗତ 31,000 ପରିବାରର ଏକ ଲକ୍ଷରୁ ଅଧିକ ଲୋକଙ୍କୁ ମାଗଣାରେ ଖାଦ୍ୟ ଶସ୍ୟ ଯୋଗାଇ ଦିଆଯାଇଛି। ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା ଅନ୍ତର୍ଗତ 11,000ରୁ ଅଧିକ ଲୋକଙ୍କୁ ଋଣ ଦିଆଯାଇଛି।
- କୋଭିଡ ସଙ୍କଟ ସମୟରେ 35 ଲକ୍ଷରୁ ଅଧିକ ଗରିବ ଲୋକମାନଙ୍କୁ 500 କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ନିର୍ମାଣ ଶ୍ରମିକ, ହାଉସବୋଟ୍ ମାଲିକ, ଟୁରିଷ୍ଟ ଗାଇଡ, ପୋନିବାଲା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ 1353 କୋଟି ଟଙ୍କାର ସହାୟତା ପ୍ୟାକେଜ୍ ଘୋଷଣା କରାଯାଇଛି।
- କୋଭିଡର ଦ୍ୱିତୀୟ ଲହରୀ ସମୟରେ ମଧ୍ୟ ରିଲିଫ ସହାୟତା ଯୋଗାଇ ଦିଆଯାଇଛି। କୋଭିଡ ସମୟରେ ପରିବାରର ଏକମାତ୍ର ଆୟକ୍ଷମ ସଦସ୍ୟଙ୍କୁ ହରାଇଥିବା ସଦସ୍ୟମାନଙ୍କ ପାଇଁ ସକ୍ଷମ ଯୋଜନା କାର୍ଯ୍ୟକାରୀ କରାଯାଇଛି। ମୃତକଙ୍କ ପରିବାର ମାସିକ 1000 ଟଙ୍କା ମାସିକ ପେନସନ ପାଇବେ ଏବଂ ଛାତ୍ରଛାତ୍ରୀଙ୍କୁ ମଧ୍ୟ 20,000-40,000 ଟଙ୍କା ବୃତ୍ତି ପ୍ରଦାନ କରାଯାଉଛି।

କୋଭିଡ ମୁକାବିଲାରେ ଜମ୍ମୁ ଓ କଶ୍ମୀର ଅଗ୍ରଣୀ

- ଅଗଷ୍ଟ 2020 ସୁଦ୍ଧା ଅନୁମୋଦିତ ଅକ୍ସିଜେନ ପ୍ଲାଣ୍ଟ ସଂଖ୍ୟା 24 ଥିଲା, ବର୍ତ୍ତମାନ ଏହା 84କୁ ବୃଦ୍ଧି ପାଇଛି। ପୂର୍ବରୁ ରାଜ୍ୟର ଅକ୍ସିଜେନ ଉତ୍ପାଦନ କ୍ଷମତା 15,000 ଏଲପିଏମ (ମିନିଟ୍ ପ୍ରତି ଲିଟର) ଥିବା ବେଳେ ଏହା ଖୁବଶୀଘ୍ର 87,000 ଏଲପିଏମ ହେବ।
- 85%ରୁ ଅଧିକ ସମୁଖ ଯୋଦ୍ଧା (45+ ବୟସ)ଙ୍କୁ ଟିକାକରଣ କରାଯାଇଛି। ଏମାନଙ୍କ ମଧ୍ୟରୁ ଶୋପିଆଁ, ଗାନ୍ଦେରବାଲ, ଜମ୍ମୁ ଓ ସାମ୍ବାରେ 100% ଟିକାକରଣ କରାଯାଇଛି।
- ୱାୟାନ ଗ୍ରାମରେ 18 ବର୍ଷରୁ ଅଧିକ ବୟସ୍କ ସମସ୍ତଙ୍କର ଟିକାକରଣ କରାଯାଇପାରିଛି।
- ଏହି କେନ୍ଦ୍ର ଶାସିତ ପ୍ରଦେଶର 4292 ପଞ୍ଚାୟତରେ କୋଭିଡ ଚିକିତ୍ସା କେନ୍ଦ୍ର କାର୍ଯ୍ୟକ୍ଷମ ହୋଇପାରିଛି। ଜମ୍ମୁ ଓ ଶ୍ରୀନଗରରେ ଡିଆରଡିଓ ପକ୍ଷରୁ 500 ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ପ୍ରତିଷ୍ଠା କରାଯାଇଛି।

ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା

- ଜମ୍ମୁ-କଶ୍ମୀର ହେଉଛି ଦେଶର ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକ ମଧ୍ୟରେ ପ୍ରଥମ ଯେଉଁଠି ଆୟୁଷ୍ମାନ ଭାରତ ଯୋଜନା ଅନ୍ତର୍ଗତ ସମସ୍ତ ନାଗରିକମାନଙ୍କୁ ସାର୍ବଜନୀନ ସ୍ୱାସ୍ଥ୍ୟସେବା ସୁବିଧା ଦିଆଯାଇଛି।
- ସେହତ ନାମରେ, ଏହି ଯୋଜନା ଅନ୍ତର୍ଗତ ପ୍ରତ୍ୟେକ ପରିବାରକୁ 5 ଲକ୍ଷ ଟଙ୍କାର ବୀମା ସୁବିଧା ପ୍ରଦାନ କରାଯାଉଛି।
- ବର୍ତ୍ତମାନସୁଦ୍ଧା, 49,38 ଲକ୍ଷ ହିତାଧିକାରୀ ଏହି ଯୋଜନାରେ ପଞ୍ଜିକୃତ ହୋଇଛନ୍ତି। ଦୁଇଟି ଏମ୍ସ ସାତଟି ମେଡ଼ିକାଲ କଲେଜ, ପାଞ୍ଚଟି ନର୍ସିଂ କଲେଜ ଏବଂ ଦୁଇଟି ରାଜ୍ୟ କ୍ୟାନ୍ସର ପ୍ରତିଷ୍ଠାନ ପ୍ରତିଷ୍ଠା କାମ 7,500 କୋଟି ଟଙ୍କା ବ୍ୟୟବରାଦ ସହିତ ଆରମ୍ଭ କରାଯାଇଛି।
- ଉନ୍ନତ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିମନ୍ତେ ସ୍ୱାସ୍ଥ୍ୟ ନିବେଶ ନୀତି, ନିଶା ନିବାରଣ ନୀତି ଏବଂ ନିଶାମୁକ୍ତି ନୀତିକୁ ଅନୁମୋଦନ କରାଯାଇଛି।
- ଡାକ୍ତରୀ ଶିକ୍ଷା ପାଇଁ 1617ଟି ନୂତନ ସିଟ୍ ଯୋଡ଼ାଯାଇଛି। ଏମବିବିଏସ ସିଟ୍ ସଂଖ୍ୟା 500ରୁ 1100କୁ ବୃଦ୍ଧି କରାଯାଇଛି ଏବଂ ଅନ୍ୟ ପାଠ୍ୟକ୍ରମରେ ମଧ୍ୟ ସିଟ୍ ସଂଖ୍ୟା ବଢ଼ିଛି। 881 କୋଟି ଟଙ୍କା ବ୍ୟୟ କରାଯାଇ ପୂର୍ବରୁ ଥିବା ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତିକରଣ କରାଯାଇଛି।

ବହୁ ଦଶନ୍ଧି ପରେ ଯାଦୁକରୀ ସୌନ୍ଦର୍ଯ୍ୟ ଫେରିଛି

ଜମ୍ମୁ ଓ କଶ୍ମୀରର ଲୋକମାନଙ୍କୁ ସେମାନଙ୍କର ଅଧିକାର ମିଳିଛି ଯାହାଫଳରେ ସେମାନଙ୍କ ପାଇଁ ଏକ ନୂଆ ସୂର୍ଯ୍ୟୋଦୟ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ବିକାଶମୂଳକ ପ୍ୟାକେଜକୁ ଦେଖିଲେ ଯେକେହି ବିକାଶର ଗତିକୁ ପରିକଳ୍ପନା କରିପାରିବ। ଜୁନ 2018 ସୁଦ୍ଧା ପ୍ୟାକେଜର ମାତ୍ର 26 ପ୍ରତିଶତ ଖର୍ଚ୍ଚ ହୋଇଥିବା ବେଳେ ପରବର୍ତ୍ତୀ ଦୁଇ ବର୍ଷରେ ଏହା 62 ପ୍ରତିଶତକୁ ବୃଦ୍ଧି ପାଇଛି। ପ୍ରଥମ ଥର ପାଇଁ, ସଂରକ୍ଷଣର ଲାଭ ଗରିବ, ପାର୍ବତ୍ୟାଞ୍ଚଳ ଏବଂ ନିୟନ୍ତ୍ରଣ ରେଖା ନିକଟବର୍ତ୍ତୀ ସୀମାନ୍ତରେ ରହୁଥିବା ଲୋକମାନଙ୍କୁ ତୃଣମୂଳସ୍ତରରେ ମିଳିପାରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗୁଜ୍ଜର ବକାରାବାଲା, ଅନୁସୂଚିତ ଜନଜାତି ଏବଂ ବନବାସୀମାନେ ଜଙ୍ଗଲ ଜମି ବ୍ୟବହାର ପାଇଁ ଆଇନଗତ ଅଧିକାର ପାଇଛନ୍ତି। ବର୍ତ୍ତମାନ କାହା ପ୍ରତି ଭେଦଭାବ ହେବାର କୌଣସି ସମ୍ଭାବନା ନାହିଁ। ବହୁ ଦଶନ୍ଧି ଧରି ଜମ୍ମୁ ଓ କଶ୍ମୀରରେ ରହୁଥିବା ଲୋକମାନଙ୍କୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଯୋଗାଇ ଦିଆଯାଉଛି। କେନ୍ଦ୍ର ସରକାର ବର୍ତ୍ତମାନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ

ସମସ୍ତଙ୍କୁ ବିଦ୍ୟୁତ ସେବା

ଲକ୍ଷ୍ୟ **100%**

ସ୍ୱଚ୍ଛ ଇନ୍ଧନ ଦିଗରେ, 12.60 ଲକ୍ଷ ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଲାଭ ପାଇଛନ୍ତି।



- ରାଜ୍ୟରେ ବିଦ୍ୟୁତ ଶକ୍ତି ଉତ୍ପାଦନକୁ ଆସନ୍ତା 3 ବର୍ଷ ମଧ୍ୟରେ ଦୁଇଗୁଣା ଏବଂ 7 ବର୍ଷ ମଧ୍ୟରେ ତିନିଗୁଣା ବୃଦ୍ଧି କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ସ୍ୱାଧୀନତାର 70 ବର୍ଷ ମଧ୍ୟରେ ମାତ୍ର 3500 ମେଗାୱାଟ ବିଦ୍ୟୁତ ଶକ୍ତି ଉତ୍ପାଦିତ ହୋଇଥିବା ବେଳେ 2025 ସୁଦ୍ଧା ଏଥିରେ ଆହୁରି 3000 ମେଗାୱାଟ୍ ଯୋଡ଼ିହେବ।
- 23,000 କୋଟି ଟଙ୍କା ବ୍ୟୟ କରାଯାଇଛି 3000 ମେଗାୱାଟ କ୍ଷମତାସମ୍ପନ୍ନ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଇଛି ଏବଂ 35,000 କୋଟି ଟଙ୍କା ବ୍ୟୟରେ 4,674 ମେଗାୱାଟ କ୍ଷମତାର ବିଦ୍ୟୁତ ଶକ୍ତି ଉତ୍ପାଦନ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।
- ସଞ୍ଚାରଣ କ୍ଷମତାକୁ ସମ୍ପ୍ରସାରଣ କରିବା ଲାଗି 400 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।
- ସୌଭାଗ୍ୟ ଯୋଜନା ଅନ୍ତର୍ଗତ, ଜମ୍ମୁ ଓ କଶ୍ମୀରରେ ଧାର୍ଯ୍ୟ ସମୟସୀମା ପୂର୍ବରୁ 100 ପ୍ରତିଶତ ପରିବାରକୁ ବିଦ୍ୟୁତ ସଂଯୋଗ ଯୋଗାଇ ଦିଆଯାଇଛି।
- ଚଳିତ ବର୍ଷ ନିୟନ୍ତ୍ରଣ ରେଖା ନିକଟବର୍ତ୍ତୀ ଗ୍ରାମ କେରେନର ମୁଣ୍ଡିଆନ୍ ଗ୍ରାମକୁ ମଧ୍ୟ ଗ୍ରୀଡ୍ ସହିତ ଯୋଡ଼ାଯାଇପାରିଛି। ଏଥିପୂର୍ବରୁ ଏହି ଗ୍ରାମର ଲୋକମାନେ ଡିଜେଲ ଜେନେରେଟର ସହାୟତାରେ ଦିନକୁ ମାତ୍ର ତିନି ଘଣ୍ଟା ପାଇଁ ବିଦ୍ୟୁତ ସେବା ପାଉଥିଲେ।
- ଉଜାଲା ଅନ୍ତର୍ଗତ 84.86 ଲକ୍ଷ ହିତାଧିକାରୀଙ୍କୁ ଶତପ୍ରତିଶତ କଭରେଜ୍ ପ୍ରଦାନ କରାଯାଇଛି।



- ସାମାଜିକ ସୁରକ୍ଷା ଯୋଜନା ଏବଂ ଭତ୍ତା ଯୋଜନାର ହିତାଧିକାରୀଙ୍କ ସଂଖ୍ୟା ପାଖାପାଖି 9 ଲକ୍ଷକୁ ବୃଦ୍ଧି ପାଇଛି ଯାହାକି 59 ପ୍ରତିଶତ। ପ୍ରତ୍ୟେକଙ୍କୁ 1,000 ଟଙ୍କାର ଭତ୍ତା ଲାଭ ମିଳୁଛି।
- ସଂଖ୍ୟାଲଘୁ, ଅନୁସୂଚିତ ଜାତି ଏବଂ ପଛୁଆ ବର୍ଗଙ୍କୁ ମିଳୁଥିବା ପ୍ରାକ୍ ଓ ମାଟ୍ରିକ ପରବର୍ତ୍ତୀ ବୃତ୍ତି ସଂଖ୍ୟା ପାଖାପାଖି 300ରୁ 400 ପ୍ରତିଶତକୁ ବୃଦ୍ଧି ପାଇଛି।
- 55ଟି ଲାଭ ଯୋଜନାରେ ଶତପ୍ରତିଶତ କଭରେଜ୍ ମିଳିପାରିଛି। ବିଶେଷ କରି ସୀମାବର୍ତ୍ତୀ ଇଲାକାରେ ରହୁଥିବା ଲୋକମାନଙ୍କୁ ଯୋଜନାରେ ସାମିଲ କରାଯାଇଛି।
- ଇ-ଜବ୍ ପୋର୍ଟାଲ ଏବଂ ଶ୍ରମ ସଂସ୍କାର ସଂକ୍ରାନ୍ତୀୟ ଚାରିଟି ସଂହିତାକୁ ଜୁଲାଇ 2021 ଠାରୁ କାର୍ଯ୍ୟକାରୀ କରାଯାଉଛି।

ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ ହୋଇଛି

- ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା, ସୁରକ୍ଷା ବୀମା ଯୋଜନା ଏବଂ ଜୀବନ ଜ୍ୟୋତି ବୀମା ଯୋଜନା ଅନ୍ତର୍ଗତ ଲୋକମାନଙ୍କର ଆର୍ଥିକ ଅନ୍ତର୍ଭୁକ୍ତିକରଣ ପାଇଁ ପରିସରକୁ ବୃଦ୍ଧି କରାଯାଇଛି।
- ସାତ ଲକ୍ଷ କିଷାନ କ୍ରେଡିଟ୍ ଆକାଉଣ୍ଟରେ 6,000 କୋଟି ଟଙ୍କାରୁ ଅଧିକ ପଇଠ କରାଯାଇଛି।
- ପ୍ରାଣୀପାଳନ ଏବଂ ମତ୍ସ୍ୟଚାଷ ସହିତ ସମ୍ପୃକ୍ତ 87,000ରୁ ଅଧିକ କୃଷକମାନଙ୍କୁ 514 କୋଟି ଟଙ୍କା ପଇଠ କରାଯାଇଛି।
- ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଅନ୍ତର୍ଗତ 9.26 ଲକ୍ଷ ଲୋକ ପଞ୍ଜିକୃତ ହୋଇଥିବା ବେଳେ କେବଳ 2020-21ରେ 1.69 ଲକ୍ଷ ଯୋଗ ଦେଇଛନ୍ତି।
- ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ପାଖାପାଖି 4 ଲକ୍ଷ ଲୋକ ପଞ୍ଜୀକରଣ କରିଥିବା ବେଳେ କେବଳ 2020-21ରେ ପାଖାପାଖି 50,000 ଲୋକ ଯୋଗ ଦେଇଛନ୍ତି। ଜନ ଧନ ଯୋଜନା ଅନ୍ତର୍ଗତ 25 ଲକ୍ଷରୁ ଅଧିକ ଆକାଉଣ୍ଟ ଖୋଲାଯାଇଛି ଏଥିମଧ୍ୟରୁ ଗତ ଗୋଟିଏ ବର୍ଷ ମଧ୍ୟରେ କେବଳ 3 ଲକ୍ଷ ନୂଆ ଆକାଉଣ୍ଟଧାରୀ ଏହି ଯୋଜନା ସହିତ ଯୋଡ଼ି ହୋଇଛନ୍ତି।

ପ୍ରଥମ ଥର ସଂରକ୍ଷଣର ସୁବିଧାକୁ ବୃଦ୍ଧି କରାଯାଇଛି ଏବଂ ଏଣିକି ସ୍ଥାନୀୟ ବାସିନ୍ଦାମାନେ ସରକାରୀ ଯୋଜନାରେ ଲାଭ ପାଇପାରୁଛନ୍ତି । ଏହା ସେମାନଙ୍କ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିଛି।

'ଇନସାନିୟତ, ଜମହୁରିୟତ ଏବଂ କଶ୍ମିରୀୟତ୍' (ମାନବତା, ଗଣତନ୍ତ୍ର ଏବଂ କଶ୍ମୀରବାସୀଙ୍କ ପରିଚୟ) ସିଦ୍ଧାନ୍ତକୁ ନେଇ ଆଗକୁ ବଢୁଛନ୍ତି। ଲଦାଖକୁ ଏକ ଅଙ୍ଗାରକାମ୍ଳ ମୁକ୍ତ କେନ୍ଦ୍ର ଶାସିତ ପ୍ରଦେଶରେ ପରିଣତ କରିବା ଲାଗି ଦ୍ରୁତଗତିରେ କାର୍ଯ୍ୟ ଜାରି ରହିଛି।

ଆତଙ୍କବାଦ ହ୍ରାସ, ବିକାଶରେ ବୃଦ୍ଧି

ଆଜି ଦେଶର ଅବଶିଷ୍ଟ ଭାଗ ସହିତ ଜମ୍ମୁ ଓ କଶ୍ମୀର ଏବଂ ଲଦାଖର ବାସ୍ତବ ସମ୍ମିଶ୍ରଣ ସମ୍ଭବ ହୋଇପାରିଛି। ଏଥିପାଇଁ ଅଗଷ୍ଟ 2019ରେ ସଂସଦରେ ମୂଳଦୁଆ ପ୍ରତିଷ୍ଠା

ମିଶନ ଯୁବା



- ବହୁମୁଖି ରଣନୀତି ନେଇ ପ୍ରଥମ ଥର ପାଇଁ ଏକ ଯୋଜନା ଆରମ୍ଭ କରାଯାଇଛି ଯାହାଫଳରେ ଯୁବପିଢ଼ି ଜୀବିକା, ଶିକ୍ଷା, ଦକ୍ଷତା ବିକାଶ ଏବଂ ଆର୍ଥିକ ସହାୟତା ସହଜରେ ପାଇପାରିବେ। ଏହି ଉଦ୍ଦେଶ୍ୟକୁ ପୂରଣ ପାଇଁ 4500 ଯୁବ କ୍ଲବ୍ ପ୍ରତିଷ୍ଠା କରାଯାଉଛି।
- ଚଳିତ ବର୍ଷ ଆଠଟି ଯୋଜନା ଆରମ୍ଭ କରାଯିବ। ୟୁଥ୍ ଡାଟା ବ୍ୟାଙ୍କ ଅନ୍ତର୍ଗତ ଶିକ୍ଷା ଦକ୍ଷତାରେ ପଞ୍ଜୀକରଣ ପାଇଁ ଏକ ପୋର୍ଟାଲ, ପରିବହନ କ୍ଷେତ୍ରରେ ଯୋଗ୍ୟ ଯୁବକମାନଙ୍କୁ ଜୀବିକା ପ୍ରଦାନ କରିବା ଲାଗି 'ମୁମକିନ' ଅନ୍ତର୍ଗତ 250 ଯୁବକଙ୍କ ପଞ୍ଜୀକରଣ, 'ତେଜସ୍ୱିନୀ' ଅନ୍ତର୍ଗତ 200 ମହିଳାଙ୍କୁ ସୁବିଧା, କୋଚିଂ ପାଇଁ ଆଗ୍ରହୀ ଥିବା ଲୋକମାନଙ୍କ ପାଇଁ 'ପରୱାଜ୍', 'ଏଲଜି-75' ଯୋଜନା ଅନ୍ତର୍ଗତ 75 ଜଣ ଛାତ୍ରୀଙ୍କୁ ରାଜ୍ୟପାଳଙ୍କ ବୃତ୍ତି ଯୋଜନା ଏବଂ ପୁରସ୍କାର ପାଇଁ ବିଶ୍ୱବିଦ୍ୟାଳୟ ସହିତ ସହଭାଗିତାରେ 15ଟି ପ୍ରକଳ୍ପଗୁଡ଼ିକର ଚୟନ।
- ଭବିଷ୍ୟତରେ ବିଭିନ୍ନ କ୍ରୀଡ଼ା ଗତିବିଧିରେ ଅଂଶଗ୍ରହଣ କରିବା ଲାଗି 6 ଲକ୍ଷରୁ ଅଧିକ ଯୁବକଯୁବତୀ ପ୍ରସ୍ତୁତ ହେଉଛନ୍ତି। ପ୍ରାୟ 134ଟି କ୍ରୀଡ଼ା ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ହକି ଟର୍ଫ, ଆଥଲେଟିକ୍ ଟ୍ରାକ୍, ଇନଡୋର କ୍ରୀଡ଼ା ହଲ୍ ଆଦି ଖେଲୋ ଇଣ୍ଡିଆ ଯୋଜନାରେ ନିର୍ମାଣ କରାଯାଉଛି।
- ଯୁବକଙ୍କ ନିଯୁକ୍ତି ପାଇଁ ସର୍ବବୃହତ ନିଯୁକ୍ତି ଅଭିଯାନ କାର୍ଯ୍ୟକାରୀ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଏସଏସବି ପକ୍ଷରୁ 19,000 ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ 15,000 ଖାଲି ପଦବୀ ଚିହ୍ନଟ କରାଯାଇଛି।

ଉତ୍ତମ ପ୍ରଶାସନ ପାଇଁ ସଂସ୍କାର



ଇ-ଅଫିସର ପ୍ରୋତ୍ସାହନ ଜରିଆରେ ସମ୍ପୂର୍ଣ୍ଣ କାଗଜମୁକ୍ତ ପ୍ରଶାସନ ପାଇଁ ଏକ ଅଭିଯାନ ଆରମ୍ଭ କରାଯାଇଛି। ଜମ୍ମୁ ଓ କଶ୍ମୀର ଇତିହାସରେ ପ୍ରଥମ ଥର ପାଇଁ ଦେଢ଼ ଶହ ବର୍ଷ ପୁରୁଣା ଦରବାର ସ୍ଥାନାନ୍ତର ପ୍ରଥାର ଉଚ୍ଛେଦ କରାଯାଇଛି। ପୂର୍ବରୁ ଶୀତ ଋତୁରରେ ଜମ୍ମୁ ଛଅ ମାସ ଏବଂ ଗ୍ରୀଷ୍ମ ଋତୁରେ ଶ୍ରୀନଗରରେ ଛଅ ମାସ ପର୍ଯ୍ୟନ୍ତ ବିକଳ୍ପ ଭାବେ ରାଜଧାନୀ କାର୍ଯ୍ୟ ଚାଲୁଥିଲା, ସଚିବାଳୟର ସ୍ଥାନାନ୍ତର ପାଇଁ ସରକାରଙ୍କୁ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରିବାକୁ ପଡୁଥିଲା। ଇ-ଫାଇଲ ଓ ଇ-ଅଫିସର ପ୍ରଚଳନ କରାଯିବା ଫଳରେ 400 କୋଟି ଟଙ୍କା ସଞ୍ଚୟ କରାଯାଇପାରିଛି। ଗ୍ରାମାଞ୍ଚଳର ସର୍ବସାଧାରଣ ସ୍ଥାନରେ ୱାଇଫାଇ ସୁବିଧା ଯୋଗାଇ ଦେବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ଅଭିଯୋଗ ସମାଧାନ ବ୍ୟବସ୍ଥା-ଜେକେଆଇଗ୍ରାମ୍ସ ପ୍ରତିଷ୍ଠା କରାଯାଇଛି। ଏହି ଯୋଜନା, ସେପ୍ଟେମ୍ବର 2020ରେ ଶୁଭାରମ୍ଭ କରାଯାଇଥିଲା, ବର୍ତ୍ତମାନ ସୁଦ୍ଧା ଏଥିରେ 85,000ରୁ ଅଧିକ ଅଭିଯୋଗ ପଞ୍ଜୀକରଣ ହୋଇସାରିଛି। ଏହି ବ୍ୟବସ୍ଥା ଜରିଆରେ ସମାଧାନ ହାର 92 ପ୍ରତିଶତ ରହିଛି। ବିଗତ 8 ମାସ ମଧ୍ୟରେ ସମାଧାନ ହାର 52ରୁ 92 ପ୍ରତିଶତ ରହିଥିଲା।

ସେଓ ଏବଂ ପର୍ଯ୍ୟଟନ



ସେଓ ପାଇଁ ଏକ ବଜାର ହସ୍ତକ୍ଷେପ ଯୋଜନା ଆରମ୍ଭ କରାଯାଇଛି। ଡିବିଟି ମାଧ୍ୟମରେ ଅର୍ଥ ପଇଠ ଏବଂ କେନ୍ଦ୍ରୀୟ କ୍ରୟ ଏଜେନ୍ସି ଦ୍ୱାରା କ୍ରୟ ଫଳରେ ବଜାର ଦର ସ୍ଥିର ହୋଇପାରିଛି। କ୍ରେତା ସଂସ୍ଥା ପକ୍ଷରୁ ସେଓ ପରିବହନ କରିବ। ଏକ ହାରାହାରି ଆକଳନ ଅନୁଯାୟୀ 8000 କୋଟି ଟଙ୍କାର ସେଓ ରପ୍ତାନି ହେଉଛି ଏବଂ ପାଖାପାଖି 30 ଲକ୍ଷ ଲୋକ ଏହା ଦ୍ୱାରା ସିଧାସଳଖ ଉପକୃତ ହେଉଛନ୍ତି। ଆତଙ୍କବାଦୀ-ଉଗ୍ରବାଦୀଙ୍କ ଠାରୁ ମିଳୁଥିବା ଭୟରୁ ସୁରକ୍ଷା ଦେବା ଲାଗି ମୂଲ୍ୟ ଆଧାରିତ ଏମଆଇଏସ ଶୁଭାରମ୍ଭ କରାଯାଇଛି। କଶ୍ମୀରୀ କେଶରକୁ ଜିଆଇ ଟ୍ୟାଗ୍ ପ୍ରଦାନ କରାଯାଇଛି।

ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା



ମହିଳା ଉଦ୍ୟମୀଙ୍କ ପାଇଁ ଚଳିତ ବର୍ଷ ଜୁନ 29 ତାରିଖରେ 'ହୋସଲା' ନାମକ ଏକ ଯୋଜନା ଆରମ୍ଭ କରାଯାଇଥିଲା। ଏହା ଅଧୀନରେ, ଆର୍ଥିକ ସହାୟତା ପାଇବା, ନିଜ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ନୀତିଗତ ପ୍ରୋତ୍ସାହନ, ମିଶନ ୟୁଥ୍ ଅନ୍ତର୍ଗତ ସହାୟତା, ଇ-କମର୍ସ ପ୍ଲାଟଫର୍ମ ସହିତ ସେମାନଙ୍କୁ ଯୋଡ଼ିବା ଏବଂ ବଛା ବଛା ଉଦ୍ୟମୀମାନଙ୍କୁ ପ୍ରଦର୍ଶନୀରେ ଷ୍ଟଲ୍ ଯୋଗାଇ ଦେବା ନିମନ୍ତେ ଯୋଜନା କରାଯାଇଛି। ଜାତୀୟ ଜୀବିକା ମିଶନ ଅନ୍ତର୍ଗତ 46,000 ସ୍ୱୟଂ ସହାୟକ ଗୋଷ୍ଠୀରେ 4 ଲକ୍ଷରୁ ଅଧିକ ମହିଳା ଯୋଡ଼ି ହୋଇଛନ୍ତି। ଏହି ଗୋଷ୍ଠୀଗୁଡ଼ିକୁ 900 କୋଟି ଟଙ୍କାରୁ ଅଧିକ ଅର୍ଥ ଯୋଗାଇ ଦିଆଯାଇଛି।

ଶିକ୍ଷାକୁ ପ୍ରୋତ୍ସାହନ

ଜାତୀୟ ଶିକ୍ଷା ନୀତିକୁ କାର୍ଯ୍ୟକାରୀ କରିବା ଲାଗି ଏକ ଟାସ୍କଫୋର୍ସ ଗଠନ କରାଯାଇଛି। ଏକ କାର୍ଯ୍ୟଯୋଜନା ସହିତ ଏହା ଚଳିତ ବର୍ଷ ଅଗଷ୍ଟ ସୁଦ୍ଧା ନିଜର ସୁପାରିସ ରିପୋର୍ଟ ଦାଖଲ କରିବ। 20,000 ଅତିରିକ୍ତ ସିଟ୍ ସହିତ 50ଟି ନୂଆ ମହାବିଦ୍ୟାଳୟ ଖୋଲା ଯାଉଛି। ପ୍ରଥମ ଥର ଲାଗି ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାସ୍ଥ୍ୟ କାର୍ଡ ଯୋଜନା ଆରମ୍ଭ କରାଯାଇଛି; 12 ଲକ୍ଷ କାର୍ଡ ବର୍ତ୍ତମାନସୁଦ୍ଧା ଜାରି କରାଯାଇ ସାରିଲାଣି। 38,000 ଶିକ୍ଷକଙ୍କୁ ନିୟମିତ କରାଯାଇଛି ଏବଂ ଏକ ସ୍ୱଚ୍ଛ ବଦଳି ନୀତିକୁ ଗ୍ରହଣ କରାଯାଇଛି। 4,000ରୁ ଅଧିକ ବିଦ୍ୟାଳୟରେ ସୌର ବିଦ୍ୟୁତ ବ୍ୟବସ୍ଥା କରାଯାଇଛି ଏବଂ 607ଟି ଧନ୍ଦାମୂଳକ ପରୀକ୍ଷାଗାର ଖୋଲାଯାଇଛି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକକୁ ଡୋଗ୍ରୀ, ହିନ୍ଦୀ, କଶ୍ମୀରୀ ଏବଂ ଉର୍ଦ୍ଦୁ ଭାଷାରେ ଅନୁବାଦ କରାଯାଇଛି। ଆଠ ବର୍ଷ ପରେ 1700 ଅଧ୍ୟାପକଙ୍କୁ ଏବଂ 15 ବର୍ଷ ପରେ 1200 ଅଧ୍ୟକ୍ଷଙ୍କୁ ପଦୋନ୍ନତି ଦିଆଯାଇଛି।

କରାଯାଇଥିଲା। ସମ୍ବିଧାନର ଅନୁଚ୍ଛେଦ 370କୁ ଉଚ୍ଛେଦ କରି ଏହି ରାଜ୍ୟକୁ ଦୁଇଟି କେନ୍ଦ୍ର ଶାସିତ ପ୍ରଦେଶରେ ବିଭାଜିତ କରିବା ପ୍ରସ୍ତାବକୁ ସଂସଦ ଅନୁମୋଦନ କରିବା ପରେ ଏହା ସମ୍ଭବ ହୋଇପାରିଥିଲା। ଜମ୍ମୁ ଓ କଶ୍ମୀରର ବାସ୍ତବ ପରିଚୟ ହେଉଛି ଧାର୍ମିକ ସହନଶୀଳତା ଏବଂ ସୁଫି ପରମ୍ପରା। ବହୁ ଦଶନ୍ଧି ଧରି, ଏହି ଅଞ୍ଚଳ ବନ୍ଧୁକ, ବୋମା, ଆତଙ୍କବାଦ ଓ ବିଚ୍ଛିନ୍ନତାବାଦର ଅତ୍ୟାଚାର ସହିଆସିଛି। ତେବେ କେନ୍ଦ୍ର ସରକାର ବିଶେଷ ଭାବେ ଏହି ଅଞ୍ଚଳ ପାଇଁ ବିଭିନ୍ନ ନୀତି ଓ ଯୋଜନା କାର୍ଯ୍ୟକାରୀ କରିବା ଫଳରେ ଉଭୟ କେନ୍ଦ୍ରଶାସିତ ଅଞ୍ଚଳରେ ବିକାଶଧାରା ପୁଣିଥରେ ମାର୍ଗକୁ ଫେରିପାରିଛି। ବର୍ତ୍ତମାନ ଏହିସବୁ ଅଞ୍ଚଳରେ କେନ୍ଦ୍ର ସରକାରଙ୍କ ଯୋଜନାର ଲାଭ 90 ପ୍ରତିଶତରୁ ଅଧିକ ହାରରେ ମିଳିପାରୁଛି। ଜମ୍ମୁ ଓ



ସୀମା ପୁନଃନିର୍ଦ୍ଧାରଣ ଏବଂ ନିର୍ବାଚନ

ନିର୍ବାଚନ ଆୟୋଜନ ପାଇଁ ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି ଯାହାଫଳରେ ଏକ ନିର୍ବାଚିତ ସରକାର ଗଠନ କରାଯାଇପାରିବ। ଏହା କେବଳ ଗଣତନ୍ତ୍ରକୁ ସୁଦୃଢ଼ କରିବ ନାହିଁ ବରଂ ବିକାଶକୁ ମଧ୍ୟ ଗତିଶୀଳ କରିବ। ଏହି ସୀମା ପୁନଃନିର୍ଦ୍ଧାରଣ କାର୍ଯ୍ୟର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଅଞ୍ଚଳରେ ଯଥେଷ୍ଟ ରାଜନୈତିକ ପ୍ରତିନିଧିତ୍ୱ ଏବଂ ବିଧାନସଭାରେ ପ୍ରତ୍ୟେକ ବର୍ଗର ଉପସ୍ଥିତି ସୁନିଶ୍ଚିତ କରିବା। ବିଶେଷ କରି ଅନୁସୂଚିତ ଜାତି, ପଛୁଆ ବର୍ଗ ଏବଂ ଜନଜାତି କ୍ଷେତ୍ରର ଲୋକମାନଙ୍କୁ ସମାନ ପ୍ରତିନିଧିତ୍ୱ ପ୍ରଦାନ କରିବା। ଏହି ପରିପ୍ରେକ୍ଷୀରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୁନ 24 ତାରିଖରେ ଏହି ଅଞ୍ଚଳର ସମସ୍ତ ରାଜନୈତିକ ଦଳ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜନ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି କ୍ଷେତ୍ରରେ ତୃଣମୂଳସ୍ତରରୁ ଗଣତନ୍ତ୍ରକୁ ସୁଦୃଢ଼ କରିବା ହେଉଛି ତାଙ୍କର ପ୍ରାଥମିକତା। ପ୍ରଧାନମନ୍ତ୍ରୀ ଜମ୍ମୁ ଓ କଶ୍ମୀରର ନେତାମାନଙ୍କୁ କହିଥିଲେ ଯେ ଯୁବକମାନେ ଆଗକୁ ଆସି ନେତୃତ୍ୱ ନେବା ଆବଶ୍ୟକ। ଏହି ବୈଠକରେ ଉପସ୍ଥିତ ଥିବା କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଏହି ଅଞ୍ଚଳରେ ପରିସ୍ଥିତିରେ ଆସିଥିବା ସୁଧାର ସମ୍ପର୍କରେ ସମସ୍ତ ନେତାମାନଙ୍କୁ ଅବଗତ କରାଇଥିଲେ। ସବୁ ଦଳ ସେମାନଙ୍କର ମତାମତ ରଖିଥିଲେ। ପ୍ରଧାନମନ୍ତ୍ରୀ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିଶେଷ ଜୋର ଦେଇଥିଲେ। ଜମ୍ମୁ ଓ କଶ୍ମୀରରେ ତୃଣମୂଳସ୍ତରରେ ଗଣତନ୍ତ୍ରକୁ କାର୍ଯ୍ୟକାରୀ କରିବାକୁ ହେଲେ ପ୍ରତ୍ୟେକଙ୍କୁ ମିଳିତ ଭାବେ କାମ କରିବାକୁ ହେବ ଏବଂ ଏଥିପାଇଁ ଜନଭାଗିଦାରୀ ମାଧ୍ୟମରେ ଏକ ପରିବେଶ ସୃଷ୍ଟି କରାଯିବା ଆବଶ୍ୟକ। ପଞ୍ଚାୟତିରାଜ ଏବଂ ଅନ୍ୟ ସ୍ଥାନୀୟ ସଂସ୍ଥାଗୁଡ଼ିକର ନିର୍ବାଚନ ସଫଳତାପୂର୍ବକ ଆୟୋଜନ କରାଯିବା ଏବଂ ସୁରକ୍ଷା ପରିଦୃଶ୍ୟରେ ସୁଧାର ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ସଦ୍ୟତମ ପ୍ରୟାସ କରାଯାଇଥିଲା। ପଞ୍ଚାୟତ ନିର୍ବାଚନ ପରେ, ପାଖାପାଖି 12,000 କୋଟି ଟଙ୍କା ସିଧାସଳଖ ପଞ୍ଚାୟତଗୁଡ଼ିକୁ ପହଞ୍ଚିପାରିଛି। ଏହା ଗ୍ରାମାଞ୍ଚଳରେ ବିକାଶର ଗତିକୁ ତ୍ୱରାନ୍ୱିତ କରିଛି।

କଶ୍ମୀରରେ 76% କୋଭିଡ ଟିକାକରଣ ହୋଇସାରିଥିବା ବେଳେ ଚାରିଟି ଜିଲ୍ଲାରେ ଶତପ୍ରତିଶତ ଟିକାକରଣ କରାଯାଇସାରିଛି। ନୂତନ ଜମ୍ମୁ-କଶ୍ମୀର ଓ ଲଦାଖର ବିକାଶ ଗତି ବାସ୍ତବରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସେହି ଉକ୍ତିକୁ ପ୍ରମାଣିତ କରିଛି ଯାହାକୁ ସେ ସଂସଦରେ କହିଥିଲେ ଯେ ଅନୁଚ୍ଛେଦ 370 ଏକ ଐତିହାସିକ ଭୁଲ ଥିଲା ଯାହାକୁ ରାଷ୍ଟ୍ରର ବାସ୍ତବ ଏକତ୍ରୀକରଣ ନିମନ୍ତେ 5 ଅଗଷ୍ଟ 2019ରେ ସଂଶୋଧନ କରାଯାଇଛି। ପୂର୍ବରୁ ପୁଲୱାମା କହିଲେ ଆତଙ୍କବାଦର ସ୍ମୃତି ତାଜା ହୋଇଯାଉଥିଲା, ଆଜି ସେହି ଅଞ୍ଚଳର ଉଖୁ ଗ୍ରାମର ପେନସିଲ ସାରା ଦେଶରେ ପିଲାମାନଙ୍କ ଶିକ୍ଷା କ୍ଷେତ୍ରରେ ଗ୍ରହଣୀୟ ହୋଇଛି। ଜମ୍ମୁ-କଶ୍ମୀର ଓ ଲଦାଖ ବର୍ତ୍ତମାନ ଏକ ନୂତନ ସୂର୍ଯ୍ୟୋଦୟ, ଉନ୍ନତ

ଏକ ରାଷ୍ଟ୍ର, ଏକ ବ୍ୟବସ୍ଥା

ଭାରତର ଯୁବପିଢ଼ି କେବଳ ଭଲ ସହର ଚାହାଁନ୍ତି ନାହିଁ; ସେମାନେ ଭଲ ଗ୍ରାମ ଏବଂ ସହର ଉଭୟ ଚାହାଁନ୍ତି। କେନ୍ଦ୍ରୀକୃତ ବ୍ୟବସ୍ଥା ଫଳରେ ବିଭାଜିତ ହୋଇ ରହିଥିବା ସୁବିଧାଗୁଡ଼ିକର ଏକତ୍ରୀକରଣ ହୋଇପାରିଛି। ଅନ୍ୟ ଅର୍ଥରେ କହିବାକୁ ଗଲେ, ଏକ ରାଷ୍ଟ୍ର, ଏକ ବ୍ୟବସ୍ଥା! ଜନସାଧାରଣଙ୍କ ଜୀବନକୁ ଆରାମଦାୟକ ଏବଂ ନିରାପଦ କରିବା ଲାଗି ବିଗତ 7 ବର୍ଷ ମଧ୍ୟରେ କେନ୍ଦ୍ର ସରକାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି।



- **ଏକ ରାଷ୍ଟ୍ର, ଏକ ଯାତ୍ରା କାର୍ଡ**
  ଜାତୀୟ କମନ ମୋବିଲିଟି (ଯାତ୍ରା) କାର୍ଡ (ଏନସିଏମସି) ବିଭିନ୍ନ ମାଧ୍ୟମରେ ଯାତ୍ରା ସୁବିଧା ପ୍ରଦାନ କରିବ। ଏହି ଗୋଟିଏ କାର୍ଡ ମାଧ୍ୟମରେ ସାରା ଦେଶରେ ମେଟ୍ରୋ, ବସ, କ୍ୟାବ୍, ମୋନୋରେଲ ଏବଂ ସମସ୍ତ ସହରାଞ୍ଚଳ ରେଳରେ ଯାତ୍ରା କରିବାର ସୁବିଧା ମିଳିବ।

- **ଏକ ରାଷ୍ଟ୍ର, ଏକ କୃଷି ବଜାର**
  ନୂତନ କୃଷି ସଂସ୍କାର ଏବଂ ଇ-ନାମ୍ ଜରିଆରେ ଦେଶ ଏକ ରାଷ୍ଟ୍ର, ଏକ କୃଷି ବଜାର ଦିଗରେ ଅଗ୍ରସର ହେଉଛି।

- **ଏକ ରାଷ୍ଟ୍ର ଏକ ରାସନ କାର୍ଡ**
  ଏହି ଯୋଜନାର ଲକ୍ଷ୍ୟ ହେଉଛି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନଏଫଏସଏ) ଅନ୍ତର୍ଗତ ଦେଶବ୍ୟାପୀ ପୋର୍ଟେବଲିଟି ଜରିଆରେ ଦେଶର ଯେକୌଣସି ସ୍ଥାନରେ ସମସ୍ତ ପ୍ରବାସୀ ହିତାଧିକାରୀମାନଙ୍କୁ ସବସିଡିଯୁକ୍ତ ଖାଦ୍ୟ ଶସ୍ୟ ବାଧାମୁକ୍ତ ଭାବେ ଯୋଗାଇ ଦେବା।

ଆଜି ପ୍ରତ୍ୟେକ ଭାରତୀୟ କହିପାରିବେ ଯେ ଏକ ରାଷ୍ଟ୍ର ଓ ଏକ ସମ୍ବିଧାନ। ଆମେ ସର୍ଦ୍ଦାର (ବଲ୍ଲଭଭାଇ ପଟେଲ)ଙ୍କ ଏକ ଭାରତ ଶ୍ରେଷ୍ଠ ଭାରତ ସ୍ୱପ୍ନକୁ ସାକାର କରିପାରିଛୁ। ଆମେ ଏପରି ଏକ ବ୍ୟବସ୍ଥା ବିକଶିତ କରିବା ଉଚିତ୍ ଯାହା ଦେଶର ଏକତାକୁ ସୁଦୃଢ଼ କରିବ ଏବଂ ଏହି ପ୍ରକ୍ରିୟା ନିରନ୍ତର ଭାବେ ଜାରି ରହିବା ଆବଶ୍ୟକ।

ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

- **ଏକ ରାଷ୍ଟ୍ର, ଏକ ପାୱାର ଗ୍ରୀଡ୍**
  ବିଦ୍ୟୁତ ଶକ୍ତି କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଯାହାକି ଭାରତର ମୁଖ୍ୟଭୂଖଣ୍ଡରେ ଉତ୍ପାଦିତ ବିଦ୍ୟୁତ ଶକ୍ତିର ଉପଯୋଗ ଯେକୌଣସି ସ୍ଥାନରେ ଚାହିଦା ଅନୁସାରେ ସୁନିଶ୍ଚିତ କରିବ।



- **ଏକ ରାଷ୍ଟ୍ର, ଏକ ଗ୍ୟାସ ଗ୍ରୀଡ୍**
  ଦେଶର ସମସ୍ତ ଭାଗରେ ବାଧାମୁକ୍ତ ଗ୍ୟାସ ସଂଯୋଗ ସୁନିଶ୍ଚିତ କରିବା ଲାଗି ଆଞ୍ଚଳିକ ଗ୍ରୀଡ୍‌ଗୁଡ଼ିକୁ ଯୋଡ଼ି ଏକ ଜାତୀୟ ଗ୍ରୀଡ୍ ପ୍ରତିଷ୍ଠା କରାଯିବ।

- **ଏକ ରାଷ୍ଟ୍ର, ଏକ ସ୍ୱାସ୍ଥ୍ୟ ବୀମା**
  ଦେଶର ଯେକୌଣସି ସ୍ଥାନରେ 50 କୋଟି ଲୋକଙ୍କୁ 5 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମାର ଲାଭ।

- **ଏକ ରାଷ୍ଟ୍ର, ଏକ ଫାସ୍‌ଟ୍ୟାଗ୍**
  ଏହି ଯୋଜନାର ଲକ୍ଷ୍ୟ ହେଉଛି ଡିଜିଟାଲ ମାଧ୍ୟମରେ ଟୋଲ୍ ସଂଗ୍ରହ ଏବଂ ସାରା ଭାରତରେ ବାହନଗୁଡ଼ିକର ବାଧାମୁକ୍ତ ଯାତାୟାତ।

- **ଏକ ରାଷ୍ଟ୍ର, ଏକ ଟିକସ**
  ବସ୍ତୁ ଓ ସେବା ଟିକସ (ଜିଏସଟି) ମାଧ୍ୟମରେ 'ଏକ ରାଷ୍ଟ୍ର, ଏକ ଟିକସ'ର ସ୍ୱପ୍ନ ସାକାର ହୋଇପାରିଛି।

- **ଏକ ରାଷ୍ଟ୍ର, ଏକ ପରୀକ୍ଷା**
  ଜାତୀୟ ନିଯୁକ୍ତି ଏଜେନ୍ସି ଜରିଆରେ ଅଧିକାଂଶ ସରକାରୀ ଚାକିରି ପାଇଁ ପ୍ରାର୍ଥୀ ଚୟନ କରିବା ନିମନ୍ତେ ଗୋଟିଏ ବାଧାମୁକ୍ତ ଅନଲାଇନ ଯୋଗ୍ୟତା ପରୀକ୍ଷା।

ଭବିଷ୍ୟତ ପାଇଁ ପ୍ରସ୍ତୁତ ହୋଇସାରିଛନ୍ତି। ପାର୍ଲାମେଣ୍ଟରେ କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ, ସମ୍ବିଧାନର ୩୭୦ ଧାରା ଏକ ଐତିହାସିକ ଭୁଲ ଥିଲା । ୨୦୧୯ ଅଗଷ୍ଟ ୫ ତାରିଖରେ ଦେଶର ପ୍ରକୃତ ଅଖଣ୍ଡତା ରକ୍ଷା ପାଇ ଏହାକୁ ସଂଶୋଧନ କରାଯାଇଛି । ଏକଦା ପୁଲୱାମା ଆତଙ୍କବାଦର କେନ୍ଦ୍ର ଥିଲା । ଆଜି ଏଠାରେ ଉକ୍କଖୁ ଗ୍ରାମର ପ୍ରସ୍ତୁତ ପେନସିଲ ସମଗ୍ର ଦେଶରେ ଶିଶୁମାନଙ୍କ ନିକଟରେ ଶିକ୍ଷାର ସନ୍ତକ ଭାବରେ ସ୍ୱୀକୃତି ପାଇଛି। ଜମ୍ମୁ କଶ୍ମୀର ଏବଂ ଲଦାଖ ଉତ୍ତମ ଆସନ୍ତା କାଲି ଦେଖିବାକୁ ସୂର୍ଯ୍ୟୋଦୟ ଅପେକ୍ଷା କରିଛି । ■

ଏକ ଲକ୍ଷ୍ୟ- ଏକ ଦିଶା
ସାମଗ୍ରିକ ବିକାଶର ଧାରା ଆରମ୍ଭ

ନୂତନ ଭାରତ

ଭାରତକୁ ଏକ ନୂତନ ଶୀର୍ଷରେ ପହଞ୍ଚାଇବା ଏବଂ ଦେଶରେ ବିକାଶର ଧାରାକୁ ନିରନ୍ତର ଭାବେ ଜାରି ରଖିବାର ଲକ୍ଷ୍ୟ ହାସଲ ନିମନ୍ତେ ନିର୍ଦ୍ଧାରିତ ଏହି ଭିଜନ୍‌ରେ ରାଷ୍ଟ୍ରୀୟ ଭାବନାକୁ ପ୍ରେରଣାର ଉତ୍ସ, ଅନ୍ତ୍ୟୋଦୟକୁ ଆଦର୍ଶ ଏବଂ ସୁଶାସନକୁ ମନ୍ତ୍ର ରୂପେ ଗ୍ରହଣ କରାଯାଇଛି । ପ୍ରଥମ ଥର ପାଇଁ କୌଣସି ଏକ କେନ୍ଦ୍ର ସରକାର ସାମଗ୍ରିକ ଓ ସମାବେଶୀ ବିକାଶକୁ ନିଷ୍ଠାର ସହ କାର୍ଯ୍ୟକାରୀ କରିବା ଲାଗି ଏଭଳି ପ୍ରୟାସ କରିଛି । ଏଭଳି ଯୋଜନାକୁ କାର୍ଯ୍ୟକାରୀ କରି ସରକାର ୨୦୨୨ ମସିହାରେ ଦେଶ ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶର ସେହି ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ୱପ୍ନକୁ ସାକାର କରିବା ନିମନ୍ତେ କାର୍ଯ୍ୟ କରୁଛନ୍ତି ଯେଉଁମାନେ ଦେଶ ପାଇଁ ସେମାନଙ୍କର ଜୀବନ ଦାନ କରିଛନ୍ତି । ଏହି ସଂକଳ୍ପକୁ ହାସଲ କରିବା ଲାଗି ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ପାଳନ ଅବସରରେ କେନ୍ଦ୍ର ସରକାର ୭୫ଟି ଲକ୍ଷ୍ୟ ହାସଲ କରିବାକୁ ସ୍ଥିର କରିଛନ୍ତି । ସେହିସବୁ ଲକ୍ଷ୍ୟ ଦିଗରେ ଏବେ ନିଷ୍ଠାର ସହ ତଥା ପୂର୍ଣ୍ଣ ପ୍ରାଣରେ ସରକାର କାର୍ଯ୍ୟ ଆରମ୍ଭ କରିଛନ୍ତି । ଏହା ବିକାଶର ଧାରାକୁ ତ୍ୱରାନ୍ୱିତ କରିବା ସକାଶେ ଏକ ସୁଦୃଢ଼ ଭିତ୍ତିଭୂମି ଯୋଗାଇବ ଯଦ୍ୱାରା ଯେତେବେଳେ ଆମେ ସ୍ୱାଧୀନତାର ଶତବର୍ଷ ପୂର୍ତ୍ତି ପାଳନ କରିବା ସେତେବେଳେ ଆମେ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇସାରିଥିବା ।

ଯେକୌଣସି ସରକାରଙ୍କ ସକାଶେ ସାମଗ୍ରିକ ବିକାଶ ବେଶ୍ ଗୁରୁତ୍ୱପୂର୍ଣ୍ଣ ଓ ଅତ୍ୟାବଶ୍ୟକ ବୋଲି ବିବେଚନା କରାଯାଇଥାଏ । ସ୍ୱାଧୀନତା ପ୍ରାପ୍ତି ପରଠାରୁ ଯେକୌଣସି ସରକାରଙ୍କ ଦ୍ୱାରା ପ୍ରଥମ ଥର ପାଇଁ ଲୋକମାନଙ୍କ ନିକଟରେ ଉତ୍ତରଦାୟୀ ରହିବା ସକାଶେ ପ୍ରୟାସ କରାଯାଇଛି। ସେଥି ନିମନ୍ତେ ଶାସନ ଅବଧିର ମଧ୍ୟ ଭାଗରେ ଦେଶର ନାଗରିକମାନଙ୍କ ନିକଟରେ ସରକାର ନିଜର ରିପୋର୍ଟ କାର୍ଡ଼ ଉପସ୍ଥାପନ ନିମନ୍ତେ ସ୍ଥିର କରିଛନ୍ତି । ଭାରତକୁ ଏକ ସମୃଦ୍ଧ ରାଷ୍ଟ୍ରରେ ପରିଣତ କରିବା ଏବଂ ଦେଶର ନାଗରିକମାନଙ୍କୁ ସଶକ୍ତ କରିବା, ସରକାରୀ କାର୍ଯ୍ୟ ଓ ବିକାଶ ଧାରାରେ ଜନସାଧାରଣଙ୍କୁ ଅଧିକରୁ ଅଧିକ ମାତ୍ରାରେ ସାମିଲ କରିବା ତଥା ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଅଧିକ ଗୁରୁତ୍ୱ ଆରୋପ କରିବା ହେଉଛି ଭାରତର ମହତ୍ୱାକାଂକ୍ଷାର ମୂଳମନ୍ତ୍ର ଏବଂ ଏହି ପ୍ରକ୍ରିୟାରେ ୨୦୪୭ ମସିହା ସୁଦ୍ଧା ଯେତେବେଳେକି ଭାରତ ତା'ର ସ୍ୱାଧୀନତା ପ୍ରାପ୍ତିର ଶତବାର୍ଷିକୀ ପାଳନ କରିବ ସେତେବେଳେ ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ହେଉଛି ମୂଳ ଉଦ୍ଦେଶ୍ୟ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଭାଷାରେ, "ସ୍ୱାଧୀନ ଭାରତର ଇତିହାସରେ ପ୍ରଥମ ଥର ପାଇଁ ଆମେ ଆମର ବିକାଶ କାର୍ଯ୍ୟର ଏକ ମଧ୍ୟବର୍ତ୍ତୀ ରିପୋର୍ଟ ଦେଶବାସୀଙ୍କ ନିକଟରେ ଉପସ୍ଥାପନ କରିବାର ସାହସ କରିଛୁ । ୨୦୨୨ ମସିହାରେ, ଆମେ ଦେଶ ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଛୁ । ଏହି ଅବସରକୁ ପାଳନ କରିବା ନିମନ୍ତେ ଆମେ ୭୫ଟି ବିକାଶ ଲକ୍ଷ୍ୟ ହାସଲ ନିମନ୍ତେ ସ୍ଥିର କରିଛୁ ଏବଂ ସେହି ଦିଗରେ କାର୍ଯ୍ୟ କରିବୁ । ଏହା ଦ୍ୱାରା ଦେଶ ପାଇଁ ସ୍ୱାଧୀନତା ସଂଗ୍ରାମ କରି ପ୍ରାଣବଳି ଦେଇଥିବା ଆମର ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ୱପ୍ନ ସାକାର ହୋଇପାରିବ । ୭୫ଟି ବିକାଶ ପଦକ୍ଷେପ ଗ୍ରହଣ କରାଯିବ । ବାସ୍ତବ ପକ୍ଷେ, ଏକ ନୂତନ ଭାରତ ନିର୍ମାଣ ନିମନ୍ତେ ସରକାର ଅନେକ ଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି ଯେଉଁଥିପାଇଁ ଦେଶ ସ୍ୱାଧୀନତାର ୭୫ତମ ବର୍ଷପୂର୍ତ୍ତିକୁ ମନାଇବା ନିମନ୍ତେ ସେହି ୭୫ଟି ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ ଆରମ୍ଭ ହୋଇଛି । ତେବେ ଜଳ ଜୀବନ ମିଶନ ଯାହା ମାଧ୍ୟମରେ ସରକାର ଦେଶର ପ୍ରତ୍ୟେକ ପରିବାରଙ୍କ ନିକଟରେ ପାଇପ ଯୋଗେ ନିରାପଦ ପାନୀୟ ଜଳ ଯୋଗାଇ ଦେବାର ଲକ୍ଷ୍ୟ ରଖିଛନ୍ତି ।ସେହିଭଳି ଅନେକ ଯୋଜନାର ପୂର୍ଣ୍ଣ ସଫଳତା ହାସଲ ନିମନ୍ତେ ୨୦୨୪ ମସିହାକୁ ଧାର୍ଯ୍ୟ କରାଯାଇଛି । ସେପରି ସ୍ଥଳେ ଏହି ସ୍ୱାଧୀନତା ଦିବସ ଅବସରରେ, ଯେତେବେଳେ କି ଭାରତ ତା' ସ୍ୱାଧୀନତାର ୭୫ତମ ବର୍ଷରେ ପଦାର୍ପଣ କରୁଛି, ସେହି ୭୫ଟି ବିକାଶ ଲକ୍ଷ୍ୟ ଉପରେ ଦୃଷ୍ଟିପାତ କରାଯାଇଛି ଯାହାକି ହାସଲ କରାଯିବା ନିମନ୍ତେ ଦଶନ୍ଧି ଦଶନ୍ଧି ଧରି ଦେଶବାସୀ ଅପେକ୍ଷାରତ ଥିଲେ:



କୃଷକମାନଙ୍କ ପାଇଁ ନୂତନ ସୂର୍ଯ୍ୟୋଦୟ

୨୦୨୨ ସୁଦ୍ଧା କୃଷକମାନଙ୍କ ଆୟ ଦୁଇଗୁଣା ହେବ

ଦେଶର କୃଷକମାନଙ୍କୁ ଆତ୍ମନିର୍ଭରଶୀଳ କରାଯାଇ ପାରିଲେ ଆତ୍ମନିର୍ଭର ଭାରତ ମହତ୍ତ୍ୱାକାଂକ୍ଷାକୁ ବାସ୍ତବତାରେ ପରିଣତ କରାଯାଇପାରିବ । ଦେଶର କୃଷିକ୍ଷେତ୍ରର ଉନ୍ନତି ସାଧନ ନିମନ୍ତେ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ସେଥି ମଧ୍ୟରେ କୃଷକମାନଙ୍କ ଉତ୍ପାଦନ ମୂଲ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟକୁ ଦେଢ଼ଗୁଣ ବଢ଼ାଇ ଦିଆଯିବା ନିଷ୍ପତ୍ତି ଅନ୍ୟତମ । ଏହା ଫଳରେ ୨୦୨୨ ମସିହା ସୁଦ୍ଧା ଅନ୍ନଦାତା କୃଷକମାନଙ୍କ ଉପାର୍ଜନକୁ ଦ୍ୱିଗୁଣିତ କରାଯାଇ ପାରିବ । ଏହା ଫଳରେ ଏବେ କୃଷକମାନେ ଶିଳ୍ପସଂସ୍ଥାମାନଙ୍କ ପରି ଏଥିରୁ ସୁବିଧା ହାସଲ ସମେତ ଅନ୍ୟାନ୍ୟ ସମସ୍ତ ପ୍ରକାର ଢାଞ୍ଚାଗତ ସୁଫଳ ହାସଲ କରିପାରୁଛନ୍ତି । ସେହିଭଳି କୃଷକମାନଙ୍କୁ ମଧ୍ୟସ୍ଥି ଦଲାଲମାନଙ୍କ କବଳରୁ ମୁକ୍ତ କରିବା ନିମନ୍ତେ ଏବଂ ସେମାନଙ୍କର ନିଜ ଇଚ୍ଛାନୁସାରେ ଦେଶର ଯେକୌଣସି ସ୍ଥାନରେ ନିଜର ଉତ୍ପାଦିତ ଦ୍ରବ୍ୟକୁ ବିକ୍ରୟ କରିବା ନିମନ୍ତେ ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି ।

ପ୍ରତିବଦ୍ଧତା 01

କୃଷକମାନଙ୍କ ପାଇଁ ଏମଏସପି ବୃଦ୍ଧି କରାଯାଇଛି ଯଦ୍ୱାରା ସରକାର ଏହାର ସଂଗ୍ରହ ବୃଦ୍ଧି କରିପାରିବେ ।

ପ୍ରଗତି : ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି)କୁ ଦେଢ଼ ଗୁଣ ବୃଦ୍ଧି କରାଯାଇଛି । ସର୍ବନିମ୍ନ ସହାୟକ ବ୍ୟବସ୍ଥା ପୂର୍ବଭଳି ଜାରି ରହିବ । କୃଷକମାନଙ୍କ ଉପାର୍ଜନକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ମୋଦୀ ସରକାର କୃଷି ଉତ୍ପାଦନ ମୂଲ୍ୟରେ ଏମଏସପିକୁ ୧.୫ ଗୁଣ ବଢ଼ାଇ ଦେଇଛନ୍ତି ।

ପ୍ରତିବଦ୍ଧତା 02

ଦେଶରେ ଆଉ ଦଶ ହଜାର କୃଷି ଉତ୍ପାଦ ସଂଗଠନ (ଇପିଓ) ଗଠନ କରିବା ନିମନ୍ତେ ସହାୟତା ପ୍ରଦାନ

ପ୍ରଗତି : ଦେଶର ପ୍ରାୟ ୮୬ ପ୍ରତିଶତ କୃଷକ କ୍ଷୁଦ୍ର ଓ ନାମମାତ୍ର ବର୍ଗର ଯାହାଙ୍କ ନିକଟରେ ମୋଟ ଚାଷଜମିର ପରିମାଣ ୧.୧ ହେକ୍ଟରରୁ କମ୍ । ସେଥିପାଇଁ କ୍ଷୁଦ୍ର, ନାମମାତ୍ର ଏବଂ ଭୂମିହୀନ କୃଷକମାନଙ୍କୁ ସହାୟତା ପ୍ରଦାନ ନିମନ୍ତେ କେନ୍ଦ୍ର ସରକାର ୬୮୬୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି ଯାହାକି ସେମାନଙ୍କୁ ଅତିରିକ୍ତ ୧୦,୦୦୦ ଏଫପିଓ ଗଠନ କରିବା ଦିଗରେ ସହାୟକ ହୋଇପାରିବ । ଏହି ସଂଗଠନମାନଙ୍କ ମାଧ୍ୟମରେ ସେମାନେ ନିଜର ମତକୁ ଉପଯୁକ୍ତ ଭାବେ ଉପସ୍ଥାପନ କରିପାରିବେ । 'ଏକ ଜିଲ୍ଲା, ଏକ କ୍ଲଷ୍ଟର ପ୍ରୟାସ' ମାଧ୍ୟମରେ ଏଭଳି ଏଫପିଓ ଗଠନକୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ।

ପ୍ରତିବଦ୍ଧତା 03

କୃଷକମାନଙ୍କୁ ୬୦ ବର୍ଷ ହେବା ପରେ ସେମାନଙ୍କୁ ସାମାଜିକ ନିରାପତ୍ତା ପ୍ରଦାନର ବ୍ୟବସ୍ଥା କରାଯାଇଛି ଏବଂ ଏଥି ନିମନ୍ତେ ନାମମାତ୍ର ଚାଷୀମାନଙ୍କ ସକାଶେ ପେନସନ୍‌ର ପ୍ରାବଧାନ କରାଯାଇଛି।

ପ୍ରଗତି : ପ୍ରଧାନମନ୍ତ୍ରୀ କିଷାନ ମାନଧନ ଯୋଜନା ଅଧୀନରେ କୃଷକମାନଙ୍କ ସକାଶେ ମାସିକ ୩୦୦୦ ଟଙ୍କାର ପେନସନ୍ ଯୋଜନା ଲାଗୁ କରାଯାଇଛି ଯାହାକି ସେମାନେ ୬୦ ବର୍ଷ ଆୟୁ ପୂରଣ ହେବାମାତ୍ରେ ପାଇପାରିବେ । ଏହି ଯୋଜନା ସକାଶେ କୃଷକ ଓ ସରକାରଙ୍କୁ ସମାନ ଭାବେ ପ୍ରିମିୟମ୍ ପୈଠ କରିବାକୁ ପଡ଼ିବ ।

ପ୍ରତିବଦ୍ଧତା 04

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଜରିଆରେ ଦେଶର ପ୍ରତ୍ୟେକ କୃଷକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା

ପ୍ରଗତି : ସମ୍ମାନ ନିଧି ଯୋଜନା କୃଷକମାନଙ୍କ ନିମନ୍ତେ ଏକ ଆଶୀର୍ବାଦ ଭାବେ ସାବ୍ୟସ୍ତ ହୋଇପାରିଛି ଯାହା ମାଧ୍ୟମରେ ସେମାନେ ବର୍ଷକୁ ତିନି ଥର ୨ ହଜାର ଟଙ୍କା ଲେଖାଏଁ ସହାୟତା ପାଇପାରୁଛନ୍ତି । ଏହି ସହାୟତା ରାଶି ସେମାନଙ୍କ ବ୍ୟାଙ୍କ ଜମାଖାତାରେ ସିଧାସଳଖ ଭାବେ ପୈଠ କରାଯାଉଛି । ୨୦୧୮ ମସିହା ଡିସେମ୍ବର ୧ ତାରିଖ ଦିନ ଏହି ଯୋଜନାର ଶୁଭାରମ୍ଭ ହେବା ଦିନଠାରୁ ଦେଶର ୧୧ କୋଟିରୁ ଅଧିକ କୃଷକଙ୍କ ଜମାଖାତାରେ ମୋଟ ୧ ଲକ୍ଷ ୩୫ ହଜାର କୋଟି ଟଙ୍କା ପୈଠ କରାଯାଇ ସାରିଛି ।



ପ୍ରତିବନ୍ଧତା 05 ଇ- ନାମ୍ ଏବଂ ଜିଆରଏଏମ ମାଧ୍ୟମରେ ଦେଶରେ ପର୍ଯ୍ୟାପ୍ତ ବଜାର ସୁବିଧା ସୃଷ୍ଟି

ପ୍ରଗତି : ମୋଟ **୧.୧୩ ଲକ୍ଷ କୋଟି** ଟଙ୍କାରୁ ଅଧିକ ମୂଲ୍ୟର କାରବାର ନିମନ୍ତେ ସୁବିଧାକରଣ

୧.୭୩ କୋଟିରୁ ଅଧିକ କୃଷକ, ବ୍ୟବସାୟୀଙ୍କ ନାମ ଏଥିରେ ପଞ୍ଜୀକରଣ କରାଯାଇଛି ।

'ଏକ ରାଷ୍ଟ୍ର, ଏକ ବଜାର ବ୍ୟବସ୍ଥା' ନିମନ୍ତେ ସଂସଦରେ ଆଇନ୍ ପ୍ରଣୀତ ହୋଇଛି । ଏହାର କାର୍ଯ୍ୟ ପରିସରକୁ ୧୦୦୦ ଏପିଏମସି ବଜାର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

ପ୍ରତିବନ୍ଧତା 06

ଅଧିକ ଫସଲ କ୍ଷେତକୁ ଜଳସେଚନ ବ୍ୟବସ୍ଥା

ପ୍ରଗତି : ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼, ଅଧିକ ଚାଷଜମିକୁ ଜଳସେଚନ ସୁବିଧା, ଶସ୍ୟବୀମା ବ୍ୟବସ୍ଥା ଭଳି ଅନେକ ପ୍ରୟାସ ମାଧ୍ୟମରେ ଦେଶରେ ଖରାଦିନିଆ ଚାଷ ଜମି କ୍ଷେତ ପରିମାଣ ଏପ୍ରିଲ ୨୩, ୨୦୨୧ ତାରିଖ ସୁଦ୍ଧା ୭୩.୭୭ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଛି ଯାହାକି ଏକ ବର୍ଷ ପୂର୍ବରୁ ୬୦.୬୭ ଲକ୍ଷ ହେକ୍ଟର ଥିଲା । ଅପର ପକ୍ଷରେ ଡାଲିଜାତୀୟ ଶସ୍ୟ ଚାଷ କ୍ଷେତ୍ର ପରିମାଣ ୬.୪୫ ଲକ୍ଷ ହେକ୍ଟରୁ ୧୨.୭୫ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଛି ଏବଂ ତାହା ୧୦୦ ପ୍ରତିଶତ ବୃଦ୍ଧି ବୋଲି କୁହାଯାଇପାରେ । ସେହିଭଳି ତୈଳବୀଜ ଚାଷ ଜମି ପରିମାଣ ୯.୦୩ ଲକ୍ଷ ହେକ୍ଟରରୁ ୧୦.୪୫ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଛି ।

ଦେଶରେ ଧାନଚାଷ କ୍ଷେତ ପରିମାଣ ୩୯.୧୦ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଛି ଯାହାକି ପୂର୍ବ ବର୍ଷ ତୁଳନାରେ ପ୍ରାୟ ୧୬ ପ୍ରତିଶତ ଅଧିକ ବୋଲି ଜଣାପଡ଼ିଛି ।

ପ୍ରତିବନ୍ଧତା 07 ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନା ଅଧୀନରେ ଦେଶର ସମସ୍ତ ଜଳସେଚନ ପ୍ରକଳ୍ପକୁ ସଂପୂର୍ଣ୍ଣ କରାଯାଉଛି ।

ପ୍ରଗତି : ୨୦୧୫-୧୬ ମସିହା ଠାରୁ ଏକ କେନ୍ଦ୍ର ପ୍ରାୟୋଜିତ କାର୍ଯ୍ୟକ୍ରମ " ପ୍ରତି ବୁନ୍ଦା, ଅଧିକ ଶସ୍ୟ"କୁ ଦେଶର ପ୍ରତ୍ୟେକ ରାଜ୍ୟରେ ପ୍ରବର୍ତ୍ତନ କରାଯାଉଛି । କୃଷି କ୍ଷେତରେ ଜଳର ସର୍ବାଧିକ ଓ ସକ୍ରିୟ ଉପଯୋଗ ବୃଦ୍ଧି କରିବା ସକାଶେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ କୃଷକମାନଙ୍କ ନିମନ୍ତେ ମାଇକ୍ରୋ ଜଳସେଚନ ସୁବିଧା ମଧ୍ୟ ଉପଲବ୍ଧ କରାଯାଉଛି । ଏହି ଉଦ୍ଦେଶ୍ୟରେ ନାବାର୍ଡ ପକ୍ଷରୁ ଏକ ମାଇକ୍ରୋ- ଜଳସେଚନ ପାଣ୍ଠି ସୃଷ୍ଟି କରାଯାଇଛି । ଏହା ଅଧୀନରେ, ବିଭିନ୍ନ ପ୍ରକଳ୍ପମାନଙ୍କୁ ୩୯୭୦.୧୭ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି । ସେହିସବୁ ଋଣ ଆନ୍ଧ୍ର ପ୍ରଦେଶ, ଗୁଜରାଟ, ତାମିଲ ନାଡୁ, ହରିଆନା, ପଶ୍ଚିମ ବଙ୍ଗ, ପଞ୍ଜାବ ଓ ଉତ୍ତରାଖଣ୍ଡ ରାଜ୍ୟଙ୍କୁ ପ୍ରଦାନ କରାଯାଇଛି । ଏହି ପ୍ରୟାସ ଜରିଆରେ, ୧୨.୮୩ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଅଧୀନକୁ ଅଣାଯାଇପାରିବ ।

ପ୍ରତିବନ୍ଧତା 08 ସହଜରେ ଏବଂ ସର୍ବନିମ୍ନ ସୁଧ ହାରରେ ଋଣ ଯୋଗାଣର ବ୍ୟବସ୍ଥା

ପ୍ରଗତି : ୨୦୨୧-୨୨ ଆର୍ଥିକ ବର୍ଷରେ ମୋଟ ୧୬.୫୦ ଲକ୍ଷ କୋଟି ଟଙ୍କାର ଗ୍ରାଉଣ୍ଡ ଲେଭଲ କ୍ରେଡ଼ିଟ୍ (ଜିଏଲସି) ଯୋଗାଇ ଦିଆଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହା ଫଳରେ ଦେଶର ପ୍ରତ୍ୟେକ କୃଷକଙ୍କୁ ଆନୁଷ୍ଠାନିକ ଋଣ ବ୍ୟବସ୍ଥା ସହ ଯୋଡ଼ିବାର ଉଦ୍ଦେଶ୍ୟ ରହିଛି । ୨-୧୩-୧୪ ଆର୍ଥିକ ବର୍ଷ ସହ ୨୦୧୯-୨୦ ଆର୍ଥିକ ବର୍ଷ ତୁଳନାରେ ଏହି ଲକ୍ଷ୍ୟକୁ ୭ ଲକ୍ଷ କୋଟି ଟଙ୍କାରୁ ୧୩.୫୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଏଥି ନିମନ୍ତେ ୨୦୨୦ ମସିହା ଫେବୃଆରୀ ମାସଠାରୁ ଏକ ବିଶେଷ ଅଭିଯାନ ଆରମ୍ଭ କରାଯାଇଛି ଯାହାକି କିଷାନ କ୍ରେଡ଼ିଟ୍ କାର୍ଡ଼ (କେସିସି) ଅଧୀରେ ରଖାଯାଇଛି । ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ନାବାର୍ଡ ଠାରୁ ପ୍ରାପ୍ତ ତଥ୍ୟ ସୂଚନା ଅନୁସାରେ, ସାରା ଦେଶର କୃଷକମାନଙ୍କ ନିମନ୍ତେ ୨୦୨୧ ମସିହା ଜାନୁଆରୀ ୨୯ ତାରିଖ ସୁଦ୍ଧା ୧୮୭.୦୩ ଲକ୍ଷ କେସିସି ମଞ୍ଜୁର କରାଯାଇଛି । ଏହି ଅଭିଯାନ ମାଧ୍ୟମରେ ସେମାନଙ୍କୁ ମୋଟ ୧.୭୬ ଲକ୍ଷ କୋଟି ଟଙ୍କା ଯୋଗାଇ ଦିଆଯାଇଛି ।

“ପୂର୍ବରୁ ବିହନ ଓ ଅନ୍ୟାନ୍ୟ କୃଷି ସାମଗ୍ରୀ କିଣିବା ସକାଶେ ମୋତେ ଋଣ ନେବାକୁ ପଡୁଥିଲା । କିନ୍ତୁ ଏବେ ସେ ଅବସ୍ଥା ବଦଳି ସାରିଛି ।” ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ମାଧ୍ୟମରେ ମିଳୁଥିବା ଆର୍ଥିକ ସହାୟତା ଯୋଗୁ, ଏବେ ମୋତେ ଆଉ ଋଣ ନେବାକୁ ପଡୁନାହିଁ । କୃଷକମାନଙ୍କ କଲ୍ୟାଣ ନିମନ୍ତେ ଏଭଳି ପଦକ୍ଷେପ ଗ୍ରହଣ କରିଥିବାରୁ ପ୍ରଧାନମନ୍ତ୍ରୀ ମହୋଦୟଙ୍କୁ ଅଶେଷ ଧନ୍ୟବାଦ ।

-ନରେଶ, ଜମ୍ମୁ
ଜିଲ୍ଲା ରାଏସୀ ଅଞ୍ଚଳର ବାସିନ୍ଦା

ପ୍ରତିବଦ୍ଧତା 09

କୃଷି କ୍ଷେତ୍ର ନିମନ୍ତେ ଭିତ୍ତିଭୂମି ସୁବିଧାର

ପ୍ରଗତି ! ଏହି ଲକ୍ଷ୍ୟକୁ ସାକାର କରିବା ନିମନ୍ତେ ଏକ ଲକ୍ଷ ଟଙ୍କାର ଆଗ୍ରି ଇନଫ୍ରା ପାଣ୍ଠି ଗଠନ କରାଯାଇଛି । ଏହା ଫଳରେ ଶିଳ୍ପସଂସ୍ଥାମାନଙ୍କ ପରି କୃଷିର ବିକାଶ ଘଟାଯିବ ଯଦ୍ୱାରା ଅମଳ ପରବର୍ତ୍ତୀ ପରିଚାଳନା ନିମନ୍ତେ ଉତ୍ତମ ଭିତ୍ତିଭୂମି ଉପଲବ୍ଧ ହେବ ଏବଂ କୋଠ ଚାଷ ସଂପଦ ସୃଷ୍ଟି ଏବଂ ତାହାର ବିକାଶ ଘଟିପାରିବ । ଉଦାହରଣ ସ୍ୱରୂପ, କୃଷିକ୍ଷେତ୍ର ନିକଟରେ ଶୀତଳ ଭଣ୍ଡାରମାନ ପ୍ରତିଷ୍ଠା କରାଯିବ । ଏଥିପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାକୁ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି ଯଦ୍ୱାରା ବର୍ଷର ଯେକୌଣସି ଋତୁରେ ଟ୍ରାଫିକ୍ ପରିବହନ ବ୍ୟବସ୍ଥା ଅବ୍ୟାହତ ରହିବ । ଏବେ ଦେଶରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାର ତୃତୀୟ ପର୍ଯ୍ୟାୟ ଆରମ୍ଭ କରାଯାଇଛି । ଦେଶର ୧ ଲକ୍ଷ ୨୫ ହଜାର କିଲୋମିଟର ଗ୍ରାମାଞ୍ଚଳ ସଡକର ସୁଦୃଢ଼ୀକରଣ ନିମନ୍ତେ ୮୦ ହଜାର କୋଟିରୁ ଅଧିକ ରାଶି ଯୋଗାଇ ଦିଆଯାଇଛି ।



ପ୍ରତିବଦ୍ଧତା 10

ମଧୁ ବିପ୍ଳବକୁ ପ୍ରୋତ୍ସାହନ ପ୍ରଦାନ ଯଦ୍ୱାରା ସହାୟକ କୃଷି କ୍ଷେତ୍ର ଉପରେ ଗୁରୁତ୍ୱ ପ୍ରଦାନ ଦ୍ୱାରା କୃଷକମାନଙ୍କ ଆୟ ଦ୍ୱିଗୁଣିତ ହୋଇପାରିବ ।

ପ୍ରଗତି ! ଆତ୍ମନିର୍ଭର ଭାରତ ଅଭିଯାନ ଅଧୀନରେ ୨୦୨୦ ମସିହା ଜୁନ ମାସରେ ରାଷ୍ଟ୍ରୀୟ ମଧୁମକ୍ଷୀ ମିଶନ ଆରମ୍ଭ କରାଯାଇଥିଲା ।

ଏହି କ୍ଷେତ୍ରର ସାମର୍ଥ୍ୟକୁ ହାସଲ କରିବା ନିମନ୍ତେ ୨୦୨୦- ୨୩ ଅବଧି ନିମନ୍ତେ ୫୦୦ କୋଟି ଟଙ୍କା ଯୋଗାଇ ଦିଆଯାଇଛି ।

ଦେଶର ମତ୍ସ୍ୟଚାଷ ପାଳନ କ୍ଷେତ୍ରର ସୁଦୃଢ଼ୀକରଣ ନିମନ୍ତେ ଆଗାମୀ ତିନିବର୍ଷ ନିମନ୍ତେ ୫୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏଥିପାଇଁ ସାରା ଦେଶରେ ନିୟୁତ ନିୟୁତ ମତ୍ସ୍ୟବାହ୍ନ ଉପଲବ୍ଧ କରାଯାଇଛି । ସହାୟକ କୃଷି କାର୍ଯ୍ୟରେ ନିୟୋଜିତ କୃଷକମାନଙ୍କ ଉପାର୍ଜନ ଦ୍ୱିଗୁଣିତ କରିବା ନିମନ୍ତେ ୧୦୦ରୁ ଅଧିକ କିଷାନ ରେଳ ବ୍ୟବସ୍ଥା ଆରମ୍ଭ କରାଯାଇଛି ।

କୃଷି ରପ୍ତାନି

ପରିମାଣ ୨୦୨୨ ମସିହା ସୁଦ୍ଧା
୪୦ ବିଲିଅନ୍
ଆମେରିକୀୟ ଡଲାରରୁ ବୃଦ୍ଧିପାଇ ୬୦ ବିଲିଅନ୍ ଆମେରିକୀୟ ଡଲାରରେ ପହଞ୍ଚିବା ।

କୃଷି ଯାନ୍ତ୍ରିକରଣ

ପ୍ରବାସୀ ଶ୍ରମିକମାନଙ୍କୁ କୃଷିକ୍ଷେତରେ କୃଷି ଯାନ୍ତ୍ରିକରଣ ସବ୍ ମିଶନ୍ (ଏସଏମଏସଏସ) ଅଧୀନରେ ଯାନ୍ତ୍ରିକରଣ କାର୍ଯ୍ୟରେ ସାମିଲ ହେବା ନିମନ୍ତେ ସେମାନଙ୍କ ପାଇଁ କୌଶଳ ବିକାଶର ବିଶେଷ ଅଭିଯାନ ଆରମ୍ଭ କରାଯାଇଛି ।

ପ୍ରତିବଦ୍ଧତା 11 ଜୈବ କୃଷି



ପ୍ରଗତି ଏହି ଅଭିଯାନ ଅଧୀନରେ ଦେଶର ୬ ଲକ୍ଷ ହେକ୍ଟର କ୍ଷେତ୍ରରେ ଜୈବ କୃଷି କରାଯାଇଛି । ନିକଟ ଭବିଷ୍ୟତରେ ଅତିରିକ୍ତ ୨୫ ଲକ୍ଷ ହେକ୍ଟର ଜମିକୁ ଏଥିରେ ସାମିଲ କରାଯିବାକୁ ଯୋଜନା ରହିଛି ।

ପ୍ରତିବଦ୍ଧତା 12

ଜମିଜମା ରେକର୍ଡ଼ର ଡିଜିଟାଇଜେସନ୍

ପ୍ରଗତି କୃଷି ପାଇଁ ଡିଜିଟାଇଜେସନର ଗୁରୁତ୍ୱକୁ ଉପଲବ୍ଧି କରି ଏକ ସଂଘୀୟ କୃଷକ ଡାଟାବେସ୍ ପ୍ରସ୍ତୁତ କରିବା ନିମନ୍ତେ ପ୍ରୟାସ କରାଯାଉଛି । ଏହି ଡାଟାବେସ୍ ସହିତ ସମଗ୍ର ଦେଶର କୃଷକମାନଙ୍କ ସମସ୍ତ ଜମିଜମା ରେକର୍ଡ଼କୁ ସଂଯୋଗ କରାଯିବ ଏବଂ ସେଥିରୁ ଏକ ଅଭିନବ କୃଷକ ଆଇଡି ସୃଷ୍ଟି କରାଯିବ। ଏପର୍ଯ୍ୟନ୍ତ ଦେଶର ପ୍ରାୟ ୫ କୋଟି କୃଷକଙ୍କ ଡାଟାବେସ୍ ସୂଚନା ପ୍ରସ୍ତୁତ କରାଯାଇ ସାରିଲାଣି । ଗ୍ରାମବାସୀମାନଙ୍କ ଘରବାଡ଼ି ଜମିଜମା ରେକର୍ଡ଼ର ଡିଜିଟାଇଜେସନ୍ ନିମନ୍ତେ ପ୍ରଧାନମନ୍ତ୍ରୀ ସ୍ୱାମୀତ୍ୱ ଯୋଜନା ଆରମ୍ଭ କରାଯାଇଛି ।

ପ୍ରତିବଦ୍ଧତା 14 ଅନ୍ୟ ଅଞ୍ଚଳରେ କୃଷି ସଂସ୍କାର, ପରିବହନ ପଦ୍ଧତିର ଆଧୁନିକୀକରଣ ସହିତ ସଘନ କୃଷି ପ୍ରଣାଳୀର ପ୍ରଚଳନ

Progress

କିଷାନ ରେଳ

ରାଷ୍ଟ୍ରୀୟ କୋଲ୍ଡ ସପ୍ଲାଏ ଚେନ୍‌ର ସୁଦୃଢ଼ୀକରଣ ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଯାହା ଫଳରେ କ୍ଷୀର, ଫଳ, ଏବଂ ପନିପରିବା ଭଳି ଶୀଘ୍ର ପଚନଶୀଳ ସାମଗ୍ରୀକୁ ସାରା ଦେଶର ବିଭିନ୍ନ ସ୍ଥାନରେ ତୁରନ୍ତ ଏବଂ ଉପଯୁକ୍ତ ସମୟରେ ପହଞ୍ଚା ଯାଇପାରୁଛି । ଏହା ଫଳରେ ଦେଶର କୃଷକମାନେ ସେମାନଙ୍କ ଉତ୍ପାଦର ଉପଯୁକ୍ତ ମୂଲ୍ୟ ପାଇପାରୁଛନ୍ତି ।

କୃଷି କ୍ଷେତ୍ରରେ ଷ୍ଟାର୍ଟ ଅପ୍

ଦେଶର କୃଷକମାନଙ୍କ ଉପାର୍ଜନ ବୃଦ୍ଧି ଏବଂ ଯୁବଗୋଷ୍ଠୀଙ୍କ ନିମନ୍ତେ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ନିମନ୍ତେ, ସରକାର ଷ୍ଟାର୍ଟ ଅପ୍‌କୁ ପ୍ରୋତ୍ସାହନ ଯୋଗାଇ ଆସୁଛି । ସେହି ଉଦ୍ଦେଶ୍ୟରେ କୃଷି ଏବଂ ତତ୍ ସଂକ୍ରାନ୍ତ ଅନ୍ୟାନ୍ୟ କ୍ଷେତ୍ରରେ ୩୪୬ଟି ଷ୍ଟାର୍ଟ ଅପ୍‌କୁ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି ।



ପ୍ରତିବଦ୍ଧତା 15 ନୂତନ ମତ୍ସ୍ୟସମ୍ପଦ ଯୋଜନା ଦିଗରେ ଶୀତଳଭଣ୍ଡାର ଯୋଗାଇବା ତଥା ଅନ୍ୟାନ୍ୟ ସହାୟତା କୃଷକମାନଙ୍କ ସଶକ୍ତିକରଣ ପାଇଁ କରାଯାଇଛି

ପ୍ରଗତି ରାଷ୍ଟ୍ରୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ- ନିମନ୍ତେ ସରକାର ୧୩,୩୪୩ କୋଟି ଟଙ୍କା ଯୋଗାଇ ଦେଇଛନ୍ତି । ଗୃହପାଳିତ ପଶୁମାନଙ୍କ ପାଦ ଓ ପାଟି ତଥା ବ୍ରୁସେଲୋସିସ୍ ରୋଗ ପ୍ରତିଷେଧକ ଟିକାକରଣ ସକାଶେ ଏହି ଅର୍ଥ ମୁଖ୍ୟତଃ ବ୍ୟୟ କରାଯିବ । ଏହା ବ୍ୟତୀତ ଗୋପ୍ରଜନନ ଭିତ୍ତିଭୂମିର ବିକାଶ ନିମନ୍ତେ ୧୫,୦୦୦ କୋଟି ଟଙ୍କାର ପ୍ରାବଧାନ କରାଯାଇଛି। ସେହିଭଳି ଗୃହପାଳିତ ପଶୁମାନଙ୍କ ପାଦ ଓ ପାଟି ରୋଗ (ଏଫଏମଡି) ଏବଂ ବ୍ରୁସେଲୋସିସ୍ ହେଉଥିବା ରୋଗ ନିୟନ୍ତ୍ରଣ ଓ ନିରାକରଣ ସକାଶେ ରାଷ୍ଟ୍ରୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନଏସିଡ଼ିପି)ର ଶୁଭାରମ୍ଭ କରାଯାଇଛି ।

ପ୍ରତିବଦ୍ଧତା 13 ଉଦ୍ୟାନକୃଷିରେ ନୂତନ ପ୍ରଯୁକ୍ତିର ଉପଯୋଗ ସହିତ, ପାରମ୍ପରିକ କୃଷି ପାଇଁ ମଧ୍ୟ ପର୍ଯ୍ୟପ୍ତ ଧ୍ୟାନ ଦିଆଯିବା ଆବଶ୍ୟକ । ଏହା ଦ୍ୱାରା ଦେଶରେ ନୂତନ ବ୍ୟବସ୍ଥାମାନ ମଧ୍ୟ ଆରମ୍ଭ କରାଯାଇପାରିବ ।

ପ୍ରଗତି



ଉଦ୍ୟାନ

ଗତ କିଛି ବର୍ଷ ମଧ୍ୟରେ ଉଦ୍ୟାନ କୃଷି କ୍ଷେତ୍ରରେ ୧୦,୫୦୮ କୋଟି ଟଙ୍କା ନିବେଶ କରାଯାଇଛି। ସେହିଭଳି ଉଦ୍ୟାନ କୃଷି ସମ୍ପର୍କରେ ୮.୮୩ ଲକ୍ଷ କୃଷକଙ୍କୁ ବୈଷୟିକ ତାଲିମ ଯୋଗାଇ ଦିଆଯାଇଛି ।



ପାରମ୍ପରିକ କୃଷି

ଦେଶର ୧୫ ଲକ୍ଷ ନାମମାତ୍ର ଚାଷୀ ସରଳ ସୁଲଭ ସହଭାଗୀ ଗ୍ୟାରେଣ୍ଟି ବ୍ୟବସ୍ଥା (ପିଜିଏସ) ସାର୍ଟିଫିକେସନ୍‌କୁ ଗ୍ରହଣ କରିଛନ୍ତି ।

ରାଷ୍ଟ୍ରୀୟ ଗୋକୁଳ ମିଶନ୍

୨୦ ଗୋକୁଳ ଗ୍ରାମ ପ୍ରତିଷ୍ଠା କରାଯାଇଛି ଏବଂ ୪୧ଟି 'ବୁଲ୍ ମଦର ଫାର୍ମ'ର ଆଧୁନିକୀକରଣ କରାଯାଉଛି ।



ଯୁବଗୋଷ୍ଠୀଙ୍କ ଆଶା ଆକାଂକ୍ଷାକୁ ଇନ୍ଧନ ଯୋଗାଣ

ଭାରତର ସବୁଠାରୁ ବଡ଼ ସମ୍ପଦ ହେଲା ଏହାର ବିଶାଳ ଯୁବଶକ୍ତି । ଦେଶର ମୋଟ ଜନସଂଖ୍ୟାର ପ୍ରାୟ ୬୫ ପ୍ରତିଶତ ନାଗରିକଙ୍କ ବୟସ ୩୫ ବର୍ଷ ତଳକୁ ଏବଂ ୫୦ ପ୍ରତିଶତରୁ ଅଧିକ ନାଗରିକଙ୍କ ବୟସ ୨୭ ବର୍ଷରୁ ନିମ୍ନରେ ରହିଛି । ଦେଶର ଯୁବଶକ୍ତିଙ୍କ ମନରେ ଭାରତରେ ପରିବର୍ତ୍ତନ ଆଣିବା ନିମନ୍ତେ ଉଚ୍ଚ ଆଶା ଆକାଂକ୍ଷା ତଥା କ୍ଷମତା ଭରି ରହିଛି। ତେଣୁ ଯୁବଶକ୍ତିଙ୍କ ଉତ୍ଥାନ ଓ ପ୍ରଗତି ପାଇଁ ସରକାରଙ୍କ ମନରେ ସଦାବେଳେ ଗୁରୁତ୍ୱ ରହିଆସିଛି ଯଦ୍ୱାରା ସେମାନେ ଦେଶର ଗୌରବକୁ ବୃଦ୍ଧି କରିପାରିବେ । ଦୀର୍ଘ ୩୪ ବର୍ଷ ପରେ ସରକାର ନୂତନ ରାଷ୍ଟ୍ରୀୟ ଶିକ୍ଷା ନୀତିର ପ୍ରବର୍ତ୍ତନ କରିଛନ୍ତି ଯାହାକି ଛାତ୍ରଛାତ୍ରୀମାନଙ୍କ ସ୍ୱପ୍ନକୁ ପକ୍ଷ ପ୍ରଦାନ କରିବା ନିମନ୍ତେ ଉଦ୍ଦିଷ୍ଟ ।

ପ୍ରତିବଦ୍ଧତା 16 କୌଶଳ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଯୁଗଗୋଷ୍ଠୀଙ୍କ କୌଶଳ ବିକାଶ ଘଟାଇବା

ପ୍ରଗତି ! ନୂତନ ଭାରତର ଯୁବଗୋଷ୍ଠୀଙ୍କ ନିମନ୍ତେ କୁଶଳୀ, ପୁନଃ-କୁଶଳୀ ଏବଂ ସେମାନଙ୍କ କୌଶଳକୁ ଅଧିକ ଉନ୍ନତ କରିବା ସରକାରଙ୍କ ପାଇଁ ନୂତନ ମନ୍ତ୍ରରେ ପରିଣତ ହୋଇଛି । ସ୍କିଲ୍ ଇଣ୍ଡିଆ ମିଶନ୍ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଅଧୀନରେ କାର୍ଯ୍ୟକାରୀ ହେଉଥିବା କୌଶଳ ଭାରତ, କୁଶଳ ଭାରତ ଜରିଆରେ ଏପର୍ଯ୍ୟନ୍ତ ଦେଶର ପ୍ରାୟ ୫ କୋଟିରୁ ଅଧିକ ଯୁବକଯୁବତୀଙ୍କୁ ତାଲିମ ପ୍ରଦାନ କରାଯାଇସାରିଛି । ଦେଶରେ ଇତି ମଧ୍ୟରେ ପ୍ରାୟ ୫ ହଜାରରୁ ଅଧିକ ନୂତନ ଆଇଟିଆଇ ପ୍ରତିଷ୍ଠା କରାଯାଇଛି ଏବଂ ଏଥି ସହିତ ୭୨୦ଟି ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର ଏବଂ ୩୩ଟି ରାଷ୍ଟ୍ରୀୟ କୌଶଳ ତାଲିମ ପ୍ରତିଷ୍ଠାନ ମଧ୍ୟ ସ୍ଥାପନ କରାଯାଇଛି ।

ଏକବିଂଶ ଶତାବ୍ଦୀର ବିଶ୍ୱ ଭାରତ ଠାରୁ ବେଶ୍ କିଛି ଆଶା ରଖିଛି । ଭାରତ ସମଗ୍ର ବିଶ୍ୱକୁ ତା'ର ଜ୍ଞାନ ଓ ପ୍ରଯୁକ୍ତି ଯୋଗାଇ ପାରିବ । ରାଷ୍ଟ୍ରୀୟ ଶିକ୍ଷା ନୀତି ଏହି ଦାୟିତ୍ୱକୁ ସ୍ୱୀକାର କରିଛି । ବିଶ୍ୱ ପାଇଁ ଆମକୁ ଏହି ଭୂମିକା ନିର୍ବାହ କରିବାକୁ ପଡ଼ିବ । ରାଷ୍ଟ୍ରୀୟ ଶିକ୍ଷା ନୀତିରେ ଏହାର ସମାଧାନ ପନ୍ଥାର ପରାମର୍ଶ ଦିଆଯାଇଛି ଏବଂ ସେଥିରେ ଆଧୁନିକ ପ୍ରଯୁକ୍ତିକୁ ଆହରଣ କରି ତା'ର ବିକାଶ ନିମନ୍ତେ ଲକ୍ଷ୍ୟ ରଖାଯାଇଛି ।

-ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ



ପ୍ରତିବଦ୍ଧତା 17 ବିଦ୍ୟାଳୟମାନଙ୍କୁ ଅପରେସନ୍ ଡିଜିଟାଲ ବୋର୍ଡ ଯୋଜନା ଅଧୀନକୁ ଆଣିବା ।

ପ୍ରଗତି ! ଦେଶରେ ଗୁଣାତ୍ମକ ଶିକ୍ଷାକୁ ପ୍ରୋତ୍ସାହନ ଯୋଗାଇବା ନିମନ୍ତେ ୨୦୧୯ ମସିହା ଫେବୃଆରୀ ମାସରେ 'ଅପରେସନ୍ ଡିଜିଟାଲ ବୋର୍ଡ'ର ଶୁଭାରମ୍ଭ କରାଯାଇଥିଲା । ଏହି ଯୋଜନା ଅଧୀନରେ, ପ୍ରଥମ ପର୍ଯ୍ୟାୟର ତିନି ବର୍ଷ ମଧ୍ୟରେ, ନବମ ଶ୍ରେଣୀରୁ ଆରମ୍ଭ କରି କଲେଜ ପର୍ଯ୍ୟନ୍ତ ପର୍ଯ୍ୟାୟରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କୁ ଡିଜିଟାଲ ଶ୍ରେଣୀକକ୍ଷରେ ପରିଣତ କରାଯିବା ପ୍ରୟାସ ଆରମ୍ଭ ହୋଇଛି । ସାରା ଦେଶରେ ୫ ଲକ୍ଷ ଶ୍ରେଣୀକକ୍ଷକୁ ଏଭଳି ପରିବର୍ତ୍ତନ ଧାରାରେ ସାମିଲ କରିବା ନିମନ୍ତେ ଅଭିଯାନ ଆରମ୍ଭ ହୋଇସାରିଛି ।

ପ୍ରତିବଦ୍ଧତା 18 ଉଚ୍ଚଶିକ୍ଷା କ୍ଷେତ୍ରରେ ୧ ଲକ୍ଷ କୋଟି ଟଙ୍କାର ନିବେଶ କରାଯାଉଛି

ପ୍ରଗତି ! ଦେଶର ଶିକ୍ଷା କ୍ଷେତ୍ରରେ ଗବେଷଣା ଓ ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଆରୋପ କରିଆସୁଛନ୍ତି । ଏହି ଲକ୍ଷ୍ୟକୁ ଦୃଷ୍ଟିରେ ରଖି, ଜ୍ଞାନ, ସ୍ୱୟମ୍ ଏବଂ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ଭଳି ନୂତନ ପ୍ଲାଟଫର୍ମମାନ ଆରମ୍ଭ କରାଯାଇଛି । ଦେଶର ସମସ୍ତ ପ୍ରକାର ପ୍ରମୁଖ ଶିକ୍ଷାନୁଷ୍ଠାନମାନଙ୍କରେ ସାଧାରଣ ତଥା ଗବେଷଣା ସଂସାଧନର ସୁଦୃଢ଼ୀକରଣ ନିମନ୍ତେ ସରକାର ୨୦୨୨ ମସିହା ସୁଦ୍ଧା ସେହିସବୁ ଶିକ୍ଷାନୁଷ୍ଠାନମାନଙ୍କରେ ୧ ଲକ୍ଷ କୋଟି ଟଙ୍କା ବ୍ୟୟ କରିବେ ।

ପ୍ରତିବଦ୍ଧତା 19

ଦେଶର ମ୍ୟାନେଜମେଣ୍ଟ, ଆଇନ ଓ ଇଞ୍ଜିନିୟରିଂ ଭଳି ସେଣ୍ଟର ଅଫ୍ ଏକ୍ସଲେନ୍ସମାନଙ୍କରେ ସିଟ୍ ସଂଖ୍ୟା ବୃଦ୍ଧି ନିମନ୍ତେ ଅନେକ ପଦକ୍ଷେପ ସରକାର ଗ୍ରହଣ କରିଛନ୍ତି ।

ପ୍ରଗତି ! ଦେଶରେ ଗୁଣାତ୍ମକ ପ୍ରଫେସନାଲ ସୃଷ୍ଟି କରିବା ଉଦ୍ଦେଶ୍ୟରେ ୭ଟି ନୂଆ ଆଇଆଇଟି, ୧୬ଟି ଆଇଆଇଆଇଟି ଏବଂ ୭ଟି ଆଇଆଇଏମ ଖୋଲାଯାଇଛି ।

ପ୍ରତିବଦ୍ଧତା 20

ଦେଶର ପ୍ରତି ବ୍ଲକ୍‌ରେ ଅନ୍ୟୂନ ଗୋଟିଏ ଲେଖାଏଁ ଅଟଳ ଟିଙ୍କରିଂ ଲାବ୍ ସ୍ଥାପନ ପାଇଁ ଉଦ୍ୟମ ଜାରି ରହିଛି ।

ପ୍ରଗତି ! ନୂତନ କାର୍ଯ୍ୟରେ ନିଜର ଚିନ୍ତନକୁ ଉପଯୋଗ କରିବା ସକାଶେ ଯୁବଗୋଷ୍ଠୀଙ୍କ ମନରେ ପ୍ରବଳ ଉତ୍ସାହ ଭରି ରହିଥିବାର ଅସଂଖ୍ୟ ଉଦାହରଣ ରହିଛି । ଏହି ଦିଗରେ ଛାତ୍ରଛାତ୍ରୀମାନଙ୍କ ଆଶା ଆକାଂକ୍ଷାକୁ ପକ୍ଷ ପ୍ରଦାନ ନିମନ୍ତେ ଅଟଳ ଟିଙ୍କରିଂ ଲାବ୍ ବେଶ୍ ସହାୟକ ହୋଇଛି । ବିଦ୍ୟାଳୟ ପିଛା ୨୦ ଲକ୍ଷ ଟଙ୍କା ବ୍ୟୟରେ ଏଭଳି ଅଟଳ ଟିଙ୍କରିଂ ଲାବ୍‌ମାନ ସ୍ଥାପନ କରାଯାଉଛି । ଏହି ଯୋଜନାକୁ ଦେଶର ୯୪ ପ୍ରତିଶତ ଜିଲ୍ଲାରେ କାର୍ଯ୍ୟକାରୀ କରାଯିବ ଏବଂ ସେହି କ୍ରମରେ ପ୍ରାୟ ୧୦ ହଜାର ଅଟଳ ଟିଙ୍କରିଂ ଲାବ୍ ପ୍ରତିଷ୍ଠା କରାଯିବ । ଏବେ ସୁଦ୍ଧା ଦେଶରେ ସେହିଭଳି ୭୨୪୭ ଲାବ୍ ସ୍ଥାପନ କରାଯାଇସାରିଛି । ବୈଶ୍ୱିକ ମହାମାରୀ କରୋନା ସଂକ୍ରମଣ ଯୋଗୁ ଏହାର ପ୍ରଗତି ବ୍ୟାହତ ହୋଇଛି ସତ କିନ୍ତୁ ଖୁବ୍ ଶୀଘ୍ର ଅବଶିଷ୍ଟ ଲାବ୍ ପ୍ରତିଷ୍ଠା କାର୍ଯ୍ୟ ସଂପୂର୍ଣ୍ଣ ହେବ ।

ପ୍ରତିବଦ୍ଧତା 21

ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆରମ୍ଭ ହୋଇଛି ନୂତନ ରାଷ୍ଟ୍ରୀୟ ଶିକ୍ଷା ନୀତି

ପ୍ରଗତି ! ଦେଶରେ ଏକ ନୂତନ ଶିକ୍ଷା ନୀତିର ସୂତ୍ରପାତ ଘଟିବା ସକାଶେ ଭାରତକୁ ଦୀର୍ଘ ୩୪ ବର୍ଷ କାଳ ପ୍ରତୀକ୍ଷା କରିବାକୁ ପଡ଼ିଥିଲା । ୨୦୨୦ ମସିହାରେ କେନ୍ଦ୍ର କ୍ୟାବିନେଟ ଏହି ନୀତିକୁ ମଞ୍ଜୁରୀ ପ୍ରଦାନ କରିଥିଲା । ବିଦ୍ୟାର୍ଥୀମାନଙ୍କ ଅଧ୍ୟୟନ କୌଶଳକୁ ବୃଦ୍ଧି କରିବା ନିମନ୍ତେ ଏବେ ଶିକ୍ଷା ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଆଣିବାର ପ୍ରୟାସ ଆରମ୍ଭ ହୋଇଛି । ନବସୃଜନ ଓ ଗବେଷଣାକୁ ପ୍ରୋତ୍ସାହନ ଯୋଗାଇବା ସକାଶେ ଏକ ରାଷ୍ଟ୍ରୀୟ ଗବେଷଣା ନ୍ୟାସ ଗଠନ କରାଯିବାର ଯୋଜନା ରହିଛି । ସେହିଭଳି ଦେଶର ସମସ୍ତ ଭାଷାକୁ ସମାନ ଗୁରୁତ୍ୱ ପ୍ରଦାନ ଲାଗି ମଧ୍ୟ ଧ୍ୟାନ ଦିଆଯାଉଛି । କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟକୁ ପୁଣି ଥରେ ଶିକ୍ଷା ମନ୍ତ୍ରଣାଳୟ ଭାବେ ନାମିତ କରାଯାଇଛି ।

ପ୍ରତିବଦ୍ଧତା 22

ଆତ୍ମନିଯୁକ୍ତି ପ୍ରୟାସ ସହ ଯୁବଗୋଷ୍ଠୀଙ୍କ ପାଇଁ ନବସୃଜନର ନୂତନ ପ୍ଲାଟଫର୍ମ ସୃଷ୍ଟି କରାଯାଉଛି

ପ୍ରଗତି ! ଅଣ ସମବାୟ, ଅଣ କୃଷି କ୍ଷେତ୍ରରେ କାର୍ଯ୍ୟରତ କ୍ଷୁଦ୍ର/ ଅଣୁ ଉଦ୍ୟୋଗୀମାନଙ୍କୁ ଋଣ ଯୋଗାଣ ନିମନ୍ତେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାର ଶୁଭାରମ୍ଭ କରାଯାଇଛି ଏବଂ ଏହା ମାଧ୍ୟମରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି । ଏହି ଯୋଜନା ଅଧୀନରେ,ଏବେସୁଦ୍ଧା ୩୧ କୋଟିରୁ ଅଧିକ ଟଙ୍କାର ଋଣ ଯୋଗାଇ ଦିଆଯାଇସାରିଛି । ସେହିଭଳି ଷ୍ଟାର୍ଟ ଅପ୍ ଇଣ୍ଡିଆ ଅଭିଯାନ ଆରମ୍ଭ କରାଯାଇଛି ଯାହାକି ଦେଶର ଯୁବକ ଯୁବତୀମାନଙ୍କୁ ନବସୃଜନର ନୂତନ ପ୍ଲାଟଫର୍ମ ଯୋଗାଇ ଦେବା ନିମନ୍ତେ ଉଦ୍ଦିଷ୍ଟ । ଏହି ଯୋଜନା ଅଧୀନରେ ୫୨ ହଜାର ଷ୍ଟାର୍ଟ ଅପ୍‌କୁ ଚିହ୍ନଟ କରାଯାଇଛି । ଅଧିସ୍ୱୀକୃତ ଷ୍ଟାର୍ଟ ଅପ୍ କାର୍ଯ୍ୟକ୍ରମ ଏବେ ଦେଶର ୬୨୩ଟି ଜିଲ୍ଲାକୁ ସଂପ୍ରସାରିତ ହୋଇଛି ।



ବିକାଶର ଏକ ନୂତନ ଅଧ୍ୟାୟର ଅୟମାରମ୍ଭ

" ଆମେ ଯେତେବେଳେ କୌଣସି ନଦୀବନ୍ଧ ଓ ସଡ଼କ ନିର୍ମାଣ କରୁ ସେତେବେଳେ ଆମେ କେବଳ ସହରଗୁଡ଼ିକୁ ଗ୍ରାମମାନଙ୍କ ସହ ଯୋଡ଼ି ନଥାଉ । ଆମେ ଆମର ଆକାଂକ୍ଷାକୁ ମଧ୍ୟ ସଫଳତାର ସହ, ସୁଯୋଗକୁ ଆଶାର ସହ ଏବଂ କାମନାକୁ ଆନନ୍ଦର ସହ ସଂଯୋଗ କରିଥାଉ ।" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏହି ଉକ୍ତି ନୂତନ ଭାରତର ଭିତ୍ତିଭୂମି ବିକାଶର ଗୁରୁତ୍ୱକୁ ପ୍ରତିପାଦିତ କରେ । ଏହା କୌଣସି ନୂତନ ପୋଲ ଅବା ସଡ଼କ ନିର୍ମାଣ ହୋଇଥାଉ, ଜଳପଥ କିମ୍ବା ରେଳପଥ ହୋଇଥାଉ ଅଥବା ଦେଶର ସୀମାନ୍ତବର୍ତ୍ତୀ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ କାର୍ଯ୍ୟକ୍ରମ ହୋଇଥାଉ, ସେସବୁ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ସଂପୂର୍ଣ୍ଣ କରି ସବୁଠାରେ ସରକାର ବିକାଶର ଏକ ନୂତନ ମାନ ସ୍ଥାପନ କରୁଛନ୍ତି । ତେଣୁ ଇଜ୍ ଅଫ୍ ଲିଭିଂକୁ ଉନ୍ନତ କରିବା ଦିଗରେ ସରକାର ଅନେକ ବୈପ୍ଳବାତ୍ମକ ପଦକ୍ଷେପ ଗ୍ରହଣ କରୁଛନ୍ତି ।



ପ୍ରତିବଦ୍ଧତା 23

ପ୍ରତି ପରିବାରଙ୍କ ପାଇଁ ପକ୍କା ଘର

ପ୍ରଗତି ! ଆଜକୁ ଛଅବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନାରେ ଆରମ୍ଭ କରାଯାଇଥିବା "ପ୍ରତି ପରିବାର ପାଇଁ ପକ୍କା ଘର" ଯୋଜନା ଉଦ୍ଦିଷ୍ଟ ଲକ୍ଷ୍ୟ ଠାରୁ ଅଧିକ ସଫଳତା ହାସଲ କରିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଅଧୀନରେ, ୨୦୨୧ ମସିହା ଜୁନ୍ ମାସ ପର୍ଯ୍ୟନ୍ତ ମୋଟ ୧୧୨.୪ ଲକ୍ଷ ବାସଗୃହ ନିର୍ମାଣ ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା । ସେଥି ମଧ୍ୟରୁ ଏବେ ୮୨.୫ ଲକ୍ଷ ବାସଗୃହ ନିର୍ମାଣାଧୀନ ରହିଛି ଏବଂ ୪୮.୩୧ ଲକ୍ଷ ବାସଗୃହ ଏବେସୁଦ୍ଧା ନିର୍ମାଣ କରାଯାଇ ଆବଣ୍ଟିତ ହୋଇସାରିଛି । ସେହିଭଳି ୨୦୨୨ ମସିହା ସୁଦ୍ଧା ଗ୍ରାମାଞ୍ଚଳରେ ୨.୯୫ କୋଟି ବାସଗୃହ ଆବଣ୍ଟନର ଲକ୍ଷ୍ୟ ରଖାଯାଇଛି ଯାହା ଫଳରେ ହିତାଧିକାରୀମାନେ ଏକ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ବଞ୍ଚିପାରିବେ ।



2,30,01,080

ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଏପର୍ଯ୍ୟନ୍ତ ବାସଗୃହ ନିର୍ମାଣ କରାଯାଇଛି ।

୨୦୨୧ ମସିହା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ୧.୯୨ କୋଟି ଗ୍ରାମାଞ୍ଚଳ ବାସଗୃହ ନିର୍ମାଣ ନିମନ୍ତେ ମଂଜୁରୀ ପ୍ରଦାନ କରାଯାଇଛି ଏବଂ ୧.୩୬ କୋଟି ବାସଗୃହ ନିର୍ମାଣ ସଂପୂର୍ଣ୍ଣ ହୋଇଛି ।

ପ୍ରତିବଦ୍ଧତା 24 ଭାରତମାଳା ପରିଯୋଜନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ତ୍ୱରିତ ପୂର୍ଣ୍ଣାଙ୍ଗକରଣ

ପ୍ରଗତି ! ଏହା ଦେଶର ପ୍ରମୁଖ ଆର୍ଥିକ କେନ୍ଦ୍ରକୁ ପରସ୍ପର ସହିତ ସଂଯୋଗ କରିବା ସହ ସୀମାନ୍ତ କ୍ଷେତ୍ର ଓ ଅନ୍ତରାଷ୍ଟ୍ରୀୟ ସଂଯୋଗକରଣ, ତଟୀୟ କ୍ଷେତ୍ର ଓ ବନ୍ଦରମାନଙ୍କୁ ପରସ୍ପର ସହ ସଂଯୋଗ କରିବାରେ ସହାୟକ ହେବ । ଏହି ପ୍ରକଳ୍ପ ନିମନ୍ତେ ମୋଟ ୬୫,୦୦୦ କିଲୋମିଟର ସଡ଼କକୁ ଚିହ୍ନଟ କରାଯାଇଛି ।

୨୦୨୫ ମସିହା ସୁଦ୍ଧା ମୋଟ ୩.୧୦ ଲକ୍ଷ କୋଟି ଟଙ୍କା ବ୍ୟୟରେ ୨୨ଟି ଗ୍ରୀନଫିଲ୍ଡ କରିଡୋର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯିବ ।

ଭାରତମାଳା ପରିଯୋଜନାର ପ୍ରଥମ ପର୍ଯ୍ୟାୟରେ ୨୦୧୭ରୁ ୨୦୨୨ ମସିହା ମଧ୍ୟରେ ମୋଟ ୩୪,୮୦୦ କିଲୋମିଟର ସଡ଼କ ନିର୍ମାଣ କରାଯାଉଛି । ସେଥି ମଧ୍ୟରୁ ୩,୮୦୦ କିଲୋମିଟର ସଡ଼କ ୨୦୨୧ ମସିହା ଫେବୃଆରୀ ସୁଦ୍ଧା ନିର୍ମିତ ହୋଇସାରିଛି। ଅଧିକନ୍ତୁ, ୮,୫୦୦ କିଲୋମିଟର ସଡ଼କ ୨୦୨୨ ମସିହା ମାର୍ଚ୍ଚ ମାସ ସୁଦ୍ଧା ସଂପୂର୍ଣ୍ଣ କରାଯିବ ।

ପ୍ରତିବଦ୍ଧତା 25 ଅଧିକରୁ ଅଧିକ ଗ୍ରାମାଞ୍ଚଳ ପରିବାରଙ୍କୁ ଏଲପିଜି ସଂଯୋଗ ଯୋଗାଇ ଦିଆଯିବାର ବ୍ୟବସ୍ଥାକରଣ

ପ୍ରଗତି ! ସ୍ୱାଧୀନତା ପ୍ରାପ୍ତିର ଛଅ ଦଶନ୍ଧି ସୁଦ୍ଧା ଏଲପିଜି ସିଲିଣ୍ଡର ବିତରଣ ଦେଶର ମାତ୍ର ୫୫ ପ୍ରତିଶତ ଲୋକଙ୍କ ମଧ୍ୟରେ ସୀମିତ ରହିଆସିଥିଲା । ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ଏବେ ୮ କୋଟି ହିତାଧିକାରୀଙ୍କୁ ୮ କୋଟିରୁ ଅଧିକ ଏଲପିଜି ସିଲିଣ୍ଡର ଯୋଗାଇ ଦିଆଯାଇଛି ଯାହା ଫଳରେ ଦେଶର ମୋଟ ପରିବାରର ୯୯.୭ ପ୍ରତିଶତ ଲୋକଙ୍କ ନିକଟରେ ଏହି ସୁବିଧା ପହଞ୍ଚି ପାରିଛି । ଗତ ଛଅବର୍ଷ ଭିତରେ, ଏଲପିଜି ଗ୍ୟାସ୍ ସଂଯୋଗରେ ଦେଶରେ ୪୩ ପ୍ରତିଶତ ବୃଦ୍ଧି ଘଟିଛି ।

ପ୍ରତିବଦ୍ଧତା 26 ଦେଶର ସମସ୍ତ ଗ୍ରାମକୁ ବିଦ୍ୟୁତିକରଣ

ପ୍ରଗତି ! ୨୦୧୫ ମସିହା ଅଗଷ୍ଟ ୧୫ ତାରିଖ ଦିନ ଐତିହାସିକ ଲାଲକିଲ୍ଲା ମଞ୍ଚ ଉପରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ୧୮,୫୦୦ଟି ଗ୍ରାମ ଯେଉଁମାନେ କି ସେପର୍ଯ୍ୟନ୍ତ ଅନ୍ଧାରରେ ଜୀବନ ବିତାଇ ଆସୁଥିଲେ, ଆଗାମୀ ୧୦୦୦ ଦିନ ମଧ୍ୟରେ ସେମାନଙ୍କ ନିକଟରେ ବିଜୁଳି ସଂଯୋଗ ପହଞ୍ଚାଇବା ନିମନ୍ତେ ସରକାରଙ୍କ ଲକ୍ଷ୍ୟ ଘୋଷଣା କରିଥିଲେ । ସରକାରଙ୍କ ନିରବଚ୍ଛିନ୍ନ ପ୍ରୟାସ ଫଳରେ ଏହି ଲକ୍ଷ୍ୟ ୯୮୭ ଦିନ, ଅର୍ଥାତ୍ ନିର୍ଦ୍ଧାରିତ ତାରିଖର ୧୩ ଦିନ ପୂର୍ବରୁ ହାସଲ କରାଯାଇପାରିଥିଲା । ଏହା ପରେ, ଦେଶର ପ୍ରତ୍ୟେକ ଗ୍ରାମର ପ୍ରତି ପରିବାରଙ୍କ ନିକଟରେ ବିଜୁଳି ଶକ୍ତି ପହଞ୍ଚାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏହି ପ୍ରୟାସ ଅଧୀନରେ ଏବେସୁଦ୍ଧା ୯୯.୩୩ ପ୍ରତିଶତ ଲକ୍ଷ୍ୟ ହାସଲ କରାଯାଇସାରିଛି । ଏପର୍ଯ୍ୟନ୍ତ ଦେଶର ୨ କୋଟି ୬୩ ଲକ୍ଷ ପରିବାରଙ୍କୁ ବିଜୁଳି ଶକ୍ତି ଯୋଗାଇ ଦିଆଯାଇଛି ।

ପ୍ରତିବଦ୍ଧତା 27 ଦେଶର ପ୍ରତ୍ୟେକ ନାଗରିକଙ୍କୁ ବ୍ୟାଙ୍କିଙ୍ଗ୍ ସୁବିଧା ଉପଲବ୍ଧ କରାଇବା

ପ୍ରଗତି ! ଦେଶର ପ୍ରତ୍ୟେକ ପରିବାରର ଅନ୍ୟୁନ ଜଣେ ସାବାଳକ ସଦସ୍ୟଙ୍କର ବ୍ୟାଙ୍କ ଜମାଖାତାଟିଏ ରହିବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ୨୦୨୧ ମସିହା ଜୁନ ମାସ ସୁଦ୍ଧା ଏହି ଯୋଜନା ଅଧୀନରେ ୪୨ କୋଟି ୫୫ ଲକ୍ଷରୁ ଅଧିକ ବ୍ୟାଙ୍କ ଜମାଖାତା ଖୋଲାଯାଇପାରିଛି ।

“ସୀମାନ୍ତ ନିକଟକୁ ଲାଗିଥିବା ମୋ ଗାଁ ହେଉଛି ଶେଷ ଜନବସତି । ଦଶନ୍ଧି ଦଶନ୍ଧି ଧରି ସୀମାନ୍ତ ଗୁଳିଗୋଳା ବିନିମୟ ଭୟ ଭିତରେ ଆମେ ବଞ୍ଚିଆସିଛୁ । ମୋର ଆର୍ଥିକ ଦୁରାବସ୍ଥା ଯୋଗୁ ମୁଁ ଖଣ୍ଡିଏ ପକ୍କା ଘର କରିପାରିନଥିଲି । ସେଥିପାଇଁ ବର୍ଷାଦିନେ ମୋ ଘର ଭିତରକୁ ବେଳେବେଳେ ପାଣି ପଶିଆସେ । କିନ୍ତୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ମୋତେ ପକ୍କା ଘର ଖଣ୍ଡିଏ ମିଳିବା ପରେ ଏବେ ଆଉ ସେପରି ସମସ୍ୟା ନାହିଁ । ଆମେ ବେଶ୍ ଖୁସିଯେ ଗରିବ ଲୋକମାନେ ଏଭଳି ଯୋଜନାରୁ ସୁଫଳ ପାଇପାରୁଛନ୍ତି ଏବଂ ଏବେ ଆମେ ନିଜ ଗୋଡ଼ରେ ଠିଆ ହୋଇପାରିବୁ । ପକ୍କା ଘରଟିଏ ପାଇବା ପରେ ଆମର ସେଭଳି ସମସ୍ୟା ସବୁଦିନ ପାଇଁ ଶେଷ ହୋଇଯାଇଛି ।

ଆସିକ୍ ହୁସେନ୍
ପୁଞ୍ଚ, ଜମ୍ମୁ ଓ କଶ୍ମୀର

ପ୍ରତିବଦ୍ଧତା 28
ଦେଶର ପ୍ରତି ପରିବାରଙ୍କ ନିକଟରେ ଶୌଚାଳୟ ପହଞ୍ଚାଯିବା

ପ୍ରଗତି ! ଦେଶର ଅଧିକାଂଶ ଗ୍ରାମକୁ ଏବେ ମୁକ୍ତାକାଶ ଶୌଚମୁକ୍ତ ଗ୍ରାମ ଭାବେ ଘୋଷଣା କରାଯାଇଛି । ଏପ୍ରିଲ ୨୦, ୨୦୨୧ ତାରିଖ ପର୍ଯ୍ୟନ୍ତ ଦେଶର ୧୧ କୋଟି ପରିବାରଙ୍କ ଘରେ ଶୌଚାଳୟ ନିର୍ମାଣ କରାଯାଇଛି ।

ଗତ ୫ ବର୍ଷ ଭିତରେ **55** କୋଟିରୁ ଅଧିକ ଲୋକମାନେ ଏବେ ବାହାରେ ଶୌଚକାର୍ଯ୍ୟ ସଂପାଦନ କରିବା ଅଭ୍ୟାସ ପୂରାପୁରି ଛାଡ଼ି ଦେଇଛନ୍ତି ଏବଂ ନିଜ ନିଜ ଘରୋଇ ଶୌଚାଳୟ ବ୍ୟବହାର ଆରମ୍ଭ କରିଛନ୍ତି। ଏହିଭଳି ଭାବେ, ମିଳିତ ଜାତିସଂଘ ଧାର୍ଯ୍ୟ କରିଥିବା ସମୟସୀମାର ୧୧ ବର୍ଷ ପୂର୍ବରୁ ଭାରତ ‘ସମସ୍ତଙ୍କ ପାଇଁ ଶୌଚାଳୟ’ ଲକ୍ଷ୍ୟ ହାସଲ କରିପାରିଛି ।

ସ୍ୱଚ୍ଛ ଭାରତ ଗ୍ରାମୀଣ ଅଭିଯାନ କାର୍ଯ୍ୟକ୍ରମର ସଫଳ ଯାତ୍ରା ବେଶ୍ ସୁରୁଖୁରୁରେ ଆଗକୁ ଆଗେଇ ଚାଲିଛି ଯାହା ଏବେ ଗ୍ରାମାଞ୍ଚଳରେ କଠିନ ଓ ତରଳ ବର୍ଜ୍ୟର ଉପଯୁକ୍ତ ପରିଚାଳନାକୁ ନିଜର ଲକ୍ଷ୍ୟ ଭାବେ ଗ୍ରହଣ କରିଛି । ସେଥି ପାଇଁ, ସରକାର ଆଗାମୀ ପାଞ୍ଚ ବର୍ଷ ଭିତରେ ୧,୪୦,୮୮୧ କୋଟି ଟଙ୍କା ବ୍ୟୟରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିବାର ଯୋଜନା କରିଛନ୍ତି ।



ପ୍ରତିବଦ୍ଧତା 29 ୧୭୫ ଗିଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ ଟାର୍ଗେଟ ହାସଲ ଲକ୍ଷ୍ୟ

ପ୍ରଗତି ! ଭାରତ ସରକାରଙ୍କ ପକ୍ଷରୁ ଏବେ ଏକ ସକ୍ରିୟ ଅକ୍ଷୟ ଶକ୍ତି କାର୍ଯ୍ୟକ୍ରମ ରୂପାୟିତ କରାଯାଉଛି ଯାହା ଶକ୍ତି ନିରାପତ୍ତା, ଶକ୍ତି ଉପଲବ୍ଧତା, ଏବଂ କାର୍ବନ୍ ଉତ୍ସର୍ଜନ ମାତ୍ରା ହ୍ରାସ ସୁନିଶ୍ଚିତ କରିବା ନିମନ୍ତେ ଉଦ୍ଦିଷ୍ଟ। ଦେଶର ଭବିଷ୍ୟତର ଶକ୍ତି ଚାହିଦାକୁ ଦୃଷ୍ଟିରେ ରଖି ୨୦୨୨ ମସିହା ସୁଦ୍ଧା ଦେଶରେ ୧୭୫ ଗିଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ କରିବାର ଏକ ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେଥି ମଧ୍ୟରେ ସୌର ଉତ୍ସରୁ ୧୦୦ ଗିଗାୱାଟ୍ ବାୟୁ ଉତ୍ସରୁ ୬୦ ଗିଗାୱାଟ, ଜୈବପଦାର୍ଥରୁ ୧୦ ଗିଗାୱାଟ ଏବଂ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପରୁ ୫ ଗିଗାୱାଟ ବିଜୁଳି ଶକ୍ତି ଉତ୍ପାଦନ ସାମିଲ । ଭାରତର ସ୍ଥାପିତ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା (୨୫ ମେଗାୱାଟ ଠାରୁ ଅଧିକ ବିଜୁଳିଶକ୍ତି ଉତ୍ପାଦନକ୍ଷମ ଜଳବିଦ୍ୟୁତ୍ ପ୍ରକଳ୍ପକୁ ବାଦ୍ ଦେଇ) ୨୦୨୦ ମସିହା ଅକ୍ଟୋବର ୩୧ ତାରିଖ ସୁଦ୍ଧା ୮୯.୬୩ ଗିଗାୱାଟ ଛୁଇଁଛି । ଭାରତର ମୋଟ ସ୍ଥାପିତ ଅକ୍ଷୟ ଶକ୍ତି କ୍ଷମତା (୨୫ ମେଗାୱାଟଠାରୁ ଅଧିକ ବିଜୁଳି ଶକ୍ତି ଉତ୍ପାଦନକ୍ଷମ ଜଳବିଦ୍ୟୁତ୍ ପ୍ରକଳ୍ପକୁ ବାଦ୍ ଦେଇ)) ୨୦୨୦ ମସିହା ଅକ୍ଟୋବର ୩୧ ତାରିଖ ସୁଦ୍ଧା ୮୯.୬୩ ଗିଗାୱାଟ ଛୁଇଁଛି ।



ପ୍ରତିବଦ୍ଧତା 30 ଦେଶରେ ଆଭ୍ୟନ୍ତରୀଣ ଜଳପଥ ସଂଖ୍ୟା ବୃଦ୍ଧି କରାଯାଉଛି

ପ୍ରଗତି ! ଏକ ସହାୟକ, ପରିବେଶ ଅନୁକୂଳ ତଥା ସୁଲଭ ପରିବହନ ବ୍ୟବସ୍ଥା ସ୍ୱରୂପ ଦେଶରେ ଆଭ୍ୟନ୍ତରୀଣ ଜଳପଥର ବିକାଶ ଘଟାଯାଉଛି । ଏହାକୁ ଜାତୀୟ ଜଳପଥ ଭାବେ ଘୋଷଣା କରାଯାଇଛି । ଆଭ୍ୟନ୍ତରୀଣ ଜଳପଥକୁ ପ୍ରୋତ୍ସାହନ ଯୋଗାଣ ନିମନ୍ତେ ପ୍ରଥମ ତିନିବର୍ଷ ସକାଶେ ଜଳପଥ ବ୍ୟବହାର ନିମନ୍ତେ ଟିକସ ଛାଡ଼ କରାଯାଇଛି ।

ଜାତୀୟ ଜଳପଥ

2014	2020
05	111

ଦେଶର ୨୪ଟି ରାଜ୍ୟକୁ ଏହି ଜଳପଥ ଦ୍ୱାରା ସଂଯୋଗ କରାଯାଇସାରିଛି ଏବଂ ଏହାର ମୋଟ ଦୈର୍ଘ୍ୟ ୨୦,୨୭୫ କିଲୋମିଟର ।

- ସାଗରମାଳା ପ୍ରକଳ୍ପ ମାଧ୍ୟମରେ ମୋଦୀ ସରକାର ବନ୍ଦର ଭିତ୍ତିକ ବିକାଶକୁ ପ୍ରୋତ୍ସାହନ ଯୋଗାଇ ଆସୁଛି ଏବଂ ଏହା ଦ୍ୱାରା ଦେଶର ୭,୫୦୦ କିଲୋମିଟର ଦୈର୍ଘ୍ୟ ସୁଦୀର୍ଘ ଉପକୂଳର ସୁଉପଯୋଗ କରାଯାଇପାରିବ ଏବଂ ଏହାର ଆର୍ଥିକ ସାମର୍ଥ୍ୟ ମଧ୍ୟ ମିଳିପାରିବ ।
- ଏହା ଫଳରେ ବନ୍ଦରଗୁଡ଼ିକର ଆଧୁନିକୀକରଣ କରାଯାଇପାରିବ, ନୂତନ ବନ୍ଦରର ବିକାଶ ଘଟାଯିବ, ବନ୍ଦରମାନଙ୍କ ମଧ୍ୟରେ ଅଧିକ ସଂଯୋଗ ସ୍ଥାପିତ ହୋଇପାରିବ, ବନ୍ଦର ନିକଟବର୍ତ୍ତୀ ଅଞ୍ଚଳରେ ଶିଳ୍ପାୟନ ସୁନିଶ୍ଚିତ ହୋଇପାରିବ ଏବଂ ତଟୀୟ କ୍ଷେତ୍ରରେ ବସବାସ କରୁଥିବା ଲୋକମାନଙ୍କର ଆର୍ଥିକ ବିକାଶ ଘଟିପାରିବ ।
- ଏବେସୁଦ୍ଧା ୩୦,୦୦୦ କୋଟି ଟଙ୍କା ବ୍ୟୟରେ ୧୨୧ଟି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହୋଇସାରିଛି ଏବଂ ୩୩,୦୦,୦୦୦ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେବାକୁ ଥିବା ୨୦୧ଟି ପ୍ରକଳ୍ପ ରୂପାୟନ କରାଯାଉଛି ।

ପ୍ରତିବଦ୍ଧତା 31 ଦେଶର ସମସ୍ତ ପରିବାରଙ୍କ ନିକଟରେ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧ କରାଇବା

ପ୍ରଗତି ! ଦେଶ ସ୍ୱାଧୀନ ଠାରୁ ନେଇ ୨୦୧୯ ମସିହା ପର୍ଯ୍ୟନ୍ତ ଦେଶର କେବଳ ୩୨୩ କୋଟି ପରିବାରଙ୍କୁ ପାଇପ୍ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆଯାଇପାରିଥିଲା । ତେଣୁ ୨୦୧୯ ମସିହା ଅଗଷ୍ଟ ୧୫ ତାରିଖ ଦିନ ଲାଲକିଲ୍ଲାର ମଞ୍ଚ ଉପରୁ ଏକ ସଂକଳ୍ପ ଘୋଷଣା କରାଯାଇଥିଲା ଯେ ଦେଶର ସମସ୍ତ ପରିବାରଙ୍କ ନିକଟରେ ପାଇପ୍ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆଯିବ । ୨୦୨୧ ମସିହା ଜୁନ୍ ମାସ ସୁଦ୍ଧା, ଦେଶର ୪ କୋଟି ୪୩ ଲକ୍ଷ ନୂତନ ପରିବାରଙ୍କୁ ପାଇପ୍ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି । ୨୦୨୪ ମସିହା ସୁଦ୍ଧା ଦେଶର ମୋଟ ୧୯ କୋଟି ୨୦ ଲକ୍ଷ ପରିବାରଙ୍କୁ ପାଇପ୍ ଜଳ ଯୋଗାଣ ନିମନ୍ତେ ଏକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏବେସୁଦ୍ଧା ଗୋଆ ଓ ତେଲଙ୍ଗାନାରେ ସମସ୍ତ ପରିବାରଙ୍କ ନିକଟରେ ପାଇପ୍ ଜଳ ସୁବିଧା ପହଞ୍ଚା ଯାଇପାରିଛି ।

ପ୍ରତିବଦ୍ଧତା 32 ପେଟ୍ରୋଲରେ ୧୦ ପ୍ରତିଶତ ଇଥାନୋଲ ମିଶ୍ରଣ ନିମନ୍ତେ ଥିବା ଲକ୍ଷ୍ୟ ହାସଲ କରିବା ସକାଶେ ସମସ୍ତ ପ୍ରକାର ପ୍ରୟାସ ଜାରି ରହିଛି

ପ୍ରଗତି ! ପରିବେଶ ସୁରକ୍ଷା ଏବେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଉଭା ହୋଇଛି । ୨୦୧୪ ମସିହା ସୁଦ୍ଧା ହାରାହାରି ଭାବେ ପେଟ୍ରୋଲରେ କେବଳ ୧.୫ ପ୍ରତିଶତ ଇଥାନୋଲ ମିଶ୍ରଣ ସମ୍ଭବପର ହୋଇପାରିଥିଲା ଯାହାକି ଏବେ ୮.୫ ପ୍ରତିଶତ ଛୁଇଁଛି । ୨୦୧୩-୧୪ ବର୍ଷରେ ପ୍ରାୟ ୩୮ କୋଟି ଲିଟର ଇଥାନୋଲ କ୍ରୟ କରାଯାଇଥିଲା ଯାହା ଏବେ ବୃଦ୍ଧି ପାଇ ୩୨୦ କୋଟି ଲିଟର ଛୁଇଁଛି । ନିକଟରେ, ଭାରତ ଏକ ଲକ୍ଷ୍ୟ ଧାର୍ଯ୍ୟ କରିଛି ଯେ ୨୦୨୫ ଠାରୁ ୨୦୩୦ ମସିହା ମଧ୍ୟରେ ଦେଶରେ ୨୦% ଇଥାନୋଲ ମିଶ୍ରଣଯୁକ୍ତ ପେଟ୍ରୋଲ ଉପଲବ୍ଧ କରାଯିବ ।

ପ୍ରତିବଦ୍ଧତା 33 ହାଇ ସ୍ପିଡ୍ ଅପ୍ଟିକାଲ ଫାଇବର ନେଟୱାର୍କ ମାଧ୍ୟମରେ ଦେଶର ପ୍ରତ୍ୟେକ ପଞ୍ଚାୟତକୁ ସଂଯୋଗ କରିବା

ପ୍ରଗତି ! ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ଲକ୍ଷ୍ୟ କେବଳ ଜୀବନକୁ ସହଜସୁଲଭ କରିବା ନୁହେଁ, ବରଂ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଉପାର୍ଜନ ବିକାଶର ଏହା ଏକ ଗୁରୁତ୍ୱପୂର୍ଣ୍ଣ ସାଧନ। ତେଣୁ ବ୍ରଡବ୍ୟାଣ୍ଡ ସେବା ଗ୍ରାମମାନଙ୍କୁ ଯୋଗାଇ ଦେବାର ଗୁରୁତ୍ୱକୁ ଉପଲବ୍ଧ କରି ଦେଶର ୧.୬୦ ଲକ୍ଷ ଗ୍ରାମ ପଞ୍ଚାୟତକୁ ଭାରତନେଟ୍ ଦ୍ୱାରା ଅପ୍ଟିକାଲ୍ ଫାଇବର ନେଟୱାର୍କରେ ସଂଯୋଗ କରାଯାଇଛି । ଜୁନ୍ ୩୦ ତାରିଖ ସୁଦ୍ଧା, ଦେଶର ୧୬ଟି ରାଜ୍ୟର ୩.୬୦ ଲକ୍ଷ ଗ୍ରାମକୁ ଭାରତନେଟ୍ ପ୍ରକଳ୍ପ ମାଧ୍ୟମରେ ପିପିପି ମୋଡ଼ରେ ସଂଯୋଗ କରାଯିବା ନିମନ୍ତେ ସରକାର ମଞ୍ଜୁରୀ ପ୍ରଦାନ କରିସାରିଛନ୍ତି ।

ପ୍ରତିବଦ୍ଧତା 34

ଜଳ ମନ୍ତ୍ରଣାଳୟ ନାମକ ଏକ ନୂତନ ମନ୍ତ୍ରଣାଳୟ ସୃଷ୍ଟି କରାଯାଇ ଜଳ ପରିଚାଳନାର ସକଳ ପ୍ରକାର କାର୍ଯ୍ୟ ସଂପାଦନ କରାଯାଉଛି

ପ୍ରଗତି ! ଭାରତ ଭଳି ଏକ ବିଶାଳ ରାଷ୍ଟ୍ରନିମନ୍ତେ ଭବିଷ୍ୟତର ଜଳ ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ଜଳ ସଂରକ୍ଷଣ ଏକାନ୍ତ ଜରୁରି । ଏଥି ସହିତ ବର୍ତ୍ତମାନର ନାଗରିକମାନଙ୍କ ଆବଶ୍ୟକତା ମୁତାବକ ସେମାନଙ୍କୁ ନିରାପଦ ପାନୀୟ ଜଳ ଯୋଗାଣ ମଧ୍ୟ ଏକ ବିରାଟ ଚାଲେଞ୍ଜ । ଏ ସଂକ୍ରାନ୍ତ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାବେଳେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜଳଶକ୍ତି ମନ୍ତ୍ରଣାଳୟ ନାମକ ଏକ ନୂତନ ମନ୍ତ୍ରଣାଳୟ ସୃଷ୍ଟି କରିଛନ୍ତି । ଏହା ମାଧ୍ୟମରେ ସାମଗ୍ରିକ ଯୋଜନା ପ୍ରସ୍ତୁତ, ନୀତି ନିର୍ଦ୍ଧାରଣ, ସମନ୍ୱୟ ରକ୍ଷା ଓ ନିର୍ଦ୍ଦେଶାବଳୀ ପ୍ରଦାନ, ଜଳସେଚନ, ବନ୍ୟା ନିୟନ୍ତ୍ରଣ, ପାନୀୟ ଜଳ ବ୍ୟବସ୍ଥାକରଣ ଏବଂ ଜଳସଂପଦ କ୍ଷେତ୍ରରେ ବହୁମୁଖୀ ପ୍ରକଳ୍ପମାନ କାର୍ଯ୍ୟକାରୀ କରିବା ଭଳି ସମସ୍ତ ମାକ୍ରୋ କାର୍ଯ୍ୟାବଳୀ ସଂପାଦନ କରାଯାଉଛି ।

ପ୍ରତିବଦ୍ଧତା 35

ଦେଶରେ ଜାତୀୟ ରାଜପଥକୁ ଦୁଇଗୁଣ ଦୀର୍ଘ କରିବା

ପ୍ରଗତି ! ଗତ ୭ ବର୍ଷ ମଧ୍ୟରେ ଦେଶରେ ମୋଟ ୧,୩୭,୬୨୫ କିଲୋମିଟର ଦୀର୍ଘର ଜାତୀୟ ରାଜପଥ ନିର୍ମାଣ କରାଯାଇଛି । ଇତି ପୂର୍ବରୁ ଦେଶରେ ମୋଟ ୯୧,୨୮୭ କିଲୋମିଟରର ଜାତୀୟ ରାଜପଥ ଥିଲା । ଏବେ ଦୈନିକ ୩୭ କିଲୋମିଟରର ଜାତୀୟ ରାଜପଥ ନିର୍ମାଣ କରାଯାଉଛି । ୨୦୧୪ ମସିହା ପର୍ଯ୍ୟନ୍ତ ଦୈନିକ ରାଜପଥ ନିର୍ମାଣ ମାତ୍ର ମାତ୍ର ୧୨ କିଲୋମିଟର ଥିଲା ।

ପ୍ରତିବଦ୍ଧତା 36

ଦେଶର ପ୍ରମୁଖ ନଗରୀ ଓ କ୍ଷୁଦ୍ର ଟାଉନ ମାନଙ୍କରେ ପାଇପ୍ ଯୋଗେ ଏଲପିଜି ଯୋଗାଣ

ପ୍ରଗତି ! ଏଲପିଜି ଯୋଗାଣକୁ ବ୍ୟାପକ କରିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ ସ୍ୱରୂପ ଏପର୍ଯ୍ୟନ୍ତ ୧୬,୮୦୦ କିଲୋମିଟର ଦୀର୍ଘ ପାଇପ୍ ଲାଇନ୍ ବିଛାଯାଇଛି । ୨୦୧୯-୨୦ ମସିହାରେ ଆଉ ୧୪,୨୦୦ କିଲୋମିଟର ଅଧିକ ପାଇପ ଲାଇନ୍ ବିଛାଯିବା ପ୍ରସ୍ତାବ ସରକାରଙ୍କ ମଞ୍ଜୁରୀ ଲାଭ କରିଛି ।

ପ୍ରତିବଦ୍ଧତା 37

ଦେଶରେ ବିମାନ ସଂଯୋଗୀକରଣକୁ ଉତ୍ତମ ଓ ବ୍ୟାପକ କରିବା ନିମନ୍ତେ ବିମାନ ବନ୍ଦର ସଂଖ୍ୟାକୁ ୧୫୦କୁ ବୃଦ୍ଧି କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି

ପ୍ରଗତି ! 'ଉଡ଼େ ଦେଶକା ଆମ୍ ନାଗରିକ' (ଉଡାନ) ଯୋଜନା ମାଧ୍ୟମେରେ ଦେଶରେ ସାଧାରଣ ନାଗରିକଙ୍କ ବିମାନ ଯାତ୍ରାକୁ ସୁଲଭ କରାଯାଇଛି । ଏଥି ନିମନ୍ତେ ଗତ କିଛି ବର୍ଷ ମଧ୍ୟରେ ଏ ଦିଗରେ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ସେଥି ମଧ୍ୟରେ ୫୦୦ କିଲୋମିଟର ପର୍ଯ୍ୟନ୍ତ ଉଡାଣ ନିମନ୍ତେ ଯାତ୍ରାଭଡ଼ାକୁ ୨୫୦୦ ଟଙ୍କା ମଧ୍ୟରେ ସୀମିତ ରଖିବା ଦ୍ୱାରା ସାଧାରଣ ଜନତା ବିମାନ ଯାତ୍ରା ପ୍ରତି ଅଧିକ ମାତ୍ରାରେ ଆକୃଷ୍ଟ ହୋଇପାରିଛନ୍ତି । "ଉଡାନ୍" ଯୋଜନା ଅଧୀନରେ ଏବେ ଦେଶର ୫୯ଟି ବିମାନ ବନ୍ଦର କାର୍ଯ୍ୟ କରୁଛି ଯେଉଁ ସଂଖ୍ୟା ୨୦୨୪ ମସିହା ସୁଦ୍ଧା ୧୦୦ ଛୁଇଁବ। ସେଥି ମଧ୍ୟରେ ୫ଟି ହେଲିପୋର୍ଟ ଏବଂ ୨ଟି ଜଳ ଏରୋଡ୍ରୋମ୍ ସାମିଲ । ଏହାବ୍ୟତୀତ, ଦେଶରେ ବିମାନ ବନ୍ଦରଗୁଡ଼ିକର ସଂଖ୍ୟା ୧୨୫ ଛୁଇଁଛି ।

ରେଳବାଇ, ରାଷ୍ଟ୍ରର ଜୀବନଧାରା ଭାବେ ବିବେଚିତ

ରାଷ୍ଟ୍ରୀୟ ରେଳ ପ୍ରକଳ୍ପ- ୨୦୩୦ ନାମକ ଏକ ପ୍ରକଳ୍ପ ସରକାର ହାତକୁ ନେଇଛନ୍ତି ଯାହା ମାଧ୍ୟମରେ ରେଳଯାତ୍ରୀମାନଙ୍କ ଯାତ୍ରାକୁ ଅଧିକ ନିରାପଦ ଓ ସମୟୋଚିତ କରାଯିବାର ଲକ୍ଷ୍ୟ ରଖାଯାଇଛି । ୨୦୨୨-୨୨ ମସିହାର ବଜେଟରେ କେବଳ ନୂତନ ପ୍ରକଳ୍ପଗୁଡ଼ିକ ନିମନ୍ତେ ୧.୦୭ ଲକ୍ଷ କୋଟି ଟଙ୍କାର ପ୍ରାବଧାନ କରାଯାଇଛି ।



ପ୍ରତିବଦ୍ଧତା 38

୨୦୨୨ ମସିହା ସୁଦ୍ଧା ଦେଶର ସମସ୍ତ ରେଳ ଲାଇନକୁ ବ୍ରଡ ଗେଜ୍‌କୁ ପରିବର୍ତ୍ତନ କରାଯିବାର ଲକ୍ଷ୍ୟ

ପ୍ରଗତି ! ୨୦୫୦ ପର୍ଯ୍ୟନ୍ତ ଦେଶର ରେଳ ଟ୍ରାଫିକ୍ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜାତୀୟ ରେଳ ଯୋଜନା (ଏନଆରପି) ପ୍ରସ୍ତୁତ କରାଯାଇଛି ଯାହାକି ରେଳଯାତ୍ରୀଙ୍କ ଚାହିଦାକୁ ପୂରଣ କରିପାରିବ । ଏହି ଉଦ୍ଦେଶ୍ୟରେ ୨୦୩୦ ମସିହା ସୁଦ୍ଧା ଆବଶ୍ୟକୀୟ ସମସ୍ତ ଭିତ୍ତିଭୂମି ନିର୍ମିତ ହେବା ଆବଶ୍ୟକ । ଦେଶର ମୋଟ ୬୭,୯୫୬ କିଲୋମିଟର ଟ୍ରାକ୍ ରୁଟ୍ ମଧ୍ୟରୁ ୬୩ ହଜାର କିଲୋମିଟରରୁ ଅଧିକ ଏବେସୁଦ୍ଧା ବ୍ରଡ ଗେଜ୍ ହୋଇସାରିଛି ଯାହାକି ମୋଟ ରୁଟ୍‌ର ୯୪ ପ୍ରତିଶତ । ୨୦୧୯ ମସିହା ଜାନୁଆରୀ ସୁଦ୍ଧା ଦେଶର ସମସ୍ତ ବ୍ରଡ ଗେଜ୍ ରୁଟ୍‌ରେ ଜଗୁଆଳୀବିହୀନ ଲେଭଲ କ୍ରସିଂର ଉଚ୍ଛେଦ କରାଯାଇଛି । ୨୦୧୯-୨୦ ମସିହାରେ ମୋଟ ୧୨୭୪ଟି ଜଗୁଆଳୀଯୁକ୍ତ କ୍ରସିଂକୁ ବନ୍ଦ କରି ଦିଆଯାଇଛି ଯାହାକି ୨୦୧୮-୧୯ରେ ୬୩୧ ଥିଲା । ୨୦୧୯ ମସିହା ଏପ୍ରିଲ ମାସଠାରୁ ଅଦ୍ୟାବଧି କୌଣସି ଟ୍ରେନ୍ ଦୁର୍ଘଟଣା ଖବର ରିପୋର୍ଟ ହୋଇନାହିଁ ।

ପ୍ରତିବଦ୍ଧତା 39


ତୀବ୍ରଗାମୀ ଓ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରାଯିବ

ପ୍ରଗତି

ଏହି ପରିପ୍ରେକ୍ଷୀରେ ଘଣ୍ଟାକୁ ୧୩୦ କିଲୋମିଟର ବେଗଯୁକ୍ତ ବନ୍ଦେ ଭାରତ ଟ୍ରେନ୍ ସେବାର ଆରମ୍ଭ କରାଯାଇଛି । ସେହିଭଳି ଅର୍ଦ୍ଧ- ହାଇ ସ୍ପିଡ୍ ବୁଲେଟ୍ ଟ୍ରେନ୍ ପ୍ରକଳ୍ପ କାର୍ଯ୍ୟ ପୂର୍ଣ୍ଣ ମାତ୍ରାରେ ଆଗେଇ ଚାଲିଛି ।

ଯଦ୍ୟପି ୨୦୦୬ ଠାରୁ ୨୦୧୪ ମସିହା ମଧ୍ୟରେ ଦେଶରେ କୌଣସି ନୂତନ ରେଳପଥ ନିର୍ମିତ ହୋଇନଥିଲା, ୨୦୧୪-୨୦ ମଧ୍ୟରେ ମୋଟ ୩୨ଟି ପ୍ରକଳ୍ପର ୧୩୫୩ କିଲୋମିଟର ଦୀର୍ଘ ରେଳପଥ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ୨୦୦୯-୧୪ ମଧ୍ୟରେ ୩୨୫ କିଲୋମିଟର ରେଳପଥର ଦୋହରାକରଣ କାର୍ଯ୍ୟ କରାଯାଇଥିଲା । ୨୦୧୪-୨୦ ମଧ୍ୟରେ ୧୪୫୮ କିଲୋମିଟର ରେଳପଥ ଦୋହରାକରଣ କାର୍ଯ୍ୟ ସଂପାଦନ କରାଯାଇଛି । ସେହିଭଳି ରେଳପଥ କାର୍ଯ୍ୟ ଦେଶର ଉତ୍ତର ପୂର୍ବାଞ୍ଚଳ କ୍ଷେତ୍ର ଏବଂ କାଶ୍ମୀରକୁ ସଂପ୍ରସାରଣ କରାଯାଇଛି। ବର୍ତ୍ତମାନ ସମସ୍ତ ରେଳଡ଼ବାରେ ୧୦୦ ପ୍ରତିଶତ ଜୈବ –ଶୌଚାଳୟ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ପ୍ରଥମ ଥର ପାଇଁ କିଷାନ ରେଳ ସେବା ଆରମ୍ଭ କରାଯାଇ ସେଥିରେ ପନିପରିବା ଓ ଫଳମୂଳ ପରିବହନ କରାଯାଉଛି ।

> ରେଳବାଇର ସମ୍ପ୍ରସାରଣ ହେବା ଆବଶ୍ୟକ, ରେଳବାଇର ବିକାଶ ଘଟିବା ଆବଶ୍ୟକ, ରେଳବାଇକୁ ଆଧୁନିକରାଯିବା ଏବଂ ରେଳବାଇ ସାଧାରଣ ଲୋକମାନଙ୍କ ଜୀବନରେ ଗୁଣାତ୍ମକ ପରିବର୍ତ୍ତନ ଘଟାଇବାରେ ସହାୟକ ହେବା ଆବଶ୍ୟକ । ଦେଶର ଦରିଦ୍ରରୁ ଦରିଦ୍ରତମ ଲୋକ ରେଳସେବାର ଉପଯୋଗ କରିଥାନ୍ତି, ତେଣୁ ରେଳବାଇ ବଜେଟକୁ ବ୍ୟାପକ ମାତ୍ରରେ ବୃଦ୍ଧି କରିବା ନିମନ୍ତେ ନିଷ୍ପତ୍ତି କରାଯାଇଥିଲା। ପୂର୍ବରୁ ବର୍ଷକୁ ମାତ୍ର କେଇ କିଲୋମିଟର ରେଳପଥର ଦୋହରାକରଣ କରାଯିବା ମଧ୍ୟରେ ସୀମିତ ଥିଲା ଏବଂ ଏହା ପରେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି ଏବଂ ପୂର୍ବାପେକ୍ଷା ଏହାକୁ ଦୁଇ- ତିନିଗୁଣ ଅଧିକ ବେଗରେ କାର୍ଯ୍ୟକାରୀ କରାଯାଉଛି ।
>
> -ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ



ଦେଶର ୬୩୭ଟି ରେଳ ଷ୍ଟେସନରେ ସିସିଟିଭି କ୍ୟାମେରା ଖଞ୍ଜାଯାଇଛି

ପ୍ରତିବଦ୍ଧତା 40

ଦେଶର ସମସ୍ତ ରେଳଲାଇନକୁ ସଂପୂର୍ଣ୍ଣ ରୂପେ ବିଦ୍ୟୁତିକରଣ କରାଯିବା କାର୍ଯ୍ୟ ଜୋରସୋର ଭାବେ ଚାଲିଛି

ପ୍ରଗତି

୨୦୨୩ ମସିହା ସୁଦ୍ଧା ଦେଶର ସମସ୍ତ ରେଳଲାଇନର ବିଦ୍ୟୁତିକରଣ କାର୍ଯ୍ୟ ସଂପୂର୍ଣ୍ଣ ହେବ । ୨୦୨୦ ମସିହା ସୁଦ୍ଧା ୧୮,୦୦୦ କିଲୋମିଟର ରେଳ ଲାଇନର ବିଦ୍ୟୁତିକରଣ କାର୍ଯ୍ୟ ଶେଷ ହୋଇସାରିଛି। ଗ୍ରୀନ୍ ରେଳବାଇକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ, ୫୦୫ଟି ଟ୍ରେନ୍‌ରେ ଏବେ ହେଡ୍- ଅନ୍- ପ୍ରଯୁକ୍ତିର ଉପଯୋଗ କରାଯାଉଛି । ଏହା ଦ୍ୱାରା ପ୍ରାୟ ୭ କୋଟି ଲିଟର ଡିଜେଲ ପୋଡାକୁ ରୋକାଯାଇ ପାରିଚି । ୨୦୩୦ ମସିହା ସୁଦ୍ଧା ରେଳବାଇ ଏଭଳି ଏକ ପରିବହନ ବ୍ୟବସ୍ଥାରେ ପରିଣତ ହେବ ଯେଉଁଥିରୁ ଶୂନ କାର୍ବନ ଉତ୍ସର୍ଜନ ହେଉଥିବ ।

ପ୍ରତିବଦ୍ଧତା 41

ଦେଶର ପ୍ରମୁଖ ରେଳଷ୍ଟେସନରେ ୱାଇ- ଫାଇ ସୁବିଧା ଉପଲବ୍ଧ କରାଇବା

ପ୍ରଗତି

ଭାରତରେ ମୋଟ ୮୩୩୮ଟି ରେଳ ଷ୍ଟେସନ୍ ରହିଛି । ସେଥି ମଧ୍ୟରୁ ଏପର୍ଯ୍ୟନ୍ତ ୬୦୦୦ଟି ରେଳଷ୍ଟେସନରେ ମାଗଣା ୱାଇ ଫାଇ ସୁବିଧା ଉପଲବ୍ଧ କରାଯାଇଛି । କେବଳ ୨୦୧୯-୨୦ ବର୍ଷରେ, ୪,୪୧୧ଟି ରେଳ ଷ୍ଟେସନ୍‌ରେ ୱାଇ ଫାଇ ସୁବିଧା ଉପଲବ୍ଧ କରାଯାଇଥିଲା ।

ପ୍ରତିବଦ୍ଧତା 42

ସମର୍ପିତ ମାଲ ପରିବହନ କରିଡୋର ପ୍ରକଳ୍ପ ପୂର୍ଣ୍ଣାଙ୍ଗକରଣ

ପ୍ରଗତି

ମଦାର ସେକସନ୍ ଏବଂ ଖୁର୍ଜା- ଭଦାନ ସେକ୍ସନ ମଧ୍ୟରେ ଦୁଇଟି ସମର୍ପିତ ମାଲ ପରିବହନ କରିଡୋର ପ୍ରକଳ୍ପ କାର୍ଯ୍ୟ ଏବେସୁଦ୍ଧା ସଂପୂର୍ଣ୍ଣ ହୋଇସାରିଛି । ସେହିଭଳି ୨୦୨୨ ମସିହା ଜୁନ୍ ମାସ ସୁଦ୍ଧା ୱେଷ୍ଟର୍ଣ୍ଣ ଡେଡିକେଟେଡ୍ ଫ୍ରେଟ୍ କରିଡୋର (ଡ଼ିଏଫସି) ଏବଂ ଇଷ୍ଟର୍ଣ୍ଣ ଡେଡିକେଟେଡ୍ ଫ୍ରେଟ୍ କରିଡୋର କାର୍ଯ୍ୟ ଶେଷ ହୋଇ ସେସବୁ କାର୍ଯ୍ୟକ୍ଷମ ହେବାର ଆଶା କରାଯାଉଛି ।



ସ୍ୱାସ୍ଥ୍ୟ କ୍ଷେତ୍ରରେ ପୁନଃ ପୁଞ୍ଜିନିବେଶ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା ସୁନିଶ୍ଚିତିକରଣ

ସଫଳତା ଓ ସମୃଦ୍ଧିର ମୂଳ ଆଧାର ହେଉଛି ସ୍ୱାସ୍ଥ୍ୟ। ଜଣେ ବ୍ୟକ୍ତି ହେଉ ଅବା ଗୋଟିଏ ପରିବାର, ସମାଜ କିମ୍ବା ଏକ ରାଷ୍ଟ୍ର, ସେମାନଙ୍କର ସମୃଦ୍ଧି ମାପିବାର ମାପଦଣ୍ଡ ହେଉଛି ସ୍ୱାସ୍ଥ୍ୟ । ଏହି ମୌଳିକ କଥାକୁ ଚିନ୍ତା କରି ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଏବେ ଆମୂଳଚୂଳ ପରିବର୍ତ୍ତନ ଘଟାଯାଉଛି । ତାହା ନୂତନ ହସପିଟାଲ ନିର୍ମାଣ ହୋଇଥାଉ କିମ୍ବା ମେଡ଼ିକାଲ କଲେଜ ସ୍ଥାପନ କିମ୍ବା ଦେଶର ୫୦ କୋଟିରୁ ଅଧିକ ନାଗରିକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଣ ।

ପ୍ରତିବଦ୍ଧତା 43 ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ ଅଧୀନରେ ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ର ସ୍ଥାପନ

ପ୍ରଗତି କରୋନା ସମୟରେ ଦେଶର ୬୭୮ଟି ଜିଲ୍ଲାରେ ମୋଟ ୫୦,୦୨୫ଗୋଟି ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ର ସ୍ଥାପନ କରାଯାଇଛି । ଏବେ ସାରା ଦେଶରେ ସେହିଭଳି ୧୫୦,୦୦୦ଟି କେନ୍ଦ୍ର ଖୋଲାଯାଉଛି । ଏହିସବୁ କେନ୍ଦ୍ରରୁ ୨୮ କୋଟିରୁ ଅଧିକ ଲୋକ ଉପକୃତ ହୋଇପାରିଛନ୍ତି ।

ପ୍ରତିବଦ୍ଧତା 44 ଗରିବ ଲୋକମାନଙ୍କୁ ଟେଲି ମେଡ଼ିସିନ୍ ସେବା ମାଧ୍ୟମରେ ସେମାନଙ୍କ ଘର ନିକଟରେ ପ୍ରାଥମିକ ସ୍ୱାସ୍ଥ୍ୟ ସୁବିଧା ଯୋଗାଣର ବ୍ୟବସ୍ଥା

ପ୍ରଗତି ଇ- ସଞ୍ଜିବନୀ କାର୍ଯ୍ୟକ୍ରମ ଅଧୀନରେ, ଦେଶର ୩୦ଟି ରାଜ୍ୟରେ ୨୦,୦୦୦ଗୋଟି ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ର ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇଛି ଯାହାକି ୧୮୦୦ଗୋଟି ହବ୍ ମାଧ୍ୟମରେ ପରିଚାଳିତ ହେଉଛି । ଜୁନ୍ ୧୦ ତାରିଖ ସୁଦ୍ଧା, ଇ- ସଞ୍ଜିବନୀ ସେମା ମାଧ୍ୟମରେ ୬୦ ଲକ୍ଷ ପରାମର୍ଶ ସଂପନ୍ନ ହୋଇଛି । ଦେଶର ପ୍ରତ୍ୟେକ ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ରରେ ଏହି ବ୍ୟବସ୍ଥା ସ୍ଥାପନ କରାଯିବ ।

ପ୍ରତିବଦ୍ଧତା 45 ଯକ୍ଷ୍ମା ନିର୍ମୂଳନ ଦିଗରେ ଅଗ୍ରସର

ପ୍ରଗତି ୨୦୩୦ ମସିହା ସୁଦ୍ଧା ସାରା ବିଶ୍ୱରୁ ଯକ୍ଷ୍ମା ରୋଗ ନିର୍ମୂଳନ ନିମନ୍ତେ ମିଳିତ ଜାତିସଂଘ ପକ୍ଷରୁ ଏକ ଲକ୍ଷ ଧାର୍ଯ୍ୟ କରାଯାଇଛି। କିନ୍ତୁ ୨୦୨୫ ମସିହା ସୁଦ୍ଧା ଭାରତ ଏହି ଲକ୍ଷ୍ୟ ହାସଲ କରିବା ନିମନ୍ତେ ପ୍ରତିବଦ୍ଧତା ସ୍ଥିର କରିଛି। ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଥି ନିମନ୍ତେ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି । ପ୍ରଥମ ତିନି ବର୍ଷରେ ଏହି ଅଭିଯାନ ନିମନ୍ତେ ୧୨,୦୦୦ କୋଟି ଟଙ୍କାର ପ୍ରାବଧାନ କରାଯାଇଛି ।

ପ୍ରତିବଦ୍ଧତା 46 ୭୫ଟି ନୂଆ ଅଣ୍ଡର ଗ୍ରାଜୁଏଟ ଓ ପୋଷ୍ଟ ଗ୍ରାଜୁଏଟ୍ ମେଡ଼ିକାଲ ସ୍ଥାପନ

ପ୍ରଗତି ଦେଶରେ ମେଡ଼ିକାଲ ଶିକ୍ଷାର ପ୍ରସାର ନିମନ୍ତେ ୧୫ଟି ନୂତନ ଏମ୍ସ ଖୋଲାଯାଇଛି । ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ହେବା ପରେ, ଜମ୍ମୁ ଓ କାଶ୍ମୀରରେ ୨ଟି ନୂଆ ଏମ୍ସ ଏବଂ ୯ଟି ନୂଆ ମେଡ଼ିକାଲ କଲେଜ ଆରମ୍ଭ କରାଯାଇଛି ।

୧୯୪୭ ଠାରୁ ୨୦୧୪

ଦେଶରେ ମୋଟ ମେଡ଼ିକାଲ କଲେଜ ସଂଖ୍ୟା	ମେଡ଼ିକାଲ କଲେଜରେ ସିଟ୍ ସଂଖ୍ୟା	
381	52000 ଗ୍ରାଜୁଏଟ୍	30000 ପୋଷ୍ଟ ଗ୍ରାଜୁଏଟ୍

୨୦୧୪ ଠାରୁ ୨୦୨୦

ନୂତନ ମେଡ଼ିକାଲ କଲେଜ	ମେଡ଼ିକାଲ କଲେଜରେ ସିଟ୍	
184	ଅଧିକ 85000 ଗ୍ରାଜୁଏଟ୍	46000 ପୋଷ୍ଟ ଗ୍ରାଜୁଏଟ୍

ଗତ ୬ ବର୍ଷ ମଧ୍ୟରେ ଦେଶରେ ଆୟୁଷ କଲେଜ ସଂଖ୍ୟା ୨୦୦ରୁ ୭୧୧କୁ ବୃଦ୍ଧି ପାଇଛି । ଏବେ ଦେଶରେ ଆଉ ୪୩୫ଟି ନୂଆ ଆୟୁଷ କଲେଜ ଖୋଲାଯାଇଛି ଯାହା ଫଳରେ ଦେଶର ମୋଟ ଆୟୁଷ କଲେଜ ସଂଖ୍ୟା ୪୦୩୫କୁ ବୃଦ୍ଧି ପାଇଛି ।

ଚିକିତ୍ସା ସେବା କେବେ ମାଗଣାରେ ଉପଲବ୍ଧ ହେବ ବୋଲି ଚିନ୍ତା ସୁଦ୍ଧା କରିନଥିଲି । ଯେତେବେଳେ ମୁଁ ଆୟୁଷ୍ମାନ ଭାରତ ଯୋଜନା କଥା ପ୍ରଥମ ଥର ପାଇଁ ଶୁଣିବାକୁ ପାଇଲି, ମୁଁ ସେକଥାକୁ ବିଶ୍ୱାସ କରିପାରିନଥିଲି । ମୋର ସାନ ଝିଅ ହସପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥାଏ । ହସପିଟାଲ ତରଫରୁ ଆୟୁଷ୍ମାନ କାର୍ଡ଼ ଜରିଆରେ ଔଷଧ ଓ ବ୍ଲଡ୍ ଟ୍ରାନ୍ସଫ୍ୟୁଜ୍ ଆଦି ମାଗଣାରେ ଯୋଗାଇ ଦିଆଯାଇଥିଲା ।

-ବୁଲାଇ ଦାସ, ଜିଲ୍ଲା ଧର୍ମନଗର, ତ୍ରିପୁରା

ପ୍ରତିବଦ୍ଧତା 47 ପୋଷଣ ଅଭିଯାନ ଅଧୀନରେ, ପୁଷ୍ଟିହୀନତା ମାତ୍ରାକୁ ହ୍ରାସ କରିବା ନିମନ୍ତେ ଏକ ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି

ପ୍ରଗତି ! ତାହା ସ୍ୱାସ୍ଥ୍ୟ, ଶିକ୍ଷା କିମ୍ବା ଅର୍ଥନୀତି ହୋଇଥାଉ, କେନ୍ଦ୍ର ସରକାର ଏହାର ମୂଳ ଆଧାରକୁ ସୁଦୃଢ଼ କରିବା ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । ଭାରତ ସରକାର ଏବେ ପୁଷ୍ଟିହୀନତା ହ୍ରାସ ଉଦ୍ଦେଶ୍ୟରେ ୨୦୧୮ ମସିହା ମାର୍ଚ୍ଚ ୮ ତାରିଖ ଠାରୁ ପୋଷଣ ଅଭିଯାନ ନାମକ ଏକ କାର୍ଯ୍ୟକ୍ରମକୁ ପର୍ଯ୍ୟାୟକ୍ରମିକ ଭାବେ କାର୍ଯ୍ୟକାରୀ କରୁଛନ୍ତି ।

୨୦୨୦ ମସିହା ଅକ୍ଟୋବର ୧ ଠାରୁ ୨୦୨୧ ମସିହା ମାର୍ଚ୍ଚ ୧୫ ତାରିଖ ମଧ୍ୟରେ

୧୦.୦୯ ଲକ୍ଷ

କାର୍ଯ୍ୟକ୍ରମ ସଂପାଦନ କରାଯାଇଛି ।

୫୧.୭ ଲକ୍ଷ

ସାବାଳକ ପୁରୁଷ

୭୫.୫ ଲକ୍ଷ

ସାବାଳକ ମହିଳାଙ୍କୁ ଏଥିରେ ସାମିଲ କରାଯାଇଛି ।



9046 କୋଟି

ଏହି ୩ ବର୍ଷିଆ ଯୋଜନା ପ୍ରବର୍ତ୍ତନ ନିମନ୍ତେ ୯୦୪୬ କୋଟି ଟଙ୍କାର ବଜେଟ ପ୍ରାବଧାନ କରାଯାଇଛି । ଏହା ଅଧୀନରେ ସମସ୍ତ ମନ୍ତ୍ରଣାଳୟ ପୁଷ୍ଟିହୀନତା ଦୂରୀକରଣ ସକାଶେ ଏକତ୍ର କାର୍ଯ୍ୟ କରୁଛନ୍ତି । ଫଳରେ ଦେଶର ୨୨ଟି ରାଜ୍ୟରେ ୫୦ରୁ ଅଧିକ ପ୍ରକଳ୍ପ ପ୍ରବର୍ତ୍ତନ କରାଯାଉଛି ।

ପ୍ରତିବଦ୍ଧତା 48 ୧୪୦୦ ଅନୁପାତ ହାରରେ ଦେଶରେ ତାଲିମପ୍ରାପ୍ତ ଡାକ୍ତରଙ୍କ ପ୍ରାବଧାନ ଲକ୍ଷ୍ୟ ହାସଲ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି

ପ୍ରଗତି ! ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ)ର ମାନ ଅନୁସାରେ, ପ୍ରତି ୧୦୦୦ ଜଣ ନାଗରିକଙ୍କ ପାଇଁ ଜଣେ ଲେଖାଏଁ ଡାକ୍ତର ରହିବା ଆବଶ୍ୟକ । ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଭାରତ ଧୀରେ ଧୀରେ ଅଗ୍ରସର ହେଉଛି । ଆର୍ଥିକ ସର୍ଭେ ରିପୋର୍ଟ ଅନୁସାରେ, ଏବେ ଦେଶରେ ପ୍ରତି ୧୪୫୭ ଜଣ ନାଗରିକଙ୍କ ପାଇଁ ଜଣେ ଡାକ୍ତର ଅଛନ୍ତି । ଏହି ହାରକୁ ବୃଦ୍ଧି କରିବା ଦିଗରେ ସରକାର ପ୍ରୟାସ ଜାରି ରଖିଛନ୍ତି ।

ପ୍ରତିବଦ୍ଧତା 49 ସ୍ୱାସ୍ଥ୍ୟ ଭିତ୍ତିଭୂମିର ଆମୂଳଚୂଳ ପରିବର୍ତ୍ତନ

ପ୍ରଗତି ! କୋଭିଡ଼ ବିଶ୍ୱ ମହାମାରୀ ପରିସ୍ଥିତିରେ ଆମର ପ୍ରତିକୂଳ ପରିସ୍ଥିତିକୁ ସୁଯୋଗରେ ପରିଣତ କରିବା ଦିଗରେ ସହନଶୀଳତାକୁ ବେଶ୍ ମାତ୍ରାରେ ପରୀକ୍ଷିତ ହୋଇପାରିଛି । ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ସ୍ୱାସ୍ଥ୍ୟ ଭାରତ ଯୋଜନା ଦେଶରେ ଆରମ୍ଭ କରାଯାଇଛି ଏବଂ ଏଥିପାଇଁ ୬୪,୧୮୦ କୋଟି ଟଙ୍କାର ପ୍ରାବଧାନ ହୋଇଛି ଯଦ୍ୱାରା ଦେଶର ପ୍ରାଥମିକ, ସେକେଣ୍ଡାରୀ ଏବଂ ଟର୍ସିଆରୀ ସ୍ତରର ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରାଯାଇପାରିବ । ଏହି ଉଦ୍ଦେଶ୍ୟରେ ଦେଶର ୩,୩୮୨ଟି ବ୍ଲକରେ ଜନ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ ଆରମ୍ଭ କରାଯାଇଛି । ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଦେଶର ଛଅଟି ରାଜ୍ୟରେ ପାଇଲଟ୍ ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୧୨ ଲକ୍ଷ ଲୋକଙ୍କୁ ଡିଜିଟାଲ ସ୍ୱାସ୍ଥ୍ୟ ଆଇଡ଼ି ଯୋଗା ଦିଆଯାଇଛି । ଖୁବ୍ ଶୀଘ୍ର ଏହି ଯୋଜନା ଅନ୍ୟାନ୍ୟ ରାଜ୍ୟମାନଙ୍କରେ ଆରମ୍ଭ ହେବାକୁ ଯାଉଛି । "ଭାରତ କୋଭିଡ଼ ୧୯ ଜରୁରୀ ରେସପନ୍ସ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରସ୍ତୁତି ପ୍ୟାକେଜ୍- ଦ୍ୱିତୀୟ ପର୍ଯ୍ୟାୟ" ନାମକ ଏକ ନୂତନ ଯୋଜନା ୨୦୨୧-୨୨ ମସିହାରେ ଆରମ୍ଭ କରାଯାଇଛି ଏବଂ ଏଥିପାଇଁ ୨୩,୧୨୩ କୋଟି ଟଙ୍କାର ପ୍ରସ୍ତାବକୁ ସରକାର ମଂଜୁରୀ ପ୍ରଦାନ କରିଛନ୍ତି । ଏହି ଯୋଜନାର ଲକ୍ଷ୍ୟ ହେଲା ଦେଶରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଘଟାଇବା ଯେଉଁଥିରେ ବିଶେଷ କରି ଶିଶୁସ୍ୱାସ୍ଥ୍ୟ ଯତ୍ନ ସାମିଲ ଏବଂ ଏଥିରୁ ଉଦ୍ଦିଷ୍ଟ ସୁଫଳ ପ୍ରାପ୍ତି ନିମନ୍ତେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି । ଏହି ଯୋଜନା ମଧ୍ୟ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଯାହାକି ଯେକୌଣସି ପ୍ରକାର ମହାମାରୀ କିମ୍ବା ଅନ୍ୟାନ୍ୟ ଆପାତ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ସକାଶେ ପ୍ରତିଷେଧକ, ଚିହ୍ନଟ ଓ ପରିଚାଳନା ନିମନ୍ତେ ପ୍ରସ୍ତୁତିରେ ସହାୟକ ହେବ ।

ସୁଶାସନ ନିମନ୍ତେ ସୁଦୃଢ଼ ସଂକଳ୍ପ

"ସର୍ବନିମ୍ନ ସରକାର – ସର୍ବାଧିକ ସୁଶାସନ" ମନ୍ତ୍ରକୁ ଆଧାର କରି କେନ୍ଦ୍ର ସରକାର ଇଜ୍ ଅଫ୍ ଲିଭିଂ, ବ୍ୟବସ୍ଥାର ସରଳୀକରଣ, ଅନାବଶ୍ୟକ ଆଇନର ଉଚ୍ଛେଦକରଣ, ଚାକିରୀ ପ୍ରୟାସୀମାନଙ୍କ ସକାଶେ ସରକାରୀ କାର୍ଯ୍ୟାଳୟରେ କାଗତପତ୍ର କାମକୁ କମାଇବା ଏବଂ ଅନଲାଇନରେ ଦରଖାସ୍ତ ଓ ଫର୍ମ ପୂରଣ ନିମନ୍ତେ ସେମାନଙ୍କୁ ସକ୍ଷମ କରିବା, ଜନସାଧାରଣଙ୍କ ସମସ୍ତ ପ୍ରକାର ଅଭାବ ଓ ଅଭିଯୋଗକୁ ଗୁରୁତ୍ୱର ସହ ଶୁଣିବା ଓ ସେଗୁଡ଼ିକର ସମାଧାନ କରିବା ଦିଗରେ ପ୍ରୟାସୀ ରହିଆସିଛନ୍ତି । ଏବେ ସରକାରୀ କାର୍ଯ୍ୟାଳୟଗୁଡିକରେ ଏହା କର୍ମ ସଂସ୍କୃତିରେ ପରିଣତ ହେବାରେ ଲାଗିଛି ।

ପ୍ରତିବଦ୍ଧତା 50 ଦେଶରେ ଡିଜିଟାଲ କାରବାର ସଂସ୍କୃତିକୁ ପ୍ରୋତ୍ସାହନ ଯୋଗାଣ

ପ୍ରଗତି ! ଅଧୁନାତନ ସମୟରେ ଡିଜିଟାଲ କାରବାର ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି । ଏହାର ଗୁରୁତ୍ୱକୁ ଉପଲବ୍ଧ କରିବା ସ୍ୱରୂପ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୫ ମସିହାରେ ଡିଜିଟାଲ ଇଣ୍ଡିଆ ଅଭିଯାନ ଆରମ୍ଭ କରିଥିଲେ । କରୋନା ମହାମାରୀ ସଂକ୍ରମଣ କାଳରେ ଏହି ଡିଜିଟାଲ କାରବାରର କାର୍ଯ୍ୟକାରୀତା ଓ ସଫଳତା ବିଶେଷ ଭାବେ ପରିଲକ୍ଷିତ ହୋଇଛି । ପ୍ରତ୍ୟକ୍ଷ ସୁଫଳ ହସ୍ତାନ୍ତରଣ (ଡିବିଟି) ମାଧ୍ୟମରେ ହିତାଧିକାରୀମାନଙ୍କ ବ୍ୟାଙ୍କ୍ ଜମାଖାତାକୁ ସିଧାସଳଖ ଅର୍ଥ ହସ୍ତାନ୍ତରଣ କରାଯାଇପାରୁଛି। କେନ୍ଦ୍ର ସରକାରଙ୍କ ୫୪ଟି ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟକାରୀ ହେଉଥିବା ୩୧୮ଟି ସରକାରୀ ଯୋଜନାର ସୁଫଳ ଅର୍ଥ ଏହି ବ୍ୟବସ୍ଥା ମାଧ୍ୟମରେ ଲୋକମାନଙ୍କ ପାଖରେ ସିଧାସଳଖ ଭାବେ ପହଞ୍ଚି ପାରୁଛି । ଭୀମ୍ ଆପ୍ ଭଳି ଡିଜିଟାଲ ମିଡ଼ିୟମ୍ ମାଧ୍ୟମରେ ୧୭୦ରୁ ଅଧିକ ବ୍ୟାଙ୍କ୍ ଅହୋରାତ୍ର ଏଭଳି ଡିଜିଟାଲ ସୁବିଧା ଯୋଗାଇ ଦେଇଆସୁଛନ୍ତି । ୨୦୧୬ ମସିହା ଅଗଷ୍ଟ ଠାରୁ ୨୦୨୧ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ, ଏହି ଆପ୍ ମାଧ୍ୟମରେ ୩୍ଟ ଟ୍ରିଲିଅନ୍ ଅଧିକ କାରବାର ସଂପାଦିତ ହୋଇସାରିଛି ।

ପ୍ରତିବଦ୍ଧତା 51 ୫ ବର୍ଗକିଲୋମିଟ ସୀମା ମଧ୍ୟରେ ଦେଶର ପ୍ରତ୍ୟେକ ନାଗରିକଙ୍କ ନିମନ୍ତେ ବ୍ୟାଙ୍କିଙ୍ଗ୍ ସୁବିଧା ଯୋଗାଣ

ପ୍ରଗତି ! ସ୍ୱାଧୀନତା ପ୍ରାପ୍ତିର ପ୍ରାୟ ୭୦ ବର୍ଷ ପରେ ସୁଦ୍ଧା ଦେଶର କୋଟି କୋଟି ଲୋକଙ୍କ ନିମନ୍ତେ ବ୍ୟାଙ୍କିଙ୍ଗ୍, ବୀମା, ଋଣ ଓ ପେନସନ୍ ଭଳି ମୌଳିକ ଆର୍ଥିକ ସୁବିଧା ଅପହଞ୍ଚ ରହି ଆସିଥିଲା । ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ମାଧ୍ୟମରେ ଦେଶର ପ୍ରତ୍ୟେକ ସାବାଳକ ନାଗରିକଙ୍କୁ ଗୋଟିଏ ଲେଖାଏଁ ବ୍ୟାଙ୍କ ଜମାଖାତା ଖୋଲିବା ନିମନ୍ତେ ପ୍ରୋତ୍ସାହିତ କରାଯିବା ସହିତ, ସେମାନଙ୍କ ପାଇଁ ଏବେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍ ସୁବିଧା ପ୍ରଦାନ କରାଯାଇଛି । ଏହା ଫଳରେ ସେମାନେ ନିଜ ଘରେ ଥାଇ 'ଡୋରଷ୍ଟେପ୍ ବ୍ୟାଙ୍କିଙ୍ଗ୍' ମାଧ୍ୟମରେ ସକଳ ପ୍ରକାର ବ୍ୟାଙ୍କ ସୁବିଧା ପାଇବାର ସୁଯୋଗ ଲାଭ କରିପାରୁଛନ୍ତି । ଏବେ ଅତି ସହଜରେ ନିଜ ଘରେ ଆରାମରେ ବସି ସମସ୍ତ ପ୍ରକାର ବ୍ୟାଙ୍କିଙ୍ଗ୍ କାରବାର ନିୟମିତ ଭାବେ କରାଯାଇପାରୁଛି । ସେଥି ନିମନ୍ତେ ଦେଶର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ୧ ଲକ୍ଷ ୩୬ ହଜାର ପହଞ୍ଚ କେନ୍ଦ୍ର (ଆକସେସ୍ ପଏଣ୍ଟ) ଖୋଲାଯାଇଛି । ହିତାଧିକାରୀମାନଙ୍କ ଦୁଆର ମୁହଁରେ ବ୍ୟାଙ୍କିଙ୍ଗ୍ ସେବା ପହଞ୍ଚାଇବା ସକାଶେ ସାରା ଦେଶରେ ପ୍ରାୟ ୩ ଲକ୍ଷ ପୋଷ୍ଟମ୍ୟାନ୍ କାର୍ଯ୍ୟରତ ଅଛନ୍ତି ।

ପ୍ରତିବଦ୍ଧତା 52


ବାୟୁ ପ୍ରଦୂଷଣ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ

ପ୍ରଗତି ! ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ)ର ଏକ ରିପୋର୍ଟ ଅନୁସାରେ, ବିଶ୍ୱର ୯୦ ପ୍ରତିଶତ ଶିଶୁ ଶ୍ୱାସକ୍ରିୟାରେ ବିଷାକ୍ତ ବାୟୁ ଆହରଣ କରିବାକୁ ବାଧ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଦେଶରେ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ନାମକ ଏକ ୫ ବର୍ଷିଆ ଯୋଜନା ଆରମ୍ଭ କରାଯାଇଛି । ଏହା ଅଧୀନରେ ୨୦୨୨ ମସିହା ସୁଦ୍ଧା ଦେଶର ୧୨୨ଟି ପ୍ରମୁଖ ସହରରେ ପିଏମ ୨.୫ ଏବଂ ପିଏମ ୧୦ ଭଳି ମାରାତ୍ମକ ସୂକ୍ଷ୍ମାଣୁ ଯାହା ବାୟୁମଣ୍ଡଳରେ ରହିଛି ତାହାର ମାତ୍ରାକୁ ୨୦ରୁ ୩୦ ପ୍ରତିଶତ ହ୍ରାସ କରିବା ନିମନ୍ତେ ପ୍ରୟାସ ଜାରି ରହିଛି । ଏଭଳି ବାୟୁ ପ୍ରଦୂଷଣ ସମସ୍ୟାକୁ ଦୃଷ୍ଟିରେ ରଖି ଭାରତ ବିଏସ୪ ବ୍ୟବସ୍ଥା ପରେ ଅନ୍ତରାଷ୍ଟ୍ରୀୟ ମାନ ଆଧାରରେ ସିଧାସଳଖ ଇନ୍ଧନ ଆଧାରିତ ବିଏସ ୬ ବ୍ୟବସ୍ଥା ପ୍ରବର୍ତ୍ତନ କରିଛି । ଏହା ଦ୍ୱାରା ଯାନବାହନ ଚଳାଚଳ ଯୋଗୁ ହେଉଥିବା ବାୟୁ ପ୍ରଦୂଷଣ ମାତ୍ରାକୁ ପ୍ରାୟ ୭୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରାଯାଇପାରିବ ।



୨୦୨୫ ମସିହା ସୁଦ୍ଧା ୨୦% ଇଥାନୋଲ ମିଶ୍ରିତ ପେଟ୍ରୋଲ ଉପଲବ୍ଧ କରାଯିବ

ବିପଜ୍ଜନକ କାର୍ବନ ମନୋକ୍ସାଇଡ୍ ମାତ୍ରାକୁ ୩୦% ହ୍ରାସ କରାଯାଇ ପାରିବ



"ଫେମ୍ ଇଣ୍ଡିଆ" ଯୋଜନା ମାଧ୍ୟମରେ ଜନ ପରିବହନ ବ୍ୟବସ୍ଥାରେ ଇ- ଯାନ ବ୍ୟବହାରକୁ ପ୍ରୋତ୍ସାହନ ପ୍ରଦାନ କରାଯାଉଛି । ତେଣୁ ଇ-ଯାନ କ୍ରୟରେ ସରକାର ଏକ ବିଶେଷ ପ୍ରୋତ୍ସାହନ ରାଶି ଯୋଗାଇ ଦେଉଛନ୍ତି । ଦିଲ୍ଲୀ- ଏନସିଆର କ୍ଷେତ୍ରରେ ପ୍ରଦୂଷଣ ପ୍ରସାରଣ ପାଇଁ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି ।

ପ୍ରତିବଦ୍ଧତା 53

ସରକାରୀ ବ୍ୟବସ୍ଥାର ସଂପୂର୍ଣ୍ଣ ଡିଜିଟାଇଜେସନ

ପ୍ରଗତି ! ସରକାରଙ୍କ ସୁଶାସନ ପ୍ରୟାସକୁ ଡିଜିଟାଲ ଇଣ୍ଡିଆ ଅଭିଯାନ ଶକ୍ତି ଯୋଗାଉଛି । ଇଜ୍ ଅଫ୍ ଲିଭିଂ ପ୍ରତି ଧ୍ୟାନ ପ୍ରଦାନ ପୂର୍ବକ କେନ୍ଦ୍ର ସରକାର ଡିଜିଟାଲ ଇଣ୍ଡିଆ ଅଧୀନରେ ତିନିଗୋଟି କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦେଉଛନ୍ତି । ସେଥିରୁ ପ୍ରଥମଟି ହେଲା, ଡିଜିଟାଲ ସଂସାଧନ, ଦ୍ୱିତୀୟରେ ଡିଜିଟାଲ ସାକ୍ଷରତା ଏବଂ ତୃତୀୟରେ ଡିଜିଟାଲ ସେବା ପ୍ରଦାନ । ଏହା ମାଧ୍ୟମରେ ଅନେକ ସେବାକୁ ସ୍ୱଚ୍ଛ, ଉତ୍ତରଦାୟୀ ଏବଂ ସହଜଲଭ୍ୟ କରାଯାଇପାରିଛି। ସେହିଭଳି ଭୀମ୍ ଆପ୍, ଉମଙ୍ଗ୍, ଭାରତନେଟ୍, ଡିଜିଟାଲ ଲିଟରେସୀ ମିଶନ, ଡିଜିଲକର, ଡିଜି ସେବକ ଅଥବା ମାଇଗଭ୍ ଦେଶରେ ଡିଜିଟାଲ ଅଭିଯାନ ପ୍ରସାରଣରେ ସହାୟକ ହେଉଛନ୍ତି । ପେନସନଭୋଗୀମାନେ ଏବେ ଅନଲାଇନରେ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ୍ ପାଇପାରୁଛନ୍ତି ଏବଂ ସେମାନଙ୍କୁ ଏଣିକି ପେନସନ ଲାଗି କାର୍ଯ୍ୟାଳୟକୁ ଯିବାକୁ ପଡୁନାହିଁ। ସେହିଭଳି ଆଧାର ଓ ଅନଲାଇନ୍ ବ୍ୟାଙ୍କିଙ୍ଗ୍ ଭଳି ସେବା ଯୋଗାଣ ନିମନ୍ତେ ଦେଶରେ ସାଢ଼େ ତିନି ଲକ୍ଷରୁ ଅଧିକ ସାଧାରଣ ସେବା କେନ୍ଦ୍ର (କମନ୍ ସର୍ଭିସ୍ ସେଣ୍ଟର) କାର୍ଯ୍ୟରତ ଅଛନ୍ତି ।

ସାରା ଦେଶରେ **4.54** କୋଟିରୁ ଅଧିକ ପେନସନ୍‌ଭୋଗୀ ଏବେ ଡିଜିଟାଲ ପ୍ରମାଣନ ସୁବିଧା ହାସଲ କରିପାରୁଛନ୍ତି



ଭାରତର ଡିଜିଟାଲ ଅର୍ଥନୀତି ଏବେ ୧ ଟ୍ରିଲିଅନ୍ ଡଲାର ଅଭିମୁଖେ ଅଗ୍ରସର ହେଉଛି

୨୦୩୯ଟି ସେବାର ଡିଜିଟାଲ ସେବା ଓ ବିଲ୍ ପେଠ ବର୍ତ୍ତମାନ ଉମଙ୍ଗ୍ ଆପ୍ ମାଧ୍ୟମରେ ଉପଲବ୍ଧ କରାଯାଇଛି

> ଏହି ଦଶନ୍ଧି ଭାରତର ଡିଜିଟାଲ ପ୍ରଯୁକ୍ତି କ୍ଷମତାକୁ ବିପୁଳ ପରିମାଣରେ ବୃଦ୍ଧି କରିବାକୁ ଯାଉଛି ଏବଂ ଏହା ବିଶ୍ୱ ଡିଜିଟାଲ ଅର୍ଥନୀତିରେ ଭାରତର ଅଂଶକୁ ମଧ୍ୟ ବୃଦ୍ଧି କରିବାରେ ସହାୟକ ହେବ । ଡିଜିଟାଲ ସମୃଦ୍ଧ ଯୁବଗୋଷ୍ଠୀ ଏହି ଦଶନ୍ଧିକୁ ଭାରତର 'ଟେକେଡ'ରେ ପରିଣତ କରିବେ ।
>
> -ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ପ୍ରତିବଦ୍ଧତା 54

ଦେଶର ସମବାୟ କ୍ଷେତ୍ରକୁ ସୁଦୃଢ଼ କରାଯିବ

ପ୍ରଗତି ! ସହଯୋଗିତା ମାଧ୍ୟମରେ ସମୃଦ୍ଧି ହାସଲ କରିବା ପାଇଁ ରହିଥିବା ସ୍ୱପ୍ନକୁ ସାକାର କରିବା ଦିଗରେ ସରକାର ଏକ ଐତିହାସିକ ପଦକ୍ଷେପ ନେଇ ସହଯୋଗ ମନ୍ତ୍ରଣାଳୟ ନାମରେ ଏକ ସ୍ୱତନ୍ତ୍ର ମନ୍ତ୍ରଣାଳୟ ସୃଷ୍ଟି କରିଛନ୍ତି । ଏହି ମନ୍ତ୍ରଣାଳୟ ସମବାୟ ଆନ୍ଦୋଳନକୁ ସୁଦୃଢ଼ କରିବ । ଦେଶରେ ସ୍ୱତନ୍ତ୍ର ପ୍ରଶାସନିକ, ଆଇନଗତ ଏବଂ ନୀତିଗତ ସିଦ୍ଧାନ୍ତ ନିଆଯିବା କ୍ଷେତ୍ରକୁ ସୁଦୃଢ଼ କରିବ । ଭାରତୀୟ ସମବାୟ କ୍ଷେତ୍ର ବିଶ୍ୱରେ ସର୍ବପୁରାତନ ଏବଂ ସର୍ବବୃହତ କ୍ଷେତ୍ର ।

ପ୍ରତିବଦ୍ଧତା 55

ଗଗନାୟନ ଅଭିଯାନର ଅଂଶ ବିଶେଷ ସ୍ୱରୂପ, ଜଣେ ଭାରତୀୟଙ୍କୁ ମହାକାଶ ପଠାଯିବ

ପ୍ରଗତି ! ଭାରତର ମାନବବିହୀନ ଗଗନାୟନ ଅଭିଯାନ ଚଳିତ ବର୍ଷ ଡିସେମ୍ବର ମାସରେ ଆରମ୍ଭ ହେବାର ଆଶା କରାଯାଏ। କରୋନା ମହାମାରୀ ଯୋଗୁ ଏହି କାର୍ଯ୍ୟକ୍ରମରେ ସାମାନ୍ୟ ବିଳମ୍ବ ଘଟିଛି। ୨୦୨୨-୨୩ ମସିହାରେ ଦ୍ୱିତୀୟ ମାନବବିହୀନ ଯାନ ମହାଶୂନ୍ୟକୁ ପ୍ରେରଣ କରାଯିବ । ଏହା ପରେ, ମାନବଯୁକ୍ତ ମହାକାଶ ଯାନ ପ୍ରେରଣ କରାଯିବ। ଗଗନାୟନ କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ, ଭାରତର ଚାରିଜଣ ମହାକାଶଚାରୀ ପ୍ରାର୍ଥୀ ରୁଷିଆରେ ମହାକାଶ ଚାରଣ ତାଲିମ ଲାଭ କରିସାରିଛନ୍ତି । ଏହି ଅଭିଯାନ ନିମନ୍ତେ ଇସ୍ରୋର ଭାରୀଯାନ ବହନକ୍ଷମ ଉତ୍କ୍ଷେପଣ ଯାନ ଜିଏସଏଲଭି ଏମକେ-୩କୁ ଚୟନ କରାଯାଇଛି ।

ଅର୍ଥନୀତିକୁ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ଗୃହୀତ ପଦକ୍ଷେପ

ଦେଶ ସ୍ୱାଧୀନତା ଲାଭର ୭ ଦଶନ୍ଧି ପରେ ଭାରତର ଅର୍ଥନୀତି ୩ ଟ୍ରିଲିଅନ୍ ଡଲାରରେ ପହଞ୍ଚିବାକୁ ସକ୍ଷମ ହୋଇ ପାରିଥିଲା । ୨୦୧୪ ପରଠାରୁ ଆନକ ଗୁଡ଼ିଏ ସଂସ୍କାର ପ୍ରକ୍ରିୟା ମାଧ୍ୟମରେ ଅର୍ଥନୀତିକୁ ଏକ ନୂତନ ଶକ୍ତି ପ୍ରଦାନ କରାଯାଇଛି ଯାହାର ପରିଣାମ ସ୍ୱରୂପ, ୨୦୨୫ ମସିହା ସୁଦ୍ଧା ଦେଶର ଅର୍ଥନୀତି ୫ ଟ୍ରିଲିଅନ୍ ଡଲାରରେ ପରିଣତ ହେବା ଦିଗରେ ଅଗ୍ରସର ହେଉଛି ।



ପ୍ରତିବଦ୍ଧତା 56 ଇଜ୍ ଅଫ୍ ଡୁଇଂ ବିଜିନେସ୍ ମାନ୍ୟତା ତାଲିକାରେ ଭାରତର ସ୍ଥିତିରେ ଉନ୍ନତି ଦିଗରେ ପ୍ରୟାସ

ପ୍ରଗତି ! ବିଶ୍ୱ ବ୍ୟାଙ୍କ ପକ୍ଷରୁ ଏହି ସୂଚୀ ଜାରି କରାଯାଇଥାଏ । ଏହି ଇଜ୍ ଅଫ୍ ଡୁଇଂ ବିଜିନେସ୍ ତାଲିକା ଅର୍ଥନୀତିର ଅନେକ ମାପଦଣ୍ଡକୁ ବିଚାରକୁ ନେଇ ପ୍ରସ୍ତୁତ କରାଯାଇଥାଏ । ଏହା ସମ୍ଭାବ୍ୟ ନିବେଶକମାନଙ୍କୁ ସେହି ରାଷ୍ଟ୍ରରେ ପୁଂଜି ନିବେଶ କରିବା ସକାଶେ ବଜାର ସୁବିଧା ସଂପର୍କରେ ବାସ୍ତବ ଧାରଣା ପ୍ରଦାନ କରିଥାଏ । ସେଥିରେ ତାଙ୍କ ମନରେ ଥିବା ଅନେକ ପ୍ରଶ୍ନର ଉତ୍ତର, ଯଥା, କୌଣସି ଏକ ରାଷ୍ଟ୍ରରେ ବ୍ୟବସାୟ ଆରମ୍ଭ କରିବା କେତେ ସହଜ ଅଥବା ସେଠାରେ ତାହା ଆରମ୍ଭ କରିବା ଦିଗରେ ଥିବା ସମ୍ଭାବ୍ୟ ପ୍ରତିବନ୍ଧକଗୁଡ଼ିକ ସମ୍ପର୍କରେ ଅବଗତ କରାଇଥାଏ ।

ଇଜ୍ ଅଫ୍ ଡୁଇଂ ବିଜିନେସ୍



ଇଜ୍ ଅଫ୍ ବିଜିନେସ୍ ସୂଚୀରେ ପ୍ରମୁଖ ୫୦ ରାଷ୍ଟ୍ରଙ୍କ ମଧ୍ୟରେ ସ୍ଥାନ ହାସଲ କରିବା ଦିଗରେ ସରକାର ଲକ୍ଷ୍ୟ ରଖି କାର୍ଯ୍ୟ କରୁଛନ୍ତି ।

ତ୍ରିସୁରରେ କେ ଏମ ଯୋଶେ ନାମକ ଜନୈକ ବ୍ୟକ୍ତି ଗୋଟିଏ ଛୋଟ ସ୍ନାକ୍ସ ୟୁନିଟ୍ ଚଳାଇ ଆସୁଛନ୍ତି । ତେବେ ସେ ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନ ପ୍ରାଧିକରଣ (ଏଫଏସଏସଏଆଇ) ଅଧୀରେ ନିଜ ସଂସ୍ଥାକୁ ପଂଜୀକରଣ କରାଇବା ନେଇ କେତେକ ବୈଷୟିକ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଅନେକ ଥର ଚେଷ୍ଟା କରି ସୁଦ୍ଧା ସେ ପଂଜୀକରଣ କରାଇ ନପାରିବାରୁ ଚାମ୍ପିଅନ୍ସ ପୋର୍ଟାଲରେ ସେ ଅଭିଯୋଗଟି ଦାଖଲ କରିଦେଲେ ଏବଂ ୨୪ ଘଣ୍ଟାରୁ କମ୍ ସମୟ ଭିତରେ ତ୍ରିସୁରର ଏମଏସଏମଇ ଟିମ୍ ଏଫଏସଏସଏଆଇ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରି ଯୋଶେଙ୍କ ସମସ୍ୟାର ସମାଧାନ କରିଦେଇଥିଲେ ।

ପ୍ରତିବଦ୍ଧତା 57 ଜିଡିପିରେ ଉତ୍ପାଦନ କ୍ଷେତ୍ରର ଅବଦାନ ବୃଦ୍ଧି କରିବା ଦିଗରେ ପ୍ରୟାସ ଜାରି

ପ୍ରଗତି ! ଦେଶର ମୋଟ ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)ରେ ଉତ୍ପାଦନ କ୍ଷେତ୍ରର ଅବଦାନ ପ୍ରାୟ ୩୦ ପ୍ରତିଶତ ରହିଛି । କିନ୍ତୁ, କରୋନା ସମୟରେ ଜିଡ଼ିପିକୁ ଏହି ଉତ୍ପାଦନ କ୍ଷେତ୍ରର ଯୋଗଦାନରେ କିଛି ମାତ୍ରାରେ ହ୍ରାସ ଘଟିଛି । ପାରମ୍ପରିକ ଭାବେ ସରକାର ଏହି କ୍ଷେତ୍ରକୁ ସରକାର ବିଭିନ୍ନ ସୁବିଧା ସୁଯୋଗ ମାଧ୍ୟମରେ ସହାୟତା ଯୋଗାଇ ଆସୁଛନ୍ତି । ସେଥି ମଧ୍ୟରେ ସୁବିଧାରେ ଋଣ, ବିଦ୍ୟୁତିଶକ୍ତି ଓ ଜଳ ଇତ୍ୟାଦି ଯୋଗାଣ । କିନ୍ତୁ ପ୍ରଥମ ଥର ପାଇଁ, କେନ୍ଦ୍ର ସରକାର ୧୩ଟି ସେକ୍ଟରରେ ଉତ୍ପାଦନ ଅଭିବୃଦ୍ଧି ଘଟାଇବା ଉଦ୍ଦେଶ୍ୟରେ ଶିଳ୍ପସଂସ୍ଥାମାନଙ୍କ ନିମନ୍ତେ ପ୍ରୋତ୍ସାହନ ଭିତ୍ତିକ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ସେଥିପାଇଁ ଆଗାମୀ ପାଞ୍ଚ ବର୍ଷ ଭିତରେ ବିଭିନ୍ନ ପିଏଲଆଇ ଯୋଜନା ବାବଦରେ ସରକାର ମୋଟ ୧.୯୭ ଲକ୍ଷ କୋଟି ଟଙ୍କା ବ୍ୟୟ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଏହା ଫଳରେ ଶିଳ୍ପସଂସ୍ଥାମାନଙ୍କରୁ ୫୦୦ ବିଲିଅନ ଡଲାର ମୂଲ୍ୟର ସାମଗ୍ରୀ ଉତ୍ପାଦିତ ହୋଇପାରିବ ଏବଂ ସେଥିରେ ପ୍ରାୟ ୧୦ ନିୟୁତ ନୂତନ କର୍ମସଂସ୍ଥାନ ସୃଷ୍ଟି ହୋଇପାରିବ । କେବଳ ସେତିକି ନୁହେଁ, ଚଳିତ ବର୍ଷ ବଜେଟ ଉପସ୍ଥାପନ ହୋଇସାରିବା ପରେ ବିଭିନ୍ନ ହିତାଧାରକମାନଙ୍କ ସହିତ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସିଧାସଳଖ କଥାବାର୍ତ୍ତା ଏକ ନୂତନ ପରମ୍ପରାକୁ ଜନ୍ମ ଦେଇଛି ଏବଂ ଏହା ଫଳରେ ଭାରତ ଆତ୍ମ ନିର୍ଭରଶୀଳତା ପଥରେ ଆଗକୁ ଅଗ୍ରସର ହୋଇପାରିବ ।

ପ୍ରତିବଦ୍ଧତା 58 ଦେଶର ମୋଟ ରପ୍ତାନି ପରିମାଣକୁ ଦ୍ୱିଗୁଣିତ କରିବା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ

ପ୍ରଗତି ! ଆତ୍ମ ନିର୍ଭର ଭାରତର ମୂଳ ଆଧାରଟି ହେଉଛି ବିଦେଶରୁ ଆମଦାନି ହ୍ରାସ କରିବା ଏବଂ ରପ୍ତାନି ପରିମାଣ ବୃଦ୍ଧି । ଏହି ଦିଗରେ କେନ୍ଦ୍ର ସରକାର ନିରବଚ୍ଛିନ୍ନ ଭାବେ କାର୍ଯ୍ୟରତ ଅଛନ୍ତି । ସମଗ୍ର ବିଶ୍ୱ ଏବେ ଭାରତକୁ ଏକ ବିଶ୍ୱସନୀୟ ଓ ନିର୍ଭରଯୋଗ୍ୟ ସହଭାଗୀ ଦୃଷ୍ଟିରେ ଦେଖିବା ଆରମ୍ଭ କରିଛି । କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର ତଥ୍ୟ ଏହି ଚିନ୍ତାଧାରାକୁ ପୁଷ୍ଟ କରେ । ୨୦୨୦- ୨୧ ଆର୍ଥିକ ବର୍ଷରେ ବିଶ୍ୱ ମହାମାରୀ କରୋନା କାଳରେ ସୁଦ୍ଧା ଦେଶରୁ ମୋଟ ୨୯୦ ବିଲିଅନ୍ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରାଯାଇଥିଲା । ତେଣୁ ୨୦୨୧- ୨୨ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏହି ରପ୍ତାନି ପରିମାଣକୁ ୪୦୦ ବିଲିଅନ୍ ଡଲାରକୁ ବୃଦ୍ଧି କରିବା ନିମନ୍ତେ ଏକ ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସେହିଭଳି ୨୦୨୨- ୨୩ ଆର୍ଥିକ ବର୍ଷରେ ଏହି ମାତ୍ରାକୁ ୫୦୦ ବିଲିଅନ୍ ଡଲାରରେ ପହଞ୍ଚାଇବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି । ୨୦୨୧-୨୨ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଦେଶରୁ ସର୍ବାଧିକ ୯୫ ବିଲିଅନ୍ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରାଯାଇଛି ଯାହାକି ଭାରତ ଇତିହାସରେ ଏକ ରେକର୍ଡ଼ ।

ପ୍ରତିବଦ୍ଧତା 59

ଖୁବ୍ ଶୀଘ୍ର ରାଷ୍ଟ୍ରୀୟ ବଣିକ ବୋର୍ଡ ଗଠନ ଏବଂ ନୂତନ ଖୁଚୁରା ନୀତି ଘୋଷଣା



ପ୍ରଗତି ! ଦେଶର ବଣିକମାନଙ୍କ ସହଭାଗୀତାରେ ସେମାନଙ୍କ କଲ୍ୟାଣ ସୁନିଶ୍ଚିତ କରିବା ସକାଶେ ସରକାର ପ୍ରୟାସ ଜାରି ରଖିଛନ୍ତି । ଏହି କଥାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଣିକମାନଙ୍କ ନିମନ୍ତେ ଏକ ରାଷ୍ଟ୍ରୀୟ ବୋର୍ଡ ଗଠନ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ୨୦୧୯ ମସିହା ଜୁଲାଇ ମାସରେ ବିଜ୍ଞପ୍ତି ଜାରି ହୋଇଛି । ଦେଶର ବଣିକ ଏବଂ ସେମାନଙ୍କ ନିକଟରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ କଲ୍ୟାଣ ନିମନ୍ତେ ନୀତିଗତ ବ୍ୟବସ୍ଥା ଚିହ୍ନଟ କରିବା ଏହି ବୋର୍ଡର ଦାୟିତ୍ୱ ହେବ ।

୨୦୩୦ ମସିହା ସୁଦ୍ଧା ଦେଶର ଖୁଚୁରା ବ୍ୟବସାୟ କ୍ଷେତ୍ର ପ୍ରାୟ ୨୫ ନିୟୁତ ନୂତନ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ସମ୍ଭାବନା ରହିଛି । ତେଣୁ ଭାରତ ସରକାର ଏବେ ରାଷ୍ଟ୍ରୀୟ ଖୁଚୁରା ବିପଣନ ନୀତି ପ୍ରଣୟନ ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହା କେବଳ ଦେଶରେ ଖୁଚୁରା ବ୍ୟବସାୟ ନିମନ୍ତେ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବନାହିଁ ଅପରନ୍ତୁ ଏହି କ୍ଷେତ୍ରର ବିକାଶ ପଥରେ ଅନ୍ତରାୟ ସୃଷ୍ଟି କରୁଥିବା ସମସ୍ୟାବଳୀଗୁଡ଼ିକୁ ଦୂର କରିବା ନିମନ୍ତେ ମଧ୍ୟ ନୀତିଗତ ବ୍ୟବସ୍ଥା ଗ୍ରହଣ କରିବ ।

ପ୍ରତିବଦ୍ଧତା 60

ସ୍ୱଳ୍ପ ଟିକସ ହାର, ଅଧିକ କର ସଂଗ୍ରହ ଏବଂ ଟିକସ ପ୍ରଦାନକାରୀଙ୍କ ସଂଖ୍ୟା ବୃଦ୍ଧି

ଏପରି ଏକ ସମୟ ଥିଲା ଯେତେବେଳେ ଭାରତରେ କର୍ପୋରେଟ୍ ଟିକସ ହାର ସର୍ବାଧିକ ଥିଲା । ପୂର୍ବରୁ, ଘରୋଇ କମ୍ପାନୀମାନଙ୍କୁ ୩୦ ପ୍ରତିଶତ କର୍ପୋରେଟ୍ ଟିକସ ଦେବାକୁ ପଡୁଥିଲା । ଏହା ବ୍ୟତୀତ, ସେମାନଙ୍କୁ ପୃଥକ୍ ଭାବେ ସରଚାର୍ଜ ମଧ୍ୟ ଦେବାକୁ ହେଉଥିଲା । ଏବେ ଏହାକୁ ୨୨ ପ୍ରତିଶତକୁ ହ୍ରାସ କରାଯାଇଛି । ବର୍ତ୍ତମାନ ସେମାନେ ୨୫.୧୭ ପ୍ରତିଶତ ଯେଉଁଥିରେ କ୍ରିୟାଶୀଳ ହାର, ସରଚାର୍ଜ ଏବଂ ସେସ୍ ସାମିଲ୍, ସେସବୁକୁ ମିଶାଇ ଦେଉଛନ୍ତି। ଏହା ପ୍ରତ୍ୟକ୍ଷ ଭାବେ ସେମାନଙ୍କ ବ୍ୟବସାୟକୁ ସହାୟକ ହେବ। ତେଣୁ ଦେଶରେ ନୂତନ କର୍ମନିଯୁକ୍ତିର ସୁଯୋଗ ମଧ୍ୟ ସୃଷ୍ଟି ହେବାରେ ଲାଗିଛି ।

ସେହିଭଳି ବଣିକମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ନିମନ୍ତେ ଜିଏସଟିକୁ ସରଳ କରିବା ସହିତ ଆହୁରି ଅନେକ ପଦକ୍ଷେପ ସରକାରଙ୍କ ତରଫରୁ ଗ୍ରହଣ କରାଯାଇଛି । ଏପର୍ଯ୍ୟନ୍ତ ଜିଏସଟି ପରିଷଦର ୪୪ଟି ବୈଠକ ଅନୁଷ୍ଠିତ ହୋଇସାରିଛି । ପୂର୍ବରୁ ଯେଉଁ ଟିକସ ହାର ୧୪.୪ ପ୍ରତିଶତ ଥିଲା ଏବେ ତାହା ୧୧ ପ୍ରତିଶତକୁ ହ୍ରାସ ପାଇଛି । ରିହାତି ପ୍ରଦାନ ମାଧ୍ୟମରେ ଟିକସ ସଂଗ୍ରହ ବୃଦ୍ଧି କରାଯାଇଛି । ଏପରିକି କରୋନା ମହାମାରୀ ସମୟରେ ସୁଦ୍ଧା, ଅର୍ଥାତ୍, ଅକ୍ଟୋବର, ୨୦୨୦ ଠାରୁ ମେ, ୨୦୨୧ ପର୍ଯ୍ୟନ୍ତ, ଜିଏସଟି ସଂଗ୍ରହ କ୍ରମାଗତ ଭାବେ ମାସ ମାସ ଧରି ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଆସିଛି ।




ପ୍ରତିବଦ୍ଧତା 61

କମ୍ପାନୀ ଆଇନରେ ସଂଶୋଧନ ଘଟାଯାଇ ବିଚାରାଳୟରେ ବିବାଦ ସଂଖ୍ୟା ହ୍ରାସ କରିବା ଉଦ୍ଦେଶ୍ୟରେ ଛୋଟମୋଟ ମାମଲାରେ କେବଳ ଜୋରିମାନା ଧାର୍ଯ୍ୟ କରି ସେସବୁର ସମାଧାନ କରିବା ଏବଂ ବ୍ୟବସାୟକୁ ସୁଗମ କରିବାର ପ୍ରୟାସ

ପ୍ରଗତି ! ୨୦୨୦ ମସିହା ମାର୍ଚ୍ଚ ମସେରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ କମ୍ପାନୀ ସଂଶୋଧନ ବିଲ୍, ୨୦୨୦କୁ ମଂଜୁରୀ ପ୍ରଦାନ କରାଯାଇଥିଲା । ଏହା ଦ୍ୱାରା ବ୍ୟବସାୟ କାରବାର ସୁଗମ ହେବା ସହିତ ବିଭିନ୍ନ ପ୍ରକାର ଅପରାଧିକ କାର୍ଯ୍ୟରୁ ଉଦ୍ୟୋଗୀମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇପାରିବ । ୨୦୨୦ ମସିହା ସେପ୍ଟେମ୍ବର ମାସରେ ଏହା ସଂସଦର ଅନୁମୋଦନ ଲାଭ କରିବା ପରେ ବିଲଟିକୁ ଉପରେ ରାଷ୍ଟ୍ରପତିଙ୍କ ସ୍ୱାକ୍ଷର ଓ ମୋହର ପ୍ରାପ୍ତ ହୋଇଛି । ଏହି ବିଲ୍‌ରେ କମ୍ପାନୀ ଆଇନ, ୨୦୧୩ର ଧାରା ୭୫ରେ ସଂଶୋଧନ କରି ଏଥିରେ ୭୨ ପ୍ରକାରର ପରିବର୍ତ୍ତନ ଅଣାଯାଇଛି ଯଦ୍ୱାରା ଦେଶର ଉଦ୍‌ଦ୍ୟାଗୀମାନେ ସେମାନଙ୍କର ବ୍ୟବସାୟିକ କାର୍ଯ୍ୟରେ କୌଣସି ପ୍ରକାର ସମସ୍ୟାର ସମ୍ମୁଖୀନ ହେବେନାହିଁ ।





ସମସ୍ତଙ୍କ ପାଇଁ ସମାବେଶୀ ବିକାଶ

ଦଶନ୍ଧି ଦଶନ୍ଧି ଧରି ରହି ଆସିଥିବା ଉଦାସଭାବ ଓ ଅବହେଳା ପରେ ଦେଶ ଏବେ ସାମଗ୍ରିକ ଚିନ୍ତନର ସହ ବିକାଶ ପଥରେ ଅଗ୍ରସର ହେବାକୁ ଆରମ୍ଭ କରିଛି । ଭାରତର ପ୍ରଗତିକୁ ଏକ ନୂତନ ମନ୍ତ୍ର "ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ" ପଥ ପ୍ରଦର୍ଶନ କରୁଛି । ଏହାର ସଫଳତା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦେଶ ପାଇଁ "ନୂତନଭାରତ, ମହାନ ଭାରତ" ନାମକ ଏକ ନୂଆ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ବୈପ୍ଳାବାତ୍ମକ ପଦକ୍ଷେପ ଗ୍ରହଣ ଜରିଆରେ ଗରିବ ଲୋକଙ୍କ ସମସ୍ୟାର ସମାଧାନ ନିମନ୍ତେ ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଯୁବକମାନଙ୍କ ସକାଶେ ଷ୍ଟାର୍ଟ ଅପ୍ ଏବଂ ମୁଦ୍ରା ଭଳି ଯୋଜନା ଆରମ୍ଭ କରାଯାଇଥିବା ବେଳେ ଭାରତର ଆଶା ଆକାଂକ୍ଷା ପୂରଣ ନିମନ୍ତେ ମେକ୍ ଇନ୍ ଇଣ୍ଡିଆ, ମେଡ୍ ଫର୍ ଦି ୱାର୍ଲ୍ଡ ଭଳି ଯୋଜନାମାନ ପ୍ରଣୀତ ହୋଇଛି। ସେହିଭଳି ଭୋକାଲ୍ ଫର୍ ଲୋକାଲ୍ ମାଧ୍ୟମରେ ଆତ୍ମନିର୍ଭରଶୀଳ ହେବା ସକାଶେ ପ୍ରୟାସ କରାଯାଉଛି ଯାହାକି ସରକାରଙ୍କ ନୀତିର ଏକ ମୂଳ ଆଧାର ପାଲଟିଛି । ଅପର ପକ୍ଷରେ ସମାଜର ଅବହେଳିତ ଲୋକମାନଙ୍କ ନିକଟରେ ପହଞ୍ଚିବା ନିମନ୍ତେ ଗ୍ରହଣ କରାଯାଇଥିବା ସାମଗ୍ରିକ ପଦକ୍ଷେପ ଏବେ ଇପ୍ସିତ ସୁଫଳ ଦେବା ଆରମ୍ଭ କରିଛି।

ପ୍ରତିବଦ୍ଧତା 62 ଦେଶର ସମସ୍ତ ଶିଶୁଙ୍କୁ ଟିକାକରଣ

ପ୍ରଗତି ! ଦେଶର ସମସ୍ତ ଶିଶୁଙ୍କୁ ଟିକାକରଣ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଏକ ବ୍ୟାପକ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହା ବିଶେଷ କରି ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଏବଂ ଦୂରଦୂରାନ୍ତ କ୍ଷେତ୍ର ଯେଉଁଠାରେ କି ସ୍ୱାସ୍ଥ୍ୟସେବା ସହଜରେ ଉପଲବ୍ଧ ନୁହେଁ ସେଠାରେ ଅଧିକ ମାତ୍ରାରେ କାର୍ଯ୍ୟକାରୀ କରାଯାଉଛି । ସେହିସବୁ ସ୍ଥାନରେ ଶିଶୁମାନଙ୍କୁ ୧୨ଟି ମାରାତ୍ମକ ରୋଗରୁ ମୁକ୍ତ ରଖିବା ସକାଶେ ଟିକା ପ୍ରଦାନ କରାଯାଉଛି ।

3.70

ଦେଶର ୩୬ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ୬୯୦ଟି ଜିଲ୍ଲାରେ ଏବେସୁଦ୍ଧା ୩.୭୦ କୋଟି ଶିଶୁ ଏବଂ ୯୨ ଲକ୍ଷ ଗର୍ଭବତୀ ମହିଳାଙ୍କୁ ଏହି ଟିକାକରଣ କରାଯାଇ ସାରିଛି ।

50,000

ନିଜସ୍ୱ ଉଦ୍ଭାବିତ ନିଉମୋକୋକ୍କାଲ ଟିକା ପ୍ରଦାନ ଦ୍ୱାରା ସାରା ଦେଶରେ ପ୍ରତି ବର୍ଷ ୫୦,୦୦୦ ଶିଶୁଙ୍କ ଜୀବନ ରକ୍ଷା କରାଯାଇପାରିବ । ଏହି ଅଭିଯାନ ଆରମ୍ଭ କରାଯିବା ଘୋଷଣା ଚଳିତ ବର୍ଷ ବଜେଟରେ କରାଯାଇଛି ।

ପ୍ରତିବଦ୍ଧତା 63 ଦେଶର ସମସ୍ତ ସରକାରୀ କାର୍ଯ୍ୟାଳୟମାନଙ୍କୁ ଦିବ୍ୟାଙ୍ଗଜନଙ୍କ ସହଜ ପ୍ରବେଶ ନିମନ୍ତେ ପ୍ରୟାସ

ପ୍ରଗତି ! ଭିନ୍ନକ୍ଷମ ବ୍ୟକ୍ତିବିଶେଷମାନେ ଯେଭଳି ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ସହଜରେ ଯାତାୟାତ କରିପାରିବେ ସେଭଳି ଅନୁକୂଳ ପରିବେଶ ସୃଷ୍ଟି ନିମନ୍ତେ "ଆକ୍ସେସିବଲ ଇଣ୍ଡିଆ" ଅଭିଯାନର ଶୁଭାରମ୍ଭ କରାଯାଇଛି । ଏଭଳି ଦିବ୍ୟାଙ୍ଗ ଜନମାନେ ସରକାରୀ ଭବନ ଓ ହସପିଟାଲକୁ ସହଜରେ ଆତଯାତ ହେବା ଲକ୍ଷ୍ୟରେ କାର୍ଯ୍ୟ କରିବା ନିମନ୍ତେ ପ୍ରାୟ ୪୫୦ କୋଟି ଟଙ୍କା ବ୍ୟୟରେ ୧୧୫୨ଟି ସରକାରୀ ଭବନ , ୩୫ ଆନ୍ତର୍ଜାତିକ ଓ ୫୫ଟି ଘରୋଇ ବିମାନବନ୍ଦରରେ ଦିବ୍ୟାଙ୍ଗ ଜନଙ୍କ ପାଇଁ ଆବଶ୍ୟକ ସୁବିଧା କରାଯାଇଛି ।

ଦେଶର ୭୦୯ଟି ରେଳ ଷ୍ଟେସନରେ ସ୍ୱଳ୍ପକାଳୀନ ସୁବିଧା କରାଯାଇଥିବାବେଳେ ୬୦୩ଟି ଷ୍ଟେସନରେ ଏଭଳି ଦୀର୍ଘକାଳୀନ ସୁବିଧା ବ୍ୟବସ୍ଥା କରାଯାଇଛି ।

3400

ଭାରତୀୟ ରେଳବାଇ ନିକଟରେ ଏବେ ୩୪୦୦ଟି ସହଜଲଭ୍ୟ କୋଚ ଉପଲବ୍ଧ ରହିଛି ଏବଂ ଆଗାମୀ ତିନି ବର୍ଷ ମଧ୍ୟରେ ଆଉ ୪୯୮ଟି ଅନୁରୂପ କୋଚ୍ ନିର୍ମାଣ କରାଯିବ ।

705

ଦେଶର ୨୫୦ଟି ରେଳ ଷ୍ଟେସନରେ ୭୦୫ଟି ଏସ୍କାଲେଟର ସ୍ଥାପନ କରାଯାଇଛି ଏବଂ ୨୨୬ଟି ଷ୍ଟେସନରେ ୫୨୧ଟି ଲିଫ୍ଟ ସ୍ଥାପନ କରାଯାଇଛି ।

ପ୍ରତିବଦ୍ଧତା 64 ପଞ୍ଚତୀର୍ଥ ସର୍କିଟ୍ ଯୋଜନାର ବିକାଶ କାର୍ଯ୍ୟ ତ୍ୱରାନ୍ୱିତ

ପ୍ରଗତି ! ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଦକର ତାଙ୍କର ସମଗ୍ର ଜୀବନ ସମାଜର ପଛୁଆ ଓ ଅବହେଳିତ ବର୍ଗର ଲୋକମାନଙ୍କ କଲ୍ୟାଣ ନିମନ୍ତେ ଉତ୍ସର୍ଗ କରିଥିଲେ । ଏବେ ସରକାର ପଞ୍ଚତୀର୍ଥ ସର୍କିଟ୍ ମାଧ୍ୟମରେ ସେହି ଲିଗାସିର ପୁନଃରୁଦ୍ଧାନ ନିମନ୍ତେ ପ୍ରୟାସ ଆରମ୍ଭ କରିଛନ୍ତି ଏବଂ ସେଥିରେ ନିମ୍ନଲିଖିତ ସ୍ଥାନମାନଙ୍କୁ ସାମିଲ କରାଯାଇଛି ।

ମୋହସ୍ଥିତ ଜନ୍ମସ୍ଥାନ: ୨୦୧୭ ମସିହା ଏପ୍ରିଲ ୧୪ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାବାସାହେବଙ୍କ ୧୨୫ତମ ଜନ୍ମ ଜୟନ୍ତୀ ଅବସରରେ ତାଙ୍କର ଜନ୍ମସ୍ଥାନ ମୋହ ଗସ୍ତ କରି ଭାରତମାତାଙ୍କ ଏହି ମହାନ୍ ସୁପୁତ୍ରଙ୍କ ପ୍ରତି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ । ଏହି ସ୍ଥାନ ଗସ୍ତ କରିବାରେ ସେ ହେଉଛନ୍ତି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ । ଏଠାରେ ଏକ ସ୍ମାରକୀ ସ୍ଥାପନ କରିବା ନିମନ୍ତେ ୧୯୯୧ ମସିହାରେ ମଧ୍ୟ ପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ସୁନ୍ଦରଲାଲ ପଟୱା ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

ଲଣ୍ଡନସ୍ଥିତ ବିଦ୍ୟାଭୂମି: ଲଣ୍ଡନରେ ଯେଉଁ ଘରେ ରହି ବାବାସାହେବ ଅଧ୍ୟୟନ କରୁଥିଲେ ସରକାର ସେହି ଘରକୁ ୮୦୦ କୋଟି ଟଙ୍କାରେ କ୍ରୟ କରିଛନ୍ତି । ସେଠାରେ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାକୁ ସରକାର ସ୍ଥିର କରିଛନ୍ତି ।

ଚୈତ୍ୟଭୂମି: ମୁମ୍ବାଇ ଠାରେ ବାବାସାହେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମାରକୀ ନିର୍ମାଣ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୂମି ପୂଜା କରିଛନ୍ତି ।

ନାଗପୁରର ଦୀକ୍ଷାଭୂମି: ବାବାସାହେବ ନାଗପୁରଠାରେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ତାଙ୍କର ୧୨୫ତମ ଜୟନ୍ତୀ ଅବସରରେ ଏହି ସ୍ଥାନକୁ ଏକ ଏ-ଶ୍ରେଣୀୟ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବା ନିମନ୍ତେ ବିକାଶମୂଳକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ଦିଲ୍ଲୀର ପରିନିର୍ବାଣ ଭୂମି: ଦିଲ୍ଲୀର ଆଲିପୁର ରୋଡସ୍ଥିତ ୨୬ ନମ୍ବର ବଙ୍ଗଳାରେ ବାବାସାହେବ ଶେଷନିଶ୍ୱାସ ତ୍ୟାଗ କରିଥିଲେ । ଏହାକୁ ଏକ ବିରାଟ ସଂଗ୍ରହାଳୟରେ ପରିଣତ କରାଯାଇଛି । ସେହିଭଳି ବାବାସାହେବଙ୍କ ସ୍ମୃତିରେ ୧୫, ଜନପଥରେ ୧୯୨ କୋଟି ଟଙ୍କା ବ୍ୟୟରେ ଏକ ବିଶାଳ ଅନ୍ତରାଷ୍ଟ୍ରୀୟ ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇଛି ।

ପ୍ରତିବଦ୍ଧତା 65 ଦେଶର ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ପାଇଁ ବୀମା, ପେନସନ୍ ଇତ୍ୟାଦି ସାମାଜିକ ନିରାପତ୍ତା ବ୍ୟବସ୍ଥା ସୁନିଶ୍ଚିତ କରିବା

ପ୍ରଗତି ! ପୁରୁଣା ଶ୍ରମ ଆଇନଗୁଡ଼ିକର ସଂସ୍କାର କରାଯିବା ଏବଂ ଭାରତରେ ଇଜ୍ ଅଫ୍ ଡୁଇଂ ବିଜିନେଶ ଉଦ୍ଦେଶ୍ୟରେ ଭାରତ ସରକାର ୨୯ଟି କେନ୍ଦ୍ରୀୟ ଶ୍ରମ ଆଇନକୁ ଚାରିଗୋଟି ଶ୍ରମ ସଂହିତାରେ ଏକତ୍ରିତ କରିଛନ୍ତି । ଦେଶ ସ୍ୱାଧୀନତା ପ୍ରାପ୍ତିର ୭୩ ବର୍ଷ ପରେ ଏଭଳି ଚାରିଗୋଟି ଶ୍ରମ ସଂହିତା ପ୍ରଣୀତ ହୋଇଛି ଯଦ୍ୱାରା ଦେଶର ପ୍ରାୟ ୫୦ କୋଟି ଶ୍ରମିକଙ୍କୁ ନ୍ୟାୟ ପ୍ରଦାନ କରିବା ସୁନିଶ୍ଚିତ ହୋଇପାରିବ । ଏଭଳି ଶ୍ରମ ସଂହିତାର ନିମ୍ନ ଚାରିଗୋଟି ହେଉଛି ମୁଖ୍ୟ ସ୍ତମ୍ଭ ।

• ମଜୁରୀ ସଂହିତା • ସାମାଜିକ ନିରାପତ୍ତା ଓ କଲ୍ୟାଣ ସଂହିତା • ବୃତ୍ତିଗତ ନିରାପତ୍ତା, ସ୍ୱାସ୍ଥ୍ୟ ଓ କର୍ମସ୍ଥଳ ସଂହିତା • ଶିଳ୍ପ ସଂପର୍କ ସଂହିତା

- ଶ୍ରମିକମାନଙ୍କ ନିମନ୍ତେ ପ୍ରସବକାଳୀନ ଛୁଟି, ଭବିଷ୍ୟନିଧି ପାଣ୍ଠି, ଅକ୍ଷମତା, ସ୍ୱାସ୍ଥ୍ୟ ବୀମା, ଗ୍ରାଚୁଇଟି ଓ ବାର୍ଦ୍ଧକ୍ୟକାଳୀନ ନିରାପତ୍ତା ଭଳି ସାମାଜିକ ନିରାପତ୍ତା ସୁନିଶ୍ଚିତକରଣ
- ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀମାନଙ୍କ ସକାଶେ ଇଏସଆଇସି ଏବଂ ଇପିଏଫଓ ଭଳି ସୁବିଧା ସୁନିଶ୍ଚିତ କରିବା
- ନିର୍ଦ୍ଦିଷ୍ଟ ଅବଧି ପାଇଁ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ଗ୍ରାଚୁଇଟି ସୁବିଧା ପ୍ରଦାନ ବ୍ୟବସ୍ଥା
- ପ୍ରଶାସନିକ ପ୍ରକ୍ରିୟାରେ ବିଳମ୍ବକୁ ଏଡାଇବା ନିମନ୍ତେ ସଂସ୍ଥାର ପଂଜୀକରଣ ହୋଇସାରିଛି ବୋଲି ଗ୍ରହଣ କରିବା
- ଭାରତରେ ଶିଳ୍ପ ବିବାଦ ଏବଂ ଶ୍ରମିକ ସଂଗଠନ ନିୟମ ଜନିତ ସମସ୍ୟାର ସମାଧାନ ନିମନ୍ତେ ଆଇନରେ ଆବଶ୍ୟକ ପରିବର୍ତ୍ତନ
- ଛଟେଇ, ବ୍ୟୟ ସଂକୋଚନ କିମ୍ବା କୌଣସି ସଂସ୍ଥା ବନ୍ଦ ହେବା ଭଳି ପରିସ୍ଥିତିରେ, ଆବଶ୍ୟକ ସ୍ୱୀକୃତି ସୀମା ସଂଖ୍ୟାକୁ ତିନିଗୁଣ ବଢ଼ାଇ ୩୦୦ କରାଯାଇଛି ।
- କୌଣସି ସଂସ୍ଥାରେ କେତେ ସଂଖ୍ୟକ କର୍ମଚାରୀ କାର୍ଯ୍ୟ କରୁଛନ୍ତି ତାହାକୁ ବିଚାରକୁ ନନେଇ ସମସ୍ତ ସଂସ୍ଥା ପାଇଁ ଶ୍ରମ ସଂହିତା ଲାଗୁ କରାଯିବ । ଏହା ଉଭୟ ସଂଗଠିତ ଏବଂ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ କର୍ମଚାରୀମାନଙ୍କ ସକାଶେ ଲାଗୁ ହେବ ।

ପ୍ରତିବଦ୍ଧତା 66 ଦେଶରେ 6 ଟି ଆଦିବାସୀ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଗ୍ରହାଳୟ ସ୍ଥାପନା କାର୍ଯ୍ୟ ପୂର୍ଣ୍ଣାଙ୍ଗ

ପ୍ରଗତି ! ଭାରତର ସ୍ୱାଧୀନତା ଆନ୍ଦୋଳନରେ ଅନେକ ଆଦିବାସୀ ସଂଗ୍ରାମୀ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ସେମାନଙ୍କର ଏହି ଏକନିଷ୍ଠ ତ୍ୟାଗକୁ ସ୍ମରଣ ପୂର୍ବକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶରେ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଗ୍ରହାଳୟ ସ୍ଥାପନର ପରିକଳ୍ପନା କରିଛନ୍ତି। ସାରା ଦେଶରେ ଏଭଳି ନଅଗୋଟି ସଂଗ୍ରହାଳୟ ସ୍ଥାପନ କାର୍ଯ୍ୟ ଜାରି ରହିଥିବାବେଳେ ସେଥି ମଧ୍ୟରୁ ଇତ୍ୟବସରେ ଛଅଗୋଟି ସଂଗ୍ରହାଳୟର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ପୂର୍ଣ୍ଣାଙ୍ଗ ହୋଇଥିବା ସଂଗ୍ରହାଳୟଗୁଡ଼ିକ ମଧ୍ୟେରେ ଗୁଜରାଟର ରାଜପିପଲା, ଝାଡ଼ଖଣ୍ଡର ରାଞ୍ଚି, ଆନ୍ଧ୍ର ପ୍ରଦେଶର ଲାମ୍ବା ସିଙ୍ଗି, ଛତିଶଗଡ଼ର ରାୟପୁର, ମଧ୍ୟ ପ୍ରଦେଶର ଛିନ୍ଦୱାରା, ତେଲଙ୍ଗାନାର ହାଇଦ୍ରାବାଦ, ମଣିପୁରର ସେନାପତି ଏବଂ ମିଜୋରାମର କେଲସେ ସ୍ଥିତ ସଂଗ୍ରହାଳୟ ସାମିଲ ।

ପ୍ରତିବଦ୍ଧତା 67 ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଯୋଜନାରେ କ୍ଷୁଦ୍ର ଦୋକାନୀମାନଙ୍କୁ ସାମିଲ କରାଯାଇଛି

ପ୍ରଗତି ! ବାର୍ଦ୍ଧକ୍ୟକାଳୀନ ଆର୍ଥିକ ନିରାପତ୍ତା ଚିନ୍ତା ସମସ୍ତ ନାଗରିକଙ୍କ ମନକୁ ଆନ୍ଦୋଳିତ କରିଥାଏ । ଏହି ଲକ୍ଷ୍ୟ ନେଇ, ପ୍ରଧାନମନ୍ତ୍ରୀ ଶ୍ରମ ମାନଧନ ଯୋଜନା ୨୦୧୯ ମସିହା ମାର୍ଚ୍ଚ ମାସରେ ଆରମ୍ଭ କରାଯାଇଥିଲା । ଏହି ବ୍ୟବସ୍ଥା ଅନୁସାରେ ମାସକୁ ୧୫,୦୦୦ ଟଙ୍କାରୁ କମ୍ ଉପାର୍ଜନ କରୁଥିବା ବ୍ୟକ୍ତିବିଶେଷଙ୍କୁ ୬୦ ବର୍ଷ ହେବା ପରେ ସେମାନଙ୍କୁ ମାସିକ ୩ ହଜାର ଟଙ୍କା ଲେଖାଏଁ ପେନସନ୍ ଦିଆଯିବ । କିନ୍ତୁ ସେଥିପାଇଁ ସେମାନଙ୍କୁ ମାସିକ ସର୍ବନିମ୍ନ ୫୫ ଟଙ୍କାର ପ୍ରିମିୟମ୍ ଭରିବାକୁ ପଡ଼ିବ । ଗରିବ ଲୋକମାନଙ୍କ ପାଇଁ ବୃଦ୍ଧାବସ୍ଥାରେ ଏଭଳି ଆର୍ଥିକ ନିରାପତ୍ତା ବ୍ୟବସ୍ଥା କରିବାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ଷୁଦ୍ର ଚାଷୀ, କ୍ଷୁଦ୍ର ବ୍ୟବସାୟୀ, ଏବଂ ଆତ୍ମନିଯୁକ୍ତ ବ୍ୟକ୍ତିବିଶେଷଙ୍କ ନିମନ୍ତେ ଅନୁରୂପ ପେନସନ୍ ବ୍ୟବସ୍ଥା କରିଛନ୍ତି । ବର୍ଷକୁ ୧.୫ କୋଟି ଟଙ୍କାର କାରବାର କରୁଥିବା ବ୍ୟବସାୟୀମାନେ ଏହି ଯୋଜନାରୁ ଫାଇଦା ନେଇପାରିବେ । ବର୍ତ୍ତମାନ ଏହି ଯୋଜନାରୁ ଦେଶର ୪୪ ହଜାରରୁ ଅଧିକ ଲୋକ ଉପକୃତ ହେଉଛନ୍ତି ।

ନୂତନ ଭାରତର ହୃଦୟରେ ମହିଳା ଶକ୍ତି



"କନ୍ୟା ସନ୍ତାନମାନଙ୍କ ଜୀବନ ରକ୍ଷା ଏବଂ ସେମାନଙ୍କୁ ଶିକ୍ଷିତ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ଆପଣମାନଙ୍କୁ ନିବେଦନ କରୁଛନ୍ତି । କନ୍ୟା ସନ୍ତାନମାନଙ୍କୁ ଆପଣଙ୍କର ପରିବାରର ଗର୍ବ ରାଷ୍ଟ୍ରର ଗୌରବ ବୋଲି ମନେକରନ୍ତୁ । ପୁତ୍ର ଓ କନ୍ୟା ହେଲେ ଦୁଇଟି ପକ୍ଷ, ଯାହା ବିନା ଜୀବନର କୌଣସି ସଫଳତା କଦାପି ହାସଲ କରାଯାଇ ପାରିବନାହିଁ ।"

ଆଜକୁ ଛଅ ବର୍ଷ ପୂର୍ବେ, ଜାନୁଆରୀ ୨୨ ତାରିଖ ଦିନ, ଦେଶ ଶାସନର ମଙ୍ଗ ଧରିଥିବା ନେତା ଭାରତର ମହିଳାମାନଙ୍କୁ ସଶକ୍ତ କରିବା ନିମନ୍ତେ ଏକ ପ୍ରୟାସ ଆରମ୍ଭ କରିଥିଲେ । ଏଭଳି ଚିନ୍ତାଧାରାର ସହ କେନ୍ଦ୍ର ସରକାର ମହିଳାମାନଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ଅନେକ ଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି । ସ୍ୱାଧୀନ ଭାରତର ଇତିହାସରେ ପ୍ରଥମ ଥର ପାଇଁ ଏହା କରାଯାଇଛି, ଯାହାକି ଇତିପୂର୍ବରୁ ଅଭୂତପୂର୍ବ ଥିଲା । କେନ୍ଦ୍ର କ୍ୟାବିନେଟରେ ୧୧ ଜଣ ମହିଳାଙ୍କୁ ସାମିଲ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାରୀ ଶକ୍ତି ଉପରେ ଥିବା ଆସ୍ଥାକୁ ପ୍ରତିପାଦିତ କରିଛନ୍ତି ।

ପ୍ରତିବଦ୍ଧତା 68

ତିନି ତଲାକ ବିରୁଦ୍ଧରେ ଆଇନ ପ୍ରଣୟନ କରି ମୁସଲମାନ ମହିଳାମାନଙ୍କୁ ନ୍ୟାୟ ପ୍ରଦାନ ସୁନିଶ୍ଚିତକରଣ

ପ୍ରଗତି ୨୦୧୮ ମସିହା ସେପ୍ଟେମ୍ବର ୧୯ ତାରିଖ ଦିନ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ କରିବା ପରେ, ଏହା ଆଇନରେ ପରିଣତ ହେବା ସହ ଦେଶରୁ ତିନି ତଲାକ ବ୍ୟବସ୍ଥାର ସବୁଦିନ ପାଇଁ ଉଚ୍ଛେଦ ଘଟିଛି । ଏବେ ଯଦି ସ୍ୱାମୀ ତାଙ୍କର ପତ୍ନୀଙ୍କୁ ମୌଖିକ, ଲିଖିତ ଅଥବା ଅନ୍ୟ ଯେକୌଣସି ଭାବେ ତିନି ତଲାକ ଦିଅନ୍ତି, ତେବେ ତାହା ଏକ ଅପରାଧ ଭାବେ ଧର୍ତ୍ତବ୍ୟ ହେବ । ଏହି ପରିପ୍ରେକ୍ଷୀରେ ପୀଡ଼ିତା କିମ୍ବା ତାଙ୍କର ଯେକୌଣସି ଘନିଷ୍ଠ ସମ୍ପର୍କୀୟ ଏହା ବିରୋଧରେ ମାମଲା ରୁଜୁ କରିପାରିବେ । ଏଥି ପାଇଁ ପୁଲିସ୍ ବିନା ୱାରେଣ୍ଟରେ ତିନି ତଲାକ ପ୍ରଦାନ କରିଥିବା ସଂପୃକ୍ତ ସ୍ୱାମୀଙ୍କୁ ଗିରଫ କରିପାରିବେ । ଏହି ଅପରାଧରେ ଅଭିଯୁକ୍ତଙ୍କୁ ତିନିବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ତଥା ଜୋରିମାନା ଦେବାକୁ ପଡ଼ିପାରେ । ଏପରି ମାମଲାରେ ଅଭିଯୁକ୍ତ କେବଳ ମାଜିଷ୍ଟ୍ରେଟ୍ କୋଟରୁ ହିଁ ଜାମିନ ପାଇପାରିବେ । ଏପରି ସ୍ଥଳେ ପୀଡ଼ିତାଙ୍କ ବୟାନ ନଶୁଣି ମାଜିଷ୍ଟ୍ରେଟ୍ ଅଭିଯୁକ୍ତ ସ୍ୱାମୀଙ୍କୁ ଜାମିନ ପ୍ରଦାନ କରିପାରିବେନାହିଁ। ଏହି ମାମଲାରେ ମାଜିଷ୍ଟ୍ରେଟ୍ ପତ୍ନୀ ଓ ସନ୍ତାନମାନଙ୍କ ଭରଣପୋଷଣ ମୂଲ୍ୟ ସଂପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବେ ଯାହାକି ଅଭିଯୁକ୍ତ ସ୍ୱାମୀଙ୍କୁ ବହନ କରିବାକୁ ପଡ଼ିବ ।



ପ୍ରତିବଦ୍ଧତା 69

ଆର୍ଥିକ କାର୍ଯ୍ୟକଳାପରେ ମହିଳା କର୍ମଶକ୍ତିଙ୍କ ଅଂଶଗ୍ରହଣ ବୃଦ୍ଧି

ପ୍ରଗତି ପ୍ରଥମ ଥର ପାଇଁ ମହିଳାମାନଙ୍କୁ ରାତି ସିଫ୍ଟରେ କାର୍ଯ୍ୟ କରିବା ନିମନ୍ତେ ଅନୁମତି ପ୍ରଦାନ କରାଯାଇଛି । ସେନାବାହିନୀର ତିନି ବିଭାଗରେ ମହିଳାମାନଙ୍କୁ ସ୍ଥାୟୀ କମିଶନ ପାହ୍ୟା ପ୍ରଦାନ କରାଯାଇଛି । ଷ୍ଟାଣ୍ଡ ଅପ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ଏହାକୁ ଆଇନସିଦ୍ଧ କରାଯାଇଛି ଯେ ପ୍ରତି ବ୍ୟାଙ୍କ୍ ଶାଖାରେ ଅନୁୟନ ଜଣେ ମହିଳା ଉଦ୍ୟୋଗୀଙ୍କୁ ୧୦ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯିବ । ସେହିଭଳି ମହିଳା ନେତୃତ୍ୱାଧୀନ ଏମଏସଏମଇମାନଙ୍କ ଠାରୁ ରାଷ୍ଟ୍ରାୟତ୍ତ ସଂସ୍ଥାମାନେ ଅନୁୟନ ୩ ପ୍ରତିଶତ ସାମଗ୍ରୀ କ୍ରୟ କରିବା ଲାଗି ବ୍ୟବସ୍ଥା କରାଯାଇଛି । ଏପର୍ଯ୍ୟନ୍ତ ସରକାରଙ୍କ ଇ- ମାର୍କେଟ ପ୍ଲେସ୍ (ଜିଇଏମ)ରେ ୩୨,୦୦୦ରୁ ଅଧିକ ମହିଳା ଉଦ୍ୟୋଗୀ ନାମ ପଂଜୀକରଣ କରିଛନ୍ତି ।

ମୁଦ୍ରା ଯୋଜନା

ଏହି ଯୋଜନା ଅଧୀନରେ, ୫୦ ହଜାରରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣର ବ୍ୟବସ୍ଥା ଆରମ୍ଭ କରାଯାଇଥିଲା । ଏହି ଯୋଜନାର ୭୦ ପ୍ରତିଶତ ହିତାଧିକାରୀ ମହିଳା ବୋଲି ଜଣାପଡ଼ିଛି ।

ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅଧୀନରେ **୨୬ ଲକ୍ଷରୁ** ଅଧିକ ମହିଳାଙ୍କୁ ତାଲିମ ପ୍ରଦାନ କରାଯାଇଛି ।

ତିନି ତଲାକ ବ୍ୟବସ୍ଥା ମୁସଲମାନ ମହିଳାମାନଙ୍କ ପାଇଁ ଏକ ବିରାଟ ସମସ୍ୟା ହୋଇ ରହିଥିଲା । ମୁସଲମାନ ମହିଳାଙ୍କ ମୁଣ୍ଡ ଉପରେ ତିନି ତଲାକର ଖଣ୍ଡା ସଦାବେଳେ ଝୁଲି ରହିଥିଲା । ଏହି ନୂତନ ଆଇନ ପ୍ରବର୍ତ୍ତିତ ହେବା ପରେ ମହିଳାମାନେ ଏବେ ନିଜକୁ ନିରାପଦ ମଣୁଛନ୍ତି । ଏଭଳି ଆଇନ ପ୍ରଣୟନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କୁ ଅଶେଷ ଧନ୍ୟବାଦ ।

-ଶାହାବିୟା, ହାଇଦ୍ରାବାଦ

ପ୍ରତିବଦ୍ଧତା 70 ମହିଳାଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟି ପ୍ରତି ସ୍ୱତନ୍ତ୍ର ଧ୍ୟାନ


ପ୍ରଗତି ! ମହିଳାମାନଙ୍କ ସ୍ୱାସ୍ଥ୍ୟ ନିରାପତ୍ତା ବୃଦ୍ଧି ନିମନ୍ତେ, ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ର ଜରିଆରେ ମାତ୍ର ୧ ଟଙ୍କା ମୂଲ୍ୟରେ ସାନିଟାରୀ ନାପକିନ୍ ବିକ୍ରୟ ଆରମ୍ଭ କରାଯାଇଛି । ମିଶନ୍ ଇନ୍ଦ୍ରଧନୁଷ୍ ଜରିଆରେ ଦେଶର ୯୨ ଲକ୍ଷରୁ ଅଧିକ ମହିଳାଙ୍କୁ ଟିକାକରଣ କରାଯାଇଛି ।

- କର୍ମଜୀବୀ ମହିଳାମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପ୍ରସବକାଳୀନ ଛୁଟି ଅବଧିକୁ ୧୨ ସପ୍ତାହରୁ ୨୬ ସପ୍ତାହକୁ ବଢ଼ାଇ ଦିଆଯାଇଛି । ପ୍ରତି କାର୍ଯ୍ୟାଳୟରେ ଏବେ କ୍ରେଚ୍ ସୁବିଧା ବ୍ୟବସ୍ଥା କରାଯାଇଛି ।
- ୨୦୧୭ ମସିହା ଠାରୁ ପୌଷ୍ଟିକତା ଅଭିଯାନ ନିମନ୍ତେ ୭ ହଜାର କୋଟିରୁ ଅଧିକ ରାଶି ଯୋଗାଇ ଦିଆଯାଇଛି ।

ପ୍ରତିବଦ୍ଧତା 71 ଆଇନ ପ୍ରଣୟନ ଜରିଆରେ ଏକ ନିରାପତ୍ତା ଭାବନା ସୃଷ୍ଟି କରିବା

ପ୍ରଗତି ! ୧୨ ବର୍ଷରୁ କମ୍ ଆୟୁର ନାବାଳିକା ପ୍ରତି ଦୁଷ୍କର୍ମ କରିବା ଅପରାଧୀଙ୍କ ପାଇଁ ଏବେ ମୃତ୍ୟୁଦଣ୍ଡର ବ୍ୟବସ୍ଥା କରାଯାଇଛି । ଦୁଷ୍କର୍ମ ଭଳି ଅପରାଧ ମାମଲାର ଫଇସଲା ଦୁଇ ମାସ ମଧ୍ୟରେ କରିବା ନିମନ୍ତେ ଆଇନରେ ବ୍ୟବସ୍ଥା କରାଯାଇଛି ।

- ମହିଳାମାନଙ୍କ ପ୍ରତି ଅପରାଧ କରୁଥିବା ବ୍ୟକ୍ତିବିଶେଷଙ୍କର ଏକ ଜାତୀୟ ଡାଟାବେସ୍ ପ୍ରସ୍ତୁତ କରାଯାଇଛି । ଏଭଳି ମାମଲାର ବିଚାର ଲାଗି ସ୍ୱତନ୍ତ୍ର ଫାଷ୍ଟ୍ ଟ୍ରାକ୍ କୋର୍ଟର ବ୍ୟବସ୍ଥା କରାଯାଇଛି ।
- ସାରା ଦେଶରେ ୭୦୦ରୁ ଅଧିକ ୱାନ୍ ଷ୍ଟପ୍ କେନ୍ଦ୍ର ଆରମ୍ଭ କରାଯାଇଛି । ନୂତନ ଟ୍ୟାକ୍ସି ନୀତି ଅନୁସାରେ, ଜିପିଏସ ଏବଂ ପାନିକ୍ ବଟନ୍ (ଆପାତକାଳୀନ ବୋତାମ) ପ୍ରତି ଟ୍ୟାକ୍ସିରେ ଖଞ୍ଜିବାକୁ ବାଧତାମୂଳକ କରାଯାଇଛି ।



ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ ପ୍ରୟାସ

ଭାରତ ତା'ର ଅନନ୍ୟ ଐତିହ୍ୟ ଏବଂ ଐତିହାସିକ ସୌଧରାଜି ପାଇଁ ବେଶ୍ ପ୍ରସିଦ୍ଧ । ଯେକୌଣସି ରାଷ୍ଟ୍ର ତା'ର ସାଂସ୍କୃତିକ ବୈଭବ ଓ ପ୍ରତ୍ନତାତ୍ତ୍ୱିକ ବିକାଶ ନିମନ୍ତେ ହିଁ ଚିହ୍ନିତ ହୋଇଥାଏ । ବୈଦିକ ଯୁଗରୁ ଆଜି ପର୍ଯ୍ୟନ୍ତ ଦେଶର ବିଭିନ୍ନ ଭାଗରୁ ଅନେକ ନଗରୀ, ମନ୍ଦିର ଓ ପ୍ରତ୍ନତାତ୍ତ୍ୱିକ ସ୍ଥଳୀମାନ ଆବିଷ୍କୃତ ହୋଇଛି ଯାହାକି ଏହାର ମହାନ୍ ଅତୀତକୁ ପ୍ରତିପାଦିତ କରେ । ସେହି ଦୃଷ୍ଟିରୁ କେଉଁ ଅଜଣା ଅତୀତ କାଳରୁ ଭାରତର ଉଜ୍ଜ୍ୱଳ ଐତିହାସିକ କୀର୍ତ୍ତିରାଜି ସର୍ବତ୍ର ବିରାଜମାନ ରହିଛି । ରାଜପୁତ ଶାସନ କାଳରୁ ନେଇ ସ୍ୱାଧୀନୋତ୍ତର କାଳ ପର୍ଯ୍ୟନ୍ତ ଏହା ବ୍ୟାପ୍ତ । ତେଣୁ ଦେଶର ସାଂସ୍କୃତିକ ବୈଭବକୁ ପ୍ରୋତ୍ସାହନ ପ୍ରଦାନ ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ତାହା ଦୀର୍ଘ ଦିନରୁ ନିର୍ମିତ ହେବାକୁ ଥିବା ରାମ ମନ୍ଦିର ହୋଇଥାଉ ଅଥବା ଶିଖ୍ ଧର୍ମପୀଠ ଐତିହାସିକ କର୍ତ୍ତାରପୁର କରିଡୋର ହୋଇଥାଉ । ଭାରତ କେବଳ ସେହିସବୁ ଐତିହ୍ୟର ସଂରକ୍ଷଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିନାହିଁ ଅପରନ୍ତୁ ଏହାର ମରାମତି ଓ ରକ୍ଷଣାବେକ୍ଷଣ ଦିଗରେ ମଧ୍ୟ ଅନେକ କାର୍ଯ୍ୟପନ୍ଥା ଗ୍ରହଣ କରିଛି ।

ପ୍ରତିବଦ୍ଧତା 72

ସ୍ୱଦେଶ ଦର୍ଶନ, ପ୍ରସାଦ ଏବଂ ହୃଦୟ ଯୋଜନା ମାଧ୍ୟମରେ ସମସ୍ତ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରିତ ସମ୍ପୂର୍ଣ୍ଣ କରିବା ଦିଗରେ ପଦକ୍ଷେପ ଗ୍ରହଣ ଯାହାକି ଦେଶର ପର୍ଯ୍ୟଟନକୁ ପ୍ରୋତ୍ସାହନ ଯୋଗାଇବ

ପ୍ରଗତି ! ପ୍ରସାଦ ଯୋଜନା: କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଅଧୀନରେ 'ପିଲଗ୍ରିମେଜ୍ ରିଜୁଭେନେସନ୍ ଆଣ୍ଡ୍ ସ୍ପିରିଚୁଆଲ୍, ହେରିଟେଜ୍ ପ୍ରମୋସନ କ୍ୟାମ୍ପେନ୍' (ପ୍ରସାଦ) ଯୋଜନାର ଲକ୍ଷ୍ୟ ହେଉଛି ଦେଶର ଚିହ୍ନିତ ତୀର୍ଥସ୍ଥଳୀ ଓ ଐତିହ୍ୟ ସ୍ଥଳୀମାନଙ୍କର ବିକାଶ

ଘଟାଇବା । ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରବେଶ ପଥ (ସଡ଼କ, ରେଳ ଏବଂ ଜଳପଥ ପରିବହନ) ଚୁଡ଼ାନ୍ତ ପଏଣ୍ଟ ମଧ୍ୟରେ ସଂଯୋଗ, ସୂଚନା କେନ୍ଦ୍ର, ଏଟିଏମ୍/ ମୁଦ୍ରା ପରିବର୍ତ୍ତନ ସୁବିଧା ଏଂ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ତଥା ଅକ୍ଷୟ ଶକ୍ତି ଉତ୍ସରୁ ସମଗ୍ର କ୍ଷେତ୍ରରେ ଆଲୋକ ବ୍ୟବସ୍ଥା ଆଦି ମୌଳିକ ପର୍ଯ୍ୟଟନ ସୁବିଧାମାନ କରାଯାଇଛି । ସେହିଭଳି, ପାର୍କିଂ, ପାନୀୟ ଜଳ, ଶୌଚାଳୟ, କ୍ଲୋକ୍ ରୁମ୍, ପ୍ରତୀକ୍ଷାଳୟ, ପ୍ରାଥମିକ ଚିକିତ୍ସା କେନ୍ଦ୍ର, କାଫେଟେରିଆ, ଆଶ୍ରୟ ଗୃହ, ଟେଲିଯୋଗାଯୋଗ ସୁବିଧା, ଇଣ୍ଟରନେଟ୍ ସଂଯୋଗ ଇତ୍ୟାଦି ସୁବିଧା ମଧ୍ୟ ଉପଲବ୍ଧ କରାଯାଉଛି ।

ହୃଦୟ ଯୋଜନା: ଜାତୀୟ ଐତିହ୍ୟ ସିଟି ବିକାଶ ଏବଂ ପ୍ରୋତ୍ସାହନ ଯୋଜନା (ହୃଦୟ) କାର୍ଯ୍ୟକ୍ରମ ୨୦୧୫ ମସିହା ଜାନୁଆରୀ ୧୫ ତାରିଖ ଦିନ ଶୁଭାରମ୍ଭ କରାଯାଇଥିଲା ଏବଂ ତାହା ଏବେ ଦେଶର ୧୨ଟି ସହରରେ କାର୍ଯ୍ୟକାରୀ କରାଯାଉଛି । ସେହିସବୁ ସହରଗୁଡ଼ିକ ହେଲା, ଆଜମେର, ଅମରାବଦୀ, ଅମୃତସର, ବାଦାମୀ, ଦ୍ୱାରକା, ଗୟା, କାଞ୍ଚିପୁରମ୍, ମଥୁରା, ପୁରୀ, ବାରାଣାସୀ, ଭେଲାଙ୍କାନୀ ଏବଂ ୱାରାଙ୍ଗଲ । ଏହି ଯୋଜନା ଅଧୀନରେ ଦେଶରେ ଥିବା ଐତିହ୍ୟ ସୌଧମାନଙ୍କର ସଂରକ୍ଷଣ ତଥା ସେସବୁର ପୁରରୁଦ୍ଧାର କାର୍ଯ୍ୟ କରାଯାଉଛି । ଏଥି ସହିତ, ଏହି ଯୋଜନା ମାଧ୍ୟମରେ ସର୍ବସାଧାରଣ ସମ୍ପତ୍ତି ମଧ୍ୟ ସୃଷ୍ଟି କରାଯାଉଛି ଯଦ୍ୱାରା ସେହିସବୁ ସମ୍ପତ୍ତି ଦୀର୍ଘ ଦିନ ପର୍ଯ୍ୟନ୍ତ ଜନ ସହଭାଗୀତାରେ କାର୍ଯ୍ୟ କରିପାରିବ।

ପ୍ରତିବଦ୍ଧତା 73 ଜାତୀୟ ସଂଗ୍ରହାଳୟମାନଙ୍କର ସମସ୍ତ ସଂଗୃହୀତ ସାମଗ୍ରୀର ଡିଜିଟାଇଜେସନ୍

ପ୍ରଗତି ! ଭାରତୀୟ ସଂଗ୍ରହାଳୟମାନଙ୍କ ନିମନ୍ତେ ଜାତୀୟ ପୋର୍ଟାଲ ଏବଂ ଡିଜିଟାଲ ରିପୋଜିଟୋରୀର ଶୁଭାରମ୍ଭ କରାଯାଇଛି। ଏଥିରେ ସଂଗ୍ରହାଳୟରେ ସଂରକ୍ଷିତ ସମସ୍ତ ସାମଗ୍ରୀର ଡିଜିଟାଇଜେସନ୍ କରାଯାଉଛି । ଏହା ମାଧ୍ୟମରେ ଭର୍ଚୁଆଲ୍ ଭାବେ ସେହିସବୁ ସାମଗ୍ରୀକୁ ମଧ୍ୟ ଦେଖାଯାଇପାରିବ । ଗୁଗଲ ଆର୍ଟସ୍ ଆଣ୍ଡ କଲଚର୍ ଆପ୍ ମାଧ୍ୟମରେ ଭିଜିଟରମାନେ ଗୋଟିଏ ମାତ୍ର କ୍ଲିକ୍ ସାହାଯ୍ୟରେ ୨୦୦୦ରୁ ଅଧିକ ସଂଗ୍ରହାଳୟରେ ସଂରକ୍ଷିତ ରହିଥିବା ସମସ୍ତ ସାମଗ୍ରୀକୁ ଦେଖିପାରିବେ । ଏହି ମାଧ୍ୟମରେ ବିଶ୍ୱର କଳା, ଇତିହାସ ଏବଂ ବିସ୍ମୟକୁ ଦେଖିବାର ଏହା ଏକ ସହଜ ଉପାୟ । ଆଇଓଏସ ଏବଂ ଆଣ୍ଡ୍ରଏଡ୍‌ରେ ଗୁଗଲ ଆର୍ଟସ୍ ଆଣ୍ଡ କଲଚର୍ ଆପ୍ ଅନଲାଇନ୍‌ରେ ମାଗଣାରେ ଉପଲବ୍ଧ ।

ପ୍ରତିବଦ୍ଧତା 74 ଦେଶର ଅଜଣା ହୀରୋମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ

ପ୍ରଗତି ! ଦେଶ ସ୍ୱାଧୀନତା ଲାଭ କରିବାର ଏତେ ବର୍ଷ ପରେ ଏବେ ଅନେକ ଅଜଣା ଓ ଲୋକଲୋଚନ ଆଢୁଆଳରେ ରହିଥିବା ବୀରମାନେ ସେମାନଙ୍କର ଉପଯୁକ୍ତ ସମ୍ମାନ ପାଇପାରୁଛନ୍ତି । ପ୍ରଥମ ଥର ପାଇଁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସମ୍ପର୍କୀତ ଅନେକ ଗୁପ୍ତ ନଥିକୁ ସାର୍ବଜନୀନ କରାଯାଇଛି । ସେହିଭଳି ବୀର୍ସା ମୁଣ୍ଡା, ଦୀନବନ୍ଧୁ ସାର୍ ଛୋଟୁ ରାମ, ମହରାଜ ଶୁଖଦେବଙ୍କ ଭଳି ବୀରମାନଙ୍କ କୀର୍ତ୍ତିକୁ ମଧ୍ୟ ସଂରକ୍ଷିତ ରଖାଯାଉଛି । ଜନସାଧାରଣଙ୍କ ପାଇଁ ପଦ୍ମ ପୁରସ୍କାରର ସମସ୍ତ ପ୍ରକ୍ରିୟା ଉନ୍ମୁକ୍ତ କରାଯାଇଛି ଯାହା ଫଳରେ ଦେଶ ପାଇଁ ନିସ୍ୱାର୍ଥପର ଓ ନିରବରେ ସେବାକାର୍ଯ୍ୟ କରିଥିବା ମହାନ ବୀରମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କରାଯାଇପାରୁଛି ।

ପ୍ରତିବଦ୍ଧତା 75

ଗଙ୍ଗା ନଦୀ ପରିଷ୍କୃତି ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ

ପ୍ରଗତି ! ସାଂସ୍କୃତିକ ଓ ଆଧ୍ୟାତ୍ମିକ ଗୁରୁତ୍ୱ ରଖୁଥିବା ଭାରତର ମୋଟ ଜନସଂଖ୍ୟାର ୪୦ ପ୍ରତିଶତ ଲୋକ ଗଙ୍ଗା ନଦୀ ଉପରେ ନିର୍ଭରଶୀଳ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଥି ନିମନ୍ତେ ନମାମୀ ଗଙ୍ଗେ ମିଶନ୍ ଆରମ୍ଭ କରିଥିଲେ ଯାହାର ଉଦ୍ଦେଶ୍ୟ ହେଲା ଗଙ୍ଗା ନଦୀକୁ ପୁନଃସକ୍ରିୟକରଣ କରିବା ତଥା ଏହାର ଐତିହ୍ୟକୁ ପୁନଃସଂସ୍ଥାପନ କରିବା । ଏହି କାର୍ଯ୍ୟକ୍ରମର ପ୍ରବର୍ତ୍ତନ ପ୍ରକ୍ରିୟାରେ ପ୍ରାରମ୍ଭିକ ପର୍ଯ୍ୟାୟ କାର୍ଯ୍ୟକ୍ରମ (ତୁରନ୍ତ କାର୍ଯ୍ୟକାରୀ ହେବା), ମଧ୍ୟାବଧି କାର୍ଯ୍ୟକ୍ରମ (ଚୁଡ଼ାନ୍ତ ସମୟ ସୀମାର ୫ ବର୍ଷ ପୂର୍ବରୁ କାର୍ଯ୍ୟକାରୀ ହେବା) ଏବଂ ଦୀର୍ଘକାଳୀନ କାର୍ଯ୍ୟକ୍ରମ (୧୦ ବର୍ଷ ମଧ୍ୟରେ ପ୍ରବର୍ତ୍ତନ କରାଯିବା)କୁ ସାମିଲ କରାଯାଇଛି ।



୩୪୪ଟି ପ୍ରକଳ୍ପକୁ ମୋଟ **୨୯୯୧୦ କୋଟି** ଟଙ୍କା ମଂଜୁର କରାଯାଇଥିଲା ।
ସେଥି ମଧ୍ୟରୁ ୧୪୭ଟି ପ୍ରକଳ୍ପ ଅଦ୍ୟାବଧି ସଂପୂର୍ଣ୍ଣ ହୋଇଛି ଏବଂ ଅବଶିଷ୍ଟ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି ।

- ଗଙ୍ଗା ଏବଂ ଏହାର ଉପନଦୀଗୁଡ଼ିକର ପୁନର୍ଜାଗରଣ ସକାଶେ ୨୦,୦୦୦ କୋଟି ଟଙ୍କାର ସୁନିଶ୍ଚିତ ପାଣ୍ଠି ବ୍ୟୟରେ ୨୦୧୪-୧୫ ମସିହା ଠାରୁ ନମାମୀ ଗଙ୍ଗେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା ।
- ଗଙ୍ଗା ନଦୀର ପୁନର୍ଜାଗରଣ ନିମନ୍ତେ ଏବେ ବ୍ୟୟ ପରିମାଣରେ ବ୍ୟାପକ ମାତ୍ରାରେ ବୃଦ୍ଧି ଘଟିଛି । ୧୯୮୬ ଠାରୁ ୨୦୧୪ ମସିହା ମଧ୍ୟରେ ଗଙ୍ଗା ପୁନର୍ଜାଗରଣ ନିମନ୍ତେ ମାତ୍ର ୪,୦୦୦ କୋଟି ଟଙ୍କା ବ୍ୟୟ କରାଯାଇଥିବାବେଳେ ୨୦୧୪ ଠାରୁ ୨୦୨୧ ମସିହା ମାର୍ଚ୍ଚ ମାସ ମଧ୍ୟରେ ଏଥିପାଇଁ ୧୦,୧୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ।
- ଏହା ବ୍ୟତୀତ ଅନ୍ୟାନ୍ୟ ଅନେକ କାର୍ଯ୍ୟକ୍ରମ ଯଥା, ବର୍ଜ୍ୟ ପ୍ରକ୍ରିୟାକରଣ କାର୍ଯ୍ୟର ଉନ୍ନତିକରଣ, ଆଧୁନିକ ନଦୀତଟ ନିର୍ମାଣ, ଶ୍ମଶାନଘାଟମାନଙ୍କୁ ପୁନଃନିର୍ମାଣ, ଘାଟ ସ୍ୱଚ୍ଛକରଣ ସୁନିଶ୍ଚିତିକରଣ ଆଦି କାର୍ଯ୍ୟ ପ୍ରଥମ କିଛି ବର୍ଷ ମଧ୍ୟରେ ବେଶ୍ ତ୍ୱରିତ ଭାବେ ପ୍ରବର୍ତ୍ତିତ ହୋଇଛି । ଏଥି ସହିତ ଗଙ୍ଗା ନଦୀ କୂଳେକୂଳେ ବନୀକରଣ କାର୍ଯ୍ୟକ୍ରମ ଜାରି ରଖିବା ନିମନ୍ତେ ୨,୩୦୦ କୋଟି ଟଙ୍କା ବ୍ୟୟ କରାଯାଇଛି । ଯେଉଁସବୁ ଶିଳ୍ପସଂସ୍ଥା ଗଙ୍ଗା ନଦୀର ଜଳକୁ ପ୍ରଦୂଷିତ କରୁଥିଲେ ସେସବୁକୁ ବନ୍ଦ୍ କରିଦିଆଯାଇଛି । ଏବେ ଶିଳ୍ପସଂସ୍ଥାମାନଙ୍କରୁ ବାହାରୁଥିବା ବର୍ଜ୍ୟଜଳ ପ୍ରକ୍ରିୟାକରଣ ପ୍ଲାଣ୍ଟରେ ପହଞ୍ଚାଯାଉଛି ।



କେନ୍ଦ୍ର କ୍ୟାବିନେଟ

ଭାରତର ଆକାଂକ୍ଷାକୁ ଆକାର ପ୍ରଦାନ

କ୍ଷମତା ପଦବୀ ନୁହେଁ, ସେବା କରିବାର ସୁଯୋଗ । ଆମକୁ ଏହା ଧ୍ୟାନରେ ରଖିବାକୁ ପଡିବ, କାରଣ ବୃକ୍ଷ ଯେତେ ଉଚ୍ଚ ହେଲେ ମଧ୍ୟ ଯେତେବେଳେ ଏହା ଫଳ ଧାରଣ କରେ, ସେତେବେଳେ ଏହା ନତ ହେବା ଆରମ୍ଭ କରିଥାଏ। ବିଭିନ୍ନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା କୁହାଯାଇଥିବା ଏହି କଥା ତାଙ୍କ ସରକାରଙ୍କ ଜାତୀୟ ଦୃଷ୍ଟିକୋଣ ଏବଂ ଯୋଜନାଗୁଡିକର ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନର ଆଧାରଶୀଳା ପାଲଟିଛି । ଜୁଲାଇ ୭ ତାରିଖରେ ପ୍ରଥମ ମୋଦୀ ୨.୦ କ୍ୟାବିନେଟର ସମ୍ପ୍ରସାରଣ ସମୟରେ ଏହା ସ୍ପଷ୍ଟ ଭାବେ ପରିଲକ୍ଷିତ ହୋଇଥିଲା, ଯେଉଁଥିରେ କେନ୍ଦ୍ର କ୍ୟାବିନେଟର ବିସ୍ତାର ସମୟରେ ଆଂଚଳିକ ସନ୍ତୁଳନ ରକ୍ଷା କରିବାକୁ ପ୍ରୟାସ କରାଯାଇଥିଲା । ଏଥିସହ, ଯୁବା ଓ ମହିଳାମାନଙ୍କ ସଶକ୍ତିକରଣକୁ ଦୃଷ୍ଟିରେ ରଖି ସେମାନଙ୍କୁ ପର୍ଯ୍ୟାପ୍ତ ପ୍ରତିନିଧିତ୍ୱ ପ୍ରଦାନ କରାଯାଇଛି ।

ଏକ ପ୍ରଗତିଶୀଳ ଭାରତ ପାଇଁ ନିଜର ସଙ୍କଳ୍ପକୁ ଜାରି ରଖି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୁଲାଇ ୭ ତାରିଖରେ ତାଙ୍କ କ୍ୟାବିନେଟର ପୁନର୍ବିନ୍ୟାସ କରିଥିଲେ । ନବ ଭାରତର ସଙ୍କଳ୍ପ ସହ ରାଷ୍ଟ୍ର ସ୍ୱାଧୀନତାର ୭୫ତମ ବାର୍ଷିକୀ ପାଳନ କରିବାକୁ ଯାଉଥିବାବେଳେ ୧୫ଜଣ କ୍ୟାବିନେଟ ଏବଂ ୨୮ଜଣ ରାଷ୍ଟ୍ରପାହ୍ୟା ମନ୍ତ୍ରୀଙ୍କୁ ବିକାଶମୂଳକ ଉଦ୍ୟମଗୁଡିକୁ ପୁନଃସଶକ୍ତ କରିବାର ଦାୟିତ୍ୱ ଅର୍ପଣ କରାଯାଇଛି । ସେମାନଙ୍କ ମଧ୍ୟରୁ ଅଧା ଡଜନ ମନ୍ତ୍ରୀ ୨୫ରୁ ୪୫ ବର୍ଷ ଆୟୁ ବର୍ଗର । ସମ୍ପ୍ରସାରଣ ପରେ ବର୍ତମାନର କ୍ୟାବିନେଟର ହାରାହାରି ବୟସ ମଧ୍ୟ ୫୮ ବର୍ଷ ହୋଇଯାଇଛି । ନିଜର ନୂତନ ଟିମ ଗଠନ ପରେ ପ୍ରଧାନମନ୍ତ୍ରୀ ମୋଦୀ ଟୁଇଟ କରି ବିକାଶ ପାଇଁ ତାଙ୍କ ସରକାରଙ୍କ ସଙ୍କଳ୍ପ ବିଷୟରେ ସଙ୍କେତ ଦେଇଛନ୍ତି । ଗମେଂଟ ଫର ଗ୍ରୋଥ (ବିକାଶ ପାଇଁ ସରକାର - ପ୍ରଗତି ପାଇଁ ସରକାର) ହାସଟ୍ୟାଗ ସହ ଟୁଇଟ କରି ତାଙ୍କ ସରକାର ବିକାଶ ପାଇଁ ଉତ୍ସର୍ଗୀକୃତ ବୋଲି ସେ ବର୍ଣ୍ଣନା କରିଛନ୍ତି ।

“ଆଜି ଶପଥ ନେଇଥିବା ମୋର ସମସ୍ତ ସହକର୍ମୀଙ୍କୁ ମୁଁ ଅଭିନନ୍ଦନ ଜଣାଉଛି ଏବଂ ମନ୍ତ୍ରୀ ଭାବରେ ଉତ୍ତମ କାର୍ଯ୍ୟକାଳ ପାଇଁ ମୁଁ ସେମାନଙ୍କୁ ଶୁଭେଚ୍ଛା ଜଣାଉଛି । ଆମେ ସମସ୍ତେ ଲୋକଙ୍କ ଆକାଂକ୍ଷା ପୂରଣ ଏବଂ ଏକ ସଶକ୍ତ ତଥା ସମୃଦ୍ଧ ଭାରତ ଗଠନ କରିବା ପାଇଁ କାର୍ଯ୍ୟ ଜାରି ରଖିବା ।
#Govt4Growth"
-ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ନୂତନ କ୍ୟାବିନେଟ ଟିମ୍‌ର ସମ୍ପୁର୍ଣ୍ଣ ତାଲିକା ଦେଖିବା ପାଇଁ ନିମ୍ନଲିଖିତ ଲିଙ୍କକୁ ଯାଆନ୍ତୁ: **link: https://pib.gov.in/PressReleasePage.aspx?PRID=1733526**



'ସହଯୋଗ ମନ୍ତ୍ରଣାଳୟ'ର ଗଠନ

କ୍ୟାବିନେଟ ସମ୍ପ୍ରସାରଣର ଠିକ୍ ପୂର୍ବରୁ, କେନ୍ଦ୍ର ସରକାର ସମୃଦ୍ଧି ଓ ବିକାଶ ପାଇଁ 'ସହଯୋଗ ମନ୍ତ୍ରଣାଳୟ' ଗଠନ କରିଛନ୍ତି । ନୂତନ ଭାବେ ସୃଷ୍ଟ ମନ୍ତ୍ରଣାଳୟର ଦାୟିତ୍ୱ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଉପରେ ନ୍ୟସ୍ତ କରାଯିବା ପଦକ୍ଷେପରୁ ଏହି ମନ୍ତ୍ରଣାଳୟର ଗୁରୁତ୍ୱକୁ ଅନୁମାନ କରାଯାଇପାରେ । ଦେଶରେ ସମବାୟ ଆନ୍ଦୋଳନକୁ ସୁଦୃଢ କରିବା ପାଇଁ ଏହି ମନ୍ତ୍ରଣାଳୟ ଏକ ପୃଥକ ପ୍ରଶାସନିକ, ଆଇନଗତ ଏବଂ ନୀତିଗତ ଢାଞ୍ଚା ପ୍ରଦାନ କରିବ । ଏକ ବାସ୍ତବ ଜନ ଭାଗିଦାରୀ ଆଧାରିତ ଆନ୍ଦୋଳନ ଯେପରି ତୃଣମୂଳ ସ୍ତରରେ ପହଞ୍ଚି ପାରିବ ସେଥିପାଇଁ ଏହା ସମବାୟ ସଂସ୍ଥାଗୁଡିକୁ ସାହାଯ୍ୟ କରିବ । ସମବାୟ ଭିତିକ ଆର୍ଥିକ ବିକାଶ ଢାଞ୍ଚା ଦେଶ ପାଇଁ ଅତି ପ୍ରାସଙ୍ଗିକ ଯେଉଁଠାରେ ପ୍ରତ୍ୟେକ ସଦସ୍ୟ ନିଜର ଦାୟିତ୍ୱବୋଧ ସହ କାର୍ଯ୍ୟ କରିଥାଆନ୍ତି । ଏହି ମନ୍ତ୍ରଣାଳୟ ସମବାୟ ସମିତି ପାଇଁ 'ସହଜରେ ବ୍ୟବସାୟ କରିବା' ଏବଂ ବହୁ-ରାଜ୍ୟ ସମବାୟ ସମିତି (ଏମଏସସିଏସ)ଗୁଡିକର ବିକାଶକୁ ସକ୍ଷମ କରିବା ପାଇଁ ପ୍ରକ୍ରିୟାକୁ ସୁଗମ କରିବା ଦିଗରେ କାର୍ଯ୍ୟ କରିବ ।

ଏକ ସୁସନ୍ତୁଳିତ କ୍ୟାବିନେଟ୍

୧୩୦ କୋଟି ଭାରତୀୟଙ୍କ ଆଶା ଆକାଂକ୍ଷାକୁ ଉଜ୍ଜିବୀତ କରିବା ଉଦ୍ଦେଶ୍ୟରେ ଏହି କ୍ୟାବିନେଟ ସମ୍ପ୍ରସାରଣ ଭାରତର ସମସ୍ତ ଅଞ୍ଚଳ ଏବଂ ସମ୍ପ୍ରଦାୟକୁ ପ୍ରତିନିଧିତ୍ୱ ପ୍ରଦାନ କରିବାର ପ୍ରୟାସ କରିଛି । ନୂତନ କ୍ୟାବିନେଟ କେନ୍ଦ୍ର ସରକାରଙ୍କ 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ' ସିଦ୍ଧାନ୍ତର ପ୍ରତିଫଳନ । ନିଜର ଟିମ ଗଠନ ସମୟରେ ପ୍ରଧାନମନ୍ତ୍ରୀ ସାମାଜିକ-ଆଞ୍ଚଳିକ ସନ୍ତୁଳନ ସୁନିଶ୍ଚିତ କରିବା ସହିତ ଯୋଗ୍ୟତାକୁ ବିଶେଷ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଯୁବା ଏବଂ ମହିଳାମାନଙ୍କୁ ସ୍ୱତନ୍ତ୍ର ପ୍ରତିନିଧିତ୍ୱ ଦେବା ବ୍ୟତୀତ, ଅଧିକ ଅଭିଜ୍ଞତା ଓ ଯୋଗ୍ୟତା ଥିବା ସଦସ୍ୟମାନଙ୍କୁ ସାମିଲ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ କ୍ୟାବିନେଟକୁ ସୁସନ୍ତୁଳିତ କରିପାରିଛନ୍ତି। ଏଥିରେ ଡାକ୍ତର, ଆଇନଜୀବୀ, ଇଞ୍ଜିନିୟର ସାମିଲ ଅଛନ୍ତି । କ୍ୟାବିନେଟ ସମ୍ପ୍ରସାରଣରେ ଯେଉଁ ୩୬ଟି ନୂଆ ମୁହଁଙ୍କୁ ସାମିଲ କରାଯାଇଛି ସେମାନଙ୍କ ମଧ୍ୟରେ ୮ଜଣ ଆଇନଜୀବୀ, ୪ଜଣ ଡାକ୍ତର, ଦୁଇଜଣ ପୂର୍ବତନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ, ୪ଜଣ ଏମବିଏ ଏବଂ ଅନେକ ଇଞ୍ଜିନିୟର ଓ ଅନ୍ୟାନ୍ୟ ବୃତିଧାରୀ ଅଛନ୍ତି ।

ବିଭାଗଗୁଡିକ ମଧ୍ୟରେ ଉତ୍ତମ ସମନ୍ୱୟ ଉପରେ ଗୁରୁତ୍ୱ

ତୃଣମୂଳ ସ୍ତରରେ ଯୋଜନାଗୁଡିକୁ ଅଧିକ ପ୍ରଭାବଶାଳୀ କରୁଛି ଓ ତ୍ୱରିତ କାର୍ଯ୍ୟାନ୍ୱୟନ ଉପରେ ଦୃଷ୍ଟି ଦେଇ, ଯୁବପିଢୀକୁ ପ୍ରୋତ୍ସାହନ ଦିଆଯାଇଛି । ଏଥିସହ ବିଭାଗଗୁଡିକ ମଧ୍ୟରେ ଅଧିକ ସମନ୍ୱୟ ରକ୍ଷା ତଥା ବିକାଶର ଗତିକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ କେତେକ ମନ୍ତ୍ରୀଙ୍କୁ ଦୁଇଟି ଲେଖାଏଁ ବିଭାଗର ଦାୟିତ୍ୱ ଦିଆଯାଇଛି ।

Scan the QR code to view the swearing-in ceremony of the expansion of the Union Cabinet.

ଅଗଷ୍ଟ କ୍ରାନ୍ତି...

ଭାରତର ସ୍ୱାଧୀନତା ସଂଗ୍ରାମରେ ଅଗଷ୍ଟ ମାସର ବିଶେଷ ମହତ୍ୱ ରହିଛି । ୧୯୨୦ ମସିହା ଅଗଷ୍ଟ ପହିଲାରେ 'ଅସହଯୋଗ ଆନ୍ଦୋଳନ' ଆରମ୍ଭ ହୋଇଥିଲା । ୧୯୪୨ ମସିହା ଅଗଷ୍ଟ ୯ ତାରିଖରେ 'ଭାରତ ଛାଡ ଆନ୍ଦୋଳନ' ଆରମ୍ଭ ହୋଇଥିଲା, ଯାହା 'ଅଗଷ୍ଟ କ୍ରାନ୍ତି (ବିପ୍ଳବ)' ଭାବରେ ଜଣାଶୁଣା । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭାଷାରେ, " ଭାରତ ଛାଡ ଆନ୍ଦୋଳନରେ ଯେପରି 'ଭାରତ ଛାଡ'ର ସତ୍ୟନିଷ୍ଠ ସଙ୍କଳ୍ପ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା, ସେହିଭଳି ଭାରତ ଯେତେବେଳେ ସ୍ୱାଧୀନତାର ୭୫ ବର୍ଷରେ ପଦାର୍ପଣ କରୁଛି, ଆମକୁ କେତେକ ନିର୍ଣ୍ଣାୟକ ସଙ୍କଳ୍ପ ପୂରଣ କରିବା ପାଇଁ ମଧ୍ୟ ଏକ ନିଷ୍ପତ୍ତିମୂଳକ ସଂଗ୍ରାମ କରିବାକୁ ପଡିବ –

ଆବର୍ଜନା – ଭାରତ ଛାଡ
ଦାରିଦ୍ର୍ୟ – ଭାରତ ଛାଡ
ଦୁର୍ନୀତୀ - ଭାରତ ଛାଡ
ସନ୍ତ୍ରାସବାଦ - ଭାରତ ଛାଡ
ଜାତିବାଦ - ଭାରତ ଛାଡ
ସାମ୍ପ୍ରଦାୟିକତା - ଭାରତ ଛାଡ"





ଆଜି ଯେତେବେଳେ ଅଗଷ୍ଟ ୧୫ ତାରିଖରେ ଆମେ ସ୍ୱାଧୀନତାର ୭୫ତମ ବର୍ଷରେ ପ୍ରବେଶ କରିବାକୁ ଯାଉଛୁ, ଠିକ ତାହା ପୂର୍ବରୁ ଅଗଷ୍ଟ ପହିଲାରେ ଆମେ 'ଅସହଯୋଗ ଆନ୍ଦୋଳନ'ର ୧୦୧ତମ ବାର୍ଷିକୀ ପାଳନ କରିବା ଏବଂ ଅଗଷ୍ଟ ୯ ତାରିଖରେ 'ଭାରତ ଛାଡ ଆନ୍ଦୋଳନ'ର ୭୯ତମ ବାର୍ଷିକୀ ପାଳନ କରିବା । ସେଥିପାଇଁ, ଆମର ନୂତନ ପିଢ଼ୀ ଜାଣିବା ଆବଶ୍ୟକ ଯେ ୧୯୪୨ ମସିହା ଅଗଷ୍ଟ ୯ ତାରିଖରେ କ'ଣ ଘଟିଥିଲା । ୧୮୫୭ ମସିହାରୁ ୧୯୪୨ ମସିହା ପର୍ଯ୍ୟନ୍ତ, ଭାରତର ଜନସାଧାରଣ, ସ୍ୱାଧୀନତା ପାଇଁ ସେମାନଙ୍କର ଅଜସ୍ର କାମନା ସହିତ, ଏକଜୁଟ ହୋଇଥିଲେ, ଏକାଠି ସଂଗ୍ରାମ କରିଥିଲେ ଏବଂ ଅନେକ ଯାତନା ଭୋଗିଥିଲେ; ଏକ ଗୌରବମୟ ଭାରତ ଗଠନ ପାଇଁ ଇତିହାସର ଏହି ପୃଷ୍ଠାଗୁଡିକ ଆମ ପାଇଁ ଏକ ପ୍ରେରଣା । ଆମ ସ୍ୱାଧୀନତା ସଂଗ୍ରାମର ନାୟକମାନେ ତପସ୍ୟା କରିଥିଲେ, ଦୁଃଖ ଯନ୍ତ୍ରଣାକୁ ଆପଣାଇଥିଲେ, ଅନେକ ତ୍ୟାଗ କରିଥିଲେ ଏବଂ ଏପରିକି ସେମାନଙ୍କ ଜୀବନ ମଧ୍ୟ ଉତ୍ସର୍ଗ କରି ଦେଇଥିଲେ; ଏହାଠାରୁ ଅଧିକ ପ୍ରେରଣା କ'ଣ ବା ହୋଇପାରିଥାଆନ୍ତା! 'ଭାରତ ଛାଡ ଆନ୍ଦୋଳନ' ଭାରତୀୟ ସ୍ୱାଧୀନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଥିଲା । ଏହା ସେହି ଆନ୍ଦୋଳନ ଥିଲା ଯାହା ସମଗ୍ର ରାଷ୍ଟ୍ରକୁ ବ୍ରିଟିଶ ଶାସନରୁ ମୁକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ କରାଇଥିଲା । ଏହା ହିଁ ଥିଲା ସେହି ମୁହୂର୍ତ ଯେତେବେଳେ ଦେଶର ପ୍ରତ୍ୟେକ ଭାଗରେ ଥିବା ଭାରତର ଜନତା – ସେ ଗାଆଁର ହୁଅନ୍ତୁ ବା ସହରର, ଶିକ୍ଷିତ ହୁଅନ୍ତୁ ବା ନିରକ୍ଷର, ଗରିବ ହୁଅନ୍ତୁ ବା ଧନୀ, ସମସ୍ତେ ଏକାଠି ଆଗେଇ ଆସି 'ଭାରତ ଛାଡ ଆନ୍ଦୋଳନ'ର ଏକ ଅଂଶ ପାଲଟି ଯାଇଥିଲେ । ଜନତାର କ୍ରୋଧ ଚରମ ସୋପାନରେ ଥିଲା । ଲକ୍ଷ ଲକ୍ଷ ଭାରତୀୟ ମହାତ୍ମାଗାନ୍ଧୀଙ୍କ ଡାକରା ଓ 'କର ବା ମର' ମନ୍ତ୍ରରେ ଅନୁପ୍ରାଣିତ ହୋଇ ସଂଗ୍ରାମରେ ଝାସ ଦେଇଥିଲେ । ଦେଶର ଲକ୍ଷ ଲକ୍ଷ ଯୁବକ ସେମାନଙ୍କ ଅଧ୍ୟୟନ ପରିତ୍ୟାଗ କରି, ପୁସ୍ତକକୁ ଦୂରେଇ ଦେଇଥିଲେ। ସେମାନେ ସ୍ୱାଧୀନତାର ଶଙ୍ଖ ଧ୍ୱନିରେ ଅନୁପ୍ରାଣିତ ହୋଇ ଅଗ୍ରସର ହେବା ଆରମ୍ଭ କରିଥିଲେ । ଅଗଷ୍ଟ ୯ ତାରିଖରେ ମହାତ୍ମାଗାନ୍ଧୀ 'ଭାରତ ଛାଡ ଆନ୍ଦୋଳନ'ର ଡାକରା ଦେଇଥିଲେ, କିନ୍ତୁ ସବୁତକ ପ୍ରମୁଖ ନେତା ବ୍ରିଟିଶ ସରକାରଙ୍କ ଦ୍ୱାରା ବନ୍ଦୀ ହୋଇଥିଲେ, ଏବଂ ଏହି ସମୟରେ ହିଁ ଡକ୍ଟର ରାମ ମନୋହର ଲୋହିଆ, ଜୟପ୍ରକାଶ ନାରାୟଣ, ଏବଂ ଅରୁଣା ଅସଫ ଅଲ୍ଲୀଙ୍କ ଭଳି ଦ୍ୱିତୀୟ ପିଢ଼ୀର ନେତୃତ୍ୱ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ଆମର ଗୌରବମୟ ଅତୀତକୁ ଦୃଷ୍ଟିରେ ରଖି, ସ୍ୱାଧୀନତାର ଏହି ମହତ୍ୱକୁ ଆମର ଆଗାମୀ ପିଢ଼ୀ ସହ ବାଂଟିବା ଆମର ଦାୟିତ୍ୱ ଯାହାଦ୍ୱାରା ସେମାନେ ଜାଣିପାରିବେ ଯେ ୭୦ ବର୍ଷ ପୂର୍ବେ ଏହି ସ୍ୱାଧୀନତା ପାଇଁ ଭାରତକୁ କେତେ ମୂଲ୍ୟ ଦେବାକୁ ପଡିଥିଲା । ସେଥିପାଇଁ, ସ୍ୱାଧୀନତାର ଅମୃତ ବର୍ଷର ଏହି ଶୃଙ୍ଖଳାରେ ଆମେ ଦେଶର ସ୍ୱାଧୀନତା ସଂଗ୍ରାମ ସହ ଜଡିତ କେତେକ ଅବିଦିତ ନାୟକମାନଙ୍କ କାହାଣୀ ନେଇ ଆସିଛୁ, ଯେଉଁମାନେ କେବଳ ନିଜର ପ୍ରାଣବଳୀ ଦେଇନାହାନ୍ତି, ବରଂ ଦେଶକୁ ନିଜଠାରୁ ଉର୍ଦ୍ଧ୍ୱରେ ରଖିବା ପାଇଁ ଆଗାମୀ ପିଢ଼ୀକୁ ଅନୁପ୍ରାଣିତ କରିଛନ୍ତି ।

ଲକ୍ଷ ଲକ୍ଷ ଲୋକ ଶତାବ୍ଦୀ ଶତାବ୍ଦୀ ଧରି ସ୍ୱାଧୀନତାର ସୂର୍ଯୋଦୟ ପଇଁ ଅପେକ୍ଷା କରି ରହିଥିବାର ସେହି ଦାସତ୍ୱର ଯୁଗ ବିଷୟରେ ଆମେ ଯେତେବେଳେ କଳ୍ପନା କରୁ ସେତେବେଳେ ଆମେ ଅନୁଭବ କରୁ ଯେ ସ୍ୱାଧୀନତାର ୭୫ତମ ବର୍ଷର ମୁହୂର୍ତ କେତେ ଐତିହାସିକ ଏବଂ କେତେ ଗୌରବମୟ । ଏହି ଉତ୍ସବରେ, ଚିରନ୍ତନ ଭାରତର ପରମ୍ପରା ମଧ୍ୟ ରହିଛି, ସ୍ୱାଧୀନତା ସଂଗ୍ରାମର ପ୍ରତିଛବି ମଧ୍ୟ ରହିଛି ଏବଂ ସ୍ୱାଧୀନ ଭାରତର ଗର୍ବିତ ପ୍ରଗତି ମଧ୍ୟ ରହିଛି ।

-ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ





ଉଷା ମେହଙ୍ଗା

ଯାହାଙ୍କ ସ୍ୱର ବ୍ରିଟିଶ ବିରୋଧି ଆନ୍ଦୋଳନର ପରିଚୟ ପାଲଟିଥିଲା!

୧୯୨୦ ମସିହା ମାର୍ଚ୍ଚ ୨୫ ତାରିଖରେ ଗୁଜରାତର ସୁରତରେ ଜନ୍ମଗ୍ରହଣ କରିଥିବା ଉଷା ମେହଟାଙ୍କ ପିତା ବ୍ରିଟିଶ ଶାସନ କାଳରେ ଜଣେ ବିଚାରପତି ଥିଲେ । ଦିନେ ତାଙ୍କ ଗାଁରେ ମହାତ୍ମା ଗାନ୍ଧୀଙ୍କର ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭା ତାଙ୍କ ଯୁବ ମାନସରେ ଗଭୀର ରେଖାପାତ କରିଥିଲା ଏବଂ ସେ ଗାନ୍ଧିଜୀଙ୍କ ଅନୁଗାମୀ ପାଲଟି ଯାଇଥିଲେ । ଗାନ୍ଧିଜୀଙ୍କ ବିଚାରଧାରା ଏବଂ ଦର୍ଶନ ଦ୍ୱାରା ସେ ଏତେ ମାତ୍ରାରେ ପ୍ରଭାବିତ ହୋଇଥିଲେ ଯେ ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ପରିତ୍ୟାଗ କରି ସେ ଏକ ସାଧାରଣ ଜୀବନକୁ ଆଦରି ନେଇଥିଲେ । ସେ ଖଦୀ ବସ୍ତ୍ର ବୁଣିବା ଶିଖିଲେ ଏବଂ ଏହା ତାଙ୍କର ପରିଧାନ ପାଲଟିଗଲା। ଯେତେବେଳେ ସେ ମାତ୍ର ୮ ବର୍ଷ ବୟସର ହୋଇଥିଲେ, ସେ "ସାଇମନ୍, ଫେରିଯାଅ' ସ୍ଲୋଗାନ୍ ଦେଇଥିଲେ । ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ଯେତେବେଳେ ଗାନ୍ଧିଜୀ 'ଭାରତ ଛାଡ ଆନ୍ଦୋଳନ'ରେ ଯୋଗ ଦେବା ପାଇଁ ଲୋକଙ୍କୁ ଆହ୍ୱାନ ଦେଇଥିଲେ, ଏବଂ 'କର ବା ମର' ସ୍ଲୋଗାନ୍ ଦେଇଥିଲେ, ସେତେବେଳେ ଉଷା ମେହଙ୍ଗା ଏହି ସ୍ଲୋଗାନକୁ ଆପଣାଇ ନେଇ ଭାରତର ସ୍ୱାଧୀନତା ସଂଗ୍ରାମରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଭାରତ ଛାଡ ଆନ୍ଦୋଳନ ଡାକରା ପରେ ପରେ, ବ୍ରିଟିଶ ସରକାର ଗାନ୍ଧିଜୀ ଓ କଂଗ୍ରେସର ଅନ୍ୟ ବରିଷ୍ଠ ନେତାମାନଙ୍କୁ ଗିରଫ କରିଥିଲେ । ବ୍ରିଟିଶ ସରକାର ନେତାମାନଙ୍କୁ ଜେଲକୁ ପଠାଇ ସମ୍ପୂର୍ଣ୍ଣ ଆନ୍ଦୋଳନକୁ ଦମନ କରିବାକୁ ଚାହୁଁଥିଲେ, କିନ୍ତୁ ଏହା ଉଷା ମେହଙ୍ଗାଙ୍କ ଦୃଢ ମନୋବଳକୁ ଭାଙ୍ଗି ପାରିନଥିଲା । ସେ ଆତ୍ମଗୋପନ କରିଥିଲେ ଏବଂ ଏକ ଗୁପ୍ତ ରେଡିଓ କେନ୍ଦ୍ର ଖୋଲିଥିଲେ । ୧୯୪୨ ମସିହା ଅଗଷ୍ଟ ୧୪ ତାରିଖରେ ସେ ତାଙ୍କ ବାର୍ତ୍ତାର ପ୍ରଥମ ପ୍ରସାରଣ ଆରମ୍ଭ କରିଥିଲେ । ଧିରେ ଧିରେ, ଏହି ରେଡିଓ ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱାଧୀନତାର ସ୍ୱର ପାଲଟିଥିଲା। ସ୍ୱତନ୍ତ୍ର ବାର୍ତ୍ତାବହ ଏବଂ ଅନ୍ୟାନ୍ୟ ସୂତ୍ରରୁ ସେ ଗୁରୁତ୍ୱପୂର୍ଣ୍ଣ ସୂଚନା ହାସଲ କରୁଥିଲେ । ପ୍ରାରମ୍ଭରେ, ସେ ଦିନକୁ ଦୁଇଥର ହିନ୍ଦୀ ଓ ଇଂରାଜୀ ଭାଷାରେ ପ୍ରସାରଣ କରୁଥିଲେ, ଯାହା ପରେ ଗୋଟିଏ ଥରକୁ ହ୍ରାସ ପାଇଥିଲା । ଆତ୍ମଗୋପନ କରିଥିବା ସମୟରେ ସେ ଏକ ରେଡିଓ କେନ୍ଦ୍ର ଚଳାଉଥିଲେ ଏବଂ ସେ ବାରମ୍ବାର ନିଜର ସ୍ଥାନ ବଦଳାଇବାକୁ ବାଧ ହେଉଥିଲେ । ତଥାପି ପୋଲିସ୍ ତାଙ୍କ ପଛରେ ପଡିଥିଲା ଏବଂ ପରିଶେଷରେ ସେ ଗିରଫ ହୋଇଥିଲେ । ୧୯୪୨ ମସିହାରେ ତାଙ୍କୁ ୪ ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିଥିଲା । ୧୯୪୬ ମସିହା ଏପ୍ରିଲ ମାସରେ ସେ ୟେରୱାଡା ଜେଲରୁ ଖଲାସ ହୋଇଥିଲେ । ପରେ ସେ ବମ୍ବେ ବିଶ୍ୱବିଦ୍ୟାଳୟର ୱିଲସନ୍ କଲେଜରେ ଯୋଗ ଦେଇଥିଲେ ଏବଂ ସେଠାରେ ୩୦ ବର୍ଷ ଧରି ଅଧ୍ୟାପନା କରିଥିଲେ । ସେ ମଧ୍ୟ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଥିଲେ । ସେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ । ପଦ୍ମବିଭୂଷଣରେ ସମ୍ମାନିତ ଉଷା ମେହଙ୍ଗା ୨୦୦୦ ମସିହା ଅଗଷ୍ଟ ୧୧ ତାରିଖରେ ୮୦ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।



କନକଲତା ବରୁଆ

୧୭ ବର୍ଷର ବାଳିକା ଯିଏ ହାତରେ ତ୍ରିରଙ୍ଗା ଓ ଛାତିରେ ଗୁଳି ଖାଇ ହସି ହସି ପ୍ରାଣବଳୀ ଦେଇଥିଲେ

୧୯୨୪ ମସିହା ଡିସେମ୍ବର ୨୨ ତାରିଖରେ ଆସାମରେ କର୍ଣ୍ଣେଶ୍ୱରୀ ଦେବୀ ଏବଂ କୃଷ୍ଣକାନ୍ତ ବରୁଆଙ୍କ ଔରସରୁ ଜନ୍ମଗ୍ରହଣ କରିଥିବା କନକଲତା ବରୁଆ ଭାରତର ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ଥିଲେ ଯିଏ ହାତରେ ତ୍ରିରଙ୍ଗା ଓ ଛାତିରେ ଗୁଳି ଖାଇ ହସି ହସି ପ୍ରାଣବଳୀ ଦେଇଥିଲେ । ଯଦିଓ ବାଲ୍ୟକାଳରୁ କନକଲତାଙ୍କ ମନରେ ବିପ୍ଳବର ବୀଜ ଅଙ୍କୁରିତ ହୋଇଥିଲା, ତେବେ ମହାତ୍ମା ଗାନ୍ଧୀ ଭାରତ ଛାଡ ଆନ୍ଦୋଳନରେ ଯୋଗ ଦେବା ପାଇଁ ଆହ୍ୱାନ ଦେବା ପରେ ତାଙ୍କ ଆବେଗକୁ ଏକ ନବ ଦିଗନ୍ତ ମିଳିଥିଲା । ସେ ସମସ୍ତ ବ୍ରିଟିଶ ବିରୋଧି କାର୍ଯ୍ୟକଳାପରେ ସକ୍ରିୟ ଅଂଶଗ୍ରହଣ କରୁଥିଲେ । ଭାରତ ଛାଡ ଆନ୍ଦୋଳନର ୪୩ତମ ଦିବସରେ ଅର୍ଥାତ୍ ୧୯୪୨ ମସିହା ସେପ୍ଟେମ୍ବର ୨୦ ତାରିଖରେ ବିପ୍ଳବୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ତେଜପୁର ପୁଲିସ୍ ଷ୍ଟେସନରେ ତ୍ରିରଙ୍ଗା ଉତୋଳନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । କନକଲତା ଦୁଇ ହାତରେ ତ୍ରିରଙ୍ଗା ଧରି ପୁଲିସ୍ ଥାନା ଆଡକୁ ଅଗ୍ରସର ହେଉଥିବା ବିପ୍ଳବୀ ଦଳର ଅଗ୍ରଭାଗରେ ରହିଥିଲେ। ସେମାନେ ପୁଲିସ ଷ୍ଟେସନରେ ପହଂଚିବା କ୍ଷଣି, ଅଧିକାରୀମାନେ ଭିଡକୁ ଆଗକୁ ଯିବାକୁ




ବସୁଧା ସିଂହ

ବ୍ରିଟିଶମାନଙ୍କୁ ଉଚିତ୍ ଶିକ୍ଷା ଦେଇଥିବା ଜଣେ ଯୋଦ୍ଧା

ମହାତ୍ମା ଗାନ୍ଧୀ ଭାରତ ଛାଡ ଆନ୍ଦୋଳନ ଘୋଷଣା କରିବା କ୍ଷଣି, ବ୍ରିଟିଶମାନେ ଆନ୍ଦୋଳନର ପ୍ରମୁଖ ନେତା ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଗିରଫ କରି ଜେଲକୁ ପଠାଇ ଦେଇଥିଲେ । ଏଭଳି ଅଶାନ୍ତ ପରିସ୍ଥିତି ମଧ୍ୟରେ ଦ୍ୱିତୀୟ ଧାଡିର ନେତା ଏବଂ କର୍ମୀମାନେ ଆନ୍ଦୋଳନକୁ ଆଗକୁ ବଢାଇବା ପାଇଁ ନିଜ ନିଜ ଅଂଚଳରେ ବୈଠକ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିବା ଆରମ୍ଭ କରିଥିଲେ । ସେହି ସମୟରେ ଉତରପ୍ରଦେଶର ଆମ୍ବେଦକର ନଗର ଜିଲ୍ଲାର ରାଜସୁଲତାନପୁରଠାରେ ଏହି ଆନ୍ଦୋଳନର ନେତୃତ୍ୱ ଜଣେ ତେଜିଆନ୍ ଯୁବ ବିପ୍ଳବୀ ବସୁଧା ସିଂହଙ୍କ ହାତରେ ଥିଲା । ସେତେବେଳେ, ଆମ୍ବେଦକର ନଗର ଫୈଜାବାଦ ଜିଲ୍ଲାର ଏକ ତହସିଲ ଥିଲା ଯାହା ବର୍ତମାନ ଅଯୋଧା ଜିଲ୍ଲା ଭାବରେ ପରିଚିତ । ବସୁଧା ସିଂହ ଖୁବ୍ ଅଳ୍ପ ବୟସରେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ ଏବଂ ବିଭିନ୍ନ କାର୍ଯ୍ୟକଳାପରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ଆରମ୍ଭ କରିଥିଲେ । ୧୯୪୨ ମସିହା ଅଗଷ୍ଟ ୨୩ ତାରିଖରେ ଯେତେବେଳେ ବସୁଧା ସିଂହ ରାଜସୁଲତାନପୁରରେ ସ୍ୱାଧୀନତା ସଂଗ୍ରାମୀଙ୍କ ସହ ଏକ ବୈଠକ କରିଥିଲେ ସେତେବେଳେ ବ୍ରିଟିଶ ପୁଲିସ ଘଟଣାସ୍ଥଳରେ ପହଂଚି ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉପରେ ଲାଠି ଚଳାଇଥିଲା । ପୁଲିସ୍ କାର୍ଯ୍ୟକଳାପରେ କ୍ରୋଧିତ ହୋଇ ସ୍ୱାଧୀନତା ସଂଗ୍ରାମୀମାନେ ଜଣେ ପୋଲିସ୍ ଇନସପେକ୍ଟର ଓ ଦୁଇ ଜଣ କନଷ୍ଟେବଲଙ୍କୁ ଜୀଅନ୍ତା ଜାଳି ଦେଇଥିଲେ ଏବଂ ସେମାନଙ୍କ ମୃତଦେହକୁ ନିକଟସ୍ଥ ନଦୀରେ ଫିଙ୍ଗି ଦେଇଥିଲେ । ଏହି ଘଟଣା ବ୍ରିଟିଶ ସରକାରଙ୍କୁ ଅତ୍ୟନ୍ତ ରୋଷାନ୍ୱିତ କରିଥିଲା ଯାହା ସେହି ଅଞ୍ଚଳରେ ଅକଥନୀୟ ଓ ଅବର୍ଣ୍ଣନୀୟ ଦମନଲୀଳା ଘଟିଥିଲା । ପୁଲିସ୍ ବସୁଧା ସିଂହଙ୍କ ପଛରେ ପଡିଯାଇଥିଲା କିନ୍ତୁ ସେ ତାଙ୍କ ସହଯୋଗୀମାନଙ୍କ ସହ ଖସିଯିବାରେ ସଫଳ ହୋଇଥିଲେ । ଫେରାର ଥିବା ସମୟରେ ସେ ନିଜ ନାମ ପରିବର୍ତ୍ତନ କରି ଦେଇଥିଲେ ଏବଂ କଲିକତାର ଏକ ବନ୍ଧୁକ କାରଖାନାରେ କାମ କରିବା ଆରମ୍ଭ କରିଥିଲେ। ପରିଶେଷରେ ମହାତ୍ମାଗାନ୍ଧୀଙ୍କ ନିର୍ଦ୍ଦେଶରେ ସେ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ । ତାଙ୍କ ବିରୋଧରେ ବିଚାର ପ୍ରକ୍ରିୟା ଆରମ୍ଭ କରାଯାଇ ତାଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିଲା। ତାଙ୍କ ମୃତ୍ୟୁ ଦଣ୍ଡ ଦିଆଯାଉଥିବା ଖବର ପାଇ ଅନେକ ସ୍ୱାଧୀନତା ସଂଗ୍ରାମୀ ତାଙ୍କୁ ରକ୍ଷା କରିବା ସକାଶେ ଏକାଠି ହୋଇଥିଲେ । ପରିଶେଷରେ ମହାତ୍ମାଗାନ୍ଧୀଙ୍କୁ ଏଥିରେ ହସ୍ତକ୍ଷେପ କରିବାକୁ ପଡିଥିଲା ଏବଂ ତତ୍କାଳିନ ବ୍ରିଟିଶ ଭାଇସରଏ ତାଙ୍କ ମୃତ୍ୟୁ ଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରିଥିଲେ । ସ୍ୱାଧୀନତା ପରେ ହିଁ ବସୁଧା ସିଂହଙ୍କୁ ଜେଲରୁ ଖଲାସ କରି ଦିଆଯାଇଥିଲା । ୧୯୮୨ ମସିହା ଡିସେମ୍ବର ୧୧ ତାରିଖରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

ଭାରତ ଛାଡ ଆନ୍ଦୋଳନର ୪୩ତମ ଦିବସରେ ଅର୍ଥାତ୍ ୧୯୪୨ ମସିହା ସେପ୍ଟେମ୍ବର ୨୦ ତାରିଖରେ ବିପ୍ଳବୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ତେଜପୁର ପୁଲିସ୍ ଷ୍ଟେସନରେ ତ୍ରିରଙ୍ଗା ଉତୋଳନ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା । କନକଲତା ଦୁଇ ହାତରେ ତ୍ରିରଙ୍ଗା ଧରି ପୁଲିସ୍ ଥାନା ଆଡକୁ ଅଗ୍ରସର ହେଉଥିବା ବିପ୍ଳବୀ ଦଳର ଅଗ୍ରଭାଗରେ ରହିଥିଲେ । ସେମାନେ ପୁଲିସ ଷ୍ଟେସନରେ ପହଂଚିବା କ୍ଷଣି, ଅଧିକାରୀମାନେ ଭିଡକୁ ଆଗକୁ ଯିବାକୁ ଦେଇନଥିଲେ ଏବଂ ଆଗକୁ ବଢିଲେ ସେମାନଙ୍କୁ ଗୁଳି କରିଦିଆଯିବ ବୋଲି ଚେତାବନୀ ଦେଇଥିଲେ ।

ଦେଇନଥିଲେ ଏବଂ ଆଗକୁ ବଢିଲେ ସେମାନଙ୍କୁ ଗୁଳି କରିଦିଆଯିବ ବୋଲି ଚେତାବନୀ ଦେଇଥିଲେ। କନକଲତା ଅଧିକାରୀମାନଙ୍କୁ ବୁଝାଇଥିଲେ ଯେ ସେମାନେ ଲଢେଇ କରିବାକୁ ଆସିନାହାନ୍ତି, ବରଂ ପତାକା ଉତୋଳନ କରିବାକୁ ଆସିଛନ୍ତି । କିନ୍ତୁ ପୁଲିସ୍ ଅଧିକାରୀ ଓ ଜନତା କେହି କାହା ପ୍ରତି କର୍ଣ୍ଣପାତ କରିନଥିଲେ! କନକଲତା ଆଗକୁ ବଢି ଚାଲିଥିଲେ। ତା ପରେ ଜଣେ ସୈନ୍ୟ ଗୁଳି ଚଳାଇବା ଆରମ୍ଭ କରିଥିଲେ ଏବଂ ଗୋଟିଏ ଗୁଳି କନକଲତାଙ୍କ ବକ୍ଷ ଭେଦ କରିଥିଲା। ସେ ଚଳି ପଡିଥିଲେ କିନ୍ତୁ ତ୍ରିରଙ୍ଗାକୁ ପଡିଯିବାକୁ ଦେଇ ନଥିଲେ। ଘଟଣାସ୍ଥଳରେ ହିଁ ସେ ଶହିଦ୍ ହୋଇଯାଇଥିଲେ । ପରେ, ସ୍ୱାଧୀନତା ସଂଗ୍ରାମୀମାନେ ତାଙ୍କ ମରଶରୀରକୁ ତାଙ୍କ ଘରକୁ ନେଇଯାଇଥିଲେ ଏବଂ ତାଙ୍କ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଆସାମବାସୀ ଏବେ ମଧ କନକଲତାଙ୍କୁ ତାଙ୍କ ସାହସ ଓ ବଳିଦାନ ପାଇଁ ମନେ ରଖିଛନ୍ତି ଏବଂ ତାଙ୍କୁ ବୀରବାଳା କୁହନ୍ତି। କୁହାଯାଏ ଯେ କନକଲତାଙ୍କ ଉପରେ ଗୁଳି ଚଳାଇଥିବା ସୈନ୍ୟଜଣଙ୍କ ନିଜ ଦେଶର ଜଣେ ୧୭ ବର୍ଷର ବିପ୍ଳବୀଙ୍କୁ ହତ୍ୟା କରିଥିବାରୁ ନିଜକୁ ଖୁବ୍ ଦୋଷୀ ମଣିଥିଲେ । ସେ ଏତେ ମାତ୍ରାରେ ମ୍ରିୟମାଣ ହୋଇପଡିଥିଲେ ଯେ କୂଅକୁ ଡେଇଁ ସେ ଶେଷରେ ଆତ୍ମହତ୍ୟା କରିଥିଲେ ।



ବାବା କାଂଶୀ ରାମ

ଲୋକ ଗୀତ, କବିତା ଓ କାହାଣୀ ମାଧ୍ୟମରେ ଜନଚେତନା ସୃଷ୍ଟି କରିଥିବା ବିପ୍ଳବୀ

ବାବା କାଂଶୀରାମ ଭାରତର ଜଣେ ସ୍ୱାଧୀନତା ସଂଗ୍ରାମୀ ଏବଂ ବିପ୍ଳବୀ ସାହିତ୍ୟିକ ଥିଲେ ଯିଏ କି ନିଜର ଗୀତ, କବିତା ଓ କାହାଣୀ ମାଧ୍ୟମରେ ସାମାଜିକ, ଧାର୍ମିକ, ରାଜନୈତିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଶୋଷଣ ବିରୁଦ୍ଧରେ ସ୍ୱର ଉତୋଳନ କରିଥିଲେ । ସେ ତାଙ୍କ କବିତା ମାଧ୍ୟମରେ ଲୋକଙ୍କ ଦୁଃଖ ଓ ଯନ୍ତ୍ରଣାକୁ ମଧ୍ୟ ପରିପ୍ରକାଶ କରୁଥିଲେ । ୧୮୮୨ ମସିହା ଜୁଲାଇ ୧୧ ତାରିଖରେ କାଙ୍ଗରା ଜିଲ୍ଲାର ଡେହରା ସବଡିଭିଜନର ଦାଦାସିବାଠାରେ ଜନ୍ମଗ୍ରହଣ କରିଥିବା ବାବା କାଂଶୀ ରାମ ମହାତ୍ମା ଗାନ୍ଧୀଙ୍କର ଜଣେ ଉଚ୍ଚ ପ୍ରଶଂସକ ଓ ସ୍ୱାଧୀନତାର ସପକ୍ଷବାଦୀ ଥିଲେ । ଜାଲିଆଁୱାଲାବାଗ ଗଣହତ୍ୟାରେ ମର୍ମାହତ ହୋଇ ସେ ମହାତ୍ମା ଗାନ୍ଧୀଙ୍କ ବାର୍ତାକୁ ତାଙ୍କ ଗୀତ ଓ କବିତା ମାଧ୍ୟମରେ ଲୋକଙ୍କ ନିକଟରେ ପହଂଚାଇବାକୁ ନିଷ୍ପତି ନେଇଥିଲେ । ଦେଶ ଯେ ପର୍ଯ୍ୟନ୍ତ ସ୍ୱାଧୀନ ନହୋଇଛି ସେ ପର୍ଯ୍ୟନ୍ତ ସେ କେବଳ କଳା ପୋଷାକ ପରଧାନ କରିବାକୁ ଶପଥ ନେଇଥିଲେ । ଏଥିପାଇଁ ସେ 'ସ୍ୟାହପୋଷ ଜର୍ନେଲ' (ଦ ବ୍ଲାକ ଜେନେରାଲ) ଭାବେ ପରିଚିତ । ମୃତ୍ୟୁ ପର୍ଯ୍ୟନ୍ତ ସେ ନିଜର ଶପଥରୁ ଓହରି ନଥିଲେ। ୧୯୪୩ ମସିହା ଅକ୍ଟୋବର ୧୫ ତାରିଖରେ ଯେତେବେଳେ ତାଙ୍କର ପରଲୋକ ହୋଇଥିଲା ସେତେବେଳେ ମଧ୍ୟ ତାଙ୍କ ଶରୀରରେ କଳା ପୋଷାକ ରହିଥିଲା ଏବଂ ତାଙ୍କ ମରଶରୀରକୁ ଆବୃତ କରିଥିବା ବସ୍ତ୍ର ମଧ୍ୟ କଳା ରଙ୍ଗର ଥିଲା। ହିମାଚଳ ପ୍ରଦେଶରେ ସେ ପାହାଡି ଗାନ୍ଧୀ ଭାବରେ ଖ୍ୟାତ। ପାହାଡି କବିତା ଓ ପଂକ୍ତିଗୁଡିକ ମାଧ୍ୟମରେ ବ୍ରିଟିଶ ଶାସନ ବିରୁଦ୍ଧରେ ଦେଶଭକ୍ତିର ବାର୍ତା ପ୍ରଚାର କରିଥିବା କାରଣରୁ ସେ ୧୧ ଥର ଗିରଫ ହୋଇଥିଲେ ଏବଂ ୧୯୩୦ରୁ ୧୯୪୨ ମସିହା ମଧ୍ୟରେ ତାଙ୍କ ଜୀବନର ପ୍ରାୟ ୯ ବର୍ଷ ବିଭିନ୍ନ ଜେଲରେ ବିତିଥିଲା । ଜେଲରେ ଥିବା ସମୟରେ ତାଙ୍କର ପ୍ରତିଟି ରଚନା ସେହି ସମୟରେ ଲୋକମାନଙ୍କୁ ଗଭୀର ଭାବରେ ଅନୁପ୍ରାଣିତ କରିଥିଲା । ତାଙ୍କର ପ୍ରସିଦ୍ଧ କବିତା ହେଉଛି 'ଅଂଗ୍ରେଜ ସରକାର ଦା ତିଘା ପର ଧୟାଡା' (ବ୍ରିଟିଶ ସାମ୍ରାଜ୍ୟର ସୂର୍ଯ୍ୟ ଅସ୍ତ ହେବାକୁ ଯାଉଛି) । ତାଙ୍କର ଲାହୋର ରହଣୀ ସମୟରେ, ସେ ଲାଲା ହରଦୟାଲ, ସର୍ଦ୍ଦାର ଅଜିତ୍ ସିଂହ ଏବଂ ମୌଲବି ବରକତ ଅଲ୍ଲୀଙ୍କୁ ଭେଟିଥିଲେ, ଯେଉଁମାନେ ତାଙ୍କ ଜୀବନରେ ଗଭୀର ରେଖାପାତ କରିଥିଲେ। ବିଶ୍ୱାସ କରାଯାଏ ଯେ ସରୋଜିନୀ ନାଇଡୁ ତାଙ୍କ କବିତା ଓ ଗୀତ ଶୁଣିବା ପରେ ତାଙ୍କୁ ବୁଲବୁଲ-ଏ-ପାହାର ବୋଲି ସମ୍ବୋଧନ କରୁଥିଲେ। ୧୯୮୪ ମସିହାରେ ଭାରତ ସରକାର ତାଙ୍କ ସମ୍ମାନାର୍ଥେ ଏକ ଡାକଟିକଟ ଜାରି କରିଥିଲେ ।

ରାମାପ୍ପା ନାୟଡୁ

ତମସାଚ୍ଛନ୍ନ ରାତ୍ରିରେ ଦେଶଭକ୍ତିର ଗୀତ ଗାଇ ସ୍ୱାଧୀନତାର ବହ୍ନି ପ୍ରଜ୍ୱଳିତ କରିଥିଲେ



୧୯୨୭ମସିହାରେକର୍ଣ୍ଣାଟକର ରାୟଲପାଡୁରେ ଜନ୍ମଗ୍ରହଣ କରିଥିବା ରାମାପ୍ପା ନାୟଡୁଙ୍କ ମଧ୍ୟରେ ବାଲ୍ୟକାଳରୁ ହିଁ ବିପ୍ଳବର ବହ୍ନି ପ୍ରଜ୍ୱଳିତ ଥିଲା । ୧୯୪୨ ମସିହାରେ ମହାତ୍ମା ଗାନ୍ଧୀଙ୍କ ଭାରତ ଛାଡ ଆନ୍ଦୋଳନରେ ରାମାପ୍ପା ଅତିଶୟ ଭାବେ ପ୍ରଭାବିତ ହୋଇ ମାତ୍ର ୧୫ ବର୍ଷ ବୟସରେ ଏହି ଆନ୍ଦୋଳନରେ ଯୋଗ ଦେଇଥିଲେ । ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବା ପାଇଁ ସେ ସୀମାବର୍ତୀ ଅଂଚଳର ଲୋକମାନଙ୍କୁ ଅନୁପ୍ରାଣିତ କରିବା ଆରମ୍ଭ କରିଥିଲେ । ରାତିରେ ସେ ଲୁଚି ଲୁଚି ଗାଁଗୁଡିକୁ ଗସ୍ତ କରୁଥିଲେ ଏବଂ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଦେଶଭକ୍ତିର ଗୀତ ଗାଉଥିଲେ । ବାଲ୍ୟକାଳରୁ ତାଙ୍କର ଗୀତ ଓ ସଂଗୀତ ପ୍ରତି ବେଶ ଅନୁରାଗ ଥିଲା ଏବଂ ସ୍ୱାଧୀନତା ସଂଗ୍ରାମରେ ସେ ଏହାକୁ ବ୍ରିଟିଶ ମାନଙ୍କ ବିରୁଦ୍ଧରେ ଅସ୍ତ୍ର ଭାବରେ ବ୍ୟବହାର କରିଥିଲେ । ରାୟାଲପାଡୁରେ ବହୁ ସଂଖ୍ୟାରେ ଲୋକ ଏହି ଆନ୍ଦୋଳନରେ ଭାଗ ନେଇଥିଲେ। ରାମାପ୍ପା ନାୟଡୁ କେ. ପଟ୍ଟଭିରମଣ, ହାର୍ଦ୍ଦେକର ମଞ୍ଜପ୍ପା, କେ.ସି. ରେଡ୍ଡି ଏବଂ କେଙ୍ଗଲ ହନୁମନ୍ଥିଆଙ୍କ ସହିତ ଆନ୍ଦୋଳନରେ ଯୋଗ ଦେଇଥିଲେ । ୧୯୪୭ ମସିହାରେ ପି. ନାରାୟଣ ରେଡ୍ଡିଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମୀଙ୍କ ଏକ ଦଳ ରାୟାଲପାଡୁର ଏକ ପୋଲିସ୍ ଷ୍ଟେସନ ଉପରେ ଚଢାଉ କରି ସେଠାରେ ଥିବା ଅସ୍ତ୍ରଶସ୍ତ୍ର ଏବଂ ନଥିପତ୍ରରେ ନିଆଁ ଲଗାଇ ଦେଇଥିଲେ । ପୋଲିସ୍ ଷ୍ଟେସନ ଧ୍ୱଂସ କରିଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରେ ରାମାପ୍ପା ମଧ୍ୟ ଥିଲେ । ପୋଲିସ୍ ଷ୍ଟେସନ ଉପରେ ଆକ୍ରମଣ କରିଥିବା ୮୦ ଜଣଙ୍କ ମଧ୍ୟରୁ ୪୦ ଜଣଙ୍କୁ ଗିରଫ କରିବା ପାଇଁ ପରୱାନା ଜାରି ହୋଇଥିଲା । ପୋଲିସ୍ ରାମାପ୍ପାଙ୍କ ସମେତ ୩୫ ଜଣଙ୍କୁ ଗିରଫ କରିନେଇଥିଲା । ତାଙ୍କୁ ଅନେକ ଶାରିରୀକ ନିର୍ଯାତନା ଦିଆଯାଇଥିଲା । ଦେଶ ସ୍ୱାଧୀନ ହେବା ପରେ ହିଁ ସେ ଜେଲରୁ ମୁକୁଳି ପାରିଥିଲେ । ସ୍ୱାଧୀନତା ପରେ, ରାମାପ୍ପା ବିନୋବା ଭାବେଙ୍କ ନେତୃତ୍ୱରେ ଚାଲିଥିବା ଭୂଦାନ ଆନ୍ଦୋଳନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଏଥସହିତ, ତାଙ୍କ ଇଲାକାରେ ଗାନ୍ଧିଜୀଙ୍କ ବିଚାରଧାରାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ସେ ଅନେକ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକଳାପ କ୍ଷେତ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ ।



ଟାପର ବଶବର୍ତ୍ତୀ ନହୋଇ
ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରନ୍ତୁ

ଭାରତ ଇତିହାସରେ ପ୍ରଥମଥର ପାଇଁ ଏକ ସରକାର କ୍ରୀଡା ଏବଂ କ୍ରୀଡା ସମ୍ବନ୍ଧୀୟ ପ୍ରସଙ୍ଗକୁ ପ୍ରୋତ୍ସାହିତ କରିବା ପାଇଁ ଏତେ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି । ଅଲିମ୍ପିକ୍ସ ପୂର୍ବରୁ ଖେଳାଳିମାନଙ୍କ ମନୋବଳ ବୃଦ୍ଧି କରିବା ଓ ସେମାନଙ୍କ ମଧ୍ୟରେ ଶକ୍ତି ସଂଚାର କରିବା ପାଇଁ ଟୋକିଓ ଅଭିମୁଖେ ଯାତ୍ରା କରୁଥିବା କ୍ରୀଡାବିତ ଓ ସେମାନଙ୍କ ପରିବାର ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱୟଂ କଥାବାର୍ତ୍ତା କରିଛନ୍ତି । ଜୁଲାଇ ୧୩ ତାରିଖ ଅପରାହ୍ନ ୫ଟା ସମୟରେ ଯେତେବେଳେ ପ୍ରଧାନମନ୍ତ୍ରୀ ଖେଳାଳିମାନଙ୍କ ସହ କଥାବାର୍ତ୍ତା ଆରମ୍ଭ କରିଥିଲେ, ସେତେବେଳେ ସେ କେବଳ ଜଣେ ରାଷ୍ଟ୍ର ନେତା ଭାବେ ନୁହେଁ ବରଂ ଜଣେ ଅଭିଭାବକ ତଥା ମାର୍ଗଦର୍ଶକ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ସେ କେବଳ ନିଜର ଉତ୍ସାହଜନକ ବିଚାରଧାରା ଦ୍ୱାରା ଖେଳାଳିମାନଙ୍କୁ ଉତ୍ସାହୀତ କରିନଥିଲେ ବରଂ ସେମାନଙ୍କୁ କେତେକ ମୂଲ୍ୟବାନ ପରାମର୍ଶ ମଧ୍ୟ ଦେଇଥିଲେ ।

ଏହି କାର୍ଯ୍ୟକ୍ରମ ସମୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖେଳାଳିମାନଙ୍କ ମଧ୍ୟରେ ଅଧିକ ଆତ୍ମିୟତା ଆଣିବା ଉଦ୍ଦେଶ୍ୟରେ ତଥା ସେମାନଙ୍କ ମନୋବଳ ବୃଦ୍ଧି କରିବା ସକାଶେ ଅଲିମ୍ପିକ୍ସ ପାଇଁ ସେମାନଙ୍କ ପ୍ରସ୍ତୁତିଠାରୁ ଆରମ୍ଭ କରି ସେମାନଙ୍କ ପସନ୍ଦ ନାପସନ୍ଦ ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ମୋଦି ଏମ୍. ସି. ମାରିକମ୍ (ବକ୍ସିଂ), ସାନିଆ ମିର୍ଜା (ଟେନିସ୍), ତୀରନ୍ଦାଜ ଦୀପିକା କୁମାରୀ, ପ୍ରବୀଣ ଯାଦବ ଓ ଜାଭଲିନ୍ ଫିଙ୍ଗାଳି ନିରଜ ଚୋପ୍ରା ଆଦି ଦେଶର ୧୫ଜଣ କ୍ରୀଡାବିତଙ୍କ ସହ କଥାବାର୍ତ୍ତା କରିଥିଲେ । ଏହା ବ୍ୟତୀତ ଦୂତୀ ଚାନ୍ଦ (ଦୌଡକୁଦ), ଆଶିଷ କୁମାର (କୁସ୍ତି), ପି. ଭି. ସିନ୍ଧୁ (ବ୍ୟାଡମିଂଟନ), ଇଲାଭେନିଲ ଭାଲାରିଭାନ୍ (ବନ୍ଧୁକଚାଳନାକାରୀ), ସୌରଭ ଚୌଧୁରୀ (ବନ୍ଧୁକଚାଳନାକାରୀ), ଶରତ କମଲ (ଟେବୁଲ ଟେନିସ୍), ମନିକା ବାତ୍ରା (ଟେବୁଲ ଟେନିସ୍), ଭିନେଶ ଫୋଗଟ୍ (କୁସ୍ତି), ସଜ୍ଜନ ପ୍ରକାଶ (ସନ୍ତରଣ) ଏବଂ ମନପ୍ରୀତ ସିଂହ (ହକି) ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

ଚଳିତଥର ଭାରତ ୧୧୯ ଜଣ କ୍ରୀଡାବିତଙ୍କ ସମେତ ୨୨୮ଜଣିଆ ଦଳ ସହ ଟୋକିଓ ଅଲିମ୍ପିକ୍ସ ପାଇଁ ଯାତ୍ରା କରିଛି । ଭାରତୀୟ ଦଳରେ ୬୭ଜଣ ପୁରୁଷ ଏବଂ ୫୨ଜଣ ମହିଳା କ୍ରୀଡାବିତ୍ ଅଛନ୍ତି । ଭାରତୀୟ କ୍ରୀଡାବିତମାନେ ୮୫ଟି ପଦକ ପାଇଁ ହେଉଥିବା ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ । ଅଲିମ୍ପିକ୍ସ କ୍ରୀଡାରେ ଭାଗ ନେଉଥିବା ଏହା ଏପର୍ଯ୍ୟନ୍ତ ଭାରତର ସର୍ବବୃହତ ଦଳ ।

- **ପ୍ରଧାନମନ୍ତ୍ରୀ:** ଦୀପିକା ଜୀ, ମୁଁ ଜାଣିବାକୁ ପାଇଲି ଯେ ତୁମେ ତୀର ମାରି ଆମ୍ବ ତୋଳୁଥିଲ । ଦେଶ ତୁମ ଜୀବନଯାତ୍ରା ସମ୍ପର୍କରେ ବହୁତ କିଛି ଜାଣିବାକୁ ଚାହେଁ । ତୁମେ ଯଦି ସେ ସମ୍ପର୍କରେ କିଛି କହିବ ତେବେ ମତେ ବହୁତ ଖୁସି ଲାଗିବ ।
- **ଦୀପିକା କୁମାରୀ:** ଆରମ୍ଭରୁ ହିଁ ମୋର ଏହି ଯାତ୍ରା ଉତମ ରହିଛି। ମୁଁ ଆମ୍ବ ବହୁତ ଭଲ ପାଉଥିଲି, ତେଣୁ ମୋ ସହିତ ଏହି କାହାଣୀ ଯୋଡାଯାଇଛି । ଆରମ୍ଭରୁ, ମତେ କିଛିଟା ସଂଘର୍ଷ କରିବାକୁ ପଡିଥିଲା କାରଣ ଆବଶ୍ୟକ ସୁବିଧାର ଅଭାବ ଥିଲା । କିନ୍ତୁ ତୀରଚଳାନାକୁ ଏକ କ୍ରୀଡା ଭାବେ ଗ୍ରହଣ କରିବା ପରେ ମୁଁ ସବୁ ପ୍ରକାର ସୁବିଧା ଏବଂ ଭଲ ପ୍ରଶିକ୍ଷକ ପାଇଲି ।
- **ପ୍ରଧାନମନ୍ତ୍ରୀ:** ମୋର ମନେ ପଡୁଛି ତୁମକୁ ଆଇସକ୍ରିମ ଖାଇବାକୁ ଦିଆଯାଉ ନଥିଲା । ଏବେ ମଧ୍ୟ ତୁମକୁ ଆଇସକ୍ରିମ ଖାଇବାକୁ ବାରଣ କରାଯାଉଛି ନାଁ ଏଥିରେ କିଛିଟା କୋହଳ କରାଗଲାଣି?
- **ପି. ଭି. ସିନ୍ଧୁ:** ମତେ ସାମାନ୍ୟ ସଂଯମ ରକ୍ଷା କରିବାକୁ ପଡିଥାଏ କାରଣ ଜଣେ କ୍ରୀଡାବିତ୍ ପାଇଁ ସୁଷମ ଖାଦ୍ୟ ବେଶ ଗୁରୁତ୍ୱପୂର୍ଣ୍ଣ । ଏବେ ଅଲିମ୍ପିକ୍ସ ଆସିଯାଇଛି ତେଣୁ ମୁଁ ନିଜକୁ ପ୍ରସ୍ତୁତ କରୁଛି । ମତେ ଖାଦ୍ୟରେ ସଂଯମ ରକ୍ଷା କରିବାକୁ ପଡିବ । ମୁଁ କେବେ କେମିତି ଆଇସକ୍ରିମ ଖାଇ ଦେଇଥାଏ ।
- **ପ୍ରଧାନମନ୍ତ୍ରୀ:** ତୁମେ କଠିନ ପରିଶ୍ରମ କରୁଛ । ମୁଁ ନିଶ୍ଚିତ ଯେ ଏଥର ମଧ୍ୟ ତୁମେ ସଫଳ ହେବ । ଯଦି ସଫଳତା ପରେ ମୁଁ ତୁମକୁ ଭେଟିବି ତେବେ ମୁଁ ମଧ୍ୟ ତୁମ ସହ ଆଇସକ୍ରିମ ଖାଇବି ।
- **ପ୍ରଧାନମନ୍ତ୍ରୀ:** ନୀରଜ, ତୁମେ ଭାରତୀୟ ସେନାରେ କାର୍ଯ୍ୟରତ ଏବଂ କେଉଁସବୁ ସାମରିକ ଅଭିଜ୍ଞତା ଓ ପ୍ରଶିକ୍ଷଣ ତୁମକୁ କ୍ରୀଡା କ୍ଷେତ୍ରରେ ଏହି ମାଇଲଖୁଂଟ ପର୍ଯ୍ୟନ୍ତ ପହଂଚାଇବାରେ ସହାୟକ ହୋଇଛି?
- **ନୀରଜ:** ମୁଁ ଭାରତୀୟ ସେନାକୁ ଭଲ ପାଏ । ମୁଁ ଯେବେଠାରୁ ଭାରତୀୟ ସେନାରେ ଯୋଗ ଦେଇଛି ସେବେଠାରୁ ମୋର ଖେଳ ଉପରେ ଧ୍ୟାନ କେନ୍ଦ୍ରୀତ କରି ଚାଲିଛି । ଭାରତୀୟ ସେନା ମତେ ସବୁ ପ୍ରକାର ସୁବିଧା ଦେଇଛି ଏବଂ ଭାରତ ସରକାର ମତେ ସବୁକିଛି ଯୋଗାଇ ଦେଉଛନ୍ତି ।
- **ପ୍ରଧାନମନ୍ତ୍ରୀ:** ନୀରଜ ଜୀ, ଆଶା ଦ୍ୱାରା ନିଜକୁ ଭାରାକ୍ରାନ୍ତ କରିବାର ଆବଶ୍ୟକତା ନାହିଁ । ତୁମେ ନିଜର ଶତ ପ୍ରତିଶତ ଦିଅ, ବାସ୍ ସେତିକି ଆବଶ୍ୟକ । କୌଣସି ଚାପର ବଶବର୍ତୀ ନହୋଇ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କର ।
- **ପ୍ରଧାନମନ୍ତ୍ରୀ:** ଦୂତୀ, ବର୍ଷ ବର୍ଷର କଠିନ ପରିଶ୍ରମ କିଛିଟା ସେକେଣ୍ଡରେ ସ୍ଥିର ହୋଇଯିବ । ଏହାର ସମ୍ମୁଖୀନ ହେବା କେତେ କଠିନ?
- **ଦୂତୀ:** ଆପଣ ଦେଖନ୍ତୁ ୧୦୦ ମିଟର ଦୌଡ କେବଳ ୧୦ରୁ୧୧ ସେକେଣ୍ଡ ମଧ୍ୟରେ ଶେଷ ହୋଇଥାଏ । କିନ୍ତୁ ଏଥିପାଇଁ ପ୍ରସ୍ତୁତ ହେବାକୁ ଗୋଟିଏ ବର୍ଷ ସମୟ ଲାଗିଥାଏ । ବହୁତ କଠିନ ପରିଶ୍ରମ କରିବା ଆବଶ୍ୟକ । ଅନେକ ଜିମ୍‌ଭିତିକ ବ୍ୟାୟାମ ଓ ସନ୍ତରଣାଗାର ଶାରିରୀକ ଅଭ୍ୟାସ କରିବାକୁ ହେବ ଓ ସବୁବେଳେ ଏହାକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରାଯିବା ଉଚିତ ।

> ଦେଶ ଆଜି କିପରି ନୂତନ ଭାବନା ଓ ନୂତନ ଆଭିମୁଖ୍ୟ ସହ ସେମାନଙ୍କ ସହିତ ଛିଡା ହୋଇଛି କ୍ରୀଡାବିତମାନେ ତାହା ଭଲ ଭାବରେ ଦେଖି ପାରୁଛନ୍ତି । ଏବେ ତୁମମାନଙ୍କୁ ପ୍ରେରଣା ଯୋଗାଇବା ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ । ଖେଳାଳିମାନେ କିଭଳି ନିଜର ସମ୍ପୂର୍ଣ୍ଣ ସାମର୍ଥ୍ୟ ଓ ଉନ୍ମୁକ୍ତ ମନୋଭାବ ସହ ଖେଳିପାରିବେ ଏବଂ ସେମାନଙ୍କର କ୍ରୀଡାର ସ୍ତର ଓ ଦକ୍ଷତାକୁ କିପରି ବୃଦ୍ଧି କରିପାରିବ ସେଥିପାଇଁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି ବୋଲି ସେ କହିଛନ୍ତି ।
>
> -ନରେନ୍ଦ୍ର ମୋଦୀ,ପ୍ରଧାନମନ୍ତ୍ରୀ

- **ପ୍ରଧାନମନ୍ତ୍ରୀ:** ଆଶିଷ କୁମାର ଜୀ, ତୁମେ ମଧ୍ୟ କୋଭିଡ ବିରୁଦ୍ଧରେ ସଂଗ୍ରାମ କରିଛ । ଜଣେ ଖେଳାଳି ଭାବରେ ଏହା ତୁମ ପାଇଁ କେତେ କଠିନ ଥିଲା?
- **ଆଶିଷ:** ପ୍ରତିଯୋଗୀତାର ୨୫ଦିନ ପୂର୍ବରୁ, ମୋ ପିତାଙ୍କର ଦେହାନ୍ତ ହୋଇଗଲା, ଯେଉଁଥିପାଇଁ ମୁଁ ମାନସିକ ବିଷାଦ ମଧ୍ୟରେ ରହିଥିଲି ।
- **ପ୍ରଧାନମନ୍ତ୍ରୀ:** ତୁମେ ମନେପକାଅ ଯେ ସଚିନ ତେନ୍ଦୁଲକର ଜୀ ଏକ ଅତି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳୁଥିବା ବେଳେ ତାଙ୍କ ପିତାଙ୍କର ଦେହାନ୍ତ ହୋଇଥିଲା । କିନ୍ତୁ ସେ କ୍ରୀଡା ପ୍ରତି ତାଙ୍କର ଉତ୍ସର୍ଗୀକୃତ ମନୋଭାବର ପ୍ରଦର୍ଶନ କରିବା ସହିତ କ୍ରୀଡା ମାଧ୍ୟମରେ ହିଁ ତାଙ୍କ ପିତାଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ତୁମେ ମଧ୍ୟ ସେହିଭଳି ଚମତ୍କାର କାର୍ଯ୍ୟ କରିଛ ।
- **ପ୍ରଧାନମନ୍ତ୍ରୀ:** ମୁଁ ଜାଣିବାକୁ ଚାହେଁ ତୁମର ପ୍ରିୟ ଖେଳାଳି କିଏ?
- **ମାରି କମ୍:** ସାର ମହାନ୍ ମୁଷ୍ଟି ଯୋଦ୍ଧା ମହମ୍ମଦ ଅଲ୍ଲୀ ହେଉଛନ୍ତି ମୋର ସବୁଠାରୁ ପ୍ରିୟ ଖେଳାଳି ।
- **ପ୍ରଧାନମନ୍ତ୍ରୀ:** ଇଲାଭେନିଲ ତୁମେ ଏବେ ସ୍ନାତକରେ ଅଧ୍ୟୟନ କରୁଛ । ତୁମେ ନିଜର ବନ୍ଧୁକ ଚାଳନା ଜୀବନ ଓ ଶିକ୍ଷା ମଧ୍ୟରେ କିଭଳି ଭାରସାମ୍ୟ ରକ୍ଷା କରିପାରୁଛ?
- **ଇଲାଭେନିଲ:** ମୁଁ ଏଥିପାଇଁ ଗୁଜରାତ ବିଶ୍ୱବିଦ୍ୟାଳୟ ଓ କଲେଜକୁ ଧନ୍ୟବାଦ ଦେଉଛି । ସେମାନେ ମତେ ଅନେକ ସହାୟତା ଯୋଗାଇ ଦେଇଥାଆନ୍ତି । ମୋ ପରୀକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥାଏ । ସେମାନେ ମୋର ଏହି ଯାତ୍ରାରେ ବହୁ ମାତ୍ରାରେ ସହାୟତା ପ୍ରଦାନ କରିଛନ୍ତି ।
- **ପ୍ରଧାନମନ୍ତ୍ରୀ:** ତୁମେ ଏତେ କମ୍ ବୟସରେ ଅଲିମ୍ପିକ୍ସ ପାଇଁ



- **ପ୍ରଧାନମନ୍ତ୍ରୀ:** ମୁଁ ତୁମର ବାଲ୍ୟକାଳର ସଂଘର୍ଷ ବିଷୟରେ ଅବଗତ । ତୁମର ପିତା ଜଣେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ, କିନ୍ତୁ ଆଜି ତୁମେ ଦେଶର ପ୍ରତିନିଧିତ୍ୱ କରିବାକୁ ଯାଉଛ, ଯାହାକି ଖୁବ୍ ପ୍ରେରଣାଦାୟୀ। ତୁମେ ଏକ କଷ୍ଟକର ଜୀବନ ବଂଚିବା ସତ୍ତ୍ୱେ ଲକ୍ଷ୍ୟକୁ କେବେ ମଧ୍ୟ ହାତଛଡା ହେବାକୁ ଦେଇନାହଁ । ତୁମ ଜୀବନର ପୂର୍ବର ଅଭିଜ୍ଞତାସବୁ ତୁମକୁ ଚାମ୍ପିଅନ ହେବା ପାଇଁ କିଭଳି ଭାବେ ସାହାଯ୍ୟ କରିଛି?
- **ପ୍ରବୀଣ:** ମୁଁ ଭାବୁଥିଲି ଯଦି ମୁଁ ଏହାକୁ ଏଇଠି ଛାଡିଦେବି, ତାହାହେଲେ ମୁଁ ଆଜି ପର୍ଯ୍ୟନ୍ତ ଏଥିପାଇଁ ଯାହା ଯାହା କରିଛି ସବୁ ବେକାର ହୋଇଯିବ । ବରଂ ଅଧିକରୁ ଅଧିକ ପ୍ରୟାସ କରି ଏହାକୁ ସଫଳ କରିବା ଅଧିକ ଶ୍ରେୟସ୍କର ହେବ ।

- **ପ୍ରଧାନମନ୍ତ୍ରୀ:** ପ୍ରବୀଣ ଜୀ ମତେ କୁହାଯାଇଛି ଯେ ତୁମକୁ ପ୍ରଥମେ ଜଣେ ଦୌଡକୁଦ ପ୍ରତିଯୋଗୀ ହେବା ପାଇଁ ତାଲିମ ଦିଆଯାଉଥିଲା ।
- **ପ୍ରବୀଣ:** ମୁଁ ସରକାରୀ ଏକାଡେମୀରେ ଦୌଡକୁଦ ପାଇଁ ତାଲିମ ନେଉଥିଲି କିନ୍ତୁ ମୁଁ ଶାରିରୀକ ଭାବେ ଦୁର୍ବଳ ଥିଲି । ସେଥିପାଇଁ ମୋ ପ୍ରଶିକ୍ଷକ କହିଲେ ତୁମେ ଆଉ କିଛି କ୍ରୀଡା ପ୍ରତି ମନ ବଳାଅ । ତେଣୁ ମତେ ତୀରନ୍ଦାଜୀ ପାଇଁ ସୁଯୋଗ ଦିଆଗଲା । ମୋର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିଲା । ମୁଁ ଜାଣିଥିଲି ଘରକୁ ଯିବା ପରେ ମତେ ବି କାମ କରିବାକୁ ପଡିବ । ବରଂ ଏକାଡେମୀରେ କିଛି ଭଲ ପ୍ରଦର୍ଶନ କରିବା ଉଚିତ ହେବ ।

ଯୋଗ୍ୟତା ହାସଲ କରିଛ । କେବେ ଏବଂ କିଭଳି ତୁମର ଏହି ଅଭିଯାନ ଆରମ୍ଭ ହେଲା?

- **ସୌରଭ:** ୨୦୧୫ ମସିହାରେ ମୁଁ ବନ୍ଧୁକଚାଳନା ଆରମ୍ଭ କଲି। ଆମ ଗାଁ ପାଖରେ ଏକ ବନ୍ଧୁକଚାଳନା ଏକାଡେମୀ ଥିଲା, ଯେଉଁଠାରେ ମୁଁ ଏହା ଆରମ୍ଭ କରିଥିଲି । ମୋ ପରିବାର ମଧ୍ୟ ମତେ ଖୁବ୍ ସହଯୋଗ କରିଛି । ଭାରତ ସରକାରଙ୍କ ସାହାଯ୍ୟ ଯୋଗୁଁ ମୁଁ ଏହି ସ୍ଥାନରେ ପହଂଚିପାରିଛି ।

- **ପ୍ରଧାନମନ୍ତ୍ରୀ:** ତୁମେ ଭାବୁଛ ଯେତେବେଳେ ତୁମେ ଖେଳିବା ଆରମ୍ଭ କଲ ଏବଂ ବର୍ତମାନ ମଧ୍ୟରେ ଟେବୁଲ ଟେନିସ୍ ଖେଳକୁ ନେଇ କିଛି ପରିବର୍ତ୍ତନ ଘଟିଛି କି? ଏହି ଖେଳକୁ ନେଇ ସରକାରୀ ବିଭାଗଗୁଡିକର ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ତୁମେ ଲକ୍ଷ୍ୟ କରିଛ କି?

- **ଶରତ କମଲ:** ଅନେକ କିଛି ପରିବର୍ତ୍ତନ ଘଟିଛି । ଯେପରିକି ୨୦୦୬ ମସିହାରେ ଯେତେବେଳେ ମୁଁ ପ୍ରଥମ ଥର ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡାରେ ସ୍ୱର୍ଣ୍ଣ ପଦକ ଜିତିଥିଲି ଏବଂ ଏବେ ୨୦୧୮ ମସିହାରେ ଯେତେବେଳେ ଆମେ ସମସ୍ତେ ଏକାଠି ସ୍ୱର୍ଣ୍ଣପଦକ ଜିତିଲୁ, ଏହି ୨୦୦୬ ଓ ୨୦୧୮ ମସିହା ମଧ୍ୟରେ ଅନେକ ତଫାତ୍ ଦେଖିବାକୁ ମିଳିଛି ।

- **ପ୍ରଧାନମନ୍ତ୍ରୀ:** ମନିକା, ମତେ କୁହାଯାଇଛି ଯେ ତୁମେ ନାଚିବାକୁ ଖୁବ୍ ଭଲ ପାଅ । ନୃତ୍ୟ ତୁମ ପାଇଁ ଏକ ଚାପ ଦୂରକାରୀ ଭାବରେ କାର୍ଯ୍ୟ କରେ କି?

- **ମନିକା ବାତ୍ରା:** ହଁ ଆଜ୍ଞା, ମୋ ନୃତ୍ୟ ଏକ ଚାପ ଦୂରକାରୀ ଭାବରେ କାର୍ଯ୍ୟ କରିଥାଏ । ଯେତେବେଳେ ମୁଁ ଟୁର୍ଣ୍ଣାମେଂଟ ଖେଳିବାକୁ ଯାଏ ଏବଂ ମତେ ଖାଲି ସମୟ ମିଳେ, ମୁଁ ମୋ କୋଠରୀକୁ ଆସିଥାଏ । ମୁଁ ନୃତ୍ୟ କରିଥାଏ କାରଣ ଏହା ମୋର ଆତ୍ମବିଶ୍ୱାସ ବଢାଇଥାଏ ଏବଂ ମୁଁ ଆନନ୍ଦ ଅନୁଭବ କରିଥାଏ ।

- **ପ୍ରଧାନମନ୍ତ୍ରୀ:** ଭିନେଶ ଫୋଗଟଙ୍କ ପିତାମାତାଙ୍କ ପାଇଁ ମୋର ପ୍ରଶ୍ନ ସାମାନ୍ୟ ଭିନ୍ନ । ଯେତେବେଳେ କେହି ସୁସ୍ଥ ଓ ସବଳ ଥାଏ ତାକୁ ଆମ ଦେଶରେ କୁହାଯାଏ – ତୁମେ କେଉଁ ଚକିର ଅଟା ଖାଉଛ? ତେଣୁ ଫୋଗଟ ପରିବାର ତାଙ୍କ କନ୍ୟାମାନଙ୍କୁ କେଉଁ ଚକିର ଅଟା ଖୁଆଇ ଥାଆନ୍ତି? ତେବେ, ମତେ କୁହନ୍ତୁ ଟୋକିଓ ପାଇଁ ଆପଣ ଭିନେଶଙ୍କୁ କେଉଁ ମନ୍ତ୍ର ଦେଇଛନ୍ତି?

- **ଅଭିଭାବକ:** ଦେଖନ୍ତୁ, ଯେଉଁମାନେ ଚକି ବା ଅଟାକଳାର କଥା କୁହନ୍ତି, ସେମାନେ ମଧ୍ୟ ନିଜ ଗାଁ ଚକିର ଅଟା ଖାଇଥାଆନ୍ତି । ଖିର, ଦହି, ଘିଅ ଓ ଲହୁଣୀ ପାଇଁ ଆମେ ଗାଈ ଓ ମଇଁଷି ରଖିଛୁ । ଏଥର ମୋ ଝିଅ ଉପରେ ମୋର ଦୃଢ ଆସ୍ଥା ଓ ବିଶ୍ୱାସ ରହିଛି । ସେ ନିଶ୍ଚୟ ସ୍ୱର୍ଣ୍ଣ ପଦକ ଆଣିବ ।

- **ପ୍ରଧାନମନ୍ତ୍ରୀ:** ମତେ କୁହାଯାଇଛି ଯେ ତୁମ ମାଆ ମଧ୍ୟ ଦୌଡକୁଦରେ ଦେଶ ପାଇଁ ଗୌରବ ଆଣିଥିଲେ । ତୁମେ ତୁମ ମାଆଙ୍କଠାରୁ କ'ଣ ଶିକ୍ଷା ଲାଭ କରିଛ?

- **ସଜ୍ଜନ ପ୍ରକାଶ:** ମୋ ମାଆ ମୋର ସବୁକିଛି । ସେ ଜଣେ ଖେଳାଳି ଥିଲେ ଏବଂ ମୋତେ ଅନେକ ସାହାଯ୍ୟ କରିଛନ୍ତି ।

- **ପ୍ରଧାନମନ୍ତ୍ରୀ:** ଆମ ଦେଶର ଅଲିମ୍ପିକ୍ସ ହକି ପ୍ରତିଯୋଗୀତାରେ ଏକ ଅତି ଗୌରବମୟ ଇତିହାସ ରହିଛି । ଖେଳ ସମୟରେ ତୁମ ସମସ୍ତଙ୍କ ମନରେ କିଛି ଅତିରିକ୍ତ ଚାପ ରହିଛି କି?

- **ମନପ୍ରୀତ:** ନାଁ, ଆଦୌ ନୁହେଁ । ଏପର୍ଯ୍ୟନ୍ତ ହକିରେ ୮ଟି ସ୍ୱର୍ଣ୍ଣପଦକ ହାସଲ କରାଯାଇଛି । ଯେତେବେଳେ ବି ଆମେ ଅଲିମ୍ପିକ୍ସକୁ ଯାଉ ଆମେ ଆମର ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରି ଭାରତ ପାଇଁ ପଦକ ବିଜୟୀ ହେବାକୁ ଚେଷ୍ଟା କରିଥାଉ ।

- **ପ୍ରଧାନମନ୍ତ୍ରୀ:** କ୍ରୀଡା କ୍ଷେତ୍ରରେ ସରକାରୀ ବିଭାଗଗୁଡିକର କାର୍ଯ୍ୟ ପରିଚାଳନା ତୁମେ ଦେଖି ସାରିଛ । ଗତ ୫-୬ ବର୍ଷ ମଧ୍ୟରେ ତୁମେ କ'ଣ ସବୁ ପରିବର୍ତ୍ତନ ଅନୁଭବ କରିଛ?

- **ସାନିଆ:** ୫-୬ ବର୍ଷ ମଧ୍ୟରେ କ୍ରମାଗତ ଭାବରେ ଭରସା ବୃଦ୍ଧି ପାଇଛି। ଏବଂ ଆମେ ସବୁବେଳେ ସରକାରଙ୍କଠାରୁ ସହାୟତା ପାଉଛୁ । ଆପଣ ମତେ ପ୍ରତିଟି ବିଷୟରେ ସହାୟତା କରିବେ ବୋଲି ସବୁବେଳେ କହିଛନ୍ତି । ତେଣୁ ଗତ ୫-୬ ବର୍ଷ ମଧ୍ୟରେ ଅନେକ କିଛି ଘଟିଛି ଏବଂ ଗତ ଅଲିମ୍ପିକ୍ସଠାରୁ ବର୍ତ୍ତମାନ ମଧ୍ୟରେ ଅନେକ ଭିନ୍ନତା ଦେଖାଦେଇଛି । ■

Scan the QR code to listen to the Prime Minister's interaction with the Indian athletes heading for the Tokyo Olympics

କ୍ୟାବିନେଟ ନିଷ୍ପତ୍ତି

ମହାମାରୀ ସତ୍ତ୍ୱେ ଆଶାକୁ ଉଜ୍ଜିବୀତ ରଖୁଛି



କୋଭିଡ ମହାମାରୀ ସମୟରେ ସ୍ଥଗିତ କରାଯାଇଥିବା ମହଙ୍ଗା ଭତାକୁ କେବଳ ସଚଳ କରାଯାଇନାହିଁ, ବରଂ ଲକ୍ଷ ଲକ୍ଷ କେନ୍ଦ୍ର କର୍ମଚାରୀ ଏବଂ ପେନସନ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାର ପରିମାଣକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରାଯାଇଛି । ଅର୍ଥନୀତିକୁ ମଜବୁତ କରିବା ତଥା ସର୍ବାଧିକ ଜନ କଲ୍ୟାଣ ସୁନିଶ୍ଚିତ କରିବା ଲକ୍ଷ୍ୟରେ କେନ୍ଦ୍ର କ୍ୟାବିନେଟ ଅନେକ ପଦକ୍ଷେପ ନେଇଛି ଯେଉଁଥିରେ ବୟନ କ୍ଷେତ୍ରକୁ ଆତ୍ମନିର୍ଭରଶୀଳ କରିବା, ଆୟୁଷ ମାଧ୍ୟମରେ ସାମଗ୍ରିକ ସ୍ୱାସ୍ଥ୍ୟ ସେବାର ଢାଞ୍ଚା ଉପରେ ଗରୁତ୍ୱ ଦେବା ଏବଂ ଆତ୍ମନିର୍ଭର ଭାରତ ଅଧିନରେ ଦ୍ୱିତୀୟ ପର୍ଯ୍ୟାୟ ଜରୁରୀକାଳିନ କୋଭିଡ୍ ଓ ସ୍ୱାସ୍ଥ୍ୟ ପ୍ୟାକେଜ ପାଇଁ ଚତୁର୍ଥ ପ୍ୟାକେଜର ଘୋଷଣା ଆଦି ଅନ୍ତର୍ଭୁକ୍ତ । କୃଷକମାନଙ୍କ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମଣ୍ଡି ମାଧ୍ୟମରେ ଲାଭ ଯୋଗାଇଦେବା ବ୍ୟବସ୍ଥାକୁ ମଧ୍ୟ ସୁଦୃଢ କରାଯାଉଛି ।

- **ନିଷ୍ପତ୍ତି:** ଲକ୍ଷ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତା ୨୮ ପ୍ରତିଶତକୁ ବୃଦ୍ଧି କରାଯାଇଛି ଯାହା ଦ୍ୱାରା କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନସନ ଉପଭୋକ୍ତା ଉପକୃତ ହେବ ।

- **ପ୍ରଭାବ:** କୋଭିଡ ମହାମାରୀ ସମୟରେ ଏହାକୁ ସ୍ଥଗିତ କରାଯାଇଥିଲା । ଏହାର ହାର ପୂର୍ବରୁ ୧୭ ପ୍ରତିଶତ ଥିବାବେଳେ କେନ୍ଦ୍ର ସରକାର ଏଥିରେ ୧୧ ପ୍ରତିଶତ ବୃଦ୍ଧି କରି ଏବେ ୨୮ ପ୍ରତିଶତରେ ପହଞ୍ଚାଇଛନ୍ତି । ଏହାଦ୍ୱାରା ସମସ୍ତ କେନ୍ଦ୍ରୀୟ ସରକାରୀ କର୍ମଚାରୀ ଓ ପେନସନ ଉପଭୋକ୍ତାଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି । ୨୦୨୧ ଜୁଲାଇ ପହିଲାରୁ ଏହାକୁ ଲାଗୁ କରାଯାଉଛି । ଏହାଦ୍ୱାରା ୪୮.୩୪ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୫.୨୬ ଲକ୍ଷ ପେନସନ ଉପଭୋକ୍ତା ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ ।

- **ନିଷ୍ପତ୍ତି:** ପୋଷାକପତ୍ର/ ବସ୍ତ୍ର ଏବଂ ରେଡିମେଡ ପୋଷାକର ରପ୍ତାନୀ ଉପରେ ରାଜ୍ୟ ଓ କେନ୍ଦ୍ରୀୟ ଟିକସ ଏବଂ ମହାସୁଲ (ଆରଓଏସସିଟିଏଲ)ରେ ରହିଥିବା ରିହାତିକୁ ଜାରି ରଖିବା ପାଇଁ ସରକାର ମଞ୍ଜୁରି ପ୍ରଦାନ କରିଛନ୍ତି । ଏହି ଯୋଜନା ୨୦୨୧ ମସିହା ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି ଏବଂ ୨୦୨୧-୨୨ ବର୍ଷ ପାଇଁ ଏଥିରେ ୧୯,୪୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।

- **ପ୍ରଭାବ:** ଏହା ରପ୍ତାନୀକୁ ପ୍ରୋତ୍ସାହିତ କରିବା ସହିତ କୋଟି କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ବିଶ୍ୱସ୍ତରରେ ପ୍ରତିଯୋଗୀତା କରିବା ପାଇଁ ଭାରତୀୟ କମ୍ପାନୀଗୁଡିକୁ ସଶକ୍ତ କରିବ ।

- ଏକ ସ୍ଥିର ଏବଂ ବିଶ୍ୱସନୀୟ ନୀତିର ଶାସନକାଳ ମୁଖ୍ୟତଃ ଶ୍ରମ ଭିତିକ ବୟନ କ୍ଷେତ୍ରର ଷ୍ଟାର୍ଟଅପ୍‌କୁ ଲାଭ ପହଂଚାଇବା ସହିତ ଶିଳ୍ପୋଦ୍ୟୋଗୀମାନେ ରପ୍ତାନୀ ପାଇଁ ପ୍ରୋତ୍ସାହିତ ହେବେ । ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବା ସହିତ ବୟନ ଶିଳ୍ପ କ୍ଷେତ୍ରର ପୁନରୁଦ୍ଧାର ହେବ ।

- **ନିଷ୍ପତ୍ତି:** ସମଗ୍ର ଦେଶରେ ଆୟୁଷ ଶିକ୍ଷାନୁଷ୍ଠାନଗୁଡିକୁ ସଶକ୍ତ କରିବା ଏବଂ ଆୟୁଷ ସେବା ଓ ଔଷଧର ଉତମ ଉପଲବ୍ଧତା



- ନିଷ୍ପତ୍ତି: ଗ୍ରାମୀଣ ଭାରତକୁ ସଶକ୍ତ କରିବା ନିମନ୍ତେ ଦେଶର ଗୋପାଳନ କୃଷକମାନଙ୍କ ଆୟ ଓ ଉତ୍ପାଦକତା ବୃଦ୍ଧି ଦିଗରେ ବୈପ୍ଳବିକ ପଦକ୍ଷେପ ।
- ପ୍ରଭାବ: କେନ୍ଦ୍ର ସରକାର ଏ ବାବଦରେ ୯୮୦୦ କୋଟି ଟଙ୍କା ଖର୍ଚ୍ଚ କରିବେ ଏବଂ ଏହା ଦ୍ୱାରା ପ୍ରାଣୀଧନ ସମ୍ବନ୍ଧିତ କ୍ଷେତ୍ରରେ ୫୪୬୧୮ କୋଟି ଟଙ୍କାର ପୁଞ୍ଜିନିବେଶ ସୃଷ୍ଟି କରିବ ।
- ଏହା ୩ଟି ଯୋଜନାକୁ ନେଇ ଗଠିତ । ପ୍ରାଣୀଧନ ବିକାଶ ଯୋଜନା, ରାଷ୍ଟ୍ରୀୟ ଗୋକୁଳ ମିଶନ୍, ଏବଂ ଜାତୀୟ ପ୍ରାଣୀ ରୋଗ କାର୍ଯ୍ୟକ୍ରମ ।
- ଗୋକୁଳ ମିଶନ ଅଧିନରେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର ଦ୍ୱାରା ଦେଶୀ ଗାଈ ବା ମଇଁଷିମାନଙ୍କର ବଂଶବିସ୍ତାରକୁ ପ୍ରୋତ୍ସାହିତ କରାଯିବ । ଉତମ ଫଳାଫଳ ଆଧାରରେ କୃଷକମାନଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ ।
- ପ୍ରାଣୀଧନ ବିକାଶ ଏବଂ ଦୁଗ୍ଧ ଉତ୍ପାଦନ ପାଇଁ ଏକ ପ୍ୟାକେଜ୍ ବ୍ୟବସ୍ଥା କରାଯିବ ଯାହା ଗୁଣାତ୍ମକ ପ୍ରଜନନ, ଚିକିତ୍ସା, ଟିକାକରଣ, ଦୁଗ୍ଧ ଉତ୍ପାଦନ ଓ ପରୀକ୍ଷଣ ଆଦି କ୍ଷେତ୍ରରେ ପୁଞ୍ଜିନିବେଶରେ ସାମିଲ ହେବ ।
- ପ୍ରାଣୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧିନରେ ପ୍ରାଣୀ ସ୍ୱାସ୍ଥ୍ୟ ଏବେ ଜାତୀୟ ପ୍ରାଣୀ କାର୍ଯ୍ୟକ୍ରମକୁ ସଂଯୋଗ କରାଯାଇଛି। ଏବେ ପ୍ରାଣୀମାନଙ୍କ ଯତ୍ନ ଓ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ସୁବିଧା ଉପଲବ୍ଧ ହେବ ।

ସୁନିଶ୍ଚିତ କରିବାର ନିଷ୍ପତ୍ତି । ଏଥିପାଇଁ 'ଜାତୀୟ ଆୟୁଷ ମିଶନ'କୁ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଭାବରେ ୪୬୦୭ କୋଟି ଟଙ୍କା ପ୍ରଦାନ କରାଯାଇଛି, ଯାହା ୨୦୨୬ ମସିହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ।

- ପ୍ରଭାବ: ଚିକିତ୍ସା ଅପେକ୍ଷା ପ୍ରତିରୋଧ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ପାଇଁ ଆୟୁଷ ବ୍ୟବସ୍ଥା ଅଧିନରେ ଶିକ୍ଷା ଏବଂ ପ୍ରଶିକ୍ଷଣ ସୁବିଧା ପରିସରକୁ ଅଧିକ ପରିବ୍ୟାପ୍ତ କରିବ ।
- ଏହା ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ପଡୁଥିବା ରୋଗ ବାବଦ ବ୍ୟୟ ବୋଝକୁ ହ୍ରାସ କରିବା ସହିତ ଭାରତର ସର୍ବପୁରାତନ ରୋଗ ପ୍ରତିରୋଧକ ବ୍ୟବସ୍ଥାକୁ ଦେଶ ବିଦେଶରେ ଅଧିକ ଲୋକପ୍ରିୟ କରିବ ।
- ଦେଶରେ ୧୨ହଜାରରୁ ଅଧିକ ଆୟୁଷ ସ୍ୱାସ୍ଥ୍ୟ ନିରାମୟ କେନ୍ଦ୍ର ସ୍ଥାପନ କରାଯିବ ।
- ଏଥିସହ ଦେଶବ୍ୟାପୀ ୬ଟି ଆୟୁଷ ମହାବିଦ୍ୟାଳୟର ଭିତିଭୂମୀ, ୧୨ଟି ପିଜି ଆୟୁଷ ପ୍ରତିଷ୍ଠାନ ଏବଂ ୧୦ଟି ସ୍ନାତକପୂର୍ବ ପ୍ରତିଷ୍ଠାନକୁ ଉନ୍ନୀତ କରାଯିବ । ୫୦ ଶଯ୍ୟା, ୩୦ ଶଯ୍ୟା, ୧୦ ଶଯ୍ୟା ବିଶିଷ୍ଟ ନୂତନ ଆୟୁଷ ହସପିଟାଲ ନିର୍ମାଣ କରାଯିବ । ଏଥିସହ ୫୦ ଶଯ୍ୟା ବିଶିଷ୍ଟ ୧୦୧ଟି ଭ୍ରାମ୍ୟମାଣ ହସପିଟାଲର ଭିତିଭୂମୀକୁ ଉନ୍ନୀତ କରାଯିବ ।
- ୧୫୨ଟି ଆୟୁଷ ଡାକ୍ତରଖାନାକୁ ମଧ୍ୟ ଉନ୍ନୀତ କରାଯିବ । ଅରୁଣାଚଳ ପ୍ରଦେଶର ପାଶିଘାଟ ସ୍ଥିତ ଆୟୁଷର ଲୋକ ଔଷଧିର ଜାତୀୟ ପୂର୍ବାଂଚଳ ପ୍ରତିଷ୍ଠାନ (ଏନଇଆଇଏଫଏମ) ଠାରେ ଆୟୁର୍ବେଦ ଉପରେ ଗବେଷଣାକୁ ପ୍ରୋତ୍ସାହିତ କରାଯିବ । ହିମାଳୟ ପର୍ବତମାଳାରେ ଅବସ୍ଥିତ ହୋଇଥିବାରୁ ଆୟୁଷର ସମସ୍ତ କ୍ଷେତ୍ରର ଗବେଷଣାକୁ ପ୍ରୋତ୍ସାହନ ମିଳିପାରିବ ।
- ନିଷ୍ପତ୍ତି: ଏପିଏମସିର ସୁଦୃଢୀକରଣ ସହିତ କୃଷକମାନଙ୍କ ହିତ ସାଧନ ପାଇଁ କୃଷି ଭିତିଭୂମୀ ପାଣ୍ଠି ଅଧିନରେ କେନ୍ଦ୍ରୀୟ କ୍ଷେତ୍ରର ଯୋଜନାକୁ ଆର୍ଥିକ ସହାୟତା ପ୍ରଦାନ ବ୍ୟବସ୍ଥାରେ ସଂଶୋଧନକୁ ମଞ୍ଜୁରି ପ୍ରଦାନ ।
- ପ୍ରଭାବ: ଏବେ ଏହି ଯୋଗ୍ୟତାକୁ ରାଜ୍ୟ ସଂସ୍ଥା/ଏପିଏମସି, ଜାତୀୟ ଏବଂ ରାଜ୍ୟ ସମବାୟ ସମିତିଗୁଡିକର ମହାସଂଘ, କୃଷକ ଉତ୍ପାଦକ ସଂଗଠନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି ।
- ଯଦି ଏକ ସୁସଂଗଠିତ ସଂସ୍ଥା ବିଭିନ୍ନ ଅଂଚଳରେ ପ୍ରକଳ୍ପ ସ୍ଥାପନ କରେ ସେହି ସମସ୍ତ ପ୍ରକଳ୍ପ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ନିମନ୍ତେ ସୁଧରେ ରିହାତି ପାଇଁ ଯୋଗ୍ୟ ବିବେଚିତ ହେବ ।
- ଏକକ ବଜାର ସ୍ଥଳୀ ପରିସୀମା ମଧ୍ୟରେ ଅବସ୍ଥିତ ଶୀତଳ ଭଣ୍ଡାର, ବର୍ଗୀକରଣ, ଯାଞ୍ଚ ପରଖ, ମାନ ନିର୍ଦ୍ଧାରଣ ଓ ପ୍ରାଣୀମାନଙ୍କ ନିମନ୍ତେ ଖାଦ୍ୟାଗାର ଭଳି ବିଭିନ୍ନ ଭିତିଭୂମୀ ଆଦି ପ୍ରତିଟି ପ୍ରକଳ୍ପ ନିମନ୍ତେ ଏପିଏମସିଗୁଡିକୁ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଋଣରେ ସୁଧ ରିହାତି ପ୍ରଦାନ କରାଯିବ ।
- ନିଷ୍ପତ୍ତି: କୋଭିଡର ଦ୍ୱିତୀୟ ଲହର ସମୟରେ ସ୍ୱାସ୍ଥ୍ୟ କ୍ଷେତ୍ର ସମ୍ମୁଖୀନ ହେଉଥିବା ଅନ୍ତରାୟଗୁଡିକୁ ଦୃଷ୍ଟିରେ ରଖି ୫୦,୦୦୦ କୋଟି ଟଙ୍କାର ପାଣ୍ଠିକୁ ନେଇ ଏକ ଋଣ ଗ୍ୟାରେଣ୍ଟି ଯୋଜନା (ଏଲଜିଏସସିଏଏସ୍)କୁ ମଞ୍ଜୁରି ପ୍ରଦାନ କରାଯାଇଛି । ସ୍ୱାସ୍ଥ୍ୟ ଏବଂ ଭେଷଜ ଭିତିଭୂମି ସମ୍ବନ୍ଧିତ ପ୍ରକଳ୍ପ (ବ୍ରାଉନଫିଲ୍ଡ) ଏବଂ ଗ୍ରୀନଫିଲ୍ଡ ପ୍ରକଳ୍ପଗୁଡିକର ସମ୍ପ୍ରସାରଣ ନିମନ୍ତେ ଆର୍ଥିକ ଗ୍ୟାରେଂଟି ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ ।
- ପ୍ରଭାବ: କୋଭିଡ୍ ପ୍ରଭାବିତ ଅଂଚଳ ପାଇଁ ଋଣ ଗ୍ୟାରେଂଟି ଯୋଜନା (ଏଲଜିଏମସିଏଏସ), ଜରୁରୀକାଳୀନ ଋଣ ଗ୍ୟାରେଣ୍ଟି ଯୋଜନା (ଇସିଏଲଜିଏସ) ଏବଂ ଉନ୍ନତ ସ୍ୱାସ୍ଥ୍ୟ ଯୋଜନା ସମ୍ବନ୍ଧିତ ପଦକ୍ଷେପଗୁଡିକର ଶୁଭାରମ୍ଭ ।

କ୍ୟାବିନେଟ ନିଷ୍ପତ୍ତି




- ନିଷ୍ପତ୍ତି: ସ୍ୱାସ୍ଥ୍ୟ ଭିତିଭୂମୀକୁ ପ୍ରୋତ୍ସାହିତ କରିବା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଜରୁରୀକାଳିନ କୋଭିଡ-୧୯ ମୁକାବିଲା ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରସ୍ତୁତି ପ୍ୟାକେଜକୁ ମଞ୍ଜୁରି ।
- ପ୍ରଭାବ: ମହାମାରୀ ବିରୁଦ୍ଧରେ ଫଳପ୍ରଦ ଏବଂ ତ୍ୱରିତ ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ କ୍ଷମତାକୁ ସୁଦୃଢ କରିବା ଏହାର ଲକ୍ଷ୍ୟ ।

- ରାଜ୍ୟଗୁଡିକୁ ସହାୟତା ପ୍ରଦାନ କରାଯିବ । ସମସ୍ତ ୭୩୬ଟି ଜିଲ୍ଲାରେ ଶିଶୁ ଚିକିତ୍ସା କେନ୍ଦ୍ର ସ୍ଥାପନ କରାଯିବ ଏବଂ ପ୍ରତ୍ୟେକ ରାଜ୍ୟରେ ଶିଶୁ ରୋଗ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯିବ ।
- ଜନସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାରେ ୨୦,୦୦୦ ଆଇସିୟୁ ଶଯ୍ୟା ବୃଦ୍ଧି କରାଯାଇଛି, ଯାହାର ୨୦ ପ୍ରତିଶତ ଶିଶୁମାନଙ୍କ ପାଇଁ ଆଇସିୟୁ ଶଯ୍ୟା ଭାବେ ବ୍ୟବହୃତ ହେବ ।
- ୬ ରୁ ୨୦ ଶଯ୍ୟା ବିଶିଷ୍ଟ ୟୁନିଟ ରହିଥିବା ବର୍ତମାନର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଉପ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ଅତିରିକ୍ତ ଶଯ୍ୟା ସଂଯୋଗ କରାଯିବ ।
- ଟାୟର-ଟୁ ଏବଂ ଟାୟର-ଥ୍ରୀ ସହର ତଥା ଜିଲ୍ଲା ମୁଖ୍ୟାଳୟଗୁଡିକରେ ୫୦ରୁ ୧୦୦ ଶଯ୍ୟା ବିଶିଷ୍ଟ ବୃହତର ଆଂଚଳିକ ଡାକ୍ତରଖାନା ସ୍ଥାପନ କରାଯିବ ।
- ମେଡିକାଲ ଗ୍ୟାସ୍ ପାଇପଲାଇନ୍ ବ୍ୟବସ୍ଥା ସହ ୧୦୫୦ ତରଳ ମେଡିକାଲ ଅକ୍ସିଜେନ୍ ଭଣ୍ଡାରଣ ଟ୍ୟାଙ୍କ ସ୍ଥାପନ କରାଯିବ । ୮୮୦୦ଟି ଆମ୍ବୁଲାନସ୍ ମଧ୍ୟ ଅନ୍ତର୍ଭୁକ୍ତ କରାଯିବ ।
- କେନ୍ଦ୍ରୀୟ ହସପିଟାଲ, ଏମ୍ସ ଏବଂ ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର ଭଳି ଜାତୀୟ ସ୍ତରର ଗୁରୁତ୍ୱପୂର୍ଣ୍ଣ ଅନ୍ୟାନ୍ୟ ପ୍ରତିଷ୍ଠାନଗୁଡିକୁ ମଧ୍ୟ ସୁଦୃଢ କରାଯିବ ।
- ସମସ୍ତ ଜିଲ୍ଲା ଡାକ୍ତରଖାନାଗୁଡିକରେ ପରିଚାଳନା ସୂଚନା ବ୍ୟବସ୍ଥା କାର୍ଯ୍ୟକାରୀ ହେବ ଏବଂ ହାର୍ଡଓୟାର କ୍ଷମତାକୁ ବୃଦ୍ଧି କରାଯିବ ।
- ଇ-ସଞ୍ଜିବନୀରେ ଟେଲି-ପରାମର୍ଶର ଦୈନିକ ସଂଖ୍ୟାକୁ ୫୦,୦୦୦ରୁ ୫ ଲକ୍ଷକୁ ବୃଦ୍ଧି କରାଯିବ ।
- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ଥିବା କେନ୍ଦ୍ରୀୟ ରଣନୀତି କକ୍ଷ ଏବଂ ଦେଶର କୋଭିଡ୍-୧୯ ପୋର୍ଟାଲ, କୋଭିଡ୍ ହେଲପ ଲାଇନ୍ ତଥା କୋୱିନ୍ ପ୍ଲାଟଫର୍ମକୁ ସୁଦୃଢ କରାଯିବ ।

- ସ୍ୱାସ୍ଥ୍ୟସେବା ଭିତିଭୂମିର ସମ୍ପ୍ରସାରଣ, ଋଣ ଆଶଙ୍କାର ଦୂରୀକରଣ, ସ୍ୱଳ୍ପ ସୁଧ ହାରରେ ବ୍ୟାଙ୍କ ଋଣ ସୁବିଧା
- ଇସିଏଲଜିଏସ୍ ଅଧିନରେ ୧,୫୦,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଆର୍ଥିକ ସହାୟତା
- ସ୍ୱଳ୍ପ ହାରରେ ଅତିରିକ୍ତ ଋଣ ପ୍ରଦାନ କରିବାକୁ ଋଣ ପ୍ରଦାନକାରୀ ସଂସ୍ଥାମାନଙ୍କୁ ଉତ୍ସାହିତ କରାଯିବ ।
- ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ଆନୁସଙ୍ଗିକ ଯୋଜନାଗୁଡିକର ପ୍ରଚଳନ, ସ୍ଥିତିରେ ପରିବର୍ତନ ଅନୁଯାୟୀ ସମୟ ସମୟରେ ଏହାର ରୂପରେଖ ଚୂଡାନ୍ତ କରାଯିବ ।
- ନିଷ୍ପତ୍ତି: ସବୁ ସ୍ଥାନରେ ବ୍ରଡବ୍ୟାଣ୍ଡ ସୁବିଧାର ସହଜ ଉପଲବଧତା ପାଇଁ ୧୯,୦୦୦ କୋଟି ଟଙ୍କାର ବ୍ୟବସ୍ଥା। ୧୬ଟି ରାଜ୍ୟରେ ସରକାରୀ ଘରୋଇ ଭାଗିଦାରୀ ଢାଂଚାରେ ସମୁଦାୟ ୨୯,୪୩୦ କୋଟି ଟଙ୍କା ବ୍ୟୟରେ ଭାରତନେଟ୍‌ର କାର୍ଯ୍ୟାନ୍ୱୟନକୁ ମଞ୍ଜୁରି ପ୍ରଦାନ ।
- ପ୍ରଭାବ: ଭାରତ ସରକାରଙ୍କ ତରଫରୁ ୧୯,୦୪୧ କୋଟି ଟଙ୍କାର ବ୍ୟବହାର୍ଯ୍ୟତା ବ୍ୟବଧାନ ଅନୁଦାନ ବ୍ୟବସ୍ଥା ରହିବ ।
- ଏକ ଐତିହାସିକ ନିଷ୍ପତ୍ତି ନିଆଯାଇଛି ଯାହା ଫଳରେ ପ୍ରତ୍ୟେକ ଗ୍ରାମରେ ସୂଚନାର ରାଜମାର୍ଗ ପହଂଚିପାରିବ ।
- ଇ-ଶାସନ ସମସ୍ତଙ୍କ ନିକଟରେ ପହଞ୍ଚିବ, କୋଭିଡ୍ ସମୟରେ ସକରାତ୍ମକ ପ୍ରତିକ୍ରିୟା ଲାଭ କରିଥିବା ଟେଲିମେଡିସିନ୍‌କୁ ପ୍ରୋତ୍ସାହନ ମିଳିବ । ଦେଶର ଗ୍ରାମାଞ୍ଚଳରେ ଥିବା ପିଲାମାନଙ୍କୁ ଉତ୍ତମ ଡିଜିଟାଲ କୋଚିଂ ପାଇଁ ଏକ ବ୍ୟବସ୍ଥା ବିକଶିତ କରାଯିବ ।
- ଇ-ବାଣିଜ୍ୟ କାର୍ଯ୍ୟକ୍ରମ ଏବଂ ଓଟିଟିଗୁଡିକ ପାଇଁ ପ୍ରଚୁର ସମ୍ଭାବନା ରହିଛି । ଉଦ୍ୟମିତାର ବିକାଶ ହେବ । ଗ୍ରାମାଂଚଳରେ ଡିଜିଟାଲ ଭିତିଭୂମିର ରକ୍ଷଣାବେକ୍ଷଣ ପାଇଁ ଏକ ଯୁବ ବାହିନୀ ପ୍ରସ୍ତୁତ କରାଯିବ । ଗ୍ରାମାଂଚଳରେ କେବୁଲ ସ୍ଥାପନ ଦକ୍ଷତା ବିକଶିତ ହେବ ।
- ନିଷ୍ପତ୍ତି: ଶକ୍ତି କ୍ଷେତ୍ରକୁ ସୁଦୃଢ କରିବା ପାଇଁ କେନ୍ଦ୍ର କ୍ୟାବିନେଟ ଏକ ସଂସ୍କାର ଭିତିକ ଏବଂ ଫଳାଫଳ ଆଧାରିତ "ପୁନର୍ବିନ୍ୟାସିତ ବିତରଣ କ୍ଷେତ୍ର ଯୋଜନା"କୁ ମଞ୍ଜୁରି ପ୍ରଦାନ କରିଛି ।
- ପ୍ରଭାବ: ଶକ୍ତି କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତନ ଘଟିଛି । ପୂର୍ବରୁ ବିଦ୍ୟୁତ ଶକ୍ତିର ଅଭାବ ଦେଖା ଦେଉଥିଲା । ବର୍ତମାନ ଏହା ବଳକା। ସମଗ୍ର ଦେଶ ଗୋଟିଏ ସରବରାହ ବ୍ୟବସ୍ଥା ଦ୍ୱାରା ସଂଯୁକ୍ତ ହେଲା । ସମଗ୍ର ଦେଶ ବିଦ୍ୟୁତ୍ ପାଇଁ ଗୋଟିଏ ବଜାରରେ ପରିଣତ ହୋଇଛି। ଏହାଦ୍ୱାରା ବିଦ୍ୟୁତ୍ ମୂଲ୍ୟ ହ୍ରାସ ପାଇଛି । ଏହା ହେଉଛି ବିଶ୍ୱ ଇତିହାସରେ ସ୍ୱଳ୍ପ ସମୟ ମଧ୍ୟରେ ସର୍ବବୃହତ ସମ୍ପ୍ରସାରଣ । ■

Scan the QR code for detailed information on cabinet decisions





କରୋନା ବିରୁଦ୍ଧରେ ସଂଗ୍ରାମ

ପ୍ରତ୍ୟେକ ପରିସ୍ଥିତି ପାଇଁ ଭାରତ ପ୍ରସ୍ତୁତ

ଭାରତର କରୋନାରୁ ଆରୋଗ୍ୟ ହାର ବିଶ୍ୱର ଅନ୍ୟ ଦେଶଗୁଡିକ ତୁଳନାରେ ଉତ୍ତମ ରହିଛି । ଦୃତ ଟିକାକରଣ ଅଭିଯାନ ସହ ବ୍ୟାପକ ପରୀକ୍ଷଣ, ଚିହ୍ନଟ ଏବଂ ଚିକିତ୍ସା ଏହି ରୋଗରୁ ଭାରତର ୩ କୋଟି ଲୋକଙ୍କ ଆରୋଗ୍ୟ ହେବାକୁ ସୁନିଶ୍ଚିତ କରିଛି ।


ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ ସମୟ ଉପଯୋଗୀ ସତର୍କତା

ବହୁ ସଂଖ୍ୟାର ଲୋକ ଶୈଳ ନିବାସ ଓ ବଜାରରେ ବିନା ମାସ୍କରେ ବୁଲୁଛନ୍ତି । ତୃତୀୟ ଲହର ଆସିବା ପୂର୍ବରୁ କେତେକ ଲୋକ ଉପଭୋଗ କରିବାକୁ ଚାହୁଁଛନ୍ତି, ତାହା ଠିକ୍ ନୁହେଁ ।

- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

କରୋନାର ଦ୍ୱିତୀୟ ଲହର ହୁଏତ ମନ୍ଥର ହୋଇଯାଇଛି ମାତ୍ର ଏହା ସମ୍ପୂର୍ଣ୍ଣ ଭାବେ ଦୂର ହୋଇନାହିଁ । ନୀତି ଆୟୋଗର ସଦସ୍ୟ ଡକ୍ଟର ଭି. କେ. ପଲଙ୍କ ମତରେ, ଯଦି ଆମେ ଏହାକୁ ସମ୍ପୂର୍ଣ୍ଣଭାବେ ନିଷ୍କ୍ରିୟ କରିଦେବାକୁ ଚାହିଁବା ତେବେ ଆମମାନଙ୍କୁ କୋଭିଡ୍ ନିୟମାବଳୀକୁ କଠୋର ଭାବରେ ପାଳନ କରିବାକୁ ପଡିବ । ଦ୍ୱିତୀୟ ଲହରର ମଧ୍ୟଭାଗରେ କରୋନା ସଂକ୍ରମଣ ଯେଉଁଭଳି ଦୃତ ଗତିରେ ବୃଦ୍ଧି ପାଇବାକୁ ଲାଗିଥିଲା, ଏହା ମଧ୍ୟ ସେତିକି ଦୃତ ଗତିରେ ହ୍ରାସ ପାଇବାକୁ ଲାଗିଛି । ୩ କୋଟି ଭଳି ବିଶାଳ ସଂଖ୍ୟାର କରୋନା ରୋଗୀଙ୍କୁ ଚିକିତ୍ସା କରିବା ପାଇଁ ପାଖାପାଖି ୫୨୯ ଦିନ ଲାଗିଛି । ଆରୋଗ୍ୟ ହାର ପ୍ରାୟ ୯୭.୨୮ ପ୍ରତିଶତ ରହିଛି । ଯେତେବେଳେ କି ଆମେରିକାରେ ୨ କୋଟି ୯୦ ଲକ୍ଷ ରୋଗୀଙ୍କ ଚିକିତ୍ସା ପାଇଁ ୫୩୯ ଦିନ ଲାଗିଥିଲା ଏବଂ ସେଠାରେ ଆରୋଗ୍ୟ ହାର ୮୪.୧୮ ପ୍ରତିଶତ ରହିଥିଲା । ଜୁଲାଇ ୧୩ ତାରିଖରେ ମୋଟ ୩୧ ହଜାର ୪୪୩ କରୋନା ସଂକ୍ରମିତ ମାମଲା ରିପୋର୍ଟ କରାଯାଇଥିଲା । ୧୧୮ ଦିନ ପରେ ଏହି ସଂଖ୍ୟା ସର୍ବନିମ୍ନ ଥିଲା ଅର୍ଥାତ୍ ଦୈନିକ ସଂକ୍ରମଣ ମାମଲା ହିସାବରେ ୪ ମାସ ମଧ୍ୟରେ ଏହା ହୋଇଥିଲା ।ସଂକ୍ରମଣ ସଂଖ୍ୟା ଦୃତ ଗତିରେ ହ୍ରାସ ପାଇପାରେ, କିନ୍ତୁ କେନ୍ଦ୍ର ସରକାର ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଛନ୍ତି । ଜୁଲାଇ ୮ ତାରିଖରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏଥିପାଇଁ ୨୩ ହଜାର ୧୨୩ କୋଟି ଟଙ୍କାର "ଭାରତ କୋଭିଡ ୧୯ ଜରୁରୀକାଳୀନ ମୁକାବିଲା ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରସ୍ତୁତି ପ୍ୟାକେଜ୍ - ଦ୍ୱିତୀୟ ପର୍ଯ୍ୟାୟ" ମଞ୍ଜୁର ହେବା ଏହି ଦିଗରେ ଏକ ପଦକ୍ଷେପ । ଶୀଘ୍ର ପ୍ରତିରୋଧ, ଚିହ୍ନଟ ଏବଂ ପରିଚାଳନାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଭିତିଭୂମୀର ବିକାଶ ଏବଂ ତ୍ୱରିତ ପ୍ରତିକ୍ରିୟା ପାଇଁ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ପ୍ରସ୍ତୁତ ରଖିବା ଏହାର ଲକ୍ଷ୍ୟ ।

ଜୁଲାଇ ୧୩ ତାରିଖରେ ଉତର-ପୂର୍ବର ୮ଟି ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଏକ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭବିଷ୍ୟତ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ, "କରୋନାର ନୂତନ ପ୍ରତିରୂପ ଉପରେ ଆମକୁ ନଜର ରଖିବାକୁ ପଡିବ । ରୂପ ପରିବର୍ତ୍ତନ ପରେ ଏହା କେତେ ବିପଦପୂର୍ଣ୍ଣ ହୋଇପାରେ ସେ ସମ୍ପର୍କରେ ଜାଣିବା ପାଇଁ ଆମକୁ ବିଶେଷଜ୍ଞଙ୍କ ମତ ଏବଂ ଅଧ୍ୟୟନକୁ ବିଚାରକୁ ନେବାକୁ ପଡିବ । ଏଭଳି ଏକ ପରିସ୍ଥିତିରେ, ପ୍ରତିରୋଧ ଏବଂ ଚିକିତ୍ସାର ଆବଶ୍ୟକତା ରହିଛି । କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଆମକୁ ଅଧିକ କଠୋର ପଦକ୍ଷେପ ନେବାକୁ ହେବ । କ୍ଷୁଦ୍ର ଅବରୋଧ ଅଞ୍ଚଳଗୁଡିକ ଉପରେ ଆମକୁ



ସମ୍ପୂର୍ଣ୍ଣ ଭାବେ ଧ୍ୟାନ ଦେବାକୁ ପଡିବ । ଗତ ଦେଢ ବର୍ଷ ମଧ୍ୟରେ ଆମେମାନେ ଯେଉଁସବୁ ଅଭିଜ୍ଞତା ହାସଲ କରିଛୁ, ସେସବୁକୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଉପଯୋଗ କରିବାକୁ ପଡିବ ।

କରୋନା ମାମଲାର ଏକ ଘଟଣାକ୍ରମ

ଦେଶରେ କରୋନା ରୋଗୀଙ୍କ ସଂଖ୍ୟା ଗତ ବର୍ଷ ଅଗଷ୍ଟ ୭ ତାରିଖରେ ୨୦ ଲକ୍ଷ ଟପିଥିଲାବେଳେ ଅଗଷ୍ଟ ୨୩ରେ ୩୦ ଲକ୍ଷ ଏବଂ ସେପ୍ଟେମ୍ବର ୫ରେ ୪୦ ଲକ୍ଷ ଅତିକ୍ରମ କରିଥିଲା । ସେପ୍ଟେମ୍ବର ୧୬ ତାରିଖରେ ସମୁଦାୟ ସଂକ୍ରମଣ ସଂଖ୍ୟା ୫୦ଲକ୍ଷ ଟପି ଥିବାବେଳେ ସେପ୍ଟେମ୍ବର ୨୮ରେ ୬୦ ଲକ୍ଷ, ଅକ୍ଟୋବର ୧୧ରେ ୭୦ ଲକ୍ଷ, ଅକ୍ଟୋବର ୨୯ରେ ୮୦ ଲକ୍ଷ ଓ ନଭେମ୍ବର ୨୦ରେ ୯୦ ଲକ୍ଷ ଅତିକ୍ରମ କରିଥିଲା । ଡିସେମ୍ବର ୧୯ ତାରିଖରେ କରୋନା ମାମଲା ସଂଖ୍ୟା ୧ କୋଟି ଅତିକ୍ରମ କରିଯାଇଥିଲା । ମେ ୪ ତାରିଖରେ ୨ କୋଟି ଅତିକ୍ରମ କରିଥିଲା ଏବଂ ଜୁନ୍ ୨୩ରେ ୩ କୋଟି ଟପିଥିଲା ।

ଟିକାକରଣର ଗତି ବଳବତର ଅଛି...

ସମଗ୍ର ଦେଶ ଉତ୍ସାହର ସହ କରୋନା ବିରୋଧୀ ସଂଗ୍ରାମରେ ସାମିଲ ହୋଇଛି । ଏପରିକି ବିହାରରେ ବନ୍ୟା ପରିସ୍ଥିତି ମଧ୍ୟ ଟିକାକରଣର ଗତିକୁ ରୋକି ପାରିନଥିଲା । ବିହାରର ବନ୍ୟା ପ୍ରଭାବିତ ଅଂଚଳରେ ଲୋକଙ୍କ ଟିକାକରଣ ପାଇଁ ସ୍ୱାସ୍ଥ୍ୟକର୍ମୀମାନେ ଏକ ଅଭିନବ ଉପାୟ ବାହାର କରିଥିଲେ । ସ୍ୱାସ୍ଥ୍ୟକର୍ମୀମାନେ ଡଙ୍ଗାରେ ଯାଇ ବନ୍ୟା ପ୍ରଭାବିତ ଅଂଚଳର ଲୋକମାନଙ୍କୁ ଟିକା ଦେଇଥିଲେ । ବନ୍ୟା ସତ୍ତ୍ୱେ, ଟିକାକରଣ ଅଭିଯାନରେ ବାଧା ସୃଷ୍ଟି ହୋଇ ନଥିଲା । ସ୍ୱାସ୍ଥ୍ୟ କର୍ମୀମାନେ ଟିକା ନେବାକୁ ଚାହୁଁଥିବା ଲୋକମାନଙ୍କ ପଞ୍ଜିକରଣ ସେହି ଡଙ୍ଗାରେ ହିଁ କରାଉଥିଲେ ଏବଂ ସେମାନଙ୍କୁ ତତକ୍ଷଣାତ୍ ଟିକା ଦେଉଥିଲେ। ଏହା ଭାରତର ସାମୁହିକ ସଙ୍କଳ୍ପର ଏକ ଅନନ୍ୟ ଉଦାହରଣ । ଜାନୁଆରୀ ୧୬ ତାରିଖରେ ଦେଶରେ କରୋନା ଟିକାକରଣ ଅଭିଯାନ ଆରମ୍ଭ କରାଯାଇ ପ୍ରଥମେ ସ୍ୱାସ୍ଥ୍ୟକର୍ମୀମାନଙ୍କ ଟିକାକରଣ କରାଯାଇଥିଲା । 'ସଙ୍କଳ୍ପରୁ ସିଦ୍ଧି'ର ପଥ ଅନୁସରଣ କରି ଦେଶରେ ଜୁଲାଇ ୧୩ ତାରିଖ ସୁଦ୍ଧା ୩୮ କୋଟିରୁ ଅଧିକ ହିତାଧିକାରୀଙ୍କୁ ଟିକା ପ୍ରଦାନ କରାଯାଇଛି ।

ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ କୋଭାକ୍ସିନ ଖୁବ ଶୀଘ୍ର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅନୁମୋଦନ ଲାଭ କରିପାରେ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୌମ୍ୟା




ଟିକାକରଣ ନୌକା

ବିହାରର ଏହି ଚିତ୍ର କୋଭିଡ୍ ବିରୋଧି ଲଢେଇ ପାଇଁ ସାହସ ଓ ଅଦମ୍ୟତାକୁ ପ୍ରତିଫଳିତ କରୁଛି । ଯେତେବେଳେ ରାଜ୍ୟର କେତେକ ଜିଲ୍ଲା ଜଳମଗ୍ନ ହୋଇଥିଲା ସେତେବେଳେ ପ୍ରଶାସନ ନୌକା ମାଧ୍ୟମରେ ଟିକାକରଣ ଆରମ୍ଭ କରିଥିଲା ।


ଏପର୍ଯ୍ୟନ୍ତ ସମୁଦାୟ 38.76 କୋଟି ଟିକା ଦିଆଯାଇଛି

ସ୍ୱାସ୍ଥ୍ୟ କର୍ମୀ | ଅଗ୍ରଣୀ ଯୋଦ୍ଧା | ୧୮ରୁ ୪୪ ବର୍ଷ ବୟସ ସୀମା | ୪୫ରୁ ୪୯ ବର୍ଷ ବୟସ ସୀମା | ୬୦ ବର୍ଷ ଏବଂ ତଦୁର୍ଦ୍ଧ

ପ୍ରଥମ ଡୋଜ୍



ଦ୍ୱିତୀୟ ଡୋଜ୍



୨୦୨୧ ଜୁଲାଇ ୧୩ ତାରିଖ ସୁଦ୍ଧା ତଥ୍ୟ

ସ୍ୱାମୀନାଥନ କହିଛନ୍ତି, ଭାରତ ବାୟୋଟେକର ଟିକା କୋଭାକ୍ସିନର ପରୀକ୍ଷଣ ତଥ୍ୟ ସନ୍ତୋଷଜନକ ରହିଛି ଏବଂ ଏହା ମଧ୍ୟ ଖୁବ୍ ଉଚ୍ଚ ପ୍ରଭାବଶାଳି ।

ସେହିଦିନଠାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା କୋଭାକ୍ସିନକୁ ଅନୁମୋଦନ ମିଳିବାର ଆଶା ଅଧିକ ବଢିଯାଇଛି । ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମଆର) ସହଯୋଗରେ ହାଇଦ୍ରାବାଦଭିତିକ କମ୍ପାନୀ ଭାରତ ବାୟୋଟେକ ଦ୍ୱାରା ଏହି ଟିକା ବିକଶିତ ହୋଇଛି । ଅନୁମୋଦନ ମିଳିବାର ସୁଫଳ – ଟିକା ଥରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଜରୁରୀକାଳୀନ ବ୍ୟବହାର ତାଲିକାରେ ଅନ୍ତର୍ଭୁକ୍ତ ହେବା ପରେ, ଅନ୍ତର୍ଜାତୀୟ ସ୍ତରରେ ଏହାର ଗ୍ରହଣୀୟତା ବୃଦ୍ଧି ପାଇଥାଏ । ସମସ୍ତ ରାଷ୍ଟ୍ର ଏହି ଟିକାର ପ୍ରମାଣପତ୍ରକୁ ମାନ୍ୟତା ଦେଇଥାଆନ୍ତି । ଏବେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତାଲିକାରେ ଏପରି ୭ଟି ଟିକା ରହିଛି ଯାହାକୁ ଅନୁମୋଦନ ପ୍ରଦାନ କରାଯାଇଛି ।


କୋୱିନ୍, ଭାରତର ଟିକାକରଣ ଅଭିଯାନର ମୂଳଦୁଆ, ଯାହା

ଏବେ ସମଗ୍ର ବିଶ୍ୱ ପାଇଁ ଉନ୍ମୁକ୍ତ

ଆରୋଗ୍ୟ ସେତୁ ଆପ୍ ପରେ, ଅନଲାଇନ ଟିକାକରଣ ମଂଚ କୋୱିନ୍ କୋଭିଡ ବିରୋଧି ସଂଗ୍ରାମରେ ବୈଷୟିକ ସ୍ତରରେ ଭାରତ ପାଇଁ ଏକ ବିରାଟ ପଦକ୍ଷେପ ଭାବେ ସାବ୍ୟସ୍ତ ହୋଇଛି। ବିଶ୍ୱର ସର୍ବବୃହତ ନିଃଶୁଳ୍କ ଟିକାକରଣ ଅଭିଯାନକୁ କୋୱିନ୍ ଭାରତରେ ସଫଳ କରାଇବାରେ ଅତ୍ୟନ୍ତ ପ୍ରଭାବଶାଳି ପ୍ରମାଣିତ ହୋଇଛି । ସ୍ୱଦେଶୀ କୋୱିନ୍ ମଂଚ ଏକ ବ୍ୟବସ୍ଥିତ ତଥା ସ୍ଥାୟୀ ଢଙ୍ଗରେ ମହାମାରୀର ସମାଧାନ, ମୁକାବିଲା ଓ ନିୟନ୍ତ୍ରଣ ପାଇଁ ଭାରତର ଜନସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ମାର୍ଗଦର୍ଶନ କରିଛି । କାନାଡା, ମେକ୍ସିକୋ ସମେତ ୫୦ରୁ ଅଧିକ ଦେଶ ସେମାନଙ୍କର ଟିକାକରଣ ଅଭିଯାନ ପାଇଁ ଡିଜିଟାଲ ମଂଚ କୋୱିନ୍ ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି । କୋୱିନ୍ ମଂଚ ସମସ୍ତ ଦେଶ ପାଇଁ ମାଗଣାରେ ଉପଲବ୍ଧ ହେବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଜି-୨୦ ଦେଶଗୁଡିକର ସେଂଟ୍ରାଲ ବ୍ୟାଙ୍କର ଗଭର୍ଣ୍ଣର ଏବଂ ଅର୍ଥମନ୍ତ୍ରୀମାନଙ୍କ ବୈଠକରେ ଘୋଷଣା କରିଛନ୍ତି । ■

Scan the QR code to listen to the Prime Minister's address at the Global Conclave, National Doctors' Day and the COVID review meeting with the Chief Ministers of the Northeast on the Co-Win App.

ହିନ୍ଦୀର ରାଜର୍ଷି



ଜନ୍ମ: ୧୮୮୨ ଅଗଷ୍ଟ ୧ – **ମୃତ୍ୟୁ:** ୧୯୬୨ ଜୁଲାଇ ୧

ଇତିହାସରେ ଏମିତି କିଛି ନାଁ ରହିଛି ଯେଉଁମାନଙ୍କର ସମାଜ ପ୍ରତି ବିପୁଳ ଅବଦାନ ରହିଛି ହେଲେ ସେହି ଅନୁପାତରେ ସେମାନେ ପରିଚିତ ନୁହନ୍ତି । ରାଜଶ୍ରୀ ପୁରୁଷୋତମ ଦାସ ଟଣ୍ଡନ ଏହିଭଳି ଏକ ନାଁ ଯିଏ ଏକ ସମୃଦ୍ଧ ପରମ୍ପରା ଛାଡି ଯାଇଛନ୍ତି। ସ୍ୱାଧୀନତା ସଂଗ୍ରାମ ପାଇଁ ତାଙ୍କର ଅବଦାନ ଏବଂ ହିନ୍ଦୀର ଲୋକପ୍ରିୟତା ତଥା ପ୍ରସାର ପାଇଁ ତାଙ୍କ ଉଦ୍ୟମ ସକାଶେ ସେ ବିଶେଷଭାବରେ ସ୍ମରଣୀୟ । ତାଙ୍କର ଅକ୍ଲାନ୍ତ ଉଦ୍ୟମ ଯୋଗୁଁ ହିନ୍ଦୀକୁ ସରକାରୀ ଭାଷା ଏବଂ ଦେବନାଗରୀକୁ ସରକାରୀ ଭାଷାର ଲିପି ଭାବରେ ଗ୍ରହଣ କରାଯାଇଥିଲା । ବିଶିଷ୍ଟ ହିନ୍ଦୀ ଲେଖକ ବନାରସିଦାସ୍ ଚତୁର୍ବେଦୀ କୁହନ୍ତି, " ଭବିଷ୍ୟତର ଯେକୌଣସି ହିନ୍ଦୀ ଐତିହାସିକ ଏହି ଶତାବ୍ଦୀ (ବିଂଶ ଶତାବ୍ଦୀ) ଉପରେ ଆଲୋକପାତ କରିବା ସମୟରେ ମହର୍ଷି ଦୟାନନ୍ଦ, ମହାତ୍ମା ଗାନ୍ଧୀ ଏବଂ ରାଜର୍ଷି ଟଣ୍ଡନଙ୍କ ନାମ ବିଶେଷଭାବେ ଉଲ୍ଲେଖ କରିବେ ।

ଏକ ସ୍ମରଣୀୟ ଘଟଣା ହେଉଛି ଯେ, ଥରେ ଜଣେ ସାଂସଦ ତାଙ୍କର ଭତା ବାବଦ ଚେକ୍ ସଂଗ୍ରହ କରିବା ପାଇଁ ରାଜ୍ୟସଭା କାର୍ଯ୍ୟାଳୟକୁ ଯାଇଥିଲେ । 'ଲୋକସେବା ମଣ୍ଡଳ' ନାମରେ ତାଙ୍କର ଭତା ଚେକ୍ ଲେଖିବା ପାଇଁ ସବିଶେଷ ତଥ୍ୟ ପୂରଣ କରିବା ସକାଶେ ସେ ପାଖରେ ଛିଡା ହୋଇଥିବା ଜଣେ ଭଦ୍ରବ୍ୟକ୍ତିଙ୍କଠାରୁ ଗୋଟିଏ କଲମ ମାଗିଥିଲେ । ତାଙ୍କ ନିକଟରେ ଛିଡା ହୋଇଥିବା ବ୍ୟକ୍ତିଜଣଙ୍କ ଏସବୁ ଦେଖୁଥିଲେ ଏବଂ ଟିକିଏ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସେ ଟଣ୍ଡନଙ୍କୁ ପଚାରିଲେ, "ତୁମେ ଭତା ବାବଦରେ ମାତ୍ର ୪୦୦ ଟଙ୍କା ପାଇଲ ଆଉ ତାକୁ ମଧ୍ୟ ଲୋକ ସେବା ମଣ୍ଡଳକୁ ଦାନ କରିଦେଲ ।"

କଲମ ଫେରେଇବା ସମୟରେ ସଂସଦ ସଦସ୍ୟ ଜଣଙ୍କ ଉତର ଦେଇଥିଲେ, "ମୋର ସାତ ଜଣ ଭଲ ରୋଜଗାରିଆ ପୁଅ ଅଛନ୍ତି ଏବଂ ମୁଁ ପ୍ରତ୍ୟେକଙ୍କ ଉପରେ ୧୦୦ ଟଙ୍କା ଲେଖାଏଁ 'କର' ଧାର୍ଯ୍ୟ କରିଛି । ତେଣୁ ମୁଁ ପ୍ରତି ମାସରେ ୭୦୦ଟଙ୍କା ରୋଜଗାର କରିବାକୁ ସକ୍ଷମ । ଯେଉଁଥିରୁ ମୁଁ କେବଳ ୩୦୦ରୁ ୪୦୦ ଟଙ୍କା ଖର୍ଚ୍ଚ କରିପାରେ । ବାକି ଟଙ୍କା ମୁଁ ଲୋକ ସେବା ମଣ୍ଡଳକୁ ପଠାଇଦିଏ । ଅବଶିଷ୍ଟ ଟଙ୍କାରେ ମୁଁ କ'ଣ କରିବି ।"

ଏହି ବ୍ୟକ୍ତିଜଣଙ୍କ ଆଉ କେହି ନଥିଲେ, ସେ ଥିଲେ ପୁରୁଷୋତମ ଦାସ ଟଣ୍ଡନ । ୧୮୮୨ ମସିହା ଅଗଷ୍ଟ ପହିଲାରେ ଉତରପ୍ରଦେଶର ପ୍ରୟାଗରାଜରେ ସେ ଜନ୍ମଗ୍ରହଣ କରିଥିଲେ । ୧୮୯୯ ମସିହାରେ ଟଣ୍ଡନ କଂଗ୍ରେସ ଦଳରେ ଜଣେ ସ୍ୱେଚ୍ଛାସେବୀ ଭାବେ ଯୋଗ ଦେଇଥିଲେ । ୧୯୦୫ ମସିହାରେ ବଙ୍ଗଭଙ୍ଗ ଆନ୍ଦୋଳନ ଦ୍ୱାରା ଅନୁପ୍ରାଣିତ ହୋଇ ସେ ସ୍ୱଦେଶୀ ପାଇଁ ଏକ ଶପଥ ନେଇଥିଲେ ଏବଂ ଖାଦ୍ୟରେ ଚିନି ବ୍ୟବହାର କରିବା ବନ୍ଦ କରି ଦେଇଥିଲେ । ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ ଯୋଗୁଁ ତାଙ୍କର ପାଠପଢାରେ ବାଧା ସୃଷ୍ଟି ହୋଇଥିଲା ଏବଂ ସେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ବିତାଡିତ ହୋଇଥିଲେ । ତେବେ ସେ ଅନ୍ୟ ଏକ ବିଶ୍ୱବିଦ୍ୟାଳୟରେ ନିଜର ଶିକ୍ଷା ସମାପ୍ତ କରିଥିଲେ । ୧୯୦୭ ମସିହାରେ ସେ ଓକିଲାତି ଅଭ୍ୟାସ ଆରମ୍ଭ କରିଥିଲେ । ଟଣ୍ଡନ ମହାତ୍ମା ଗାନ୍ଧୀଙ୍କର ଜଣେ ସ୍ୱତନ୍ତ୍ର ସହଯୋଗୀ ଥିଲେ । ଗାନ୍ଧିଜୀଙ୍କ ପରାମର୍ଶରେ ସେ ୧୯୨୧ ମସିହାରେ ନିଜର ଓକିଲାତି ଅଭ୍ୟାସ ଛାଡି ସ୍ୱାଧୀନତା ଆନ୍ଦୋଳନ ପାଇଁ ନିଜକୁ ସମ୍ପୂର୍ଣ୍ଣ ଭାବେ ଉତ୍ସର୍ଗ କରିଦେଇଥିଲେ । ଆଇନ୍ ଅମାନ୍ୟ ଆନ୍ଦୋଳନରେ ଭାଗ ନେଇଥିବାରୁ ତାଙ୍କୁ ମଧ୍ୟ ଜେଲ୍ ପଠାଇ ଦିଆଯାଇଥିଲା । ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ଲେଖିଛନ୍ତି, "ରାଷ୍ଟ୍ରବାଦ ପ୍ରତି ସମର୍ପଣ ଭାବ ଟଣ୍ଡନଙ୍କୁ ହିନ୍ଦୀ ଆଡକୁ ଆକୃଷ୍ଟ କରିଥିଲା । ହିନ୍ଦୀର ପ୍ରଚାର ପ୍ରସାରରେ ତାଙ୍କର ଭୂମିକା ଯୋଗୁଁ ତାଙ୍କୁ ହିନ୍ଦୀ ସାହିତ୍ୟ ସମ୍ମେଳନର ପ୍ରଥମ ଅଧିବେଶନରେ ତାଙ୍କ ଉପରେ ସଭାପତିର ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ୧୯୧୪ରୁ ୧୯୧୮ ମସିହା ପର୍ଯ୍ୟନ୍ତ ଟଣ୍ଡନ ମହାରାଜ ନବ୍‌ହାଙ୍କ ଅଧିନରେ ଆଇନ ମନ୍ତ୍ରୀ ଏବଂ ପରେ ବୈଦେଶିକ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ମହାରାଜ ନବ୍‌ହାଙ୍କ ପକ୍ଷରୁ ଏକ ପ୍ରତିବନ୍ଧକର ସମ୍ମୁଖୀନ ହେବା ମାତ୍ରେ ସେ ତୁରନ୍ତ ଇସ୍ତଫା ଦେଇଥିଲେ ।

୧୯୫୦ ମସିହାରେ ଟଣ୍ଡନ୍ ଆଚାର୍ଯ୍ୟ ଜେ. ବି. କୃପାଲିନୀଙ୍କୁ ବିପୁଳ ଭୋଟରେ ପରାସ୍ତ କରି କଂଗ୍ରେସର ଅଧ୍ୟକ୍ଷ ହୋଇଥିଲେ । କିନ୍ତୁ କୁହାଯାଏ ଯେ କଂଗ୍ରେସର ବିରିଷ୍ଟ ନେତାଙ୍କ ସହ ମତଭେଦ ଯୋଗୁଁ ସେ ବିଜୟର ଅଳ୍ପ ସମୟ ପରେ ଇସ୍ତଫା ଦେଇଥିଲେ । ତାଙ୍କର ବହୁମୁଖୀ ଏବଂ ପ୍ରତିଭାଶାଳୀ ବ୍ୟକ୍ତିତ୍ୱ ଯୋଗୁଁ ତାଙ୍କୁ 'ରାଜଶ୍ରୀ' ଉପାଧିରେ ଭୂଷିତ କରାଯାଇଥିଲା । ୧୯୬୧ ମସିହାରେ ସେ ଭାରତ ରତ୍ନରେ ସମ୍ମାନିତ ହୋଇଥିଲେ । ■

ଜଣେ ଉତ୍ସର୍ଗୀକୃତ କୂଟନୀତିଜ୍ଞ, ହିନ୍ଦୀ ଭାଷାର ସୁଧାରକ, ବିଶିଷ୍ଟ ବକ୍ତା ତଥା ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ ଯାହାଙ୍କୁ ଆମେ ରାଜର୍ଷି ଭାବରେ ଜାଣୁ ସେହି ପୁରୁଷୋତମ ଦାସ୍ ଟଣ୍ଡନଙ୍କୁ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।
-ଅମିତ୍ ଶାହ, ସ୍ୱରାଷ୍ଟ୍ର ମନ୍ତ୍ରୀ



PMO India @PMOIndia ·
Right from the beginning of the pandemic, India has been committed to sharing all our experiences, expertise and resources with the global community in this battle.

Despite all our constraints, we have tried to share as much as possible with the world: PM @narendramodi



Rajnath Singh @rajna...
The Union Government's decision to bifurcate Jammu & Kashmir and Ladakh as two separate UTs has bolstered national security and led to major reduction in terrorist activities and also opened new avenues for the socio-economic development of the people in both the regions.



Amit Shah
मोदी सरकार ने #SahkarSeSamriddhi के सपने को साकार करने हेतु एक अलग सहकारिता मंत्रालय बनाने का निर्णय लिया है। इस अभूतपूर्व निर्णय पर पीएम @narendramodi जी का हृदय से आभार व्यक्त करता हूँ।

मोदी जी के इस दूरदर्शी निर्णय से कृषि व ग्रामीण क्षेत्र में समृद्धि का एक नया सवेरा आएगा।



Nitin Gadkari @nitin_g...
कोविड के दूसरे वेव के कारण आई दिक़्क़तों से खुदरा और थोक व्यापारियों पर पड़े असर को ध्यान में रखते हुए अब इसे MSME के दायरे में लाने का फ़ैसला किया गया है। प्रायोरिटी सेक्टर लेंडिंग के अंतर्गत इस सेक्टर को लाकर आर्थिक सहायता पहुँचाने की कोशिश की जा रही है।
#MSMEGrowthEngineOfIndia



Mansukh Mandaviya @man...
Emergency Response & Health System Preparedness Package: Phase-II के अंतर्गत सेंट्रल अस्पताल, एम्स आदि में ~6,700 बेड तैयार किए जाएंगे।
कोविड-19 से संबंधित IT Systems जैसे कि CoWIN, eSanjeevani Tele-Consultation और NCDC को मज़बूत किया जाएगा।
#CabinetDecisions



Anurag Thakur Retweeted
Office of Mr. Anurag Thakur ·
कोरोना महामारी में भी किसानों से फसलों की रिकॉर्ड खरीद हो रही है

रबी विपणन सत्र 2021-22 में अब तक देश में MSP पर 433.32 LMT गेहूं की खरीद हो चुकी है। बीते वर्ष समान अवधि में 387.50 LMT की खरीद हुई थी।

49.16 लाख किसानों को MSP पर 85,581.02 करोड़ रुपये का भुगतान किया जा चुका है।

Don't be complacent, single mistake can derail fight against Covid: Modi

HT Correspondent
letters@hindustantimes.com

NEW DELHI: Prime Minister Narendra Modi cautioned his council of ministers on Thursday that complacency could derail India's fight against Covid-19, and a single mistake could have far-reaching impact and weaken the fight to defeat the virus, according to people aware of the developments.

At the meeting of the expanded council of 77 members, Modi also asked the ministers to be punctual, learn from their predecessors, and focus on public service. The event came a day after Modi rebooted his council, dropping 12 ministers, inducting 36 new faces, and promoting seven.

Modi said India's fight against the pandemic was on track but expressed concern at the persistently high number of cases from Maharashtra and Kerala, said a person privy to the details of the meeting.

According to the person quoted above, the PM said that over the past few days, pictures and videos of crowded places were being circulated and people were seen roaming without masks or social distancing. "This is not a pleasant sight and it should instil a sense of fear in us," Modi was quoted as saying by the person quoted in the first

continued on →15

'Skill students for fourth industrial revolution'

Modi tells technical institutions youth need to be ready for changes, disruptions

OUR BUREAU
New Delhi, July 8

Prime Minister Narendra Modi on Thursday interacted with the Directors of centrally-funded technical institutions emphasising that higher educational institutions need to prepare the youth for continuous disruptions and changes, keeping in mind the fourth industrial revolution.

There is a need to adapt higher education and technical education to the changing environment and emerging challenges. He added that this requires the institutions to reinvent and re-evaluate themselves, develop alternative and innovative models in accordance with the present and future needs of the country and society, said PM Modi during video conferencing. Lauding the Research and Development work done by these institutions towards meeting the challenges posed by Covid, Modi said 'Aatmanirbhar Bharat Abhiyan' will form the basis of dreams and aspirations of India in the coming 25 years when the country will celebrate 100 years of independence. Adding that technological, R&D institutions will play a major role in the upcoming decade, which is also being called as "India's Techade".



Prime Minister Narendra Modi

'Futuristic solutions'

"We need to focus on developing futuristic solutions in education, healthcare, agriculture, defence, and cyber technologies. It is important there is good quality infrastructure in higher educational institutions to ensure that products associated with Artificial Intelligence, smart wearables, augmented reality systems, and digital assistants reach the common man," said the Prime Minister.

Higher education

During the interaction, Govindan Rangarajan of IISc Bangalore, Subhasis Chaudhuri of IIT Bombay, Bhaskar Ramamurthi of IIT Madras, and Abhay Karandikar of IIT Kanpur, highlighted various ongoing projects, academic work, and research.

Appreciating the improvement in the Gross Enrolment Ratio (GER) in higher education in the past few years, Modi emphasised that digitisation of higher education can play a big role in increasing GER, and students will have easier access to good quality and affordable education.

Meanwhile, newly appointed Education Minister Dharmendra Pradhan after taking charge of the Ministry said, "I am confident that under the guidance of the Prime Minister and the support of our academic institutions, we will continue to set new benchmarks in integrating education with employment and making it more inclusive, holistic, multi-disciplinary and at par with global standards".

Modi 2.0 Cabinet reshuffle: New portfolios assigned

Big gains for Jyotiraditya Scindia, Anurag Thakur, Ashwini Vaishnaw, Dharmendra Pradhan, Kiren Rijiju

OUR CORRESPONDENT

NEW DELHI: Hours after 43 leaders took oath as ministers in the Rashtrapati Bhavan on Wednesday evening as a part of the Cabinet reshuffle exercise, the Centre allocated portfolios to the newly inducted ministers. While Home Minister Amit Shah will be in charge of the newly created Ministry of Cooperation, Ashwini Vaishnaw has been given ministries of Railways, Communications and Electronics and Information Technology. Kiren Rijiju will be the new Minister of Law and Justice. The reshuffle follows a protracted review exercise by the Prime Minister and the BJP top brass in a series of meetings with ministers. These were held in the wake of the devastating second Covid wave that has set off widespread criticism of the Central government for utter mismanagement of the crisis.

The massive Cabinet reshuffle also bears the techno-managerial imprint of the Prime Minister.

It also marks the realisation that multiple portfolios with one minister may not be a very efficient ploy and representation needs to be given to different regions and for administrative efficiency, adequate numbers are required.

As the Modi government gets a makeover, the new Council of Ministers is being shaped in terms of experience and qualification



President Ram Nath Kovind, First Lady Savita Kovind, Vice-President M Venkaiah Naidu, Prime Minister Narendra Modi and Lok Sabha Speaker Om Birla in a group photograph with the newly sworn-in Council of Ministers, at the Rashtrapati Bhavan, in New Delhi, on Wednesday PTI

In the new Ministers, there are four former Chief Ministers in the Cabinet, 18 former state ministers, 39 former MLAs and 23 MPs who have been elected for three or more terms.

This demonstrates the wealth of experience in the new Cabinet as the ... enough heft in administrative experience.

The new ministers will also be an eclectic mix of distinguished qualifications including 13 lawyers, 6 doctors, 5 engineers, 7 former civil servants, 46 ministers ing Cabinet with an average age of 58 and 14 ministers will now be below 50.

Apart from being a five-term MP, new Civil Aviation minister Jyotiraditya Scindia has been a Cabinet minister in earlier Congress ...

Mansukh Mandavia has been made the new Health minister and bureaucrat-turned-politician Ashwini Vaishnaw the new Railways minister.

Mandavia has also been given the Chemicals and Fertilizers ministry, whereas Vaishnaw will also be the Communications, Electronics and Information Technology minister, a Rashtrapati Bhavan communique said.

Union Home minister Amit Shah has been given the additional charge of the newly-created Ministry of Cooperation. Piyush Goyal will now be the Minister of Textiles, besides being the Minister of Commerce and Industry; and the Minister of Consumer Affairs, Food and Public Distribution.

Dharmendra Pradhan will be the new Education minister and the Minister of Skill Development and Entrepreneurship.

Ramchandra Prasad Singh will be the new Steel minister



Narendra Modi

MODI ASKS PEOPLE TO SUGGEST THE NOMINEES FOR PADMA AWARDS

Agencies
letters@hindustantimes.com

NEW DELHI: Prime Minister Narendra Modi on Sunday asked the people of the country to nominate inspiring people for the Padma awards, which he called #People'sPadma. The last date for nominations for Padma Awards is September 15.

"India has many talented people, who are doing exceptional work at the grassroots. Often, we don't see or hear much of them.

In 1st meet, new Cabinet okays ₹23k-cr Covid fund

PRESS TRUST OF INDIA
New Delhi, 8 July

The Union cabinet Thursday approved a ₹23,123-crore financial package for improving health infrastructure in the country to fight the Covid pandemic.

Addressing a press conference after the first meeting of the Union cabinet following its reshuffle on Wednesday, Health Minister Mansukh Mandaviya said the package will be implemented over the next nine months till March 2022.

The meeting was chaired by Prime Minister Narendra Modi.

Mandaviya said this is the second phase of the Emergency Response and Health System Preparedness Package as the Central government had given ₹15,000 crore earlier for setting up Covid-dedicated hospitals and health centres across the country.

Mandaviya said that under the new package, the Centre would provide ₹15,000 crore and states ₹8,000 crore and the plan would be implemented jointly by them across all the 736 districts of the country to improve medical infrastructure at primary and district health centres.

Around 240,000 normal medical beds and 20,000 ICU beds would be created of which 30 per cent would be specially earmarked for children, he said.

The minister said storage facilities for oxygen and medicines would also be created at district level under the plan. The plan aims to accelerate health system preparedness for immediate response/reviews for early prevention, detection and management of Covid with the focus on infrastructure development including for Paediatric Care and with measurable outcomes, he said.

Amendment to Coconut Development Board Act gets nod

The government on Thursday also decided to amend the Coconut Development Board Act, 1979 to make the post of chairman non-executive, as part of its efforts to boost production and productivity in this sector.

"The Union Cabinet has approved the proposal of the Department of Agriculture, Cooperation and Farmers Welfare to make the post of Chairman, Coconut Development Board as Non-Executive one. It will be beneficial to the coconut growers at large," an official statement said.

Briefing the media after the Cabinet meeting, Agriculture Minister Narendra Singh Tomar said: "We are going to make amendments in the Coconut Development Board Act." He said the post of the chairman will be non-executive and there would be a CEO for executive powers.

Those who have field experience will be appointed as non-executive chairman of the board, he said.

Centre makes *mandis* eligible for loans under ₹1-trn agri infra fund

The Union Cabinet on Thursday approved a host of changes to the ₹1-trillion Agriculture Infrastructure Fund (AIF), which includes Agriculture Produce Market Committees (APMCs) or regulated *mandis* within its ambit. This move is an indication from the government that it remains committed to keep them functioning. One key apprehension of the protesting farmers has been that once the laws come into effect, the *mandis* will be scrapped. Apart from APMCs, the revised guidelines have also made state-level agencies and cooperatives eligible to get interest subvention for a loan up to ₹2 crore at interest of 3 per cent for building farm gate storage infrastructure and processing facilities. The loans have a moratorium on repayment that will vary from six months to two years.

SAMEER MIDHERKE



RNI No. :
DELODI/2020/78831
August: 1-15, 2021

ନ୍ୟୁ ଇଣ୍ଡିଆ
ସମାଚାର
ପାକ୍ଷିକ

RNI Registered No. DELODI/2020/78831, Delhi Postal License No DL (S)-1/3542/2020-22, WPP NO U (S)-90/2020-22, posting at BPC, Meghdoot Bhawan, New Delhi-110 001 On 26-30 advance Fortnightly, (Publishing Date July 24, 2021, Pages-60)

ଏକ ଭାରତ -ଶ୍ରେଷ୍ଠ ଭାରତ

'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଦେଶର ବିଭିନ୍ନ ଅଞ୍ଚଳ ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା। ବିଭିନ୍ନ ରାଜ୍ୟର ନାଗରିକମାନଙ୍କ ମଧ୍ୟରେ ସମ୍ପର୍କ ବଢ଼ାଇବା ହେଉଛି 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମର ଲକ୍ଷ୍ୟ



ସର୍ଦ୍ଦାର ପଟେଲ ଆମକୁ ଏକ ଭାରତ ଦେଇଥିଲେ ଏବଂ ବର୍ତ୍ତମାନ 130 କୋଟି ଭାରତୀୟଙ୍କ କର୍ତ୍ତବ୍ୟ ହେଉଛି ମିଳିତ ଭାବେ ଏହାକୁ ଶ୍ରେଷ୍ଠ ଭାରତରେ ପରିଣତ କରିବା।

ଅଧିକ ସୂଚନା ପାଇଁ ୱେବସାଇଟ୍ ପରିଦର୍ଶନ କରନ୍ତୁ - https://ekbharat.gov.in/Home/Index

"ଦେଶର ବୃହତ କୃଷି ବଜାରଗୁଡ଼ିକୁ ଯୋଡୁଥିବା ଇ-ନାମ୍ ଯୋଜନା ହେଉ କିମ୍ବା ଏକ ରାଷ୍ଟ୍ର ଏକ ଗ୍ରୀଡ୍ କାର୍ଯ୍ୟ ଅଥବା ଭାରତମାଳା, ସେତୁ ଭାରତମ, ଭାରତନେଟ୍ ଭଳି କାର୍ଯ୍ୟକ୍ରମ ଜରିଆରେ, ଆମ ସରକାର ରାଷ୍ଟ୍ରର ଏକତ୍ରୀକରଣ ମାଧ୍ୟମରେ 'ଏକ ଭାରତ-ଶ୍ରେଷ୍ଠ ଭାରତ' ସ୍ୱପ୍ନକୁ ସାକାର କରିବ।

-ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

'ଏକ ହେ ଭାରତ, ଶ୍ରେଷ୍ଠ ହେ ଭାରତ' ବିଷୟବସ୍ତୁ ଦ୍ୱାରା ଅନୁପ୍ରାଣିତ ସଙ୍ଗୀତଗୁଡ଼ିକୁ ଶୁଣିବା ଲାଗି କ୍ୟୁଆର କୋଡ ସ୍କାନ କରନ୍ତୁ

Editor: **Jaideep Bhatnagar**, Principal Director General, Press Information Bureau, New Delhi

Published & Printed by: Satyendra Prakash, Principal Director General, BOC on behalf of Bureau of Outreach and Communication

Published from Bureau of Room No-278, Bureau of Outreach and Communication, 2nd Floor, Soochna Bhawan, New Delhi -110003

Printed at Infinity Advertising services Pvt.Ltd. FBD-One Corporate Park, 10th floor, New Delhi-Faridabad border, NH-1,Faridabad-121003

Odia Vol. 2 Issue 3